ପଣ୍ଡିତ ନରସିଂହ ମହାପାତ୍ରଙ୍କ

ମନୀଷୀ ନୀଳକଣ୍ଠ



ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

Digitized by PPRACHIN, SOA

ପଣ୍ଡିତ ନରସିଂହ ମହାପାତ୍ରଙ୍କ

ମନୀଷୀ ନୀଳକଣ୍ଠ

(ଜୀବନୀ, କୃତି ଓ ବ୍ୟକ୍ତିତ୍ୱ)

ସଂପାଦନା :

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଇଂ. ମଧୁସୂଦନ ଦାଶ

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

୩୦୩, ଖାରବେଳ ନଗର, ଭୁବନେଶ୍ୱର—୧

Digitized by PPRACHIN, SOA

॥ ମନୀଷୀ ନୀଳକଂଠ ॥

(ଜୀବନୀ, କୃତି ଓ ବ୍ୟକ୍ତିତ୍ୱ)

ଲେଖକ—ପଣ୍ଡିତ ନରସିଂହ ମହାପାତ୍ର

ସଂପାଦନା—ଶ୍ରୀ ନିତ୍ୟାନଂଦ ମହାପାତ୍ର

ଇଂ. ମଧୁସୂଦନ ଦାଶ

ପ୍ରକାଶକ—ପଣ୍ଡିତ ନୀଳକଂଠ ସ୍ମୃତି ସମିତି

୩୦୩, ଖାରବେଳ ନଗର, ଭୁବନେଶ୍ବର—୧

୨ୟ ପରିବର୍ଦ୍ଧିତ ସଂସ୍କରଣ—୧୯୮୪

ମୁଦ୍ରାକର —ଏକାମ୍ର ପ୍ରେସ, ଭୁବନେଶ୍ବର

ମୂଲ୍ୟ—ସାଧାରଣ—ଦଶ ଟଂକା

MANISHI NILAKANTHA

(JIBANI, KRUTI-BYAKTITWYA)

LATE PANDIT NARASINGHA MOHAPATRA

EDITORS : Sri NITYANANDA MOHAPATRA

Engr : MADHUSUDAN DAS

Publisher : PANDIT NILAKANTHA SMRUTI SAMITI
303, Kharabela Nagar
Bhubaneswar-751001

Second Enlarged Edition : 1984

Printed at : EKAMRA PRESS
Bhubaneswar

Price — Ordinary—Rs. 10.00

Digitized by PPRACHIN, SOA

ଅ ଭି ମ ତ

ବିଗତ ଅର୍ଦ୍ଧ ଶତାବ୍ଦୀ ଭିତରେ ଓଡ଼ିଶାର ଶିକ୍ଷା, ସମାଜ, ରାଜନୀତି, ଅର୍ଥନୀତି, ଧର୍ମ ବା ସାହିତ୍ୟ କ୍ଷେତ୍ରରେ ଆମୂଳ ପରିବର୍ତ୍ତନ ଘଟିଯାଇଛି । ପଣ୍ଡିତ ନୀଳକଣ୍ଠ ସେ ସବୁର ଏକ ଜୀବନ୍ତ ଇତିହାସ । ୧୯୦୯ ଖ୍ରୀଷ୍ଟାବ୍ଦରେ ସେ ତାଙ୍କର ଗୁରୁ 'ଦାସେ ଆପଣେ'ଙ୍କ ସହିତ ସତ୍ୟବାଦୀ ବନ ବିଦ୍ୟାଳୟ ଆରମ୍ଭ କରିଥିଲେ । ଆଜିକି ତାହା ଠିକ୍ ବୟଂଷଠି ବର୍ଷ ତଳର କଥା ।

ସତ୍ୟବାଦୀ ବନବିଦ୍ୟାଳୟ ଓଡ଼ିଶାର କେବଳ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଦୃଷ୍ଟିଭଙ୍ଗୀ ଆଣି ଦେଇ ନଥିଲା, ଶିକ୍ଷା-ସଂସ୍କାର ସଙ୍ଗେ ସମାଜ-ସଂସ୍କାର, ରାଜନୀତି, ଅର୍ଥନୀତି, ସାହିତ୍ୟ, କଳା, ଧର୍ମ, ଇତିହାସ, ସାଂବାଦିକତା ପ୍ରଭୃତି ଦିଗରେ ମଧ୍ୟ ନୂତନ ବିଚାର, ନୂତନ ମୂଲ୍ୟବୋଧର ଦିଗ୍‌ନିର୍ଣ୍ଣୟ କରିଥିଲା । ସକଳ କ୍ଷେତ୍ରରେ ଭାରତୀୟ ଗୌରବମୟ ପାରମ୍ପରିକ ଜୀବନାଦର୍ଶର ଅନୁସରଣ କରିବା ଥିଲା ଏହି ଅନୁଷ୍ଠାନର ଏକନିଷ୍ଠ ଲକ୍ଷ୍ୟ । ବିଜାତୀୟ-ଭାବଧାରାର ସମାଜ ଉପରେ ଆକ୍ରମଣ ବିରୁଦ୍ଧରେ ମହାକାଶୀୟ ଜୀବନର ଉଦାତ୍ତ ଉଦ୍-ବୋଧନ ପୁଣି ସହସ୍ର ସହସ୍ର ବର୍ଷବ୍ୟାପୀ ଭାରତୀୟ ସମାଜଭିତରେ ଯେଉଁ ସବୁ କୁସଂସ୍କାର, କଳୁଷ, ଆବର୍ଜନା, ଜାତିଧର୍ମସଂପ୍ରଦାୟ ନାମ ଘେନି ଦେଶକୁ କ୍ଷୁଦ୍ର, ସଂକୀର୍ଣ୍ଣ, ପଙ୍ଗୁ, ନିସ୍ତେଜ, ନିର୍ବୀର୍ଯ୍ୟ ବା ନିର୍ଜୀବ କରି ପକାଉଥିଲେ, ସେ ଗୁଡ଼ିକର ମୂଳୋତ୍ପାଟନ ଥିଲା ଏହାର ଉଦ୍ଦେଶ୍ୟ । ଅସମତା, ଅସ୍ପୃଶ୍ୟତା, ଅଜ୍ଞତା, ଅନାଚାର ଓ ଦୁଃଖଦାରିଦ୍ର୍ୟ ବିରୁଦ୍ଧରେ ଅଭିଯାନ ଚଳାଇ ସମାଜକୁ ସୁସ୍ଥ, ସବଳ, ସହଜ, ସ୍ୱଚ୍ଛଳ କରିବାର ନିର୍ଭୀକ ଉଦ୍ୟମ ଥିଲା ଏହାର ମୂଳ ଭିତ୍ତି । କୃଷି, ସମବାୟ, ଗ୍ରାମମଙ୍ଗଳ, ଗୋଜାତିର ଉନ୍ନୟନ, ଆଖଡ଼ା, ବ୍ୟାୟାମ ପ୍ରଭୃତି ସଂଗଠନ କରି ଦେଶର ଅର୍ଥ ଓ ସ୍ୱାସ୍ଥ୍ୟ ବୃଦ୍ଧି ଲାଗି ଆୟୋଜନ କରିବା ଥିଲା ଏହାର କାର୍ଯ୍ୟକ୍ରମ ।

Digitized by PPRACHIN, SOA

ସମାଜର ସାମୂହିକ ଅଭ୍ୟୁତ୍ଥାନ ଉଦ୍ଦେଶ୍ୟରେ ଯେତେ ଯେତେ ଉପାୟ ଲୋଡ଼ା, ସେଗୁଡ଼ିକର ଚର୍ଚ୍ଚା ଓ ଅବଲମ୍ବନ ହେଲା, ସତ୍ୟବାଦୀ ନେତୃତ୍ୱର ମୌଳିକ ମନ୍ତ୍ର । ସେହି ମନ୍ତ୍ରର ଅଗ୍ନିହୋତ୍ରୀମାନଙ୍କ ମଧ୍ୟରେ ନୀଳକଣ୍ଠ ଅନ୍ୟତମ ପୁରୋଧା । ସେହି ମନ୍ତ୍ରର ସାଧନ ଲାଗି ଶିକ୍ଷା, ସାହିତ୍ୟ, ସମ୍ବାଦପତ୍ର, ଇତିହାସ, ରାଜନୀତି ଯେଉଁଳି ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ, ନୀଳକଣ୍ଠ ତାହାର ଏକ ଉଗ୍ର ଦୃଷ୍ଟିରୁ ସିଂହାବଲୋକନ କରିଥିଲେ । ଶିକ୍ଷାବିତ୍ ସାହିତ୍ୟିକ, କବି, କର୍ମୀ, ଦେଶ-ସେବକ, ରାଜନୀତିଜ୍ଞ, ବାଗ୍ମୀ, ପତ୍ରିକା-ସମ୍ପାଦକ, ବ୍ୟବସ୍ଥାପକ ସମାଜ ସଂସ୍କାରକ ପୁଣି ଧର୍ମନୀତି ଓ ଇତିହାସ—ବେତ୍ତା ଆଦି ବହୁ ଦିଗରେ ଏକ ମହାନ୍ ବ୍ୟକ୍ତିତ୍ୱର ସ୍ୱାକ୍ଷର ଆଧୁନିକ ଉତ୍କଳରେ ଅଙ୍କିତ ।

ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର ଏହି ମହାନ୍ ବ୍ୟକ୍ତିତ୍ୱର କେତେକ ସଂକ୍ଷିପ୍ତ ପରିଚୟ ଦେଇଛନ୍ତି, ତାହାଙ୍କ ମନୀଷୀ "ନୀଳକଣ୍ଠ" ପୁସ୍ତିକାରେ । ନୀଳକଣ୍ଠଙ୍କ ମନୀଷାର ବିଶ୍ଳେଷଣ ଲାଗି ଏହି ପୁସ୍ତିକାର କଳେବର ଯଥେଷ୍ଟ ବୋଲି ବିବେଚିତ ହୋଇ ନପାରେ । ମାତ୍ର ତାଙ୍କ ଜୀବନର ଯେଉଁ କେତେକ ଘଟଣା ଓ ବିଷୟର ସମାବେଶ କରାଯିବାର ପ୍ରୟାସ ଏଥିରେ ହୋଇଛି, ତାହା କ୍ଷୁଦ୍ର କାଚ-ଯନ୍ତ୍ର ମଧ୍ୟରେ ଏକ ବିରାଟ ରୂପର ପର୍ଯ୍ୟ-ବେକ୍ଷଣ ଭଳି ସାର୍ଥକ ଉଦ୍ୟମ । ଗ୍ରନ୍ଥ ଲେଖକ ହଂସପଥ ପଣ୍ଡିତ ନୀଳକଣ୍ଠଙ୍କ ଜୀବନର ଏକ ଅପୂର୍ବ ସାର ସଂଗ୍ରହ ସନ୍ନିବେଶିତ କରି ସମସ୍ତ ଓଡ଼ିଶାର ଧନ୍ୟବାଦର ପାତ୍ର ହୋଇଛନ୍ତି । ନୀଳକଣ୍ଠଙ୍କ ଜୀବନର ପ୍ରତ୍ୟେକ ବିଭାଗ ଉପରେ ଲେଖକଙ୍କ ସୂଚନା ଏକ ଅଦ୍ଭୁତ ବିଚକ୍ଷଣତାର ପରିଚୟ ଦିଏ । ଏହି କ୍ଷୁଦ୍ର ଗ୍ରନ୍ଥର ପ୍ରତ୍ୟେକ ପୃଷ୍ଠା ପାଠକ ଚିତ୍ତରେ ନବ ନବ କୌତୁହଳ ଓ ଆଗ୍ରହ ସଂଚାର କରେ । ସେଥିଲାଗି ଲେଖକଙ୍କର ବିଷୟ ନିର୍ବାଚନ, ଗ୍ରଥନ ପୁଣି ଉପସ୍ଥାପନର କୌଶଳ ସର୍ବାଦୌ ଦାୟୀ । ଉତ୍କଳର ଜୀବିତ କୃତବିଦ୍ୟ ମନୀଷୀଙ୍କ ଜୀବନୀ ରଚନାରେ ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ରଙ୍କ ଭଳି ଆଉ

Digitized by PPRACHIN, SOA

କେବଳ ଲେଖକ ଏତେଦୂର ମର୍ଯ୍ୟାଦା ହାସଲ କରିଥିବା ଜଣାଯାଏ ନାହିଁ । ଓଡ଼ିଶା ସାହିତ୍ୟରେ ଜୀବନ୍ତ-ଜୀବନୀ ରୂପେ 'ମନୀଷୀ ନୀଳକଣ୍ଠ' ଏକ ଶ୍ରେଷ୍ଠ ପଥପ୍ରଦର୍ଶକ ।

କଟକ

ତା ୨୭-୯-୫୯

କାଳନ୍ଦୀ ଚରଣ ପାଣିଗ୍ରାହୀ

—o—

୨ୟ ସଂସ୍କରଣ ସମ୍ବନ୍ଧରେ ଦ'ପଦ

ପଣ୍ଡିତ ନରସିଂହ ମହାପାତ୍ର 'ମନୀଷୀ ନୀଳକଣ୍ଠ' ପୁସ୍ତକଟି ପ୍ରକାଶ କରିଥିଲେ ୧୯୫୯ ମସିହାରେ, ଆଜକୁ ପଚିଶ ବର୍ଷତଳେ । ସେତେବେଳେ ପଣ୍ଡିତ ନୀଳକଣ୍ଠ ଜୀବିତ ଓ ଓଡ଼ିଶା ବିଧାନ ସଭାର ବାଚସ୍ପତି । ତା'ପରେ ସେ ଆଉ ୮ବର୍ଷ ବଞ୍ଚିଥିଲେ । ସେତେବେଳକୁ 'ଆତ୍ମ ଜୀବନୀ' ଲେଖା ହୋଇ ନଥାଏ । ତେଣୁ ନରସିଂହ ମହାପାତ୍ରଙ୍କୁ ଏ ପୁସ୍ତକଟି ରଚନା କରିବାରେ ନିଶ୍ଚୟ ବହୁଶ୍ରମ ସ୍ୱୀକାର କରିବାକୁ ପଡ଼ିଥିବ । ତାଙ୍କର ସେ ଉଦ୍ୟମ ସର୍ବାଦୌ ଅଭିନନ୍ଦନୀୟ । କାରଣ, ତା' ନହୋଇଥିଲେ ଏଭଳି ବିଶିଷ୍ଟ ସାହିତ୍ୟିକ ଓ ଜନ ନେତାଙ୍କ ସମ୍ବନ୍ଧରେ ଖଣ୍ଡିଏ ନିର୍ଭରଯୋଗ୍ୟ ପୁସ୍ତକ ବହୁକାଳ ପର୍ଯ୍ୟନ୍ତ ମିଳି ନଥାନ୍ତା । ସେତେବେଳେ ଏହା ବିଶେଷ ଆଦୃତ ହୋଇଥିଲା ଓ ଅଳ୍ପ ଦିନ ମଧ୍ୟରେ ନିଃଶେଷ ହୋଇଯାଇଥିଲା । ତେବେ, ସେଥିରେ ଥିବା ବିଷୟ ବସ୍ତୁର ସ୍ୱଳ୍ପତା ହେତୁ ପୁସ୍ତକଟି ଜୀବନୀ ଓ କୃତିତ୍ୱ ଉପରେ ଅସମ୍ପୂର୍ଣ୍ଣ ଥିବା ସ୍ୱାଭାବିକ ।

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ପକ୍ଷରୁ ଏ ମଧ୍ୟରେ ତିନିଖଣ୍ଡି ପୁସ୍ତକ ପ୍ରକାଶ ପାଇଛି । ବହୁ ତଥ୍ୟ ମଧ୍ୟ ସଂଗୃହୀତ ହୋଇଛି । ତରୁଣ ଏବଂ ଯୁବକ ଛାତ୍ରଛାତ୍ରୀମାନଙ୍କର ଯେ ସବୁ ବିସ୍ତୃତ ଭାବରେ ଜାଣିବା ପ୍ରୟୋଜନ ଥିଲେହେଁ, ସେଗୁଡ଼ିକ ସହଜଲଭ୍ୟ ନ ହୋଇପାରେ, ଏହା ମନେକରି ସ୍ମୃତି-ସମିତି ସେମାନଙ୍କ ଉପଯୋଗୀ ଅଧିକ ତଥ୍ୟସମ୍ବଳିତ ପୂର୍ଣ୍ଣାଙ୍ଗ ପୁସ୍ତକ ଖଣ୍ଡିଏ ପ୍ରକାଶ କରିବା ଲାଗି ସ୍ଥିର କଲେ ।

Digitized by PPRACHIN, SOA

ପଣ୍ଡିତ ମହାପାତ୍ରଙ୍କର ଏ ମଧ୍ୟରେ ତିରୋଧାନ ହୋଇଯାଇଛି । ତାଙ୍କର ସୁଯୋଗ୍ୟ ପୁତ୍ର ଦ୍ୱୟଙ୍କୁ ପୁସ୍ତକର ପୁନଃ ପ୍ରକାଶ ବିଷୟରେ ଅନୁରୋଧ କରାଗଲା । ସେ ଦୁହେଁ ସଙ୍ଗେ ସଙ୍ଗେ ଅତି ଆଗ୍ରହ ସହକାରେ ପୁସ୍ତକଟିରେ ଆବଶ୍ୟକୀୟ ପରିବର୍ତ୍ତନ ଓ ପରିବର୍ଦ୍ଧନ ସହ ପ୍ରକାଶ କରିବାପାଇଁ ଅନୁମତି ଦେଲେ ଏବଂ ଏଥିଲାଗି କୌଣସି Royalty ନେବେନାହିଁ ବୋଲି ମଧ୍ୟ ଜଣାଇଦେଲେ । ଏଥିପାଇଁ ଆମ୍ଭେମାନେ ଏ ଅବସରରେ ସେମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ ।

ପୁସ୍ତକଟିର ପୁନଃ ପ୍ରକାଶପାଇଁ ଏଥିରେ ବହୁ ବିଷୟ ସଂଯୋଗ କରିବା ସଙ୍ଗେ ସଙ୍ଗେ କେତେକ ବିଷୟର ଆମୂଳଚୂଳ ପରିବର୍ତ୍ତନ କରିବାକୁ ଆମେ ବାଧ୍ୟ ହୋଇଚୁ । ଏଥିଲାଗି ପଣ୍ଡିତ ମହାପାତ୍ରଙ୍କ ଲେଖା ପ୍ରଣାଳୀ ଓ ଭାଷାର ଶୈଳୀ ଅନୁସରଣ କରିବାପାଇଁ ଆମ୍ଭେମାନେ ଯଥାସାଧ୍ୟ ଚେଷ୍ଟା କରିଛୁ । ଏଥିରେ ତ୍ରୁଟି ରହି ଯାଇଥିବା ସମ୍ଭବ । ତେଣୁ ପାଠକପାଠିକାମାନଙ୍କ ନିକଟରେ କ୍ଷମା ଭିକ୍ଷା କରୁଛୁ ।

ପୁସ୍ତକର 'ଉପସଂହାର' ରୂପେ ପଣ୍ଡିତ ନୀଳକଂଠଙ୍କ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଓ ପଣ୍ଡିତ ନୀଳକଂଠ ସ୍ମୃତି ସମିତିର ସଭାପତି ଡ଼ଃ. ସଦାଶିବ ମିଶ୍ରଂକ ଲିଖିତ 'ପ୍ରଖର ପ୍ରତିଭା' ଅଧ୍ୟାୟଟି ସଂଯୁକ୍ତ କରିଚୁ ।

ଛାତ୍ର ସମାଜ ଏଥିରୁ ପଣ୍ଡିତ ନୀଳକଂଠଂକ ସମ୍ବନ୍ଧରେ ସମ୍ୟକ ଜ୍ଞାନ ଆହରଣର ସୁଯୋଗ ପାଇଲେ ଆମ୍ଭମାନଙ୍କର ଶ୍ରମ ସାର୍ଥକ ମନେ କରିବୁଁ ।

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ଉପସଭାପତି
ପଣ୍ଡିତ ନୀଳକଂଠ ସ୍ମୃତି ସମିତି
ଭୁବନେଶ୍ୱର–୧

Digitized by PPRACHIN, SOA

ସୂଚୀପତ୍ର

(କ) ଜୀବନୀ

୧) ଉପକ୍ରମ	ପୃ	୧
୨) ଜନ୍ମ	ପୃ	୬
୩) ବାଲ୍ୟକାଳ ଓ ଶିକ୍ଷା	ପୃ	୭
୪) ସତ୍ୟବାଦୀର ପରିକଳ୍ପନା	ପୃ	୧୭
୫) କଲିକତା ବିଶ୍ୱବିଦ୍ୟାଳୟରେ ନୀଳକଣ୍ଠ	ପୃ	୨୭
୬) ରାଜନୀତିରେ ନୀଳକଣ୍ଠ	ପୃ	୨୮
୭) ପ୍ରଦେଶ ଗଠନରେ ନୀଳକଣ୍ଠଙ୍କ ଅବଦାନ	ପୃ	୩୮
୮) ଓଡ଼ିଶାରେ ମିଳିତ ମନ୍ତ୍ରୀମଣ୍ଡଳ	ପୃ	୪୨
୯) ଓଡ଼ିଶା ବିଧାନ ସଭାରେ ନୀଳକଣ୍ଠ	ପୃ	୪୫
୧୦) କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ	ପୃ	୪୭
୧୧) ଅନ୍ତିମ ଜୀବନ, ମହାପ୍ରସ୍ଥାନ	ପୃ	୫୦

(ଖ) କୃତି

୧) ନୀଳକଣ୍ଠଙ୍କ ସାହିତ୍ୟିକ କୃତିର ମୂଲ୍ୟାୟନ	ପୃ	୫୫
୨) କାବ୍ୟ	ପୃ	୫୯
୩) ଶିଶୁ ସାହିତ୍ୟ	ପୃ	୭୩
୪) ଭକ୍ତି ରସାତ୍ମକ କାବ୍ୟ	ପୃ	୭୮
୫) ଦର୍ଶନ ସାହିତ୍ୟ	ପୃ	୮୦
୬) ସମାଲୋଚନା ସାହିତ୍ୟ	ପୃ	୮୬
୭) ତାତ୍ତ୍ୱିକ ଆଲୋଚନାତ୍ମକ ଗ୍ରନ୍ଥ	ପୃ	୯୯
୮) ଜୀବନୀ ସାହିତ୍ୟ	ପୃ	୧୦୩
୯) 'ନବଭାରତ' ପ୍ରେସ ଓ ପତ୍ରିକା	ପୃ	୧୦୬
(ଗ) ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ	ପୃ	୧୨୨
(ଘ) ଉପସଂହାର-ପ୍ରଖର ପ୍ରତିଭା	ପୃ	୧୩୬

Digitized by PPRACHIN, SOA

ମହାନ୍ ବିପ୍ଳବୀ ଜାତୀୟତାବାଦୀ ନେତା
କବି-ମନୀଷୀ

ପଣ୍ଡିତ ନୀଳକଣ୍ଠଙ୍କ

ଜନ୍ମ ଶତବାର୍ଷିକୀ ଉପଲକ୍ଷେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଚୁ ।

ବାଣିଜ୍ୟ ବିକାଶ
ଭୁବନେଶ୍ୱର
୭୫୧୦୦୧

Digitized by PPRACHIN, SOA

ଉପକ୍ରମ

"ସଦାଶିବ ନୀଳକଣ୍ଠ ସତତ ସନ୍ୟାସୀ,
ଜଗତ ମଙ୍ଗଳେ ଗୋପବନ୍ଧୁ ବ୍ରତବାସୀ ।
ଗୋଦାବରୀ ଉତ୍କଳ ନୟୂତ ଉର୍ବର,
କୃପାମୟ କୃପାସିନ୍ଧୁ ଜନହିତ କର—
କାର୍ଯ୍ୟ ସାଧନାର୍ଥେ ଅବତୀର୍ଣ୍ଣ ଧରାଧାମେ,
ସମବେତ ସେମାନେ ତ ସତ୍ୟବାଦୀ ଗ୍ରାମେ ।
ଜ୍ଞାନରାଶି ପରବତ୍ତା ଉଭୟ ତ ମୂଳ,
ଉଦ୍ଧାରିବେ ଭଗୀରଥ ସମାନରେ କୂଳ ।
ବହୁଯୁଗ ଯୁଗାନ୍ତର ତପସ୍ୟାର ଫଳେ,
ଜନ୍ମିଲେ ନିଃସ୍ୱାର୍ଥ ଯୋଗ୍ୟ ପୁତ୍ର ଏ ଉତ୍କଳେ ।
ସମଚେତ ସମବେତ ଚତୁର୍ଦ୍ଧା ମୂରତି,
ତଡ଼ିଦେବେ କୁସଂସ୍କାର ଦୁର୍ମତି ଦୁର୍ଗତି ।
ସତ୍ୟବାଦୀ ଗ୍ରାମେ ଦେଖି ବାଣୀର ମନ୍ଦିର,
ଭାବ ଭାବ ମନ ମଧ୍ୟେ ବୁଝିଲିଣି ସ୍ଥିର ।
ଇତିହାସୁ ଶୁଣାଥିଲି ନାଳନ୍ଦା ବିହାରେ,
ସତ୍ୟବାଦୀ ଗ୍ରାମେ ଆସିବ ତ ଦେଖିବାରେ ।"(ଫକୀର ମୋହନ)

ଏଇ ସତ୍ୟବାଦୀ ବନବିଦ୍ୟାଳୟ ଦେଖି ତାର ଅଭିବୃଦ୍ଧିରେ ମୁଗ୍‌ଧ ହୋଇ କୁଳବୃଦ୍ଧ ମଧୁସୂଦନ ଯେତେବେଳେ ଗୋପବନ୍ଧୁଙ୍କୁ କହିଲେ, "ଗୋପବନ୍ଧୁ, ନାଳନ୍ଦାଟାଏ ଗଢ଼ିଦେଲୁ" ଗୋପବନ୍ଧୁ ସଙ୍ଗେ ସଙ୍ଗେ ତାର ଉତ୍ତରରେ କହିଥିଲେ, 'ମୁଁ ନୁହେଁ, ନୀଳକଣ୍ଠ ।"

ଏ ଦେଶରେ ଏଇ 'ନାଳନ୍ଦା' ବା ମଣିଷ ତିଆରି କାରଖାନା'ଟିଏ ଗଢିବା ପାଇଁ ଉଭୟ ଗୋପବନ୍ଧୁ ଓ ନୀଳକଣ୍ଠ—

ମନଲାଖି ଗୋଟେ ବାଛିଲେ ଥାନ
ସତ୍ୟବାଦୀ'ଠାରେ ବଉଳ ବଣ ।
କୁଡ଼ିଆ କରାଇ ରଖିଲେ ଗୃଠ
ଗଛମୂଳେ ପିଲା ପଢ଼ିଲେ ପାଠ ।

Digitized by PPRACHIN, SOA

ପଞ୍ଚସଖାଙ୍କର ଏ ବିଦ୍ୟାପୀଠ
ହେଲା ଆମ ଜାତି କଳପ ବଟ ।

× × × ×

ଏତେ ଏତେ ବଡ଼ ଉପାଧିଧାରୀ
ପଇସା ଲୋଭକୁ ମନୁ ପାଶୋରି ।
ବାନ୍ଧିଛନ୍ତି ସେଠି ମେଳ କପର ?

× × × ×

'ନୀଳକଣ୍ଠ' ହେଲେ ପ୍ରଧାନ ଗୁରୁ
କେତେ ଗୁଣୀ ଗୁଣୀ ଆସିଲେ ଦୂରୁ ।
ଦେଖାନ୍ତି ପୃଥ୍ୱୀକି ନୂତନ ବାଟ,
ନୂଆ ଢଙ୍ଗେ ପିଲା ପଢ଼ନ୍ତି ପାଠ ।
ଖୋରାକ ପୋଷାକ ନେଇ ଶିକ୍ଷକ
ଚାକିରି କରନ୍ତି ଦେଶ ସେବକ ।
ବଡ଼ି ମରୁଡ଼ିରେ ପିଲାଙ୍କୁ ନେଇ
ପୀଡ଼ିତ ଲୋକଙ୍କୁ ସାହାଯ୍ୟ ଦେଇ ।
ଗାଁ ଗଣ୍ଡା ଘର ଛବି ଦେଖାଇ
ଲୋକଙ୍କ ଅବସ୍ଥା ଦେଲେ ବୁଝାଇ ।
କେତେ ଜାତି ବହି ପିଲାଙ୍କ ପାଇଁ
ଲେଖି ଗୁରୁମାନେ ଦେଲେ ଛପାଇ ।
'ସତ୍ୟବାଦୀ' ନାମେ ମାସିକ ପତ୍ର
ପଢ଼ି ଖୁସିହେଲେ ଦେଶର ଛାତ୍ର ।

(ବୀରକିଶୋର)

ଫକୀର ମୋହନଙ୍କର ଉପରୋକ୍ତ ଚତୁର୍ଦ୍ଦଶ ମୂରବି ବା ହରିହର ଦାସ (ଯେ ପରେ ଜୀବନରେ ଆଚାର୍ଯ୍ୟ ଉପାଧିରେ ଭୂଷିତ ହୋଇଥିଲେ) ଏଠି ଯୋଗଦେବା ପରେ ଏ ଯୁଗର ପଞ୍ଚସଖା, କେବଳ ଯେ ସତ୍ୟବାଦୀ ବନବିଦ୍ୟାଳୟ ମାଧ୍ୟମରେ ଆମର କୁଳ ବା ଦେଶ ଉଦ୍ଧାର କାର୍ଯ୍ୟ

Digitized by PPRACHIN, SOA

ସାଧନ କରିଥିଲେ, ତା’ ନୁହେଁ, ପରବର୍ତ୍ତୀ ଜୀବନରେ ସେମାନଙ୍କ କାର୍ଯ୍ୟକଳାପ ସେଇ ଜାଣିପାରି କବି ପୁଣି ବର୍ଣ୍ଣନା କରି କହିଛନ୍ତି—

“ସ୍ୱାଧୀନତା-ଯୁଦ୍ଧ ଆରମ୍ଭ ହେଲା
ଛବିଶି ବରଷ କାଳ ଲାଗିଲା ।
ଉଦ୍‌ଯୋଗ ପରବେ ‘ଅସହଯୋଗ’
ଦେଲେ ଗୁରୁ-ଶିଷ୍ୟ ତହିଁରେ ଯୋଗ । ”
ସ୍ୱରାଜ୍ୟ ଆମରି ହେବ ମୁକର
ଗୋଲମିକ ଛାଡ଼ି କରି ସମର ।
ଜେଲ୍, ଜୋରିମାନା ଲାଠି ପାହାର
ଭୋଗି ଜୀବନେ ସେ ଥରକୁ ଥର;
ନଗଲେ ପଛକୁ ଟିପେ ଲେଉଟି,
ଶେଷକୁ ବିଦେଶୀ ଯୁଦ୍ଧରେ ହଟି,
ଆମ ଦେଶ ଗୃହ ଆମକୁ ଦେଇ
ଗଲେ ଏ ମାଟିରୁ ବିଦାୟ ନେଇ ।

ଏ ସମସ୍ତଙ୍କ ମଧ୍ୟରେ ମଧ୍ୟମ ପାଣ୍ଡବ ସବ୍ୟସାଚୀ ନୀଳକଣ୍ଠ ଗୋପବନ୍ଧୁଙ୍କ ତଳକୁ ସର୍ବାପେକ୍ଷା ଅଧିକ ପାରଙ୍ଗମତା ଦେଖାଇ ଜୀବନର ସମସ୍ତ କ୍ଷେତ୍ରରେ ତାଙ୍କର ପ୍ରଚଣ୍ଡ ପ୍ରତିଭା ଓ ବଳିଷ୍ଠ ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଥିଲେ । ପର ପୃଷ୍ଠା ମାନଙ୍କରେ ସେ ସବୁର ସବିଶେଷ ବିବରଣୀ ମିଳି ପାରିବ । ଯେତେବେଳେ ନୀଳକଣ୍ଠଙ୍କର ଦେହାବସାନ ଘଟିଲା, ସାରା ଦେଶର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ ।

କଥାରେ ଅଛି,—“ଜୀବର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି । ”

ସେ ବେଳାର କାହାଣୀ କବି ବୀର କିଶୋରଙ୍କ ଭାଷାରେ ରୂପ ନେଇଛି: –

ସୁଧୀ, ବାଚସ୍ପତି, କବି, ସୈନିକ,
. ସ୍ୱାଧୀନତା-ଯୁଦ୍ଧ-ସେନାନାୟକ,

Digitized by PPRACHIN, SOA

ଚନ୍ଦ୍ରଭୂଷଣ ସେ ନୀଳକଣ୍ଠଙ୍କ
ଲଭି ଯାଇଅଛୁ ଜୀବନ ଦୀପ ।

× × × ×

ନୀଳକଣ୍ଠଙ୍କର ଯିବା ଖବର
ଶୁଣି ଆମ ରାଜ୍ୟ ମନ୍ତ୍ରୀ ପ୍ରବର;
ଶେଷ ଦରଶନ ପାଇବା ପାଇଁ
କାମଦାମ ଛାଡ଼ି ଆସିଲେ ଧାଇଁ ।
ଜାନ୍ତି ସରକାର-ଆଦେଶ ପାଇ
ଆସିଥିଲେ ଅ.ଗୁ ସୈନିକ ଭାଇ ।
ବନ୍ଧୁକ ମୁହଁକୁ ତଳକୁ ଦେଇ
ଗୁଳିଲେ ନିରବେ ପାଦ ମିଳେଇ ।
ବିଷାଦ-ସ୍ୱରରେ ବାଜିଲା ବାଜା,
ଏଭଳି ସମ୍ମାନ ନ ପାଏ ରାଜା ।

× × × ×

'ରାମନାମ' ସତ୍ୟ ଦୂରରୁ ଶୁଣି
ସହସ୍ର ଆଖିରୁ ବୋହିଲା ପାଣି ।
ଗାଁ ଘର ବନ ଗଲା ଉଛୁଳି
ଖେଳିଲା ସବୁର ଦେହେ ବଜୁଳି ।

× × × ×

ଟଗରଙ୍ଗ ପିଲା ସମସ୍ତେ ଜୁଟି—
କାଲି କଆଁ ସାର୍ ! ହୋଇଲା ଛୁଟି ?
ନଥିଲା ପୁନିଅଁ ପରବ କିଛି,
ଫେରଗଲୁଁ ଦେଖି ଛାତି ପଡୁଛି ।
ଶୁଣିଲୁ ଗାଁରେ ପଡ଼ୁଛି କଥା—
"କେଡ଼େ ପଣ୍ଡିତ ସେ କେଡ଼େ ଚିତା ମଥା ! "
ସେପାରି ଖବର ଶୁଣ ଏଥର—
ନୀଳକଣ୍ଠଙ୍କର ଯିବା ଖବର !
ପଡ଼ିଥିଲା ତାହାଁ ଆଗରୁ ଜଣା,
ହୋଇଥିଲା ବଡ଼ ଗୃହ୍ଣୁଆ ଠଣା ।

Digitized by PPRACHIN, SOA

ବସିବା ପାଇଁକି ବନ୍ଧୁ ସ୍ୱଜନ
ସଜା ହୋଇଥିଲା ଦ୍ରବ୍ୟ ଆସନ ।
ଫାଟକରେ ଲେଖାଥିଲା 'ସ୍ୱାଗତ'
ଉଡୁଥିଲା ଜାତି ପତାକା ଶତ ।
ପହଞ୍ଚିଲା ଯାଇ 'କଣ୍ଠ'ଙ୍କ ରଥ
ଆସି ଗୋପବନ୍ଧୁ ଧଇଲେ ହାତ ।
ଗୋପ ଚଉଧୁରୀ ଜନତା-ମିତ
ଉଭା ଲିଙ୍ଗରାଜ ତାଙ୍କ ସହିତ ।
ମଙ୍ଗରାଜ ଦେଲେ ହାର ପିନ୍ଧାଇ,
କୁନ୍ତଳା ଅପର୍ଣ୍ଣା ନେଲେ ବନ୍ଦାଇ ।
କବି ବାଞ୍ଛାନିଧି ରଚିତ ଗୀତ
ଗାଇ ନିରଞ୍ଜନ ହରିଲେ ଚିତ୍ତ ।
କୃପାସିନ୍ଧୁ ସଥେ ଗୋଦାବରୀଶ
ପୁଚ୍ଛନ୍ତି ସଭିଏଁ ହୋଇ ହରଷ ।
ଚାଲିଛି କପରି ଶାସନ କଳ ?
କମିଛି ନା ବଢି-ଯାଉଛି ଦଳ !

× × × ×

ପଢନ୍ତି ପିଲାଏ କପରି ପାଠ ?
ବଦଳି ଯିବଣି ପଢ଼ାର ବାଟ !
"ପଶୁରିଲ ଯାହା କହିବି ପରେ,
ଚିପି ରଖିଛି ମୁଁ ପ୍ରାଣ ଭିତରେ !
ଆଣିଛି ଗୋଟାଏ ବଡ଼ ବାରତା
'ହରି ଭାଇନା'ଙ୍କ ମନର କଥା—
ନକରିବ ତାଙ୍କୁ କେବେ ଅଲଗା,
ତମ ପାଖେ ଖଣ୍ଡେ ରଖିବ ଜାଗା ।"

—୦—

Digitized by PPRACHIN, SOA

ମନୀଷୀ ନୀଳକଣ୍ଠ

ଜନ୍ମ

ଚିର ଶ୍ୟାମଳ ଝାଉଁରଅନା ବକୁଳ ବନ ମଧ୍ୟରେ 'ସତ୍ୟବାଦୀ ନାଳନ୍ଦା ବିହାର'ର ଅନ୍ୟତମ ପ୍ରତିଷ୍ଠାତା ମନୀଷୀ ନୀଳକଣ୍ଠଙ୍କ ଜନ୍ମ— ୧୮୮୪ ମସିହା ୫ତାରିଖ ଅଗଷ୍ଟ, (ଗହ୍ମା ପୂର୍ଣ୍ଣିମା ତିଳଦିନ) । ସତ୍ୟବାଦୀ ପାଖ ଶ୍ରୀରାମଚନ୍ଦ୍ରପୁର ଶାସନ ଏହାଙ୍କର ଜନ୍ମସ୍ଥାନ । ପିତା ସ୍ୱର୍ଗତ ଆନନ୍ଦ ଦାସ ଓ ମାତା ଶ୍ରୀମତୀ ହୀରା ଦେବୀ ଦୁଇଟି ପୁତ୍ର ସନ୍ତାନ ଅକାଳରେ ହରାଇ ପୁରୀ ସହର ନିକଟ ବାଲିଆ ଗ୍ରାମରେ ପ୍ରତିଷ୍ଠିତ ନୀଳକଣ୍ଠ ଦେବଙ୍କ ଶରଣାପନ୍ନ ହେଲେ । ସେ ସମୟରେ ପୁରୀପାଖ ଶାସନମାନ ନୀଳକଣ୍ଠ ଦେବଙ୍କ ମହିମାରେ ପ୍ରଭାବିତ ହୋଇଥିଲେ । ନୀଳକଣ୍ଠ ଦେବ, ସ୍ୱଧର୍ମନିଷ୍ଠ ଦମ୍ପତିଙ୍କର ଅଭିଳାଷ ପୂର୍ଣ୍ଣ କରିଥିବାରୁ ଏ ଦୁହେଁ (ପିତାମାତା) ପୁତ୍ରର ନାମକରଣ କଲେ—ନୀଳକଣ୍ଠ ।

ଦାସ ଦମ୍ପତି ପୁତ୍ର ନୀଳକଣ୍ଠ ଓ ତିନୋଟି କନ୍ୟା ଲାଭକରି ସୁଖରେ ଗାର୍ହସ୍ଥ୍ୟ ଜୀବନ ଯାପନ କରୁଥିଲେ । ମଧ୍ୟବିତ୍ତ ପରିବାରରେ ଜନ୍ମ ହେତୁ କୌଣସି ପ୍ରକାର ଆର୍ଥିକ ଅସୁବିଧା ଭୋଗିବାକୁ ପଡ଼ୁ ନଥିବା ସ୍ୱାଭାବିକ ।

ଖ୍ରୀଷ୍ଟାବ୍ଦ ୧୫୯୨—୯୩ରେ ଓଡ଼ିଶାର ସ୍ୱାଧୀନ ନରପତି ପ୍ରଥମ ରାମଚନ୍ଦ୍ର ଦେବ ଶ୍ରୀରାମଚନ୍ଦ୍ରପୁର ଶାସନ ପ୍ରତିଷ୍ଠା କରିଥିଲେ । ପଣ୍ଡିତ ନୀଳକଣ୍ଠଙ୍କ ପୂର୍ବ ପୁରୁଷ ଜାଗିଦାସ ଓରଫ ଜଗନ୍ନାଥ ଦାସ ଏହି ଶାସନର ୧୦୮ ଭାଗରୁ ଗୋଟିଏ ଭାଗ ଦାନ ସୂତ୍ରରେ ପାଇଥିଲେ— ରାମଚନ୍ଦ୍ର ଦେବଙ୍କଠାରୁ । ଏହି ଦାସବଂଶର ଆଭିଜାତ୍ୟ ଏଥିରୁ ସହଜେ ଅନୁମେୟ । ଏବେ ନୀଳକଣ୍ଠଙ୍କ ତିନି ଭଉଣୀ ଓ ପିତାମାତା କେହି ନାହାନ୍ତି । ୧୯୨୩ରେ ମାତା ହୀରା ଦେବୀଙ୍କର ପରଲୋକ ହୋଇଗଲା । ପିତା ଆନନ୍ଦ ଦାସ ସ୍ୱର୍ଗାରୋହଣ କଲେ ୧୯୨୮ ମସିହାରେ ।

Digitized by PPRACHIN, SOA

ବାଲ୍ୟକାଳ ଓ ଶିକ୍ଷା

ଗ୍ରାମ ନାହାକ ଗୃହାଳରେ ପ୍ରାୟ ୧୨ ବର୍ଷ ପଡ଼ି ବାଳକ ନୀଳକଣ୍ଠ ନିମ୍ନ ପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ପରେ ନିଜ ଗାଁ ମିଡ଼ିଲ୍ ଭର୍ଣ୍ଣାକ୍ୟୁଲର ସ୍କୁଲରେ ଦୁଇବର୍ଷ ଅଧ୍ୟୟନ କରି ଛାତ୍ରବୃତ୍ତି ପରୀକ୍ଷାରେ କୃତିତ୍ୱ ସହ ପାସ୍‌କରି ପଢ଼ିବା ପାଇଁ ଘରୁ ଲୁଚିକରି ପୁରୀ ଚାଲିଗଲେ । ଏହାପରେ ଜଣାଗଲା ସେ ବୃତ୍ତି ପାଇଛନ୍ତି ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ୧୮୯୭ରେ । ବୃତ୍ତି ପାଇ ପୁରୀଜିଲ୍ଲା ସ୍କୁଲର ସେ ସମୟର ଷଷ୍ଠ ଶ୍ରେଣୀରେ ପଢ଼ିବାରେ ଲାଗିଲେ ; ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଡବଲ ପ୍ରମୋଶନ ପାଇ ଆଜି କାଲିର ୮ମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲେ । ସେ ମେଧାବୀ ଓ ବୁଦ୍ଧିମାନ୍ ଛାତ୍ର ହିସାବରେ ଶିକ୍ଷକ ତଥା ଛାତ୍ର ସମାଜରେ ଆଦୃତ ହେଉଥିବା କଥା କହିବା ନିଷ୍ପ୍ରୟୋଜନ । ମ୍ୟାଲେରିଆ ରୋଗରେ ପୀଡ଼ିତ ହେବାରୁ ଜଳବାୟୁ ପରିବର୍ତ୍ତନ ପାଇଁ କଟକ ଯାଇ କଲେଜିଏଟ୍ ସ୍କୁଲର ନବମ ଶ୍ରେଣୀରେ ନାମ ଲେଖାଇଲେ। ଏଠାରେ ମାତ୍ର ବର୍ଷଟିଏ ପଢ଼ି ପୁଣି ପୁରୀଜିଲ୍ଲା ସ୍କୁଲକୁ ଫେରି ଆସିଲେ । ଜିଲ୍ଲାସ୍କୁଲ ବୋର୍ଡିଙ୍ଗ୍‌ରେ ସେ ଏକମାତ୍ର ମନିଟର୍ ଥିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୯୦୫ରେ ଏଣ୍ଟ୍ରାନ୍‌ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ସ୍ଥାନ ପାଇ ମାସିକ ପନ୍ଦର ଟଙ୍କା ବୃତ୍ତି ପାଇଲେ । ଏଣ୍ଟ୍ରାନ୍‌ସ ପରୀକ୍ଷାର ଦଶ ଦିନ ପୂର୍ବରୁ କିଶୋର ନୀଳକଣ୍ଠଙ୍କ ଶୁଭ ପରିଣୟ ଯଥାରୀତି ସମ୍ପନ୍ନ ହୋଇଥିଲା ଏବଂ ପୁରୀ ଜିଲ୍ଲାର ବୀର ପୁରୁଷୋତ୍ତମପୁର ଶାସନର ଏକ ମଧ୍ୟବିତ୍ତ ପରିବାରରୁ ସେ କନ୍ୟା ଗ୍ରହଣ କରିଥିଲେ । ଏହି ସୌଭାଗ୍ୟବତୀ କନ୍ୟାଙ୍କ ନାମଥିଲା, ଶ୍ରୀମତୀ ରାଧାମଣି ଦେବୀ ସେ ନୀଳକଣ୍ଠଙ୍କ ମୃତ୍ୟୁର ୧୩ ବର୍ଷ ପରେ ୧୯୮୦ ମସିହାରେ ଇହଲୀଳା ସମ୍ବରଣ କରିଛନ୍ତି । ସେମାନଙ୍କର ସୁଯୋଗ୍ୟ ପୁତ୍ର ଦୁଇଟି ଶ୍ରୀମାନ୍ ଅଶୋକ ଓ ଶ୍ରୀମାନ୍ ବିକ୍ରମ ଓଡ଼ିଶାରେ ସୁପରିଚିତ; ଛଅଗୋଟିଯାକ କନ୍ୟା ମାତାଙ୍କର ଅନୁରୂପା ।

ନୀଳକଣ୍ଠ ଜିଲ୍ଲାସ୍କୁଲ ପ୍ରଥମଶ୍ରେଣୀ (ଫାଷ୍ଟକ୍ଲାସ)ରେ ଅଧ୍ୟୟନ କଲା ସମୟରେ ସ୍କୁଲ ହେଡ୍‌ମାଷ୍ଟର ଥିଲେ, ସୁଚିମନ୍ତ ସାହିତ୍ୟିକ ସ୍ୱର୍ଗତ

Digitized by PPRACHIN, SOA

ଚନ୍ଦ୍ରମୋହନ ମହାରଣା । ତାଙ୍କଭଳି ପଣ୍ଡିତ ଓ ଗୁଣଗ୍ରାହୀ ବ୍ୟକ୍ତି ଏ ଦେଶରେ ଆଉ କାହାନ୍ତି ? ଅବାନ୍ତର ହେଲେ ମଧ୍ୟ ଲେଖକ ସେଇ ମହିମାନ୍ ଗୁରୁଦେବଙ୍କ ପାଦତଳରେ ବସି ବିଦ୍ୟାଶିକ୍ଷା କରି ଧନ୍ୟ ହୋଇଥିବା କଥା ଏଠି ସୂଚାଇ ଦେଉଛି ଏବଂ ଏଇ ସ୍ୱର୍ଗତ ପୁଣ୍ୟଶ୍ଳୋକ ମହାପୁରୁଷଙ୍କ ସମ୍ବନ୍ଧରେ ଦୁଇଧାଡ଼ି ଲେଖୁଚି, ଅଶ୍ରୁପୂର୍ଣ୍ଣ ନୟନରେ ।

କିଶୋର ନୀଳକଣ୍ଠ ଫାଷ୍ଟ୍‌କ୍ଳାସ୍‌ରେ ପଢ଼ିବା ବେଳର କଥା । ପୂଜ୍ୟ ଗୁରୁଦେବ ଚନ୍ଦ୍ରମୋହନ Village Black Smith (ଭିଲେଜ ବ୍ଲାକ ସ୍ମିଥ୍) ଇଂରାଜୀ ପଦ୍ୟର ' Here's the Parson Pray and Preach ' (ହିୟରସ୍ ଦ ପାର୍‌ସନ୍ ପ୍ରେ ଏଣ୍ଡ୍ ପ୍ରିଚ୍) ଅଂଶଟି ପଢ଼ାଇଲା ବେଳେ ଗିର୍ଜାରେ ଖ୍ରୀଷ୍ଟାନ୍‌ମାନେ କିପରି ଉପାସନା କରନ୍ତି, ତା' ସୁସ୍ପଷ୍ଟ ଭାବରେ ବୁଝାଇଥିଲେ ମଧ୍ୟ ନୀଳକଣ୍ଠ କେତେକ ସହାଧ୍ୟାୟୀଙ୍କୁ ଧରି ରବିବାର ଦିନ ଗିର୍ଜାକୁ ଗଲେ—ଖ୍ରୀଷ୍ଟାନମାନଙ୍କ ଉପାସନା-ଦେଖିବା ପାଇଁ । ତତ୍‌କାଳୀନ ପୁରୀଜିଲ୍ଲା ସ୍କୁଲର ସୁନାମଧନ୍ୟ ହେଡ୍‌ପଣ୍ଡିତ ମହାମହୋପାଧ୍ୟାୟ ସ୍ୱର୍ଗତ ସଦାଶିବ ମିଶ୍ର, ନୀଳକଣ୍ଠ ଗିର୍ଜାକୁ ଯାଇଥିବା କଥାଶୁଣି, ସ୍ୱଧର୍ମଭ୍ରଷ୍ଟ ଆଶଙ୍କାରେ ଆତଙ୍କିତ ହୋଇପଡ଼ିଲେ । ଭବିଷ୍ୟତରେ ଏପରି ଅବାଞ୍ଛନୀୟ କର୍ମରୁ ନିବୃତ୍ତ କରାଇବା ପାଇଁ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନଙ୍କ ପାଖେ ଅଭିଯୋଗ କଲେ । ଅଭିଯୋଗର ପ୍ରକୃତ ତଥ୍ୟ ଜାଣିବାପାଇଁ ନୀଳକଣ୍ଠଙ୍କୁ ଡାକରା ଆସିଲା ହେଡମାଷ୍ଟରଙ୍କ ଅଫିସ୍‌କୁ । ଏ ଘଟଣାରେ ଶିକ୍ଷକ ମହଲରେ ଚାଞ୍ଚଲ୍ୟ ଖେଳିଗଲା । ନୀତିନିଷ୍ଠ ଚନ୍ଦ୍ରମୋହନ ଝଣ୍ଡାବାଡ଼ିରେ ଗୁରୁକବାଳେକ । ଏ ଘଟନାରେ ନୀଳକଣ୍ଠଙ୍କ ଭଳି ମେଧାବୀ ଛାତ୍ରର ପାଠପଢ଼ା ହୁଏତ ଇତିଶ୍ରୀ' ହୋଇପାରେ ବୋଲି ଶିକ୍ଷକଙ୍କ ଆଦେଶ ପାଇ ନୀଳକଣ୍ଠ ଯଥା ସମୟରେ ଅଫିସକୁ ଗଲେ । ନୀଳକଣ୍ଠଙ୍କୁ ହେଡ୍-ମାଷ୍ଟର ଚନ୍ଦ୍ରମୋହନ ପଚାରିଲେ—"ତୁମେ କାଲି ଗୀର୍ଜାକୁ ଯାଇଥିଲ ?" ନିର୍ଭୀକ ନୀଳକଣ୍ଠ ଉତ୍ତରଦେଲେ—"ଆଜ୍ଞା, ମୁଁ ଏକୁଟିଆ

Digitized by PPRACHIN, SOA

ଯାଇ ନଥିଲ, କେତେଜଣ ତୋଷଗଙ୍ଗୀଙ୍କୁ ଧରି ଯାଇଥିଲ ! ”
ପ୍ରଶ୍ନ —“କାହିଁକ ଯାଇଥିଲ ? ”
ଉତ୍ତର —“ଆପଣ କାଲ ‘ଭିଲେଜ ବ୍ୟାକସିଥ୍’ ପଢ଼ାଉଥିଲାବେଳେ ଖ୍ରୀଷ୍ଟାନ୍‌ମାନଙ୍କ ଉପାସନା ବିଷୟ କହିଥିଲେ ; ସେଇ ଉପାସନାକୁ ପ୍ରତ୍ୟକ୍ଷ କରିବା ପାଇଁ ଯାଇଥିଲୁ । ” ଏ ପ୍ରକାର ସମୀଚୀନ ଉତ୍ତରରେ ଛାତ୍ର-ବତ୍ସଳ ଚନ୍ଦ୍ରମୋହନ ପ୍ରୀତହୋଇ କହିଲେ“ଏଇଥିପାଇଁ ଯାଇଥିଲ, ହଉପାଅ । ” ନୀଳକଣ୍ଠ ଅଫିସ୍‌ରୁ ଫେରିବାବେଳେ ସ୍ୱର୍ଗତ ପଣ୍ଡିତ ସଦାଶିବ ମିଶ୍ର ପ୍ରଭୃତି କେତେକ ଶିକ୍ଷକ ଭୟଭୀତ ହୋଇ ପଚାରିଲେ, “ହେଡ଼ମାଷ୍ଟ୍ରେ କଅଣ କହିଲେ ? ” ନୀଳକଣ୍ଠ କହିଲେ—“ସବୁ କଥା- ଶୁଣି ମତେ ‘ପାଅ’ ବୋଲି କହିଲେ । ” ଶିକ୍ଷକମାନେ ଏହାଶୁଣି ଆଶ୍ୱସ୍ତ ହେଲେ । କିନ୍ତୁ ମହାମହୋପାଧ୍ୟାୟ ବିସ୍ମିତ ହେଲେ-କହିଲେ, ‘ହଉ ଗୀର୍ଜାକୁ ଗଲ ; ସେଠୁ ଆସି ଅଣ୍ଡାପାଣି କଲନାହିଁ ? ” ପଣ୍ଡିତ ମହାଶୟଙ୍କ ‘ଅଣ୍ଡାପାଣି’ କଥାଶୁଣି କଟାକ୍ଷରେ ନୀଳକଣ୍ଠ ସଙ୍ଗେ ସଙ୍ଗେ କହିଲେ, “ପଣ୍ଡିତ ମହାଶୟ, ଆପଣ ଆଗରୁ ମତେ ଏକଥା କହିଥିଲେ ମୁଁ ଅଣ୍ଡାପାଣି କାହିଁକି, ବେକପାଣି କରିଥାନ୍ତି । ” ଏପରି ହାସ୍ୟରସ- ପୂର୍ଣ୍ଣ କଉତୁକିଆ କଥା କହିବା ତାଙ୍କର ପିଲାଦିନର ସ୍ୱଭାବଗତ ଥିଲା । ସ୍କୁଲଶିକ୍ଷା ଶେଷ ହେବାପରେ କଟକ ରେଭେନ୍‌ସା କଲେଜ୍‌ରେ ଏଫ୍. ଏ. (ଏବର ଆଇ.ଏ.) ଶ୍ରେଣୀର ଶେଷ ପରୀକ୍ଷାରେ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହୋଇ “ମେଡ଼” ସ୍କଲରସିପ୍ ପାଇଲେ । ପରେ ଏଇ କଲେଜରୁ ୧୯୦୯ରେ ବି.ଏ. ପାଶ୍‌କରି ଏମ୍. ଏ. ବି. ଏଲ୍. ପଢ଼ିବା ପାଇଁ କଲିକତା ଗଲେ । ସ୍କଲର୍‌ସିପ୍ ପାଇଥିବାରୁ ଆର୍ଥିକ ଅସୁବିଧା ଭୋଗିବାକୁ ପଡ଼ି- ନଥିଲା । ଏମ୍.ଏ. ପଢ଼ିଲେ, ‘ସ୍କଟିସ୍ ଚର୍ଚ୍ଚ’ କଲେଜରେ ।

ଦେଶସେବା ପାଇଁ ସଂକଳ୍ପ:

ଆଚାର୍ଯ୍ୟ ହରିହରଙ୍କ ସଙ୍ଗେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରଥମ ପରିଚୟ କଟକ ରେଭେନ୍‌ସା କଲେଜରେ । ଆଚାର୍ଯ୍ୟ ହରିହର,

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଓ ପ୍ରଗୃରକ ଅନନ୍ତ ମିଶ୍ର ଏ ତିନିହେଁ ଯେଉଁ ମଧୁର ଆକର୍ଷଣରେ ପଣ୍ଡିତ ଗୋପବନ୍ଧୁଙ୍କ ଗ୍ରାମକୁ ପ୍ରଥମେ ଯାଉଥିଲେ, ତାହା ୧୯୦୨ ମସିହା ଗ୍ରୀଷ୍ମାବକାଶର ଘଟଣା । ଏ ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ ଯାହା ଲେଖିଛନ୍ତି, ତା' ଏହ୍ୱ:—

"ଆମେ ଯାଇ ଦେଖିଲୁଁ, ଗାଁ ମୁଣ୍ଡ ଠାକୁରାଣୀଙ୍କ ପାଖେ ସୌମ୍ୟବପୁ ଉଜ୍ଜ୍ୱଳ ଚକ୍ଷୁ ଗୋପବନ୍ଧୁ ପ୍ରାତଃସ୍ନାନ ସାରି ମଠା ପିନ୍ଧି ପୀଢ଼ାରେ ବସି ଆଗରେ ପୋଥି ଆସନରେ ତାଳପତ୍ର ଭାଗବତ ପୋଥିଟି ଥୋଇ ସେଥିରୁ ଖେଦାଏ କାଢ଼ି ହାତରେ ଧରି ଦେବୀଙ୍କ ଆଗେ 'ଋଜୁପ୍ରଷ୍ଟକଟିଗ୍ରୀବ' ହୋଇ ସୁନ୍ଦର ସ୍ୱର ଝଙ୍କାରରେ ଭାଗବତ ପଢ଼ୁଛନ୍ତି । × × × । ପ୍ରାୟ ବେଳ ଦୁଇଘଡ଼ି ଥାଇ ଭାଗବତ ପଢ଼ା ସରିଲା । ଉଆଗତ ସେବକ ରନ୍ଧା ବେଢାରେ ବାଢିଥିଲା । ପାଞ୍ଚ ମାନଙ୍କରେ ଡାଲି ଓ ତରକାରି ଥିଲା । ସବୁ ସେଇ ଭାଗବତକୁ ଭୋଗ ଦିଆହେଲା । ତାପରେ ଆପଣେ କଦଳୀପତ୍ର ଖଣ୍ଡିଏ ପକାଇ ହବିଷରେ ବସିଲେ । ଆମେ ଓ ଆଉ ଯେ ଥିଲେ, ସମସ୍ତେ ଧାଡ଼ି ଧରି କଦଳୀପତ୍ର ଖଣ୍ଡିଏ ଖଣ୍ଡିଏ ପକାଇ ସାଙ୍ଗରେ ବସିଲୁ । ସେ ଦିନର ଅନୁଭୂତି ମୋର ନୂଆ । ଆମେ ଶାସନ ବ୍ରାହ୍ମଣ । × × × । ସେ ପୁଣି ସେବକ ରନ୍ଧା ଭାତ, ତା' ପୁଣି ବେଢାରୁ ଆଞ୍ଜୁଳାରେ ପରଶା ହେବ, ସେବକ ପରଶିବ । ବନା ଚଳୁରେ ଖାଇବାକୁ ହେବ । ଏଥିରେ ମୁଁ, ହୁଏତ ମୋର ସଙ୍ଗୀ ଦୁହେଁ ଏକା ବେଳକେ ଅନଭ୍ୟସ୍ତ । ପୁଣି ଓଡ଼ିଆ ଜଗନ୍ନାଥ ଦାସଙ୍କ ଭାଗବତକୁ ଭୋଗ ଦିଆ ହେଉଛି । ସେ' ତ ଆମର ଅସ୍ପୃଶ୍ୟ । × × × । ଶାସନମାନଙ୍କରେ ଭାଗବତ କେହି ପଢୁ ନ ଥିଲେ । ଏବେବି ହୁଏତ ସାଧାରଣ ସ୍ଥାନରେ ସଂସ୍କୃତ ପୁରାଣପାଠ ହେଲାପରି ଜଗନ୍ନାଥ ଦାସଙ୍କ ଭାଗବତପାଠ ଶାସନରେ ହୋଇନାହିଁ । ସେଦିନ ଆମେ ଚକ୍ଷୁ ନକରି ସମସ୍ତେ ସେ ଭାତ ଅଣ ଖାଇଲୁ । କିନ୍ତୁ ମୋର ମନେ ଅଛି, ଅଧାଖିଆ ପର୍ଯ୍ୟନ୍ତ ମୋ ପେଟକୁ ଭାତ ଯାଉନଥାଏ । ସନ୍ଧ୍ୟା ହେଲା । ଦେବୀ

Digitized by PPRACHIN, SOA

ମନ୍ଦିରକୁ ଲଗିଚି ଭାର୍ଗବୀ ନଦୀର ବନ୍ଧ । ବନ୍ଧ ତଳକୁ ପାଣି । ପାଣି ପରେ ନଈଭିତର ବାଲି । ସେଇ ବାଲି ଭିତରେ ଖଣ୍ଡେ ଦିନେ ହୁଏ ବଳପୁର ମୌଜାର ଶ୍ମଶାନ । ସନ୍ଧ୍ୟା ବେଳକୁ ଜହ୍ନ ପଡ଼ିଗଲା । ଆକାଶ ପରିଷ୍କାର । କଳା ଭ୍ରମରପରି ପାଣି ଧାରଟି ପରେ ରୂପାଗୁଣ୍ଡ ବସ୍ତ୍ର ବୁଣା ହୋଇପରି ବାଲି ଦାଉ ଦାଉ ଦିଶୁଚି । ସେତେବେଳେ ସେ ଅଞ୍ଚଳରେ ଘରି ବାଡ଼ (ହଇଜା) ପଡ଼ୁଥାଏ । ବଳପୁରରେ ବେଶି ଲାଗିଥାଏ । ଲୋକେ ମୁର୍ଦ୍ଦାର ପୋଡ଼ିପାରୁ ନଥାନ୍ତି । କେହି କେହି ଶ୍ମଶାନରେ ଦରପୋଡ଼ା କରି ଛାଡ଼ିଯାନ୍ତି । ଅତି ଗରିବ ଲୋକେ ହୁଏତ ମୁର୍ଦ୍ଦାର ମୁହଁରେ ନିଆଁ ଦେଇ ଘରକୁ ଚାଲିଯାନ୍ତି । ଦୁର୍ଭିକ୍ଷ ବା ମଡ଼କ ପଡ଼ିଲେ ଅନେକ ଗ୍ରାମରେ ଏପରି ହୁଏ । ସେଦିନ ନଈ ବନ୍ଧ ଉପର ବରଗଛ ମୂଳ ଝିଲତଣ୍ଟୁ କରି ଖୁଣ୍ଟଇରେ ଗୋପବନ୍ଧୁ ଦାସଙ୍କୁ ନେଇ ଆମେ ଚାରିଜଣଯାକ ଖଣ୍ଡିଏ ଦୋପଟା ଚଟ ପକାଇ ସନ୍ଧ୍ୟାପରେ ସେଇ ବରଗଛମୂଳେ ବସିଲୁଁ । ଆରପାଖେ ବିଲୁଆ ସବୁ କଳିକରି ଦରପୋଡ଼ା ମଡ଼ା ଓଟାରୁଥାନ୍ତି । ମୁର୍ଦ୍ଦାରଙ୍କ କୋକେଇ Coffinର କନାକତରି ସବୁ ପଡ଼ିବାର ଦିଶୁଥାଏ । ଆମ ଗପ ଚାଲିଲା । ଗୋପବନ୍ଧୁ ଦାସଙ୍କ ପରି ଗଳ୍ପକରି ଭୁଲାଇବା ଲୋକ ବଡ଼ କମ୍ ଅଛନ୍ତି । ବିଶେଷରେ ଆମେ ପିଲା । ସେ ରାତି ଗଳ୍ପର ଚିତ୍ରସବୁ ପ୍ରାଣରେ ଅଙ୍କ ହୋଇଗଲା । ଚନ୍ଦ୍ର ବୁଡ଼ିଗଲେ । ରାତି ବି ସକାଳ ହୋଇ ଆସିଲା । ଆମେ ତନ୍ମୟ । ଶେଷକୁ ଠିକ୍ ହେଲା ; "ଆମେ ପାଠପଢ଼ି ସରକାରୀ ଚାକିରୀ କରିବାନାଇ । ଦେଶ ପାଇଁ କଷ୍ଟ କରିବା । ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ ତାଠାରୁ ଉନ୍ନତ ଦେଖି ମରିବା ।"

ସ୍ୱଦେଶୀ ବର୍ଜନ ପାଇଁ ପ୍ରତିଜ୍ଞା :

ବର୍ଷକ ପରର ଘଟଣା—୧୯୦୩ ମସିହା ଡ଼ିସେମ୍ବରରେ ମଧୁବାବୁ କଟକକୁ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଡ଼ାକିଲେ । ମୁଁ ଏକଣ୍ଟି ଉକ୍ତ ଅଧିବେଶନରେ ମାତ୍ର ଜଣେ ଦର୍ଶକ ରୂପେ ଯୋଗ ଦେଇଥିଲେ ।

Digitized by PPRACHIN, SOA

ତା'ପର ବର୍ଷ ମଧୁବାବୁ ପୁରୀରେ 'ସ୍ୱଦେଶୀ' ଦ୍ରବ୍ୟର ପାଇଁ ଗୋଟିଏ ସଭା କଲେ । ପୁରୀଜିଲ୍ଲା ସ୍କୁଲ ଛାତ୍ର ନୀଳକଣ୍ଠ ତାଙ୍କର ଜଣେ ବଙ୍ଗାଳୀ ସଙ୍ଗୀଙ୍କୁ ଧରି ଏହି ସଭାକୁ ଯାଇଥା'ନ୍ତି । ବିରାଟ ସଭା । ମଧୁବାବୁ ନିଜର ଓଜସ୍ୱିନୀ ଭାଷାରେ ଯେତେବେଳେ ଆମଦେଶରୁ ଚମଡ଼ା ଯାଇ ବିଦେଶରୁ ଆମଦାନୀ ଯୋତାପାଇଁ କିପରି ଆମକୁ ବହୁ ଅଧିକ ପଇସା ଦେବାକୁ ହେଉଚି ଇତ୍ୟାଦିର ଦୃଷ୍ଟାନ୍ତ ଦେଇ ବିଦେଶୀ ବର୍ଜନପାଇଁ ତାଙ୍କର ଗଭୀର ନିବେଦନ ଜଣାଇ ଦେଲେ, ଜନତା ମନ୍ତ୍ରମୁଗ୍ଧ ହୋଇ ଶୁଣୁଥା'ନ୍ତି । ମାତ୍ର ଯେତେବେଳେ "ମୁଁ ପ୍ରାଣପଣେ ସ୍ୱଦେଶୀ ବ୍ୟବହାର କରିବି । ବିଶେଷରେ ସ୍ୱଦେଶୀ ଲୁଗା ଛଡ଼ା ଆଉ କିଛି ପିନ୍ଧିବି ନାଇଁ" ବୋଲି ଲେଖାଥିବା ଖାତାରେ ଦସ୍ତଖତ କରିବାପାଇଁ ଖାତାଟି ସଭାରେ ବୁଲିଗଲା, କେହି ସେଥିରେ ଦସ୍ତଖତ କଲେନାଇଁ । ସେତେବେଳେ ଇଂରେଜଙ୍କର ବଡ଼ ପ୍ରତିପତ୍ତିର ବେଳ । ସଭାରେ ପୁଲିସ ଥା'ନ୍ତି ଓ ତାଙ୍କ ଡ଼ରରେ ଲୋକେ ଥରୁଥା'ନ୍ତି । ପ୍ରଥମ ଦସ୍ତଖତ ଦେଲେ ନୀଳକଣ୍ଠଙ୍କ ବନ୍ଧୁ ଓ ନୀଳକଣ୍ଠ ନିଜେ ।

ସେଦିନଠୁଁ ସେ ଜୀବନଯାକ ବିଦେଶୀ ବର୍ଜନ ଓ ସ୍ୱଦେଶୀ ପରିଧାନ କରିଥିଲେ ।

ବିବାହ ପ୍ରସ୍ତାବ—ଯୌତୁକ ନେବିନାଇଁ :

ଦେଶକାମପାଇଁ ସଙ୍କଳ୍ପ କରି ନୀଳକଣ୍ଠ ବିବାହ କରିବେ ନାହିଁ ବୋଲି ସ୍ଥିର କରିଥିଲେ । ମାତ୍ର ସେ ବାପ ମା'ଙ୍କର ଏକମାତ୍ର ପୁତ୍ର । ତେଣୁ କୁଳରକ୍ଷା ପାଇଁ ତାଂକ ପିତା ବିବାହ କରିବାକୁ ନୀଳକଣ୍ଠଙ୍କୁ ବହୁତ ବୁଝାଇଲେ । ମାତ୍ର ନୀଳକଣ୍ଠ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ପିତାଙ୍କୁ ପ୍ରବର୍ତ୍ତାଇବାରେ ଲାଗିଲେ । ତହୁଁ ତାଂକ ପିତା ଆନନ୍ଦ ଦାସେ ଗୋପବନ୍ଧୁଙ୍କ ପାଖକୁ ଯାଇ ଏକଥା କହି କାନ୍ଦିଲେ । ଏଥିରେ ଦାସେ ଆପଣେ ସମ୍ଭାଳି ନପାରି ନୀଳକଣ୍ଠଙ୍କୁ ନାନା କଥା କହି ବୁଝାଇ ସୁଝାଇ ବିଭା ହେବାକୁ ରାଜି କରାଇଲେ ।

Digitized by PPRACHIN, SOA

ଏହିକାଳବେଳେ ପୁରୀର ଜଣେ ଧନାଢ୍ୟ ବ୍ୟକ୍ତି "ହଜାର ଟଙ୍କା ଦେବେ, ଝିଅକୁ ସମସ୍ତ ଅଳଂକାର ଦେବେ ଓ ଜ୍ୱାଇଁର ଯେ ପର୍ଯ୍ୟନ୍ତ ଇଚ୍ଛା ପାଠ ପଢ଼ାଇବେ" ବୋଲି ଜଣେ ମଧ୍ୟସ୍ଥଂକ ଦ୍ୱାରା ପ୍ରସ୍ତାବ ଦେଇ ପଠାଇଲେ । ପିତା ନୀଳକଣ୍ଠଙ୍କ ଆଗେ ଏ ପ୍ରସ୍ତାବଟି କହିବାରୁ ସେ ସଙ୍ଗେ ସଙ୍ଗେ କହିଲେ, "ନନା —

ଉତ୍ତମଂ ସ୍ୱାର୍ଜିତଂ ବିତ୍ତଂ,
ମଧ୍ୟମଂ ପିତୃରର୍ଜିତଂ,
ଅଧମ ଭ୍ରାତୃ ବିତ୍ତଂଚ,
ସ୍ତ୍ରୀ ବିତ୍ତ ମଧମାଧମମ୍ ।

ସ୍ତ୍ରୀରୁ ଆଗତ ଧନରେ ମୁଁ ମଣିଷ ହେବାକଥା ହେବନାହିଁ । " ଶେଷରେ ତାଙ୍କ ଗ୍ରାମଠାରୁ ୬ମାଇଲ ଦୂରବର୍ତ୍ତୀ ବୀରପୁରୁଷୋତ୍ତମପୁରର ଗୋଟିଏ ମଧ୍ୟବିତ୍ତ ପରିବାର ଶ୍ରୀ ସୋମନାଥ ମିଶ୍ରଙ୍କ କନ୍ୟା ଶ୍ରୀମତୀ ରାଧାମଣି ଦେବୀଙ୍କ ସହିତ ତାଙ୍କର ବିବାହ ହେଲା, ମେଟ୍ରିକ୍ ପରୀକ୍ଷାର ୧୦ଦିନ ପୂର୍ବରୁ ୧୯୦୫ ଫେବୃୟାରୀ ୫ତାରିଖରେ । ଆଠମଙ୍ଗଳା ଦିନ ନୀଳକଣ୍ଠ ପରୀକ୍ଷା ଦେବାକୁ କଟକ ଗଲେ ।

ଛାତ୍ରାବସ୍ଥାରୁ ରୋଗୀସେବା :

ଯୁବକ ନୀଳକଣ୍ଠ ରେଭେନ୍‌ସା କଲେଜରେ ଅଧ୍ୟୟନ କଲାବେଳେ ପଟିଆଗଡ଼ନିବାସୀ ଆଡ଼ଭୋକେଟ୍ ଶ୍ରୀ ଲୋକନାଥ ଦାସ ତାଙ୍କ ସାନଭାଇ ନେହାନନ୍ଦଙ୍କ ସହିତ କଟକ 'ଲଣ୍ଡା ଦେଉଳ' ପାଖରେ ବସା କରି ପଢ଼ାପଢ଼ି କରୁଥାନ୍ତି । ଦିନେ ହଠାତ୍ ନେହାନନ୍ଦ ହଇଜା ରୋଗରେ ଆକ୍ରାନ୍ତ ହେଲେ । ବଡ଼ଭାଇ ଲୋକନାଥ ଏକାକୀ ଭାଇର ସେବା ଶୁଶ୍ରୂଷା କିପରି କରିବେ, କିଏ ଅବା ଏ ବିପଦରେ ସହାୟ ହେବ, ଭାବିପାରିଲେ ନାହିଁ । ନୀଳକଣ୍ଠ କଲେଜ ବୋର୍ଡିଂରେ ଏକଥା ଶୁଣି ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅନୁମତିକୁ ଅପେକ୍ଷା ନକରି ଦଉଡ଼ିଲେ ଲଣ୍ଡା ଦେଉଳକୁ । ଖଣ୍ଡିଏ ମଠା ପିନ୍ଧିଥାନ୍ତି, କାନ୍ଧରେ ଓଦା ଗାମୁଛାଟିଏ ପଡ଼ିଥାଏ । ଯାଇ

Digitized by PPRACHIN, SOA

ଦେଖିଲେ, ଭାଇ ଅବସ୍ଥା ଦେଖି ଦୀନ ବନ୍ଧୁଙ୍କୁ କାନ୍ଦିବା ଛଡ଼ା ଆଉ କିଛି ଉପାୟ ଦିଶୁନଥିଲା । ମାଳକଣ୍ଠ ଲୋକନାଥଙ୍କୁ ବୋର୍ଡିଂରେ ତାଙ୍କ ଖାଦ୍ୟ ପ୍ରଭୃତି ଖାଇବାକୁ ଛାଡ଼ିଦେଇ ହଇଜା ରୋଗୀପାଖେ ରହିଲେ । ଖଣ୍ଡିଏ ମଶିଣାରେ ରୋଗୀ ଶୋଇଛି, ମାଠିଆ ମାଠିଆ ପାଣିପରି ମଳ ଭାସୁଚି । ଶେଯ ବଦଳାଇବାପାଇଁ ଲୁଗାପଟା କିଛି ନାହିଁ । ମାଳକଣ୍ଠ ଆଉ କିଛି ନଭାବି ଆଞ୍ଜୁଳାରେ ମଳ ପୋଛିବାରେ ଲାଗିଲେ ଓ ନିଜର ଗୃହର ସବୁ ଚଦର ଚିରି ରୋଗୀର ବିଛଣାରେ ପକାଇଲେ । ମଳ ପୋଛି ପୋଛି ଫିନାଇଲ୍ ପାଣିରେ ଧୋଇ ଧୋଇ ହାତ କଳା ପଡ଼ି ଯାଇଥାଏ । ଏହା ନେଇ ହଷ୍ଟେଲରେ ଗହଳ ଚହଳ । ବୋର୍ଡିଂ ପିଲାଙ୍କ ବଡ଼ ବିରକ୍ତ ହୋଇ ପ୍ରିନ୍ସିପାଲ ବି.ଭି. ଗୁପ୍ତଙ୍କୁ ଜଣାଇଲେ । ବି.ଭି. ଗୁପ୍ତ ମାଳକଣ୍ଠଙ୍କୁ ଡକାଇ ପଠାଇଲେ । ସେ ସଙ୍ଗେ ସଙ୍ଗେ ପ୍ରିନ୍ସିପାଲ୍‌ଙ୍କ ପାଖକୁ ଦୌଡ଼ାଦୌଡ଼ି ଚାଲିଆସି କହିଲେ, "ମୁଁ ଆଉ ବେଶୀ ସମୟ ରହିପାରିବି ନାହିଁ । ମତେ ଛାଡ଼ି ଦିଅନ୍ତୁ । ରୋଗୀପାଖେ ଆଉ କେହି ନାହିଁ । ସେ ପ୍ରତିକ୍ଷଣରେ ପାଣି ମାଗୁଚି ଓ ଝାଡ଼ା ଯାଉଚି ।" ମାଳକଣ୍ଠଙ୍କୁ ପ୍ରିନସିପାଲ ବି.ଭି. ଗୁପ୍ତ ଟିକିଏ ନିରେଖି ଚାହିଁଲେ କ'ଣ ମନକୁ ପାଇଲା କେଜାଣି, ତା'ପରେ କହିଲେ—"ହଉ ଯାଅ !"

ବନ୍ୟା ସାହାଯ୍ୟ :

୧୯୦୭ ମସିହାରେ କେନ୍ଦ୍ରାପଡ଼ା, ଯାଜପୁରରେ ଭୀଷଣ ବନ୍ୟା । ଗୋପବନ୍ଧୁଙ୍କ ନେତୃତ୍ୱରେ ବିପନ୍ନ ଅଞ୍ଚଳରେ ସେବାକରିବା ପାଇଁ ସ୍ୱେଚ୍ଛାସେବକ ଦଳ ଗଢ଼ାଗଲା । ମାଳକଣ୍ଠ ସେତେବେଳେ କଲେଜରେ ପଢୁଥାନ୍ତି । ସେ ମଧ୍ୟ ସେଇ ଦଳରେ ବାହାରିଲେ ବିପନ୍ନ ଲୋକଙ୍କ ସେବାପାଇଁ । ଡଙ୍ଗାରେ ଗଲାବେଳେ ନଈକୂଳ ଗଛ ସବୁରୁ ମୁର୍ଦ୍ଦାର ଖସି ନଈରେ ପଡ଼ି ଭାସି ଯାଉଥାନ୍ତି । ଠାଏ ଠାଏ ଗାଁ ଚଣ୍ଡାଳ ଗୃହ ଦେଖାଯାଉଥାଏ । ଏପରି ହୃଦୟ ବିଦାରକ କରୁଣ ଦୃଶ୍ୟ ମଧ୍ୟରେ ଏମାନେ ସାଙ୍ଗରେ ନେଇଥିବା ପିଇବା ପାଣି ସରିଗଲା । କଅଣ

Digitized by PPRACHIN, SOA

କରିବେ ? ମୁର୍ଦ୍ଦାର ନଈରେ ଭାସୁଥାନ୍ତି । ପଣ୍ଡିତ ଗୋପବନ୍ଧୁ କଅଣ ଭାବିଲେ—ଉଙ୍କାରେ ରହି ନଈ ପାଣିରୁ ଗିଲାସେ ଆଣି "Mother Nature" (ମାଆ ପ୍ରକୃତି) କହି ନିଜେ ପିଇଲେ । ଏଥିରେ ସମସ୍ତଙ୍କର ଭୟ ଭାଙ୍ଗି ଗଲା, ସମସ୍ତେ ସେଇ ନଈ ପାଣି ପିଇଲେ । ବାଢ଼ି ଅଞ୍ଚଳ ସେବାରେ ଲାଗିଲେ ।

ବଢି ଅଞ୍ଚଳରୁ ଫେରିଆସି ମାଳକଣ୍ଠ ଶୁଣିଲେ, ପ୍ରିନସିପାଲ୍ ଗୁପ୍ତ ଖୁବ୍ ରାଗିଚନ୍ତି । ସେତେବେଳେ ଜିଲ୍ଲା ମାଜିଷ୍ଟ୍ରେଟ ଥାନ୍ତି ଗୋରା ଗ୍ୟାରେଟ୍ ସାହେବ । ସେ ଏପରି କାର୍ଯ୍ୟକୁ ପସନ୍ଦ କରୁନଥିଲେ ଏବଂ ପ୍ରିନ୍‌ସିପାଲଙ୍କୁ ଏପରି କାର୍ଯ୍ୟପାଇଁ ତାଗିଦ୍ କରିଥିଲେ । ମାଳକଣ୍ଠ ଆସି ବୋର୍ଡିଂରେ ପହଞ୍ଚିବାରେ ଦୁଇଜଣ ଚପରାସି ତାଙ୍କୁ ପ୍ରିନ୍‌ସିପାଲ୍‌ଙ୍କ ପାଖକୁ ନେଇଗଲେ । ପ୍ରିନ୍‌ସିପାଲ୍ ଅତି ରୁକ୍ଷସ୍ୱରରେ ପଚାରିଲେ, "ତୁମେ କୁଆଡେ ଯାଇଥିଲ ?" ମାଳକଣ୍ଠ କହିଲେ, "କେନ୍ଦ୍ରାପଡ଼ା, ଯାଜପୁର ଅଞ୍ଚଳରେ ବଣି ବଣି ଲୋକେ ବଢ଼ିରେ ବୁଡ଼ି ମରି ଯାଉଥିଲେ । ମୁଁ ତାଙ୍କୁ ଚୂଡ଼ା, ଗୁଡ଼ଲ ବାଣ୍ଟିବାପାଇଁ ଗୋପବନ୍ଧୁ ଦାସଙ୍କ ସଙ୍ଗେ ଯାଇଥିଲି । ମୁଁ ତ ଆପଣଙ୍କୁ କେନ୍ଦ୍ରାପଡ଼ାଠାରୁ ପୋଷ୍ଟକାର୍ଡ଼ ଲେଖି ଜଣାଇଥିଲି । ଆପଣ ପାଇଥିବେ !" ପ୍ରିନ୍‌ସିପାଲ୍ ଆଗପରି ରୁକ୍ଷ ସ୍ୱରରେ ପୁଣି ପଚାରିଲେ, "ଏଇପରି କଣ ଜଣାଇବାକୁ ହୁଏ ? ତମେ ଜାଣ, ତମର ପିତା ଅଛନ୍ତି । ତମକୁ ସେ ଏଠାରେ ରଖାଇ ଦେଇ-ଗଲେ ଆମର ତତ୍ତ୍ୱାବଧାନରେ ! ଧର, ତମର ପିତା ଆସି ଆମକୁ ପଚାରିଥାନ୍ତେ, ଆମେ କଣ ଉତ୍ତର ଦିଅନ୍ତୁ ? ତୁମେ ରୁଗ୍‌ଣ ହୋଇଥାନ୍ତ ଆମେ କଣ କରନ୍ତୁ ?" ଇତ୍ୟାଦି ।

ମୁଁ ଟିକଏ ଦୂରେ ଗମ୍ଭୀର ଭାବରେ ଠିଆହେଲି । ତା'ପରେ କଣ ଭାବିଲି, ମୋର ମନେ ହେଉନାହିଁ । ମୁଁ ହଠାତ୍ କହିଉଠିଲି, "ଲୋକେ ରାଶି ରାଶି ମରିଯାଉଥିଲେ ମୁଁ ତ ତାଙ୍କର ସାହାଯ୍ୟପାଇଁ ଯାଇଥିଲି । ଅବସ୍ଥା ବଡ଼ କରୁଣ, ମୋର ଜଣାଇବାକୁ ବେଳ ନ'ଥିଲା । ମୋତେ

Digitized by PPRACHIN, SOA

ଆଉ ଗୃହ କଣ ଥିଲା ?" ପ୍ରିନ୍‌ସିପାଲ୍ କହିଲେ, "ତମର ଗୃହ ଥିଲା କି ନାହିଁ, ସମସ୍ତ ଥିଲା କି ନାହିଁ, ଏକଥା ଆମର ଭାବିବାର ବିଷୟ ନୁହେଁ ।" ସେଠାରୁ ମୁଁ କହିଲି, "ବ୍ରାହ୍ମଣ ବୟସ୍କମାନେ ଏଇପରି କହନ୍ତି: ପିଲାଏ ଏଇପରି ଯାଆନ୍ତି । ମୁଁ କଛି ଅଚୋର୍ଯ୍ୟ କରିବାକୁ ଯାଇନ ଥିଲି ।"

କାହିଁକି କେଜାଣି ବି.ଭି ଗୁପ୍ତଙ୍କ ପରି ପ୍ରିନ୍‌ସିପାଲ୍ ହଠାତ୍ ଏ କଥାରେ ଖେଁକିନା ହସି ଦେଲେ । ମଟିଁ କହିଲେ, "ଦୁଷ୍ଟପିଲା, ଯାଅ ଯାଅ ।"

ସ୍ୱଦେଶୀ ପ୍ରଚାର :

ନୀଳକଣ୍ଠ ପୁରୀ ଜିଲ୍ଲା ସ୍କୁଲ ଛାତ୍ର ଥିବାବେଳେ ଯେପରି ମଧୁବାବୁଙ୍କ "ବିଦେଶୀ ବର୍ଜନ ଓ ସ୍ୱଦେଶୀ ବ୍ୟବହାର" ଖାତାରେ ପ୍ରଥମରେ ଦସ୍ତଖତ ଦେଇଥିଲେ, ସେହିପରି କଟକ କଲେଜରେ I.A. ପରୀକ୍ଷା ପରେ, କେତେବେଳେ ପ୍ରଚାରକ ଅନନ୍ତ ମିଶ୍ରଙ୍କୁ ବା କେତେବେଳେ ରାମଚନ୍ଦ୍ରପୁରର ପଣ୍ଡିତ ଫକୀର ମିଶ୍ରଙ୍କୁ ଧରି ଖଣ୍ଡିଏ ଗେରୁଆ ଲୁଗାପିନ୍ଧି ଓ ଖଣ୍ଡିଏ ଗେରୁଆ ଲୁଗା ମୁଣ୍ଡରେ ପଗଡ଼ି କରି ବାନ୍ଧି ଗାଁ ଗାଁ ବୁଲି ସ୍ୱଦେଶୀ ପ୍ରଚାର କରୁଥିଲେ ।

ସତ୍ୟବାଦୀ ସ୍କୁଲରେ ଥିବାବେଳର ରୋଗୀ ସେବା :

୧୯୧୨ ମସିହାରେ ଶ୍ରୀ ଜଗନ୍ନାଥଙ୍କର ନୂଆ କଳେବର ଦର୍ଶନ ପାଇଁ ଅସଂଖ୍ୟ ଯାତ୍ରୀ ଆସିଥିଲେ । ଏବ ପରି ସେ ସମୟରେ ହଇଜାର ଚିକିତ୍ସାଲାଗି କିଛି ବ୍ୟବସ୍ଥା ନଥିଲା । ଅଖାଦ୍ୟ, ଦୂଷିତ ଜଳ ବ୍ୟବହାରରେ ହଇଜା ବ୍ୟାପିଲା । ସାକ୍ଷୀଗୋପାଳଠାରୁ ପୁରୀ ପର୍ଯ୍ୟନ୍ତ ଜଗନ୍ନାଥ ସଡ଼କରେ ଲୋକ ପୋକମାଛିପରି ଶୋଇଲେ । ସେ ସମୟରେ ପଣ୍ଡିତ ନୀଳକଣ୍ଠ ହୋମିଓପ୍ୟାଥି ବାକ୍ସ ଧରି ସ୍ୱର୍ଗତ ରାମଚନ୍ଦ୍ରଙ୍କ ସହିତ ରୋଗୀ ସେବାରେ ଅବତୀର୍ଣ୍ଣ ହୋଇ ଲାଗିପଡ଼ିଲେ । ନୀଳକଣ୍ଠଙ୍କୁ

Digitized by PPRACHIN, SOA

ଏଇ ସେବା ମନୋବୃତ୍ତି ଦେଖି ଲୋକେ ନୀଳକଣ୍ଠଙ୍କ ପ୍ରତି ଆକୃଷ୍ଟ ହୋଇ ପଡିଲେ । ସତ୍ୟବାଦୀ ସ୍କୁଲର ସୁନାମ ଚୁଟଆଡେ ବ୍ୟାପିଲା । "ଶୁଳମି ଦୁଇ ପତ୍ରରୁ ବାସେ" ଏହାର ସତ୍ୟତା ନୀଳକଣ୍ଠଙ୍କ ଜୀବନରେ ପ୍ରଥମରୁ ଦେଖା ଦେଇଥିଲା, ଏପରି ରୋଗୀସେବା ଓ ବନ୍ୟା ବିପନ୍ନଙ୍କ ସେବା ମାଧ୍ୟମରେ ।

'ସତ୍ୟବାଦୀ'ର ପରିକଳ୍ପନା :

ସତ୍ୟବାଦୀ ବନବିଦ୍ୟାଳୟ ନୀଳକଣ୍ଠଙ୍କ ଜୀବନର ଏକ ପ୍ରଧାନ ଅଧ୍ୟାୟ — ଏହା ତାଙ୍କୁ ସାରା ଓଡ଼ିଶାରେ କାହିଁକି, ଭାରତରେ ପ୍ରଥମେ ପରିଚିତ କରାଇଥିଲା । ଏ ସମ୍ବନ୍ଧରେ ନୀଳକଣ୍ଠ ଲେଖିଛନ୍ତି "ଅଭିଯାନକର କଥା ବି କହିବି ଏଁ । ସମସ୍ତ କଳ୍ପନା, ଯୋଜନାବଦ୍ଧ ରେ ଥିଲେ ଆପଣେ । ଆପଣେ (ଆମେ ତିନିହେଁ ଗୋପବନ୍ଧୁଙ୍କୁ 'ଆପଣେ' ବୋଲି ଡାକୁଥିଲୁଁ, ଦାସେ ଆପଣେ ବୋଲି ଚିହ୍ନାଇ ଦେଉଥିଲୁ ।) ମତେ ସବୁବେଳେ ନେଉଥିଲେ ! କିଭଳି କାର୍ଯ୍ୟ କେଉଁଠାରେ କରିବା ଏ ବିଷୟରେ ବହୁଦିନ ବହୁରାତି ବିତିଯାଇଛି । ଶେଷକୁ ଠିକ୍ ହେଲା — ଗୋଟାଏ ବିଦ୍ୟାଳୟ କରିବା । ପୁନାର ଫରଗୁସନ କଲେଜ ସେତେବେଳେ ଆଖି ଆଗରେ ଥିଲା । ଇଂଲଣ୍ଡର ଇଟନ, ହାରୋ, ରୁଗ୍‌ବି ପରି ପବ୍‌ଲିକ୍ ସ୍କୁଲମାନଙ୍କ କଥା ମଧ୍ୟ ଆମ୍ଭେମାନେ ଶୁଣିଥିଲୁଁ ! ଏସବୁ ଆମ ତରୁଣ ପ୍ରାଣରେ କି ପ୍ରଭାବ ପକାଇଥିଲା, ତାହାର ବିଶ୍ଳେଷଣ ଓ ଭାଷାରେ ପ୍ରକାଶ କରିବା ଅସମ୍ଭବ । ଏ ସମସ୍ତ ମୂଳରେ ଥିଲେ ଗୋପବନ୍ଧୁ ।"

ସ୍କୁଲପାଇଁ ସ୍ଥାନ ବାଛିବା ସମ୍ବନ୍ଧରେ ନୀଳକଣ୍ଠ ନିଜ 'ଆତ୍ମଜୀବନୀ'ରେ ଲେଖିଛନ୍ତି :

"ଗୋଟିଏ ସ୍କୁଲ୍ କରିବା ଠିକ୍ ହେଲା । ତତ୍‌କାଳୀନ ଗଡ଼ଜାତ ଓ ମୋଗଲବନ୍ଦି — କଳାହାଣ୍ଡିଠାରୁ ନୀଳଗିରି, ମୟୂରଭଞ୍ଜ ଓ ସମ୍ବଲପୁରଠାରୁ ପୁରୀ ଏବଂ ଗଞ୍ଜାମ ସବୁଠି ସ୍ଥାନ ଖୋଜିବାପରେ ଆମେ

Digitized by PPRACHIN, SOA

ଲାଗିଗଲୁ । ଶେଷକୁ ସ୍ୱର୍ଗତ ମଧୁସୂଦନ ରାଓ କଥାବାର୍ତ୍ତା ମଧ୍ୟରେ କହି ପକାଇଲେ, ସତ୍ୟବାଦୀର ବଉଳ କୁଞ୍ଜ ଅନା ବନପନ୍ତି ସ୍ଥାନ ଏଥିପାଇଁ ଆଉ ନାହିଁ । ଠିକ୍ ହୋଇଗଲା, ସେହିଠାରେ ସ୍କୁଲ କରିବାକୁ ହେବ । କର୍ମରେ ବାଧା କ'ଣ ସେ ଦ୍ରୁତ ଦୃଷ୍ଟି ସିବାଭଳି ଆମର ଆଉ ନଥିଲା । ଗୋପବନ୍ଧୁଙ୍କ ପ୍ରେରଣାରେ ସେ ସନ୍ଧ୍ୟାର ସ୍ଥାନ ନଥିଲା । ଶଗଡ଼ ଭିଡ଼ିଏ ଧରି ସତ୍ୟବାଦୀ ମନ୍ଦିର ପଛଆଡ଼େ ଦୁହେଁ ଦିନେ ପହଞ୍ଚିଗଲୁ, ଗୋଟିଏ ମାଠ ଫଟା ଧରି । କ୍ଷୁଦ୍ର କ୍ଷୁଦ୍ର କୁଞ୍ଜଅନା ଗଛର ଘନଜଙ୍ଗଲ— ସିଧାକରି ଫିତା ପକାଇବାର ସ୍ଥାନ ନଥିଲା । ମାତ୍ର ତାହାହିଁ ହେଉଚି ବର୍ତ୍ତମାନ ସତ୍ୟବାଦୀ ସ୍କୁଲର ଭୌତିକ ପ୍ରାରମ୍ଭ ।"

ସତ୍ୟବାଦୀ ବିହାର :

ସଂସ୍କାରକ ସ୍ୱର୍ଗତ ପଣ୍ଡିତ ହରିହର ଦାସ (ପୁରୀ ସଂସ୍କୃତ ସ୍କୁଲର ପ୍ରତିଷ୍ଠାତା, ଏବେ ସେହି ସ୍କୁଲ ସଂସ୍କୃତ କଲେଜରେ ପରିଣତ ହୋଇଛି) ସୃଷ୍ଟିପୂତ ଶ୍ରୀରାମଚନ୍ଦ୍ରପୁର ମିଡ଼ିଲ୍ ଭର୍ଣ୍ଣାକ୍ୟୁଲର ସ୍କୁଲଟିକୁ ଗୋପବନ୍ଧୁ, ନୀଳକଣ୍ଠ ଓ ମଧୁସୂଦନ ମିଶ୍ର (ନୀଳକଣ୍ଠଙ୍କ ପିଲାଦିନ ଗୁରୁ) ସତ୍ୟବାଦୀକୁ ଉଠାଇ ଆଣିଲେ । ସେଠାରେ ୧୯୦୯ ମସିହା କୁମାର ପୂର୍ଣ୍ଣିମା ଦିନ ସତ୍ୟବାଦୀ ସ୍କୁଲର ଶୁଭ ଦିଆଗଲା । ନୀଳକଣ୍ଠ ଶୁଭଦିଆ ଦିନ ଉତ୍ସବରେ ଯୋଗଦେଇ ପରିକଳ୍ପିତ ସ୍କୁଲର ଉପଯୁକ୍ତ ହେବାପାଇଁ ଏମ୍. ଏ. ଡ଼ିଗ୍ରୀ ପାଇ ୧୯୧୧ ମସିହା ଅକ୍ଟୋବର ମାସରେ ସତ୍ୟବାଦୀର ସେ ସମୟର ମାଇନର ସ୍କୁଲରେ ମାସିକ ଟ ୩୦ ଭତ୍ତାପାଇ ସୁପରିଣ୍ଟେଣ୍ଡେଣ୍ଟ ରୂପେ କାର୍ଯ୍ୟ ଆରମ୍ଭ କଲେ । ଏ ଦେଶରେ ଥିବା ଅନ୍ୟାନ୍ୟ ସ୍କୁଲଠାରୁ ଏ ସ୍କୁଲର ବିଶେଷତ୍ୱ ଥିଲା— ଏଠାରେ ମଣିଷ ଗଢ଼ା ହେଉଥିଲେ । ଏହା ଦାସେ ଆପଣଙ୍କ ଭାଷାରେ ଗୋଟିଏ "ମନୁଷ୍ୟ ଗଢ଼ା କାରଖାନା" ଥିଲା । ୧୯୧୨ ମସିହା ଆଦ୍ୟରେ ମାଇନର ଶ୍ରେଣୀର ଉପରଶ୍ରେଣୀ (ଅଷ୍ଟମ ଶ୍ରେଣୀ) ଫିଟିଲା । ଠିକ୍ ସେତିକବେଳେ ଆସିଲେ ସ୍ୱର୍ଗତ ମନସ୍ୱୀ ରାମଚନ୍ଦ୍ର, ୧୯୧୧ ଅଗଷ୍ଟରେ ଆଚାର୍ଯ୍ୟ ହରିହର, ୧୯୧୩ରେ ସ୍ୱର୍ଗତ

Digitized by PPRACHIN, SOA

ପଣ୍ଡିତ ଗୋଦାବରୀଶ, ୧୯୧୪ରେ ସ୍ୱର୍ଗତ ପଣ୍ଡିତ କୃପାସିନ୍ଧୁ ପ୍ରଭୃତି ବନ୍ଧୁ ବର୍ଗ ଶିକ୍ଷକ ଅଳ୍ପମାତ୍ର ମାସିକ ଭତ୍ତା ପାଇ ପୂର୍ଣ୍ଣପ୍ରାଣରେ ଅଧ୍ୟାପନା କର୍ମରେ ଲଗିଲେ । ପଣ୍ଡିତ ଗୋପବନ୍ଧୁ ସ୍କୁଲର ସମ୍ପାଦକ ହେଲେ । ନୀଳକଣ୍ଠ ପ୍ରଧାନ—ଶିକ୍ଷକ ରୂପେ ସ୍କୁଲର ପରିଚାଳକ ହେଲେ । ଅଧ୍ୟାପନାର ଗତି ଓ ନୂତନ ଗଠନ ହେତୁ ପ୍ରାକୃତିକ ଓଡ଼ିଶାରୁ ବହୁଛାତ୍ର ଏଠାରେ ରୁଣ୍ଡ ହେଲେ ।

ସତ୍ୟବାଦୀର ବିଶେଷତ୍ୱ :

ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ବହୁବର୍ଷ ପୂର୍ବରୁ ଏହି ବିଦ୍ୟାଳୟରେ ବର୍ଣ୍ଣଧର୍ମ ନିର୍ବିଶେଷରେ ଛାତ୍ରାବାସରେ ପଙ୍କ୍ତି ଭୋଜନର ବ୍ୟବସ୍ଥା ହୋଇଥିଲା । ଏପରିକି ହରିଜନ କଣ୍ଡରା ଶ୍ରେଣୀର ଛାତ୍ରମାନେ ଶାସନୀ ବ୍ରାହ୍ମଣ ଛାତ୍ର ଓ ଶିକ୍ଷକଙ୍କ ସହ ଏକତ୍ର ଭୋଜନ କରୁଥିଲେ । ହାଇଜା ପ୍ରଭୃତି ସଂକ୍ରାମକ ରୋଗଗ୍ରସ୍ତ ଅଞ୍ଚଳକୁ ଶିକ୍ଷକମାନେ-ଛାତ୍ରମାନଙ୍କ ସଙ୍ଗରେ ଧରି ଚିକିତ୍ସା ଓ ସେବା କରିବାକୁ ଯାଉଥିଲେ । ବନ୍ୟା ବାତ୍ୟାପାତବେଳେ ଏ ଅନୁଷ୍ଠାନର କଥା ଭୁଲିବାର ନୁହେଁ । ମୋଟ ଉପରେ ମାନବିକତା ଦୃଷ୍ଟିରୁ ଯାହା ଯାହା କରଣୀୟ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଥିଲା । କିନ୍ତୁ ରକ୍ଷଣଶୀଳ ବ୍ରାହ୍ମଣ ଶାସନର କେନ୍ଦ୍ର-ଭୂମିରେ ଏଇ ବିଦ୍ୟାଳୟ ପ୍ରତିଷ୍ଠିତ ଥିବାରୁ ପଙ୍କ୍ତି ଭୋଜନ ବ୍ୟବସ୍ଥାରେ ସ୍ଥାନୀୟ ଶାସନୀ ଲୋକେ ଅସନ୍ତୁଷ୍ଟ ହୋଇଉଠିଲେ । ପୁଣି ନୀଳକଣ୍ଠଙ୍କ ନିଶ ରଖିବା ଦେଖି ବ୍ରାହ୍ମଣ ପଣ୍ଡିତମାନେ ଆଉ ସହି ପାରିଲେ ନାହିଁ । ଫଳରେ ବିଦ୍ୟାଳୟ ଘର ସହିତ - ମୂଲ୍ୟବାନ ଲାଇବ୍ରେରୀଟିକୁ ମଧ୍ୟ ପୋଡ଼ିଦେଲେ— କେତେକ ଦୁର୍ବୃତ୍ତ । ନିଶ ରଖିବାକୁ କେନ୍ଦ୍ର କରି ନୀଳକଣ୍ଠଙ୍କ ଉପରେ ସାମାଜିକ ଅତ୍ୟାଚାର ଚାଲିଲା । ଏଥିପାଇଁ କେତେକ ପଣ୍ଡିତ ଅତ୍ୟାଚାର ମାତ୍ରା ବଢ଼ାଇବାପାଇଁ ଭାର୍ଗବୀ କୂଳସ୍ଥ କପିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ଜାତିଅଣ ସଭା ବସାଇଲେ । ନୀଳକଣ୍ଠଙ୍କ ଶାସ୍ତ୍ରୋକ୍ତ ଯୁକ୍ତି ତର୍କରେ ପଣ୍ଡିତ-

Digitized by PPRACHIN, SOA

ମନ୍ତ୍ରୀଙ୍କ ସଭା ପଣ୍ଡ ହୋଇଗଲା । ନିଶକୁ ପୋଡିବାପାଇଁ ପୁରୀରୁ "ପ୍ରଦୀପ" ନାମରେ ଗୋଟିଏ ସାମୟିକ ପତ୍ର (ମାସିକ ପତ୍ର ଆକାରରେ) ଆବିର୍ଭାବ ହେଲା । ଗୃହୁଁ ଗୃହୁଁ କେତେକ ମାସ ପରେ ସେଇ ପତ୍ରିକାର ତିରୋଭାବ ମଧ୍ୟ ଘଟିଲା । 'ନିଶ' ଆନ୍ଦୋଳନ ବିରୋଧରେ ନୀଳକଣ୍ଠ ସେ ସମୟରେ "ମୁକୁର" ମାସିକ ପତ୍ରରେ ଦୁଇଟି ରଙ୍ଗରହସ୍ୟ ମୂଳକ ପ୍ରବନ୍ଧ ଲେଖିଥିଲେ । ପାଠକମାନଙ୍କ କୌତୁହଳ ଚରିତାର୍ଥ ପାଇଁ ସେଥିରୁ କିୟଦଂଶ ତଳେ ଦିଆଗଲା ।

"ମୋ ନିଶ"

(୧)

"ଜାଣିପୁ କୁସଂସ୍କାର ! ତାହାକୁ ନମସ୍କାର,
ନାହିଁ ତହିଁରେ କିଛି କାରଣ ହେ ।"

ବାଲୁକେଶ୍ୱର ମିଶ୍ର

"ପାଠକେ ଶିରୋନାମା ଦେଖି ବିଚିତ୍ର ମଣିବେ ନାହିଁ ।" ପାଠ କହୁଚି —

"କାଠୋହିଁ ସୁମନଃ—ସଙ୍ଗାଦାରୋହନ୍ତି ସତାଂ ଶିରଃ !"

"ଯେଉଁ କଦଳୀ ପଟରେ ଫୁଲ ଗୁନ୍ଥା ହୋଇଥାଏ, ସେ କଦଳୀପଟ ବି ଫୁଲ ସଙ୍ଗେ ଦିଅଁଙ୍କ ମୁଣ୍ଡରେ ଚଢେ । ମଲାବେଳେ ଈଶ୍ୱର ସ୍ମରଣ କଲେ, ବିଷ୍ଣୁପଦ ଲାଭହୁଏ ବୋଲି ବିଶ୍ୱାସ । ତେଣୁ "ଶବ" ମସ୍ତକରେ ଈଶ୍ୱର ନାମ ଲେଖାହୁଏ । ତା' ପୁଣି କାଳିରେ ନୁହେଁ, ମାଟିରେ । ସେ ମାଟି ପୁଣି ଗଙ୍ଗାନଦୀର ପଙ୍କ ହେବା ଦରକାର । ତାହା ନହେଲେ ଈଶ୍ୱର ଅପବିତ୍ର ହେବେ, କି ଅବା ଶବ ଅପବିତ୍ର ହେଲେ, ଈଶ୍ୱର ଆଖି ଫେରେଇବେ, ତାହା ଏ ପର୍ଯ୍ୟନ୍ତ ଲେଖକଙ୍କୁ ଜଣାନାହିଁ । ଫଳ କଥା, ଯାହା କିଛି ଦିନ ହେଲା କରାହୋଇ ଆସୁଅଛି, ତାହାହିଁ ଠିକ୍ ହେଉପରି କରୁଛୁଁ ବୋଲି ବିଶ୍ୱାସ କରିବାକୁ ହେବ, ତାହାକୁହିଁ ଈଶ୍ୱରୋପଦେଶ ବୋଲି ମାନିବାକୁ ହେବ—ନହେଲେ ଧର୍ମର ରହିବା ସ୍ଥାନ ଆଉ ନାହିଁ । ଏ ସବୁ ବାଜେ କଥା । ଏଥର ଅସଲ କଥା ଟିକିଏ ଶୁଣନ୍ତୁ ।

Digitized by PPRACHIN, SOA

"ପାଠକ ମହାଶୟମାନେ, ଆପଣମାନେ କହିବେ, ପୃଥିବୀରେ ବିଶେଷତଃ କକେଶୀୟ ଆର୍ଯ୍ୟମାନଙ୍କ ମଧ୍ୟରେ ପୁରୁଷମାନଂକର ନ୍ୟୁନାଧିକ ପରିମାଣରେ ସମସ୍ତଂକର ନିଶ ଅଛି । ଲେଖକର ନିଶଟାରେ କି ମହାବିଶେଷତା ଅଛି ଯେ, ସେ ବୃଥାରେ ଆମ୍ଭ ଦେଶର ଗୋଟିଏ ମୂଲ୍ୟବାନ କାଗଜ ଓ ଆମ୍ଭମାନଂକର ମହାର୍ଘ ସମୟ ନଷ୍ଟ କରୁଛି । ସମସ୍ତଂକ ନିଶପରି ଏହା ଯୌବନରେ କଳା, ନାକ ତଳକୁ ଅଛି— ତେବେ କାହିଁରିବା ଚୋଉଲିଛନ୍ତି, ମୋର ନୁହେଁ । ତାହା ନୁହେଁ ବୋଲି ଯେ ମୋ ନିଶଟା ଅଦ୍ଭୁତ ତତ୍ତ୍ୱ ସମୂହର ଭୌତିକ ଅବତାର, ମୁଁ ତାହା କହୁନାହିଁ ।

"ଲୁଗା ପିନ୍ଧିବା, ପାଇଖାନାକୁ ଯିବା, ଭାତ ଖାଇବା, ଗାଧୋଇବା କ୍ଷୌରହେବା ଇତ୍ୟାଦି ବ୍ୟକ୍ତିଗତ ରୁଚିର କଥା । ସେହି ରୁଚି ହେତୁରୁ ହେଉ ବା ଅନ୍ୟ କୌଣସି ବିଶିଷ୍ଟ କାରଣରୁ ହେଉ, ମୋର ନିଜର ଇଚ୍ଛାରେ ବା ସୁବିଧା ପାଇଁ କଲିକତାରେ ଏମ୍. ଏ. ପଢ଼ିଲାବେଳେ ମୁଁ ଦାଢ଼ିଟାକୁ କାଟି ସଫା କରିଦେଲି, ନିଶଟା ଥାଏ, କେତେଦିନ ଗଲା ଗଲା । ମୁଁ ଗ୍ରାମକୁ ଆସିଲି, ଦେଖିଲି ଯେ ଲୋକେ ଅନାହୂତ ଭାବରେ ମୋପାଇଁ ପ୍ରାୟଶ୍ଚିତ୍ତ ବ୍ୟବସ୍ଥା ଯେମିତି ପ୍ରସ୍ତୁତ । ବିସ୍ମରିଲି ଏକି ଅଦ୍ଭୁତ କଥା, ମୁଁ ତ ଏ ନିରକ୍ଷର ବେଦଶାସ୍ତ୍ର ବିଶାରଦ ମାନଙ୍କୁ କେବେ ବିନା ଅର୍ଥ ଲୋଭରେ ବ୍ୟବସ୍ଥା ଦେବା ଦେଖିନାହିଁ । ମୋର ଧର୍ମ ରକ୍ଷା ଲାଗି ଏମାନେ ସ୍ୱତଃ ଏତେ ବିବ୍ରତ କାହିଁକି ? ମୋର କ୍ଷୁଦ୍ର ଜୀବନରେ ମୁଁ ଆମ୍ଭ ଗ୍ରାମରେ ପାଣି ଧୋଇବାର 'ମାଛୁଆ ପାତକ'ଠାରୁ ଆରମ୍ଭ କରି କେଳା ବେଡ଼ିହେବାର 'ଗୋବଧ' ପର୍ଯ୍ୟନ୍ତ ବହୁତ ମହାପାପର ପ୍ରାୟଶ୍ଚିତ୍ତ ଦେଖିଅଛି । ଅବଶ୍ୟ ବ୍ରାହ୍ମଣାଦି ଉଚ୍ଚ ଜାତିଙ୍କ କଥା ସ୍ୱତନ୍ତ୍ର । ସେମାନଙ୍କର ଗାୟତ୍ରୀ ଜପ ଅଛି, ନାକ ରୁନ୍ଧି ପ୍ରାଣାୟାମରୂପ ମହାଲୋକହିତକର କାର୍ଯ୍ୟ ଅଛି ।

Digitized by PPRACHIN, SOA

"ବର୍ତ୍ତମାନ ପ୍ରାୟଶ୍ଚିତ୍ତ ବଧିକଥା । ମୁଁ ଦେଖି ଆସୁଥିଲି ବ୍ରାହ୍ମଣ-ମାନେ ପାପୀର ଅନୁସନ୍ଧାନ କରି ନାନା ଭାବରେ ତାକୁ ବାଧ୍ୟ କରି ମଧ୍ୟ ଭା'ଠାରୁ ଅବସ୍ଥାନୁସାରେ ୫୧୮ଙ୍କା ଠାରୁ ଅଠର ପଇସା ଏବଂ କି ଅଠର ସଂଖ୍ୟକ ପାହୁଲା ନେଇ ଶୂଦ୍ରମାନଙ୍କୁ ବ୍ୟବସ୍ଥା ଦିଅନ୍ତି । ଉପଦ୍ଧତ ଧାର୍ମିକଙ୍କର ପାପ ଏପରି ଟଙ୍କାରେ ପଡ଼ିବା ମୁଁ କେବେଁ ଦେଖିନାହିଁ । ତେବେ ମଧ୍ୟ କଳିରେ ବର୍ତ୍ତମାନ ସ୍ୱତନ୍ତ୍ର ବିଧାନ ଦେଖିବାକୁ ହେଲା । ନିରକ୍ଷର ଶାସ୍ତ୍ରଜ୍ଞଙ୍କଠାରୁ ଆରମ୍ଭ କରି ଊର୍ଦ୍ଧ୍ୱ ବର୍ଷର ଚତୁଷ୍ପଥ ପର୍ଯ୍ୟନ୍ତ ବ୍ୟାପି ଅଭିଧାନ, ବ୍ୟାକରଣ, ସନ୍ଧିସୂତ୍ର ସୁଦ୍ଧା କଣ୍ଠସ୍ଥ କରିଥିବା ମହାମାନ୍ୟ ପଣ୍ଡିତ ମହାଶୟଙ୍କ ପର୍ଯ୍ୟନ୍ତ ବେଦ, ବେଦାଙ୍ଗ, ସାଙ୍ଖ୍ୟ, ଯୋଗ, ବେଦାନ୍ତ, ନ୍ୟାୟଶାସ୍ତ୍ର, ପୁରାଣସ୍ମୃତି ଏପରିକି ପାଣିନୀଙ୍କ ଅଷ୍ଟାଧ୍ୟାୟୀ ପ୍ରଭୃତି ଗ୍ରନ୍ଥମାନଙ୍କରୁ ଚୂଡ଼ାନ୍ତ ଯୁକ୍ତି ସବୁ ସଂଗ୍ରହ କରି, ମୋ ପାଇଁ ବିନା ଖର୍ଚ୍ଚରେ ପ୍ରାୟଶ୍ଚିତ୍ତ ବିଧାନ କରିବାକୁ ପ୍ରସ୍ତୁତ । "

ନିଶ

(୨)

(ଅଙ୍ଗନ୍ୟାସ କରନ୍ୟାସ ପ୍ରଭୃତି ନାଗରୀ ଅକ୍ଷରରେ ଛପାହୋଇ ଦାହାରିଥିଲା, ସୁବିଧାପାଇଁ ଏସବୁ ଓଡ଼ିଆ ଅକ୍ଷରରେ ଲେଖାଗଲା । ଲେଖକ) ।

"ଓଁ ବ୍ରହ୍ମର ବୁଡ଼ିଗଲା ମନ୍ତ୍ରସ୍ୟ, ଜାତି ପାଠକ ଋଷିଃ, ଅନେକଦେବା ଛନ୍ଦଃ, ଈର୍ଷାବୀଜଂ, ଫୁସଲା ଶକ୍ତି, ଭଙ୍ଗସ୍ୱଲ୍ପେ ଠେଙ୍ଗା କୟେ.ଜନଂ କୀଳକଂ, ବଡ ବଡ ଉପାଧିଦେବତା, ନିର୍ଣଧାଙ୍କ ସଗୋତ୍ରସ୍ୟ ମମ ଅଯଥା ପ୍ରଘାପନେ ଅଜ୍ଞାତ ବଶୁତ ନିଶସ୍ତ୍ରବାରମ୍ଭେ ବିନିଯୋଗଃ ।

ଓଁ ଗଲା ଅଙ୍ଗୁଷ୍ଠାଭ୍ୟାଂ ନମଃ, ବୁଡ଼ି ତର୍ଜନୀଭ୍ୟାଂ ସ୍ୱାହା, ସବୁ ମଧ୍ୟମାଭ୍ୟାଂ ବୌଷଟ୍, କଅଁଳ ତି ନିଶ ପିନା ଅନାମିକାଭ୍ୟାଂ ହୁଁ, ବ୍ରାହ୍ମଣ ଧର୍ମସଂପଦଃ କନିଷ୍ଠାଭ୍ୟାଂ ବୌଷଟ୍, କୁଳାଗ୍ନିର କୁଳନିର୍ଯ୍ୟାକର -- ତଳକର ପୃଷ୍ଠାଭ୍ୟାଂଫଟ୍ ।

Digitized by PPRACHIN, SOA

ଏବମଙ୍ଗନ୍ୟାସଃ
ଧ୍ୟାନଂ

ଓଁ ଧେୟଃ ସଦା ମକାରମଣ୍ଡଳ ମଧ୍ୟବର୍ତ୍ତୀ, ଉଜ୍ଜ୍ୱଳ ସୂତ୍ରଧାରୀ, ଦେବୀପ୍ରସାଦାତ୍ ସୁରକ୍ଷତ୍ ପ୍ରତାପଃ ।

ଜପମନ୍ତ୍ରଃ -- ଓଁ ଗଲ ବୁଡ଼ ସବୁ, କଣ୍ଠା ଦାଢ଼ି ନଶେ ସନା
ବ୍ରାହ୍ମଣ ଧର୍ମ ସଂପଦ କୁଳାଗ୍ରଜ କୁଳକନ୍ୟୁଃ । ଓଁ
ଇତି (ଗାୟତ୍ରୀ ଛନ୍ଦସ୍ୟ) ଶତମଷ୍ଟୋତ୍ତରଂ ଜପେତ୍ ।

ହେ ନଶ, ହେ ଆର୍ଯ୍ୟଲକ୍ଷଣ, (କକେଶୀୟ ଆର୍ଯ୍ୟମାନଙ୍କ ବ୍ୟତୀତ ପୃଥିବୀରେ ଅନ୍ୟମାନଙ୍କର ପ୍ରାପ୍ୟ ନଶ ହୁଏ ନାହିଁ ।)
ହେ ପୌରୁଷ, ହେ ଘନଶ୍ୟାମ, ତୁମେ ଅଯଥା ମୋତେ ମହାନ୍ କରୁଅଛ କି ଶୁଭ ମୁହୂର୍ତ୍ତରେ ମୁଁ ତୁମ୍ଭର ଆରାଧନା କରିଥିଲି, ତୁମ୍ଭ ଯୋଗେ ମୁଁ ଧନ୍ୟ ହୋଇଅଛି, ତୁମ୍ଭ ହେତୁରୁ ଆଜ ଶତ ଶତ ଲୋକେ ଦୂର ଦେଶରୁ ମୋର ଦର୍ଶନାଭିଳାଷୀ ହୋଇ ଆସୁଛନ୍ତି । କେତେଲୋକ ଇହ ସଂସାରରେ ତୁମ୍ଭର ସେବା କରୁନାହାନ୍ତି ? କିନ୍ତୁ ମୋ ପ୍ରତି ତୁମ୍ଭେ ଏତେ ସଦୟ କାହିଁକି ? ମୁଁ ଅଧମ, ତୁମ୍ଭର କୃପାଦୃଷ୍ଟିର ମୁଁ କି ପ୍ରତିଦାନ ଦେବି ? ବରଂ ହୀନ ବିଶ୍ୱାସଘାତକ ଅଭକ୍ତ ମନୁଷ୍ୟର ଯାହା କାର୍ଯ୍ୟ, ମୁଁ ତାହାହିଁ କରୁଅଛି । କିଛିଦିନ ପୂର୍ବେ ତୁମ୍ଭଠାରେ ମୋର ଯେ ମମତା ଥିଲା, ଆଜ ତୁମ୍ଭଠାରେ ସେ ମମତା ନାହିଁ, ପୂର୍ବ ପ୍ରବନ୍ଧର ନାମ ଥିଲା "ମୋ ନଶ" ଏ ପ୍ରବନ୍ଧରେ ଖାଲି 'ନଶ" । ମନୁଷ୍ୟର ମମତା ପୃଥିବୀରେ କେତେଦିନ ବା ରହେ ? ମୁଁ ଦୁର୍ବଳ ମନୁଷ୍ୟ, ମୋତେ କ୍ଷମା ଦିଅ । ମୁଁ ବାସ୍ତବିକ ବଡ଼ ଅହଙ୍କାରୀ, ମୁଁ ଭାବିଥିଲି, ମୁହିଁ କେବଳ ତୁମ୍ଭର ଓଡ଼ିଶାର ବ୍ରାହ୍ମଣ ନାମଧାରୀ ମଧ୍ୟରେ ଏକମାତ୍ର ଭକ୍ତ । ତେଣୁ ତୁମ୍ଭଠାରେ ସେହି ଅହଙ୍କାରରେ ବଡ଼ ମମତା ରଖିଥିଲି । ହେ କୃଷ୍ଣରୂପି, ହେ ଆର୍ଯ୍ୟନିବାସ, ହେ ବୀରକେତୁ, ତୁମ୍ଭର ଅନନ୍ତ ମହିମା କୀର୍ତ୍ତନ କରିବାକୁ ମୋର କି ଶକ୍ତି ? ମୁଁ ତୁମ୍ଭର ଗୋଟିଏ ଭକ୍ତ, ମୋତେ ଦୟାକର ।"

Digitized by PPRACHIN, SOA

ବିଦ୍ୟାଳୟ ଘରପୋଡ଼ି :

ପୂର୍ବରୁ କୁହାଯାଇଛି, ସ୍କୁଲ ଘରଟିକୁ କେତେକ ଦୁର୍ବୃତ୍ତ ପୋଡ଼ି-ଦେଲେ । ସ୍କୁଲଟି ପୋଡ଼ି ନାରଖାର ହେବାର ସମ୍ବାଦ ପାଇ ଗୋପବନ୍ଧୁ ବାଣପଦାରୁ ସତ୍ୟବାଦୀ ଆସିଲେ । ଗୋପବନ୍ଧୁ ବିମର୍ଷ ନହୋଇ କହିଥିଲେ —"ଭଗବାନଙ୍କର ଇଚ୍ଛା ବୋଧହୁଏ—ଏ ବିଦ୍ୟାଳୟପାଇଁ କୋଠାଘର ହେବ ।" ସ୍କୁଲଟି ପୋଡ଼ିଗଲା, ତା'ଆରଦିନ ପିଲେ ପଢ଼ିବେ କେଉଁଠି ? ଶିକ୍ଷକ ଓ ଛାତ୍ରମାନଙ୍କ ଅଦ୍ଭୁତ ଉତ୍ସାହରେ ରାତିକ ମଧ୍ୟରେ କୁଞ୍ଜରେ ଛାମୁଣ୍ଡିଆ ହୋଇଗଲା । ଲୋକମାନେ ଭାବିଥିଲେ ବୋଧ-ହୁଏ ସ୍କୁଲଟି କିଛିଦିନପାଇଁ ବନ୍ଦ ହୋଇଯିବ କିନ୍ତୁ ତା'ପରଦିନ ସକାଳେ ବିଦ୍ୟାଳୟ କାର୍ଯ୍ୟ ପୂର୍ବପରି ଚାଲିଲା, ନୀଳକଣ୍ଠଙ୍କ ଶ୍ରେଷ୍ଠ ବ୍ୟକ୍ତିତ୍ୱ ଓ ପ୍ରେରଣା ବଳରେ ଏହି ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଚାନ୍ଦା, ଭେଦା କରିବା, ଗୃହ ନିର୍ମାଣର ଉପକରଣ ସଂଗ୍ରହରେ ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ବହୁ ସମୟ ବ୍ୟୟିତ ହେଉଥିଲା । ସ୍କୁଲ ପାଇଁ କୋଠାଘର ଓ ଛାତ୍ରାବାସ ନିମିତ୍ତ ଚାଳଘର ଅଳ୍ପ ସମୟ ମଧ୍ୟରେ ନିର୍ମିତ ହୋଇଗଲା । ବାଉଁଶ ପ୍ରଭୃତି ଉପକରଣ ସବୁ ଷ୍ଟେସନରୁ ବୋହିବାପାଇଁ ସ୍କୁଲର ଛାତ୍ର ଓ ସମସ୍ତ ଶିକ୍ଷକ ଧାଡ଼ି ବାନ୍ଧି ଶୃଙ୍ଖଳାରେ କାର୍ଯ୍ୟ କରିବା ଦେଖି, ସ୍ଥାନୀୟ ଜନସାଧାରଣଙ୍କ ସୁଦୃଷ୍ଟି ଏହି ଆଶ୍ରମ —ସ୍କୁଲରେ ପଡ଼ିବା ସ୍ୱାଭାବିକ ! ନୀଳକଣ୍ଠ ସେତେବେଳେ ସ୍କୁଲର ହେଡ୍‌ମାଷ୍ଟର । ତାଙ୍କର ଇଙ୍ଗିତରେ ଏ ସବୁ କାର୍ଯ୍ୟ ଚାଲୁଥାଏ । କୋଠାଘର ତିଆରି ଶେଷ ହେବାପରେ ପଣ୍ଡିତ ଗୋପବନ୍ଧୁ, ନୀଳକଣ୍ଠ ପ୍ରଭୃତି ଶିକ୍ଷକମାନଙ୍କସହିତ ବିମର୍ଶ କରି ସ୍ଥିର କଲେ ଯେ— ବର୍ଷା-ଦିନପରେ ପଢ଼ାପଢ଼ି କୋଠାଘରେ ହେବ, ଅବଶିଷ୍ଟ ସମୟ ଚିର ଶ୍ୟାମଳ ମଞ୍ଜୁ ବକୁଳ ଛୁଞ୍ଚିଅନା କୁଞ୍ଜରେ ମୁକ୍ତ ଆକାଶ ତଳେ ତପୋ-ବନ ରୀତିରେ ଅଧ୍ୟାପନା କାମ ଚାଲିବ । ତାହା ହିଁ ହେଲା ! ଏପରି ନୂତନ ରୀତିରେ ବିଦ୍ୟାଳୟର ସୁଖ୍ୟାତି ଚାରିଆଡ଼େ ବ୍ୟାପିଗଲା । ବହୁ ଶିକ୍ଷାବିତ୍

Digitized by PPRACHIN, SOA

ଓ ଉଚ୍ଚ ପଦସ୍ଥ ବ୍ୟକ୍ତି ବିଦ୍ୟାଳୟ ଦେଖିବା ପାଇଁ ଆସିଲେ । କିନ୍ତୁ ବିଦେଶୀ ଇଂରେଜ ସରକାର ଭାବିଲେ—ଏଠାରେ ରାଜଦ୍ରୋହୀ ଲୋକ ଗଢ଼ାହେଉଛନ୍ତି ! ତେଣୁ ସ୍କୁଲ୍‌ଟି ସରକାରୀ ମଞ୍ଜୁରି ପାଇବାରେ ଅଯଥା ବିଳମ୍ବ ଘଟିଲା । ମାତ୍ର ଏହି ତ୍ୟାଗୀ ଦଳଙ୍କ ଏକନିଷ୍ଠ ସାଧନା ଯୋଗୁଁ ସ୍କୁଲର ଛାତ୍ରମାନଙ୍କୁ ପରୀକ୍ଷା ଦେବାପାଇଁ ମଞ୍ଜୁରି ମିଳିଗଲା । ସେ ସମୟରେ ସ୍କୁଲର ପ୍ରଧାନ ଶିକ୍ଷକ ନୀଳକଣ୍ଠ, ସହକାରୀ ଶିକ୍ଷକଙ୍କ ମଧ୍ୟରେ ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ ବାସୁଦେବ ଓ ମନ୍ତ୍ରୀ ରାମଚନ୍ଦ୍ରଙ୍କ ନାମ ଉଲ୍ଲେଖ ଯୋଗ୍ୟ । କିଛି ଦିନ ପରେ 'ରୁକ୍ମିଣୀ ପରିଣୟ', 'ଲକ୍ଷ୍ମୀ ପରିଣୟ' ସଂସ୍କୃତ କାବ୍ୟର ଲେଖକ ସ୍ୱନାମଧନ୍ୟ ପଣ୍ଡିତ ଭୁବନେଶ୍ୱର ରଥ ସଂସ୍କୃତ ଅଧ୍ୟାପନା ପାଇଁ ସ୍କୁଲରେ ଯୋଗଦେଲେ । ଏହିମାନଙ୍କ ଯୋଗେ ଏହି ତପୋବନ ବିଦ୍ୟାଳୟଟି କେବଳ ଓଡ଼ିଶା କାହିଁକି, ଭାରତରେ ସର୍ବତ୍ର ଶ୍ରଦ୍ଧା ଓ ଆଦର ପାଇଲା । ଏପରିକି ସୁଦୂର ବିଲାତବାସୀ ମୁକ୍ତ ଆକାଶତଳେ ଅଧ୍ୟାପନା ରୀତିକୁ ପ୍ରଶଂସା କରିବାରେ ଲାଗିଲେ । ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ସ୍କୁଲ୍ ଆଶାତୀତ ଫଳ ଦେଖାଇଥିବା କଥା କହିବା ଅନାବଶ୍ୟକ । ଥରେ କୁଳବୃଦ୍ଧ ମଧୁସୂଦନ ଗୋପବନ୍ଧୁଙ୍କୁ କହିଲେ, "ତୁମେ ଗୋଟିଏ ନାଳନ୍ଦା ଗଢ଼ିଦେଲ ।" ଉତ୍ତରରେ ଗୋପବନ୍ଧୁ ସଙ୍ଗେ ସଙ୍ଗେ କହିଲେ, "ମୁଁ ନୁହେଁ—ନୀଳକଣ୍ଠ ।"

ଏହି ବନବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟର ତିନିଜଣ ଉଚ୍ଚ ଉପାଧିଧାରୀ ରହିଥିବାରୁ ୧୯୧୮ ମସିହାରେ ସ୍ଥିର କରାଗଲା, ଜଣକ ପରେ ଜଣେ ପ୍ରଧାନ ଶିକ୍ଷକ ହେବେ । ନୀଳକଣ୍ଠ ୧୯୧୧ରୁ ୧୯୧୮ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ହୋଇ ରହିଥିଲେ । ତା'ପରେ ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁ ହେଡ୍‌ମାଷ୍ଟର ହେଲେ । ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ କୁଳବୃଦ୍ଧ ମଧୁସୂଦନ ବକ୍ତୃତା ପ୍ରସଙ୍ଗରେ କହିଥିଲେ—"ସତ୍ୟବାଦୀରେ ଗୋପବନ୍ଧୁ, ନୀଳକଣ୍ଠ ତ୍ରିପୋଟି ଗନ୍ତୁ

Digitized by PPRACHIN, SOA

ନାହାନ୍ତି, ଗଢ଼ୁଛନ୍ତି, ପ୍ରକୃତ ମନୁଷ୍ୟ । ଉତ୍କଳବାସୀ ସମସ୍ତେ ତାଙ୍କୁ ସବୁମନ୍ତେ ସାହାଯ୍ୟ କରିବା ଦରକାର । ” ଏଇ ବିଦ୍ୟାଳୟର ଆନୁପୂର୍ବିକ ସମସ୍ତ ଘଟଣା ବର୍ଣ୍ଣନାର ଏସ୍ଥଳ ନୁହେଁ, ଅବକାଶ ମଧ୍ୟ ନାହିଁ । ମୋଟଉପରେ ଏଇ ବିଦ୍ୟାଳୟର ଅମ୍ଭାସ୍ୱରୂପ ଥିଲେ-ପଣ୍ଡିତ ନୀଳକଣ୍ଠ । ତାଂକ ପ୍ରଚଣ୍ଡ ପ୍ରତିଭାର କଥା ପର ପୃଷ୍ଠା ମାନଂକରୁ ଜଣା ପଡ଼ିବ ।

ଜାତୀୟ ସାହିତ୍ୟର ବିକାଶ ଦିଗରେ ଛାତ୍ରମାନଙ୍କୁ ତାଲିମ କରିବା ପାଇଁ ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପାଦକତ୍ୱରେ ‘ସତ୍ୟବାଦୀ’ ମାସିକପତ୍ରର ପ୍ରତିଷ୍ଠା କରାଗଲା । ଏଥିରେ ଶିକ୍ଷକଙ୍କ ବ୍ୟତୀତ ଛାତ୍ରମାନଙ୍କ ସାହିତ୍ୟିକ ସାଧନାପାଇଁ ‘ଛାତ୍ର ବିଭାଗ’ ରହିଲା । ଏଇ ପତ୍ରିକାଟି କେବଳ ଛଅଟିବର୍ଷ ପରେ ବନ୍ଦ ହୋଇଗଲା । ୧୯୧୯ ମସିହା କୁମାର ପୂର୍ଣ୍ଣିମା ଦିନ ଗୋପବନ୍ଧୁଙ୍କ ସମ୍ପାଦକତ୍ୱରେ ପ୍ରଥମେ ପ୍ରକାଶ ପାଇଲା—ସତ୍ୟବାଦୀରୁ ‘ସାପ୍ତାହିକ ସମାଜ’ ।

ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ସେବା :

କେବଳ ସତ୍ୟବାଦୀରେ ଦେଶରେ ଶିକ୍ଷା ପ୍ରସାର ପାଇଁ ନୀଳକଣ୍ଠ ତନ୍ମୟ ନଥିଲେ, ତାଙ୍କର ବହୁମୁଖୀ ଦେଶସେବା ସତ୍ୟବାଦୀ ପୀଠରୁ ଆରମ୍ଭ ହୋଇଥିଲା । ୧୯୧୯-୨୦ରେ ପୁରୀଜିଲ୍ଲା ଉତ୍ତର ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଲା । ପଣ୍ଡିତ ଗୋପବନ୍ଧୁ ଲାଟ ସଭାରେ ଏ ଅଞ୍ଚଳର କରୁଣ—କାହାଣୀ ଯେପରି ବର୍ଣ୍ଣନା କରିଥିଲେ, ସେଥିରେ ଲାଟସାହେବ ବିଚଳିତ ହୋଇପଡ଼ିଲେ । ଗୋପବନ୍ଧୁଙ୍କ ଦୁର୍ଭିକ୍ଷ ବର୍ଣ୍ଣନା କାହାଣୀକୁ ‘ତିଳକୁ ତାଳ’ ବୋଲି କହି ତଦାନୀନ୍ତନ ଓଡ଼ିଶା ବିଭାଗର କମିଶନର୍ ଗ୍ରୁନଂସାହେବ ଗୋପବନ୍ଧୁଙ୍କୁ ଅପଦସ୍ତ କରିବାପାଇଁ ବହୁ ଷଡ଼ଯନ୍ତ୍ର କଲେ । ପଣ୍ଡିତ ନୀଳକଣ୍ଠ ଗ୍ରୁନଂସାହେବଙ୍କ ରିପୋର୍ଟ ଉପରେ ଯେଉଁ କଠୋର ସମାଲୋଚନା ନିର୍ଭୀକ ଭାବରେ କରିଥିଲେ, ତା’ ସେ ସମୟରେ ଶାସକଗୋଷ୍ଠୀ ଓ ଶିକ୍ଷିତ ବ୍ୟକ୍ତିଙ୍କ ଆଖି ଖୋଲି ଦେଇଥିଲା । ସେ

Digitized by PPRACHIN, SOA

ସମ୍ୱଲପୁର ଲର୍ଡ଼୍ ସାର୍ ଏଡ୍‌ୱାର୍ଡ ଗେଟ୍ ଦୁର୍ଭିକ୍ଷ ଅଞ୍ଚଳର କରୁଣ ଦୃଶ୍ୟ ପ୍ରତ୍ୟକ୍ଷ କରିବାକୁ ଆସି ଗୋପବନ୍ଧୁଙ୍କୁ କହିଥିଲେ—"ସରକାରଙ୍କର ଯାହା କରିବା କଥା, ତା' କରିପାରି ନାହିଁ।" ନୀଳକଣ୍ଠ ପ୍ରମୁଖ ସତ୍ୟବାଦୀର ଶିକ୍ଷକମାନେ ସେତେବେଳର ଇଂରେଜ ସରକାରଙ୍କୁ ପ୍ରକୃତ ତଥ୍ୟ ଜଣାଇବା ପାଇଁ ଯେଉଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିଥିଲେ, ତାହା ଓଡ଼ିଶାବାସୀଙ୍କ ହୃଦୟର ଗୋଟିଏ ସ୍ପନ୍ଦନପୂର୍ଣ୍ଣ ଘଟନା ବୋଲି କହିବା ବାହୁଲ୍ୟ ମାତ୍ର।

କଲିକତା ବିଶ୍ୱବିଦ୍ୟାଳୟରେ ନୀଳକଣ୍ଠ :

ସତ୍ୟବାଦୀ ବିଦ୍ୟାଳୟର ଉଚ୍ଚ ଆଦର୍ଶ କଥା ଶୁଣି, କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜି ୧୯୧୭ ମସିହା ଜୁନ୍ ମାସରେ ସତ୍ୟବାଦୀ ଆସିଲେ। ବକୁଳ ବିଦ୍ୟାଳୟର ପଠନପାଠିରେ ବିଶେଷରେ ମନୀଷୀ ନୀଳକଣ୍ଠଙ୍କ ପ୍ରତିଭା ଓ ପାଣ୍ଡିତ୍ୟ ସନ୍ଦର୍ଶନ କରି ସେ ମୁଗ୍ଧ ହୋଇଥିଲେ ଏବଂ କହିଥିଲେ, "I wish every village in Bengal should posses such a school! ଅର୍ଥାତ୍ ବଙ୍ଗଳାର ପ୍ରତି ଗାଁରେ ଏପରି ଗୋଟିଏ ସ୍କୁଲ ହୁଅନ୍ତା କି!

ଉପରୋକ୍ତ ଦୁର୍ଭିକ୍ଷର ବିବରଣୀ (Report) ଛପାଇବା ନିମନ୍ତେ ପଣ୍ଡିତ ନୀଳକଣ୍ଠ କଲିକତାରେ ଅବସ୍ଥାନ କରୁଥିବା ବେଳେ କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ନିଜ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ ବିଭାଗରେ ଅଧ୍ୟାପନା କରିବା ପାଇଁ ନୀଳକଣ୍ଠଙ୍କୁ ସ୍ୱାଗତ ଜଣାଇଲେ। ପଣ୍ଡିତ ଗୋପବନ୍ଧୁଙ୍କ ପରାମର୍ଶ ଓ ଅନୁମତି ନେଇ ୧୯୨୦ ମସିହା ସେପ୍‌ଟେମ୍ବର ମାସରେ ପଣ୍ଡିତ ନୀଳକଣ୍ଠ କଲିକତା ବିଶ୍ୱବିଦ୍ୟାଳୟରେ ଯୋଗଦାନ କଲେ ଏବଂ ଅଳ୍ପ ସମୟ ମଧ୍ୟରେ ସେଠାରେ ବେଶ୍ ସୁନାମ ମଧ୍ୟ ଅର୍ଜନ କରିଥିଲେ। ମାତ୍ର ପ୍ରାୟ ସାତେ ଛଅମାସ ପରେ ଦେଶରେ ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ

Digitized by PPRACHIN, SOA

ହେଲା । ମହାତ୍ମାଗାନ୍ଧିଙ୍କ ଡାକକୁ ନୀଳକଣ୍ଠ ଏଡ଼ି ପାରିଲେ ନାହିଁ । କଲିକତାଠାରୁ ପଣ୍ଡିତ ଗୋପବନ୍ଧୁଙ୍କୁ ଟେଲିଗ୍ରାମ୍ କଲେ । ଗୋପବନ୍ଧୁ କଲିକତାରେ ପହଞ୍ଚନ୍ତେ, ସେ କଲିକତା ବିଶ୍ୱବିଦ୍ୟାଳୟର ସମସ୍ତ ମୋହ ତୁଟାଇ ୧୯୨୧ ଜାନୁଆରୀ ୬ତାରିଖ ଦିନ ଗୋପବନ୍ଧୁଙ୍କ ସହିତ ସମ୍ବଲପୁର ଗଲେ, ସେଠାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବା ନିମନ୍ତେ ।

ରାଜନୀତିରେ ନୀଳକଣ୍ଠ :

ସମ୍ବଲପୁର ଷ୍ଟେସନରେ ପହଞ୍ଚିବାକ୍ଷଣି ସେଠାଲୋକେ ଫୁଲମାଳ ଓ ମୁଣ୍ଡରେ ଚନ୍ଦନ, ସିନ୍ଦୂର ଦେଇ, ଶଙ୍ଖନାଦ ଓ ହୁଳହୁଳି ମଧ୍ୟରେ ଉଭୟ ନେତାଙ୍କୁ ଅଭ୍ୟର୍ଥନା କଲେ ଓ ସମଗ୍ର ସହର ଶୋଭାଯାତ୍ରାରେ ବୁଲାଇଲେ । ଖୁବ୍ ଉତ୍ସାହର ସହିତ ସ୍ୱାଧୀନତା ଆନ୍ଦୋଳନ ଚାଲିଲା । ପଣ୍ଡିତ ନୀଳକଣ୍ଠ 'ସେବା' ସାପ୍ତାହିକ ପତ୍ରିକା ଜରିଆରେ ଅସହ-ଯୋଗର ବାର୍ତ୍ତା ପ୍ରଚାର କଲେ—ସହରରେ ମଧ୍ୟେ ମଧ୍ୟେ ବିରାଟ ଶୋଭାଯାତ୍ରା ବାହାରୁଥିଲା । ଛାତ୍ର, ଶିକ୍ଷକ, ଓକିଲ, କର୍ମଚାରୀ ନୀଳକଣ୍ଠଙ୍କ

"ସ୍ୱରାଜ ଭାଇ ଅଲବତ୍ ହୋଗା
ଗୋରେଙ୍କେ ଆଓ ଗୋଲାମୀ,
ଭାରତ ଲଡ଼କା ଗୋଲାମ୍ ହୋକେ
କାହେ କର ବଦନାମୀ । "

ଆହ୍ୱାନରେ ସମସ୍ତେ ସ୍କୁଲ, କଲେଜ ଓ ଦପ୍ତରମାନ ଛାଡ଼ି ଚାଲି ଆସୁଥିଲେ । ସମ୍ବଲପୁର ଅଞ୍ଚଳରେ ବିରାଟ ଉନ୍ମାଦନା ଖେଳିଗଲା । ଏହି ସମୟରେ ପଣ୍ଡିତ ଗୋପବନ୍ଧୁଙ୍କ ସଭାପତିତ୍ୱରେ ଗଠିତ ଉତ୍କଳ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟଭାବରେ ସମ୍ବଲପୁର ଅଞ୍ଚଳରେ କଂଗ୍ରେସ କାର୍ଯ୍ୟର ଦାୟିତ୍ୱ ସେ ବହନ କରିଥିଲେ । ଏହା ସଙ୍ଗେ ସଙ୍ଗେ ପଣ୍ଡିତ ନୀଳକଣ୍ଠ ସେଠାରେ ଗୋଟିଏ ଜାତୀୟ ବିଦ୍ୟାଳୟ ସ୍ଥାପନ

Digitized by PPRACHIN, SOA

କରିଥିଲେ ଓ ପାଠପଢ଼ା ସହିତ ସେଥିରେ ଛାତ୍ରମାନଙ୍କ ସାହାଯ୍ୟରେ ସେ ଅଞ୍ଚଳରେ ବଇଜା ଓ ବସନ୍ତ ପ୍ରଭୃତି ରୋଗରେ ସେବା ଓ ସମାଜ ସେବା ମଧ୍ୟ କରୁଥିଲେ ।

ଅସହଯୋଗ ଆନ୍ଦୋଳନ ଫଳରେ ପ୍ରତିଷ୍ଠିତ ସତ୍ୟବାଦୀ ସ୍କୁଲର ଯେଉଁ ଛାତ୍ରମାନେ କଲେଜ ପରିତ୍ୟାଗ କରିଆସିଲେ, ସେମାନଙ୍କ ଶିକ୍ଷାପାଇଁ ଜାତୀୟ କଲେଜ ସତ୍ୟବାଦୀରେ ପ୍ରତିଷ୍ଠିତ ହେଲା । ଏଇ କଲେଜରେ ଅଧ୍ୟାପନା କରିବାପାଇଁ ଓ ପୁରୀ ଅଞ୍ଚଳରେ କଂଗ୍ରେସ କାର୍ଯ୍ୟ ଚଳାଇବାପାଇଁ ପଣ୍ଡିତ ନୀଳକଣ୍ଠଙ୍କୁ ସମ୍ବଲପୁରରୁ ସତ୍ୟବାଦୀ ଆସିବାକୁ ପଡ଼ିଥିଲା । ଓଡ଼ିଶାରେ ଏଇ ଅସହଯୋଗ ଆନ୍ଦୋଳନ କ୍ରମଶଃ ତୀବ୍ରତର ହେବାରୁ ପଣ୍ଡିତ ଗୋପବନ୍ଧୁ ପ୍ରଭୃତି ଜାତୀୟ ନେତାମାନେ କାରାରୁଦ୍ଧ ହେଲେ—ପଣ୍ଡିତ ନୀଳକଣ୍ଠ ମଧ୍ୟ ଜେଲ ବରଣ କଲେ ।

କେନ୍ଦ୍ର ବ୍ୟବସ୍ଥା ସଭାରେ ନୀଳକଂଠ :

ନେତାମାନଙ୍କର କାରାବାସ ଫଳରେ ଆନ୍ଦୋଳନରେ ଶିଥିଳତା ଆସିଗଲା—ଫଳରେ କଂଗ୍ରେସ ମଧ୍ୟରେ ୨ଟି ଦଳ ଦେଖା ଦେଲେ । ଶିଥିଳତା ସତ୍ତ୍ୱେ ଅସହ ଯୋଗରେ ଅଟଳ ବିଶ୍ୱାସ ଥିଲା (No-hanger) ଦଳର ଓ ପରିବର୍ତ୍ତନବାଦୀ (Pro-changer) ଦଳ ମତଥିଲା କେନ୍ଦ୍ର ଆସେମ୍ବ୍ଲିକୁ ଯାଇ ତା' ମାଧ୍ୟମରେ ଅମଲାତନ୍ତ୍ରକୁ ଅକାମୀକରି ତଦ୍ୱାରା ସ୍ୱରାଜ୍ୟ ପ୍ରାପ୍ତିର ଉଦ୍ୟମ କରିବା । ପଣ୍ଡିତ ମୋତିଲାଲ ଓ ଚିତ୍ତରଞ୍ଜନଙ୍କ ନେତୃତ୍ୱରେ ଭାରତରେ ସ୍ୱରାଜ ଦଳ ଗଢ଼ାଗଲା । ଏଇ ସ୍ୱରାଜ ଦଳ ଭାରତୀୟ ବ୍ୟବସ୍ଥା ସଭାକୁ ଯିବାର ଅଧିକାର କଂଗ୍ରେସରୁ ପାଇଲେ । ଓଡ଼ିଶାରୁ ପଣ୍ଡିତ ନୀଳକଣ୍ଠ ସ୍ୱରାଜ ଦଳର ସଭ୍ୟରୂପେ ବଡଲାଟ୍ କାଉନ୍‌ସିଲ୍‌କୁ ବହୁ ଭୋଟରେ ନିର୍ବାଚିତ ହେଲେ । ବଡଲାଟ୍‌ଙ୍କ କାଉନ୍‌ସିଲ୍‌ରେ ପଣ୍ଡିତ ମୋତିଲାଲ ସ୍ୱରାଜ ଦଳର ନେତା ହେବାପରେ ଭାରତୀୟ ବ୍ୟବସ୍ଥା ସଭାରେ ପଣ୍ଡିତ ନୀଳକଣ୍ଠଙ୍କ ଦକ୍ଷତା ଦେଖି

Digitized by PPRACHIN, SOA

ସେ ନୀଳକଣ୍ଠଙ୍କୁ ଉକ୍ତ ଦଳର ସମ୍ପାଦକ ରୂପେ ମନୋନୀତ କଲେ । ଏହି ବ୍ୟବସ୍ଥା ସଭାରେ ବହୁକାଳ ପର୍ଯ୍ୟନ୍ତ ରହି, ନୀଳକଣ୍ଠ ସୁନାମ ଅର୍ଜିଥିଲେ । ୧୯୨୬ ମସିହାରେ ନୀଳକଣ୍ଠ ପୁଣି ଥରେ କଂଗ୍ରେସ ତରଫରୁ ନିର୍ବାଚିତ ହେଲେ ଓ ତାର ୪ବର୍ଷ ପରେ ଆଉଥରେ ସ୍ୱାଧୀନ ଭାବରେ ନିର୍ବାଚିତ ହୋଇ ବଡଲାଟଙ୍କ ବ୍ୟବସ୍ଥା ସଭାକୁ ଯାଇଥିଲେ— ନିଜ ବ୍ୟକ୍ତିତ୍ୱ ବଳରେ ୧୯୩୦ ମସିହାରେ ।

୧୯୨୮ ମସିହାରେ ପଣ୍ଡିତ ଗୋପବନ୍ଧୁ ମାରାତ୍ମକ ଟାଇଫଏଡ଼୍ ଜ୍ୱରରେ ଆକ୍ରାନ୍ତ ହୋଇ ସତ୍ୟବାଦୀରେ ଶଯ୍ୟାଶାୟୀ ହେଲେ । ଏଇ ବର୍ଷଟି ଉତ୍କଳ ପକ୍ଷରେ ଦୁର୍ବର୍ଷ । ମୃତ୍ୟୁର ପୂର୍ବଦିନ ରାତିରେ ସତ୍ୟବାଦୀର ଅନ୍ୟାନ୍ୟ ସହକର୍ମୀଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ତାଙ୍କ ପାଖରେ ଥାନ୍ତି । ଗୋପବନ୍ଧୁ ମୃତ୍ୟୁ ଆସନ୍ନ ଜାଣି ନୀଳକଣ୍ଠଙ୍କୁ କହିଲେ— "ନୀଳକଣ୍ଠ, ବରାବର ମୋ ପାଖରେ ଥିବ ।" ତା ଆରଦିନ (ଜୁନ୍ ୧୭ ତାରିଖ) ସନ୍ଧ୍ୟା ୭ଟା ୨୫ ମିନିଟ୍‌ରେ ଦେଶପ୍ରାଣ ଗୋପବନ୍ଧୁଙ୍କର ପରଲୋକ ହୋଇଗଲା । ଏଇ ଦୁଃସମ୍ବାଦ ମହାତ୍ମାଗାନ୍ଧିଙ୍କୁ ଟେଲିଗ୍ରାମ୍ କରି ଜଣାଇଲେ—ପଣ୍ଡିତ ନୀଳକଣ୍ଠ । ମହାତ୍ମାଜୀ ଇୟଙ୍ଗ୍ ଇଣ୍ଡିଆରେ ଲେଖିଥିଲେ -- "ନୀଳକଣ୍ଠ ବାବୁଙ୍କ ଟେଲିଗ୍ରାମ୍‌ରୁ ଜାଣିଲି, ଗୋପବନ୍ଧୁ ଆଉ ନାହାନ୍ତି । ଜଣେ ପୁଣ୍ୟାତ୍ମା ଗଲେ ଚାଲିଗଲେ ।" ପଣ୍ଡିତ ନୀଳକଣ୍ଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସତ୍ୟବାଦୀରେ ସ୍ୱର୍ଗତ ଗୋପବନ୍ଧୁଙ୍କ 'ଦଶାହ' ଦିନ ମହାପ୍ରସାଦ ଭୋଜନର ବ୍ୟବସ୍ଥା ହୋଇଥିଲା । ଏଥିରେ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

ପଣ୍ଡିତ ଗୋପବନ୍ଧୁ, ମୃତ୍ୟୁକାଳୀନ 'ଉଇଲ'ରେ ସତ୍ୟବାଦୀ ପ୍ରେସ ଓ 'ସମାଜ' ସମ୍ବାଦପତ୍ରକୁ 'ଲୋକସେବକ ମଣ୍ଡଳ' ହାତରେ ଦେଇଯାଇଥିଲେ । 'ଲୋକସେବକ ମଣ୍ଡଳ'ର ଅନୁମତି ଆସିବା ପୂର୍ବରୁ ପଣ୍ଡିତ ନୀଳକଣ୍ଠ 'ସାପ୍ତାହିକ ସମାଜ'ର ଅସ୍ଥାୟୀ ସମ୍ପାଦକ ହୋଇ

Digitized by PPRACHIN, SOA

ରହିଲେ । ଶ୍ରୀଯୁକ୍ତ ରାଧାନାଥ ରଥ ସତ୍ୟବାଦୀ ପ୍ରେସର ପରିଚାଳନା କର୍ମରେ ନିଯୁକ୍ତ ହେଲେ । ପ୍ରେସ୍ ଓ ପତ୍ରିକା ଲୋକସେବକ ମଣ୍ଡଳ ହାତରେ ଚାଲିଆସିବାରୁ ସତ୍ୟବାଦୀର କର୍ମୀବୃନ୍ଦ ସନ୍ତୁଷ୍ଟ ହେଲେ । ଏଇ ମତ-ଗତ ପାର୍ଥକ୍ୟ ଯୋଗୁଁ ଶେଷରେ ପଣ୍ଡିତ ନୀଳକଣ୍ଠଙ୍କୁ 'ସମାଜ' ପତ୍ରିକାରୁ ନିଜର ସମ୍ପର୍କ ତୁଟାଇବାକୁ ପଡ଼ିଥିଲା । ଏଠାରେ ସ୍ମରଣ ରଖିବା କଥା, ବଉଳାଠ ସଙ୍ଘରେ ସଦସ୍ୟ ହୋଇ ଲାଲାଜୀ (ଲଜପତ ରାୟ)ଙ୍କ ସଙ୍ଗରେ ପଣ୍ଡିତ ଗୋପବନ୍ଧୁଙ୍କୁ ପରିଚୟ କରାଇ, ପଣ୍ଡିତ ନୀଳକଣ୍ଠ କହିଥିଲେ—"ଯେ ଆମର ଗୁରୁଦେବ ।"

ପଣ୍ଡିତ ଗୋପବନ୍ଧୁଙ୍କ ମୃତ୍ୟୁ ପରେ ସତ୍ୟବାଦୀରେ 'ଗୋପବନ୍ଧୁ ସେବକ ସମାଜ' ଗଢ଼ା ହେବାର ଆବଶ୍ୟକତା ପଣ୍ଡିତ ନୀଳକଣ୍ଠ ଅନୁଭବ କଲେ । ତାଙ୍କର ପ୍ରେରଣାରେ ଉକ୍ତ ସମାଜ ଗଢ଼ାଗଲା । ସେଥିରେ ପଣ୍ଡିତଜୀ ହେଲେ—ସଭାପତି । ସେଇ ଅନୁଷ୍ଠାନଟି ସତ୍ୟବାଦୀ ନିକଟ କାଦୁଆ ଗ୍ରାମରେ ଏବେ ବି ଅଛି । ଏହା 'କାଦୁଆ ଆଶ୍ରମ' ନାମରେ ସାଧାରଣରେ ପରିଚିତ ।

ଗୋପବନ୍ଧୁଙ୍କ ପରେ ଗୋପବନ୍ଧୁ ଚୌଧୁରୀ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ହେଲେ । ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ କଂଗ୍ରେସ୍ କମିଟିରେ ମୁଖ୍ୟ ନହୋଇ ମଧ୍ୟ ଦେଶ ସେବାରେ ତ୍ରୁଟି କରି ନଥିଲେ ।

ପୁରୀରେ କଂଗ୍ରେସ ଅଧିବେଶନ :

୧୯୩୨ରେ ଓଡ଼ିଶାରେ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନ ପାଇଁ ଉଦ୍ୟମ ଚାଲିଲା । ସେତେବେଳେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଗୋପବନ୍ଧୁ ଚୌଧୁରୀ । ସେ କମିଟି କଟକରେ କଂଗ୍ରେସ ଅଧିବେଶନ ପାଇଁ ସୁବିଧା ଓ ଅଧିବେଶନ ମଣ୍ଡପ ସକାଶେ

Digitized by PPRACHIN, SOA

ସ୍ଥାନର ଅଭାବ ଯୋଗୁଁ ପୁରୀରେ ଅଧିବେଶନ ହେବା ସ୍ଥିର କଲେ ଓ ଯେଉଁ ଜିଲ୍ଲାରୁ ଅଧିକ ସଭ୍ୟ ହେବେ, ସେଠି ଅଭ୍ୟର୍ଥନା କମିଟି ଗଠିତ ହେବ ବୋଲି କଥା ହେଲା । ଅଭ୍ୟର୍ଥନା ସମିତି ଗଢାହେବା ପାଇଁ ସଭ୍ୟ ସଂଗ୍ରହ କାମ ଜୋରସୋର ଚାଲିଲେ ମଧ୍ୟ ଆଶାନୁରୂପ ହେଲାନାହିଁ । ଅଭ୍ୟର୍ଥନା ସମିତିରେ ରହିଲେ, ଦଶ ଟଙ୍କା ଫିସ୍ ଦେବାକୁ ହେବ । ତେଣୁ ସଭ୍ୟ ସଂଗ୍ରହରେ ବାଧା ଉପୁଜିବା ସ୍ୱାଭାବିକ । ତଥାପି କେତେକ ସରକାରୀ କର୍ମଚାରୀ ମଧ୍ୟ ସରକାରଙ୍କ ଭୟରେ ଗୋପନରେ ଏଥିପାଇଁ ଚାନ୍ଦା ଦେଇଥିଲେ । ପୁରୀରେ କଂଗ୍ରେସ ଅଧିବେଶନ ହେଲେ, ପୁରୀ ପଣ୍ଡାଙ୍କ ମଧ୍ୟରୁ ବେଶି ନହେଲେ ମଧ୍ୟ ଅନ୍ତତଃ କେତେ ଜଣ ପଣ୍ଡା ଅଭ୍ୟର୍ଥନା ସମିତିର ସଦସ୍ୟ ହେବା ଉଚିତ ବୋଲି ଉଦ୍ୟୋକ୍ତାମାନେ ଅନୁଭବ କଲେ । କିଏ ଯାଇ ପଣ୍ଡାସେବକଙ୍କୁ ବୁଝାଇ ସଭ୍ୟ କରି ଆଣିବ ଏକଥା ଭାବିଲେଣି ପଡ଼ିଥାଏ । ପଣ୍ଡିତ ନୀଳକଣ୍ଠ ଏ କଥା ଶୁଣି କହିଲେ—"ମୁଁ ଥରେ ଯାଇ ଚେଷ୍ଟା କରେଁ ।" ଉଦ୍ୟୋକ୍ତାମାନଙ୍କ ସମର୍ଥନ ପାଇ ନୀଳକଣ୍ଠ ଗଲେ—ପଣ୍ଡା ସେବକଙ୍କ ପାଖକୁ । ସେମାନଙ୍କୁ ବୁଝାଇଦେଲେ—"ତୁମ ପରମ୍ପରା ହେଉଚି, ଅତିଥି ସେବା ; ଜଗନ୍ନାଥ ଦର୍ଶନ ପାଇଁ ଭାରତର ନାନା ସ୍ଥାନରୁ ଯାତ୍ରୀ ଆସି, ତୁମ୍ଭ-ମାନଙ୍କ ଆତିଥ୍ୟରେ ପୁରୁଷୋତ୍ତମ ମହାତୀର୍ଥରେ ନାନା ଧର୍ମାନୁଷ୍ଠାନ କରି ସୁଖରେ ଫେରି ଯାଆନ୍ତି । ତୁମେମାନେ କୌଣସି ପ୍ରକାର ଲାଭ ଆଶା ନରଖି, ହାତରୁ ପଇସା ଖରଚକରି ସେମାନଂକର ସେବା କରି-ଆସୁଚ । ଏବେ ପୁରୀରେ କଂଗ୍ରେସ ସଭା ବସିବ । ଭାରତର ନାନା ସ୍ଥାନରୁ ପୁରୀଧାମକୁ ବହୁ ବିଶିଷ୍ଟ ଲୋକ ଅତିଥିହୋଇ ଆସିବେ । ସେଇ ଅତିଥି ସେବା ତୁମେମାନେ କରିବ ତ ? ତୁମରି ପୂର୍ବ—ପୁରୁଷ ଯେଉଁ ଉଜ୍ଜ୍ୱଳ ପରମ୍ପରା ରଖିଯାଇଚନ୍ତି, ତା'ର ଠେକ ରଖିବ ତ ?"

ନୀଳକଂଠଙ୍କର ଏଇ ପ୍ରାଣସ୍ପର୍ଶୀ ବାଣୀରେ ସେବକ ସମାଜରେ ଉତ୍ସାହ ଖେଳିଗଲା । ସେମାନେ ନୀଳକଣ୍ଠଙ୍କୁ ପଚାରିଲେ, "ଆମର

Digitized by PPRACHIN, SOA

ଝାଡନ୍ତି ନାହିଁ, ଆମେ କଅଣ ପିନ୍ଧ ସଭାକୁ ଯିବୁ" ? ନୀଳକଣ୍ଠ କହିଲେ —"ତୁମମାନଙ୍କର ତ ବ୍ରହ୍ମସୂତ୍ର ପାଟ ଥିବ, ତାକୁଇ ପିନ୍ଧି ଯିବ । ପାଟସୂତା ତ ଏ ଦେଶରେ ଜିଆର ସୂତା ।" ସେବକମାନଙ୍କ ମନକୁ ଏ କଥା ଯେମିତି । ସେମାନେ ଏଥିରେ ରାଜି ହୋଇଗଲେ ।

କଥା ଉଠିଲା - ଯେଉଁ ଜିଲ୍ଲାରୁ ଅଧିକ ସଂଖ୍ୟକ ସଭ୍ୟ ରହିବେ, ସେଇ ଜିଲ୍ଲାରେ ଅଭ୍ୟର୍ଥନା ସମିତି ଗଢାଯିବ । ଏଥିଯୋଗୁଁ ନେତାଙ୍କ ମଧ୍ୟରେ ଟିକଏ ପ୍ରତିଯୋଗିତା ଦେଖାଯାଇଥିଲା । ନୀଳକଣ୍ଠ କହିଲେ, "ଏ କମିର କଥା ! କଟକ ଜିଲ୍ଲାର ଲୋକ ସଂଖ୍ୟା ୧୧ ଲକ୍ଷ ସ୍ଥଳରେ ପୁରୀର ମାତ୍ର ୧୦ଲକ୍ଷ ! ତେଣୁ ପୁରୀରେ ଅଭ୍ୟର୍ଥନା ସମିତି ଗଢା ହେବାର ଅବକାଶ କାହିଁ ? ଶେଷରେ ଦେଖାଗଲା, ନୀଳକଣ୍ଠଙ୍କ ପ୍ରଚାଣ୍ଡ ଉଦ୍ୟମ ଫଳରେ ପୁରୀ ଜିଲ୍ଲାରୁ ପ୍ରାପ୍ତ ୩୦୦ ମେମ୍ବର ହେବା ବେଳକୁ କଟକର ମେମ୍ବର ସଂଖ୍ୟା ହେଲା ମାତ୍ର ୨୩୦ ଓ ପୁରୀ ଜିଲ୍ଲାର ୩୦୦ ସଭ୍ୟଙ୍କ ଭିତରୁ ପୁରୀର ପଣ୍ଡାଙ୍କ ସଂଖ୍ୟା ଥିଲା ୧୭୨ । ତେଣୁ ପ୍ରାୟ ୭୦ଟି ଅଧିକ ସଭ୍ୟ ଯୋଗୁଁ ପୁରୀରେ ଅଭ୍ୟର୍ଥନା ସମିତିର ବୈଠକ ବସିଲା । ବହୁ ତର୍କ ବିତର୍କ ପରେ, ଉତ୍ତେଜନାପୂର୍ଣ୍ଣ ବାୟୁମଣ୍ଡଳ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଅଭ୍ୟର୍ଥନା ସମିତିର ଚେୟାରମ୍ୟାନ ହେଲେ ଓ ଶ୍ରୀ ଗୋପବନ୍ଧୁ ଚୌଧୁରୀ, ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଯଥାକ୍ରମେ ସାଧାରଣ ସମ୍ପାଦକ ଓ ସେନା ନାୟକ ହେଲେ । ପୁରୀର ଉକ୍ରିଲ ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ର କୋଷାଧ୍ୟକ୍ଷ ପଦରେ ରହିଲେ ।

କଂଗ୍ରେସ ଅଧିବେଶନ ପାଇଁ ସାଜସଜ୍ଜା ଜୋରସୋରରେ ଚାଲିଥିଲା ବେଳେ, ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଫଳରେ ହେଲା ସେଥିଯୋଗୁଁ ଇଂରେଜ ସରକାର କଂଗ୍ରେସ ଅଧିବେଶନ କରାଯାଇ ନ ହେବା ପାଇଁ ଅଡିନାନ୍‌ସ ଜାରି କଲେ । ଅଧିକାଂଶ ନେତା ଜେଲରେ ଗଲେ ଅଧିବେଶନ ପାଇଁ ସଂଗୃହୀତ ଅର୍ଥ କଅଣ ହେଲା ବୋଲି ତାଙ୍କୁ ଦୋଷ

Digitized by PPRACHIN, SOA

ହେବାରେ ନୀଳକଣ୍ଠ କହିଥିଲେ, "ସେ କଥା କୋଷାଧ୍ୟକ୍ଷ କହିବେ ।"
କୋଷାଧ୍ୟକ୍ଷ ଜଗନ୍ନାଥ ମିଶ୍ରେ ପରେ ତା'ର ଉତ୍ତର ଦେଉଥିଲେ ।

ନୀଳକଂଠଙ୍କ ପ୍ରତିଭାର ଗୋଟିଏ ଦୃଷ୍ଟାନ୍ତ :

୧୯୩୫ରେ କଟକ 'ବ୍ରାହ୍ମ ସମାଜ'ର ମାଘୋତ୍ସବରେ ଯୋଗଦେବା ପାଇଁ ବିଶ୍ୱବିଖ୍ୟାତ 'ମର୍ଡନ୍ ରିଭ୍ୟୁ' ମାସିକ ପତ୍ରର ସମ୍ପାଦକ ସ୍ୱର୍ଗତ ରାମାନନ୍ଦ ଚଟ୍ଟୋପାଧ୍ୟାୟ କଟକ ଆସିଥିଲେ । 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଗୋଟିଏ ସାଧାରଣ ସଭାର ଆୟୋଜନ ହେଲା । ସେଥିରେ ଭାରତ ବିଖ୍ୟାତ ବାଗ୍ମୀ ପଣ୍ଡିତ ରାମାନନ୍ଦ ଚଟ୍ଟୋପାଧ୍ୟାୟ ବିଶିଷ୍ଟ ଅତିଥି ଭାବରେ "ପ୍ରଗତିପଥେ ବିଶ୍ୱ" ବିଷୟବସ୍ତୁ ଉପରେ ଭାଷଣ ଦେବାପାଇଁ ସ୍ୱୀକୃତ ହୋଇଥିଲେ । ସେ ସମୟରେ ପଣ୍ଡିତ ନୀଳକଣ୍ଠ ବଡ଼ଲାଟ ସଭାର ସଦସ୍ୟ ଥାଇ ମଧ୍ୟ ଓଡ଼ିଶା ରାଜମଣ୍ଡଳରେ ମୁଖ୍ୟଭାଗ ଗ୍ରହଣରୁ ବଞ୍ଚିତ ହୋଇଥିଲେ । ସେଥିପାଇଁ ବଡ଼ଲାଟ ସଭାର ଅଧିବେଶନ ପରେ ଅଧିକାଂଶ ସମୟ ସେ ନିଜ ଗ୍ରାମରେ ରହୁଥିଲେ । ଉଦ୍ୟୋକ୍ତାମାନଙ୍କ ମଧ୍ୟରେ ଭାବିଲେଣି ପଡ଼ିଲା—ଚଟ୍ଟୋପାଧ୍ୟାୟଙ୍କ ଭଳି ମହାଦାର୍ଶନିକ ପଣ୍ଡିତ ଯେଉଁ ସଭାରେ ଭାଷଣ ଦେବେ, ସେଥିରେ କିଏ ସଭାପତି ହେବ ? ଶ୍ରୀଯୁକ୍ତ ରାଧାନାଥ ରଥ ଓ ପାଟଣା ହାଇକୋର୍ଟର ନବନିର୍ବାଚିତ ବିଚାରପତି ଶ୍ରୀଯୁକ୍ତ ହରିହର ମହାପାତ୍ର ଉଭୟେ ବିଚାର କରି ପଣ୍ଡିତଜୀଙ୍କ ପାଖକୁ ଟେଲିଗ୍ରାମ କଲେ— ଉକ୍ତ ସଭାରେ ସଭାପତି ହେବାପାଇଁ ।

ପଣ୍ଡିତ ନୀଳକଣ୍ଠ ନିଜ ଗ୍ରାମରେ ଥାନ୍ତି । ଟେଲିଗ୍ରାମ ପାଇ ନୀଳକଣ୍ଠ ନିର୍ଦ୍ଦିଷ୍ଟ ଦିବସରେ କଟକରେ ପହଞ୍ଚିଲେ । ସଭା ପୂର୍ବରୁ ଶିକ୍ଷିତ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଥାଏ. ଏଭଳି ସଭାରେ ବିଶେଷତଃ ବକ୍ତାର ବିଷୟବସ୍ତୁ ଦୃଷ୍ଟିରୁ କଟକରୁ କିଏ ସଭାପତି ହେବେ । କାରଣ ମନେଅଛି - ସଭାହେବା ପୂର୍ବରୁ ଏପରି ବହୁ ଜନସମାଗମ

Digitized by PPRACHIN, SOA

କେବେ ଦେଖାଯାଇ ନଥିଲା । ପଣ୍ଡିତ ନୀଳକଣ୍ଠଙ୍କୁ ସଭା ଆରମ୍ଭ ହେବା ୫।୭ ମିନଟ୍ ପୂର୍ବରୁ ସଭା ଗୃହରେ ଦେଖି, ଲୋକେ ଆଶ୍ୱସ୍ତ ହେଲେ — ବୋଧହୁଏ ପଣ୍ଡିତ ନୀଳକଣ୍ଠ ସଭାପତି ହେବାପାଇଁ ଯଥା ସ୍ୱତରେ ପ୍ରସ୍ତାବଟି ଅନୁମୋଦିତ ହେଲା ପରେ ସଭା ଆରମ୍ଭ ହେଲା । ବାଗ୍ମୀ-ପ୍ରବର ଗୃଠର୍ଜି ଯୁକ୍ତିଯୁକ୍ତ ଭାବରେ ବୈଜ୍ଞାନିକ ସ୍ୱତରେ ଭାଷଣଦେଲେ, ସଭାସ୍ଥ ଲୋକେ ମନ୍ତ୍ରମୁଗ୍ଧ ହେଲଭଳି ଶୁଣୁଥାନ୍ତି । ସେ ବକ୍ତୃତାର ସାରାଂଶରେ ଆଲୋଚନା ପାଇଁ ଏଠାରେ ଅବକାଶ ନାହିଁ । ଅନ୍ୟାନ୍ୟ ପ୍ରସଙ୍ଗ ଭିତରେ ନାରୀ ସ୍ୱାଧୀନତା ବିଷୟରେ କହିଲେ— '‘ପୂର୍ବାପେକ୍ଷା ନାରୀମାନଙ୍କୁ ସ୍ୱାଧୀନତା ଦେବାପାଇଁ ଏବେ ଭାରତବାସୀ ଅଧିକ ତତ୍ପର’ ସେ ପ୍ରାୟ ସାର୍ଦ୍ଧ ଦୁଇଘଣ୍ଟା ବଙ୍ଗଳାରେ ଭାଷଣ ଦେଇଥିଲେ । ଶିକ୍ଷିତ ଶ୍ରୋତୃମଣ୍ଡଳୀ ବୁଝିଥିଲେ ଯେ ଏ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣରେ କୌଣସି ପ୍ରକାର ଯୁକ୍ତ ଯୁକ୍ତ ତ୍ରୁଟି ନାହିଁ । ଭାଷଣପରେ ସଭାପତିଙ୍କ ବ୍ୟତୀତ ଅନ୍ୟ କେହି କିଛି କହିବାର ବିଧି ନଥିଲା ବା କେହି କିଛି କହିବାକୁ ସାହସୀ ହେଲେ ନାହିଁ । ସଭାପତି ନିଜର ମନ୍ତବ୍ୟ ଗୁରୁଗମ୍ଭୀର ଭାବରେ ଆରମ୍ଭ କଲେ । ସେ କହିଲେ—“ଏ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତା ଶୁଣି ପେଟପୂରି ଯାଇଛି, ଆଉ ଏ ବିଷୟରେ ବିଶେଷ କିଛି କହିବାର ନାହିଁ । କିନ୍ତୁ ନାରୀ ପ୍ରଗତି ବିଷୟରେ ଯାହା କୁହାଗଲା, ସେଥିରେ ନାରୀର ପ୍ରଗତି ହେଉଛି ନା ଅପଗତି ହେଉଛି ? ଆଜିପର୍ଯ୍ୟନ୍ତ ବଙ୍ଗରେ ‘ଦାୟଭାଗ’ ଆଇନ୍ ଚଳୁଛି, ସେଥିରେ ନାରୀ ପ୍ରଗତି ହେଉଛି ତ ? ‘ଦାୟଭାଗ’ର ଅର୍ଥକୁ ସେ ବିଶଦ ଭାବରେ ବୁଝାଇ ଦେଇଥିଲେ । ଏହା ଶୁଣି ସ୍ୱର୍ଗତ ଗୃଠର୍ଜି ଓ ସଭାସ୍ଥ ଲୋକେ ତଟସ୍ଥ ହୋଇଗଲେ । ପଣ୍ଡିତଜୀଙ୍କ ସଙ୍ଗେ ତାଙ୍କର (ଗୃଠର୍ଜିଙ୍କର) ଏଥିପୂର୍ବରୁ ଚିହ୍ନା ପରିଚୟ ନଥିଲା । ସେହି ସଭାରେ ସେ ନୀଳକଣ୍ଠଙ୍କୁ ‘ମଡର୍ନ୍ ରିଭ୍ୟୁ’ରେ ଗବେଷଣା ମୂଳକ ପ୍ରବନ୍ଧ ଲେଖିବାକୁ ଅନୁରୋଧ କଲେ । ତା’ପରେ ପଣ୍ଡିତଜୀଙ୍କ ପ୍ରବନ୍ଧ ଉକ୍ତ ମାସିକ ପତ୍ରର ପ୍ରକାଶ ପାଇଲା । ଓଡ଼ିଶାର

Digitized by PPRACHIN, SOA

ପଣ୍ଡିତ ବିନାୟକ ମିଶ୍ର ପଣ୍ଡିତ ନୀଳକଣ୍ଠଙ୍କ ବ୍ୟତୀତ ଅନ୍ୟ କେହି ଏହି ପତ୍ରିକାରେ ଲେଖୁଥିବା ଆମମାନଙ୍କୁ ଜଣାନାହିଁ । ପ୍ରସଙ୍ଗତଃ କହିବାକୁ ପଡୁଛି ଯେ ଓଡ଼ିଶାର ଜଣେ ଏମ୍. ଏ. ଉପାଧିଧାରୀ ଯୁବକ 'ମର୍ଡନ୍ ରିଭ୍ୟୁ'ରେ ଗୋଟିଏ ପ୍ରବନ୍ଧ ପ୍ରକାଶନ ପାଇଁ ପଠାଇଥିଲେ । କିନ୍ତୁ ସେହି ପ୍ରବନ୍ଧରୁ କେବଳ ଗୋଟିଏ ଧାଡ଼ି ପ୍ରକାଶ ପାଇଥିଲା ଏଥିରୁ ସେହି ମାସିକ ପତ୍ରରେ କପରି ଉଚ୍ଚକୋଟୀର ଲେଖା ପ୍ରକାଶ ପାଉଥିଲା ତା' ସହଜେ ଅନୁମେୟ ।

ଉକ୍ତ ମଞ୍ଚରେ ବିଖ୍ୟାତ ପଣ୍ଡିତ ଚାଟାର୍ଜିଙ୍କ ଭାଷଣ [redacted] ଉପରେ ଏପରି ତୀବ୍ର ସମାଲୋଚନା କରାଯିବାରୁ ପଣ୍ଡିତଙ୍କୁ କେହି କେହି ପୁରାତନ ବନ୍ଧୁ ସଭା ଶେଷରେ କହିଲେ, କଥାଟା ସତ୍ୟ ହେଲେ ମଧ୍ୟ ଚାଟାର୍ଜିଙ୍କ ଭଳି ଲୋକଙ୍କ ପ୍ରତି ଏଡ଼େ ବଡ଼ ବିରାଟ ସଭାରେ ଏପରି ମନ୍ତବ୍ୟ ପ୍ରକାଶ କରିବା ଠିକ୍ ହେଲା ନାହିଁ । କିନ୍ତୁ ଗୁଣଗ୍ରାହୀ ଚାଟାର୍ଜି ପଣ୍ଡିତଙ୍କ ପ୍ରତିଭା ଦେଖି ମୁଗ୍ଧ ହୋଇ ଯାଇଥିଲେ ବୋଲି କହିବା ଅନାବଶ୍ୟକ ।

ପ୍ରାଦେଶିକ ନିର୍ବାଚନ :

୧୯୩୫ରେ ବ୍ରିଟିଶ୍ ପ୍ରଧାନ ମନ୍ତ୍ରୀ ଉଦାରପନ୍ଥୀ ଚେମ୍ବରଲେନ୍ ଭାରତର ଶାସନ ଉଦ୍ଭାବିତ କରି ପରିବର୍ତ୍ତନ ପାଇଁ ଭାରତକୁ ବ୍ରିଟେନର ଅତ୍ୟନ୍ତ ନିକଟ କରିବାପାଇଁ ଚେଷ୍ଟା କଲେ ଏବଂ ଭାରତରେ ଏକ ସ୍ୱାୟୀତ୍ତ ସରକାର ସ୍ଥାପନର କଳ୍ପନା ହେଲା । ଭାରତ କଂଗ୍ରେସ କମିଟିରେ ସ୍ଥିର ହେଲା— କଂଗ୍ରେସ ଲୋକ ବ୍ୟବସ୍ଥାସଭାକୁ ଅଧିକ ସଂଖ୍ୟାରେ ଯାଇ ମନ୍ତ୍ରୀତ୍ୱ ଆଦି ଗ୍ରହଣ କରିବେ । ଏଥିରେ ନରୁଚା କଂଗ୍ରେସ ଲୋକେ ରାଜି ନହେଲେ ମଧ୍ୟ ଅଧିକ ଭୋଟରେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇ ଯାଇଥିଲା । ଆନ୍ଦୋଳନରେ ଶିଥିଳତା ଆସିବା ଯୋଗୁ ପୂର୍ବଭଳି ଉତ୍ସାହ ନେତାଙ୍କ ଭିତରେ ନଥିଲା । ବିଶେଷରେ ଓଡ଼ିଶା କଂଗ୍ରେସ ମହଲରେ

Digitized by PPRACHIN, SOA

ଓଡ଼ିଶାର ନେତୃବୃନ୍ଦଙ୍କ ଏ ଭଳି ଅବାଞ୍ଛନୀୟ ଉଦାସୀନତା ଦେଖି, କେତେକ ଯୁବକ କର୍ମୀ ପଣ୍ଡିତ ନୀଳକଣ୍ଠଙ୍କୁ ପ୍ରାଦେଶିକ କଂଗ୍ରେସ କମିଟି ସଭାପତି ହେବାପାଇଁ ଅନୁରୋଧ କଲେ । ପଣ୍ଡିତଜୀ ପ୍ରଥମେ ଅମତ ଥିଲେ, ନେତୃବୃନ୍ଦଙ୍କ ଉଦାସୀନତା ଯୋଗୁଁ , କିନ୍ତୁ ପରେ ଯୁବକମାନଙ୍କ ମନବଳ ଅନୁରୋଧରେ ସମ୍ମତ ହେଲେ । ଓଡ଼ିଶା ବିଧାନ ସଭାକୁ ଯିବାପାଇଁ ଲୋକ ବାଛିବା, ଗାଁ ଗଣ୍ଡା ମାନଙ୍କରେ ଭୋଟ ପ୍ରଚାର ଲାଗି କର୍ମୀଙ୍କର ଅଭାବ ବଡ଼ ସମସ୍ୟା ରୂପେ ଦେଖାଦେଲା । ସେଥିକୁ ପୁଣି ଓଡ଼ିଶା ପ୍ରଦେଶରେ ନୂଆହୋଇ ମିଶିଥିବା ଅଞ୍ଚଳରେ କଂଗ୍ରେସ ସଂଗଠନ ସେତେ ଦୃଢ଼ ହୋଇନଥାଏ । ତଥାପି ପଣ୍ଡିତଜୀ ସ୍ୱଳ୍ପ ସଂଖ୍ୟକ କର୍ମୀଙ୍କୁ ନେଇ ଅକ୍ଲାନ୍ତ ଭାବରେ କାମରେ ଲାଗିପଡ଼ିଲେ । ଏହା ହେଉଛି, ୧୯୩୭ ମସିହା କଥା, ଯେତେବେଳକୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇଥାଏ, ମାତ୍ର ଇଂରେଜଙ୍କ ବନ୍ଧନରେ କଂଗ୍ରେସ ଟିକେଟରେ ଭୋଟରେ ଲଢ଼ିବା ଲାଗି ଲୋକେ ଭୟ କରୁଥାନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ଚତୁର ଓ ଅବଶ୍ରାନ୍ତ ପ୍ରଚାର ଫଳରେ ବିଧାନ ସଭାର ୬୦ଟି ସ୍ଥାନ ମଧ୍ୟରୁ କଂଗ୍ରେସ ୩୭ଟି ସ୍ଥାନରେ ପ୍ରତିଦ୍ୱନ୍ଦିତା କରି ୩୬ଟିରେ ଜୟଯୁକ୍ତ ହେଲା । ଏହା ପୂର୍ବରୁ କୌଣସି ପ୍ରଦେଶରେ ପ୍ରାଦେଶିକ ନିର୍ବାଚନ ହୋଇନଥିଲା । ଓଡ଼ିଶାର ଏଇ ଅପ୍ରତ୍ୟାଶିତ ବିଜୟରେ କଂଗ୍ରେସ ହାଇକମାଣ୍ଡ ମହଲ ପଣ୍ଡିତ ନୀଳକଣ୍ଠଙ୍କର ଉଚ୍ଚ ପ୍ରଶଂସା କଲେ ।

ନୀଳକଣ୍ଠଙ୍କ ଜୀବନରେ ବିଫଳତା :

ଏସବୁ ସତ୍ତ୍ୱେ ନୀଳକଣ୍ଠ ଯେପରି ପ୍ରଧାନମନ୍ତ୍ରୀ ହୋଇ ନପାରିବେ, ସେଥିଲାଗି ଚକ୍ରାନ୍ତ ଚାଲିଲା । ଦଳର ୩୬ ଜଣ ସଭ୍ୟଙ୍କ ମଧ୍ୟରୁ ୨୧ ନୀଳକଣ୍ଠଙ୍କୁ କଂଗ୍ରେସ ଦଳର ନେତା ରୂପେ ବାଛିବା ସପକ୍ଷରେ ଥିଲେ । ମାତ୍ର ଯେଉଁ ସମୟରେ ନେତା ନିର୍ବାଚନ ହେବାର କଥା, ତାହାର ଅବ୍ୟବହିତ ପୂର୍ବରୁ Rules committeeର ବୈଠକ ବସି ସ୍ଥିର କଲେ ଯେ କେବଳ ବିଧାନସଭା ଲାଗି ନିର୍ବାଚିତ ସଭ୍ୟଙ୍କ

Digitized by PPRACHIN, SOA

ମଧ୍ୟରୁ ନେତା ନିର୍ବାଚିତ ହେବେ । ମାଲକଣ୍ଠ ନୂତନ ପ୍ରଦେଶର ନିର୍ବାଚନରେ ସମସ୍ତ ଶକ୍ତି ବିନିଯୋଗର ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟ ବିଧାନ ସଭାପାଇଁ ପ୍ରାର୍ଥୀ ହୋଇ ନଥିଲେ । ତେଣୁ ତାଂକର ଦଳର ନେତା ବା ପ୍ରଧାନମନ୍ତ୍ରୀ ହେବା ନୋହିଲା । ତାଂକ ସମର୍ଥକମାନେ ମିଶି ଦଳ ପକ୍ଷରୁ ବିଶ୍ୱନାଥ ଦାଶଙ୍କୁ ସମର୍ଥନ କରିବ ପାଇଁ ସ୍ଥିର କଲେ ଓ ସେ ମୁଖ୍ୟମନ୍ତ୍ରୀ ହେବାପରେ ଉପରୋକ୍ତ ନିୟମ ବଦଳାଇ ମାଳକଣ୍ଠଙ୍କୁ ପ୍ରଧାନମନ୍ତ୍ରୀ କରାଇ ନିଜେ ଜଣେ ମନ୍ତ୍ରୀ ହେବାର କଥା ହେଲା । ମାତ୍ର ସେ କଥା ବିଶ୍ୱନାଥ ଦାଶ କଲେ ନାହିଁ । ବିଶ୍ୱନାଥ ଦାଶଂକ ସହିତ ଅନ୍ୟ ଦୁଇଜଣ ମନ୍ତ୍ରୀ ରୂପେ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ ଶ୍ରୀ ବୋଧରାମ ଦୁବେ ରହିଲେ । ଶ୍ରୀ ମୁକୁନ୍ଦ ପ୍ରସାଦ ଦାସଙ୍କୁ ମାଳକଣ୍ଠ ବାଚସ୍ପତି ରୂପେ ବାଛିଥିଲେ । ଏହି ସମୟରେ ପୁଣି ନୀଳକଂଠଂକର ପ୍ରାଦେଶିକ ସଭାପତି ପଦ କଟିଗଲା । ନୀଳକଣ୍ଠ ଅଧିକାଂଶ ସମୟ ପ୍ରଦେଶ ବାହାରେ ରହୁଥିବା ହେତୁ, ତାଂକର ଦୁଇଜଣ ସମର୍ଥକଂକୁ ତାଂକର ଦଳରୁ ଖସାଇ ନେବା ସମ୍ଭବ ହୋଇଥିଲା ଏବଂ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ନିର୍ବାଚନରେ ସଭାପତି ହେଲେ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ।

ନୀଳକଣ୍ଠ ବ୍ୟବସ୍ଥାସଭା ଅଧିବେଶନରୁ ଫେରି ଦେଖିଲେ ଯେ ଓଡ଼ିଶା ରାଜନୀତି କ୍ଷେତ୍ରରେ ପ୍ରାଦେଶିକ ମନ୍ତ୍ରିତ୍ୱ ହେତୁ ଓଡ଼ିଶା କଂଗ୍ରେସ ଦଳ ଭିତରେ ପରସ୍ପର ପ୍ରତି ଅବିଶ୍ୱାସ ଓ ସନ୍ଦେହର ମାତ୍ରା ବଢ଼ିଗଲାଣି । ନୀଳକଂଠଂକ ନେତୃତ୍ୱରେ କଂଗ୍ରେସର ବିପୁଳ ବିଜୟ ହୋଇଥିଲେ ମଧ୍ୟ ସେ ପ୍ରତିପକ୍ଷର ହେୟ ଓ ଅବହେଳିତ ବାୟୁମଣ୍ଡଳ ଭିତରେ ରହିଗଲେ ।

ପ୍ରଦେଶ ଗଠନରେ ନୀଳକଂଠଂକର ଅବଦାନ :

ଏ ପ୍ରସଙ୍ଗରେ ଏଠି ଏତିକି ସୂଚାଇ ଦିଆଯାଇପାରେ ଯେ ପଣ୍ଡିତ ମାଳକଣ୍ଠ ୧୯୨୪ ମସିହାରୁ କେନ୍ଦ୍ର ବ୍ୟବସ୍ଥା ସଭାକୁ ସଭ୍ୟ ନିର୍ବାଚିତ

Digitized by PPRACHIN, SOA

ହୋଇଥିଲେ ଓ ପରେ ପରେ ସ୍ୱରାଜ ପାର୍ଟିର ଦଳପତି ପଣ୍ଡିତ ମୋତିଲାଲ୍ ନେହ୍ରୁ ତାଙ୍କୁ ଦଳର ସମ୍ପାଦକ ଭାବେ ମନୋନୀତ କରି-ଥିଲେ । ସେ ଥିଲେ ବ୍ୟବସ୍ଥା ସଭାରେ ଏକମାତ୍ର ଓଡ଼ିଆ ସଭ୍ୟ । ତେଣୁ ନୀଳକଣ୍ଠ ୧୯୨୭ ମସିହା ଫେବୃୟାରୀ ମାସରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନରେ ଆଣିବା ପାଇଁ କେନ୍ଦ୍ର ବ୍ୟବସ୍ଥା ସଭାରେ ଯେଉଁ ବେସରକାରୀ ବିଲ୍ ଆଗତ କରିଥିଲେ, ସରକାର ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଆରୋପ କରିବା ସ୍ୱାଭାବିକ । ବ୍ୟବସ୍ଥା ସଭାରେ ଏହା ଉପରେ ଏକ ଦୀର୍ଘ ବକ୍ତୃତା ଦେବା ବ୍ୟତୀତ ନୀଳକଣ୍ଠ ବମ୍ବେ, କଲିକତା ମାନ୍ଦ୍ରାଜ ପ୍ରଭୃତି ବଡ଼ ବଡ଼ ସହରର ଖବର କାଗଜ ମାନଙ୍କରେ ସେ ସମ୍ପର୍କରେ ଲେଖାମାନ ମଧ୍ୟ ବାହାର କରି ଏଥିପ୍ରତି ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲେ । ତା ସଙ୍ଗେ ସଙ୍ଗେ କେନ୍ଦ୍ର ସରକାରଙ୍କ ଅର୍ଥ ସଚିବ ଓ ଅନ୍ୟମାନଙ୍କ ସହିତ ବାରମ୍ବାର ଆଲୋଚନା ହୋଇଥିଲା । ଏସବୁ ବାଦ୍ ପଣ୍ଡିତ ନୀଳକଣ୍ଠ ରାଜ୍ୟ ଓ ରାଜ୍ୟ ବାହାରର ବିଚ୍ଛିନ୍ନା-ଞ୍ଚଳରେ ଜନମତ ସୃଷ୍ଟି କରିବାରେ ମଧ୍ୟ ଲାଗି ପଡିଥିଲେ । ପଣ୍ଡିତ ଗୋପବନ୍ଧୁ ତାଙ୍କ ମୃତ୍ୟୁ ପୂର୍ବରୁ ନୀଳକଣ୍ଠଙ୍କର ଏ କାର୍ଯ୍ୟରେ କେବଳ ଯେ ଅତ୍ୟନ୍ତ ଗର୍ବ ଓ ଗୌରବ ଅନୁଭବ କରୁଥିଲେ ତା ନୁହେଁ; 'ସମାଜ'ର ଏକ ଅଗ୍ରଲେଖାରେ ଲେଖିଥିଲେ, "ଶୀଘ୍ର ଦେଶ ମିଶ୍ରଣରେ ବ୍ୟବସ୍ଥା ନହେଲେ ଓଡ଼ିଆ ଶାନ୍ତ ଓ କ୍ଷାନ୍ତ ହେବେନାହିଁ ବୋଲି ପଣ୍ଡିତ ନୀଳକଣ୍ଠ ଲାଟଙ୍କ ନିକଟରେ ବଡଲାଟ ସଭାରେ ଯାହା କହିଲେ, ଓଡ଼ିଆମାନେ ତାହାର ପ୍ରମାଣ ଦେବାଲାଗି ଆଜହୁଁ ପ୍ରସ୍ତୁତ ହେବା ଉଚିତ ।"

ଏ ସବୁର ଫଳରେ ୧୯୨୯ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ବିଷୟ ଭାରତ ସରକାରଙ୍କ କ୍ୟାବିନେଟ୍‌ରେ ବିଚାର ହେଲା ଓ ୧୯୩୨ ମସିହାରେ ବିଷୟଟିର ସମାଧାନ ପାଇଁ ଓଡ଼ିନେଲ କମିଟି ଗଠିତ ହେଲା । ପଣ୍ଡିତ ନୀଳକଣ୍ଠ ଏ କମିଟିକୁ ପ୍ରାଦେଶିକ

Digitized by PPRACHIN, SOA

କଂଗ୍ରେସ କମିଟିର ସଭାପତି ଭାବରେ ୮୦ ପୃଷ୍ଠାର ଯେଉଁ ଦୀର୍ଘ ସ୍ମାରକ ପତ୍ର ଦେଇଥିଲେ, ସେଥିରେ କମିଟି ବିଶେଷ ଗୁରୁତ୍ୱ ଆରୋପ କରିଥିଲେ ଓ ଓଡ଼ିଆଙ୍କ ଦାବୀକୁ ଉପେକ୍ଷା କରି ପାରି ନଥିଲେ ।

ଏ ମଧ୍ୟରେ ସାଇମନ୍ କମିଶନକୁ ବର୍ଜନ କରି କଂଗ୍ରେସ ଯେଉଁ ସର୍ବଦଳ ସମ୍ମିଳନୀ ଗଠନ କରିଥିଲେ, ସେଥିରେ ପଣ୍ଡିତ ନୀଳକଣ୍ଠ, ଭୁବନାନନ୍ଦ ଦାସ ପ୍ରଭୃତି ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । ଓଡ଼ିଶାର ଆର୍ଥିକ ଅବସ୍ଥା ଅନୁକୂଳ ହେଲେ ଯାଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରସ୍ତାବକୁ ସମର୍ଥନ କରାଯାଇପାରେ ବୋଲି ଏ ସମ୍ମିଳନୀର ରିପୋର୍ଟରେ ସୁପାରିସ୍ କରାଯାଇଥିଲା । ନୀଳକଣ୍ଠ ତା' ପରେ କଲିକତାରେ ଅନୁଷ୍ଠିତ ହେଉଥିବା ସର୍ବଦଳ ସମ୍ମିଳନୀର ବିଷୟ ନିର୍ବାଚନ କମିଟିରେ ନିରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଗୋଟିଏ ସଂଶୋଧନ ପ୍ରସ୍ତାବ ଆଗତ କରିବାର ଉଦ୍ୟମ କଲେ । ସଭାପତି ମୋତିଲାଲ ନେହେରୁ ଏଥିପାଇଁ ଅନୁମତି ନ ଦେବାରୁ ନୀଳକଣ୍ଠ ଓଡ଼ିଶାର ସମସ୍ତ ସଭ୍ୟଙ୍କୁ ନେଇ ଏହି ସଭା ବର୍ଜନ କରିଥିଲେ ଓ ତହିଁ ପରଦିନ କଲିକତାରେ ତାଙ୍କ ଦାବି ଘୋଷଣା କରି ସ୍ୱାସ୍ତରେ ଏକ ପତ୍ର ବାହାର କରିଥିଲେ ମହାତ୍ମାଜୀଙ୍କ ହସ୍ତକ୍ଷେପ ଫଳରେ ସବୁର ଗୋଟାଏ ସମାଧାନ କରାଯାଇଥିଲା ।

ସରକାରଙ୍କ ସହିତ ପଣ୍ଡିତ ନୀଳକଣ୍ଠଙ୍କ ଆଲୋଚନା ବିଷୟ ପୂର୍ବରୁ କୁହାଯାଇଛି । ନୀଳକଣ୍ଠ ଲେଖିଛନ୍ତି, "୧୯୨୯ ମସିହାରେ ବୋଧହୁଏ କ୍ୟାବିନେଟ୍‌ରେ ବସ୍ଥିବା କରି ମୁଡ଼ିମାନ ସାହେବ ମୋ ସଙ୍ଗେ ଉପପ୍ରଦେଶ ପାଇଁ ଆଲାପ କରିଥିଲେ ଓ ସେହି ଆଲୋଚନା ଫଳରେ ଭାରତ ସରକାରଙ୍କର ଅର୍ଥମନ୍ତ୍ରୀ ମତେ କହିଲେ ଯେ, ଓଡ଼ିଶା କେନ୍ଦ୍ର ସରକାରଙ୍କଠାରୁ ବର୍ଷକୁ ୪୦ ଲକ୍ଷ ଟଙ୍କା ପାଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଉ । ଏହି ସର୍ତ୍ତରେ ସେ ମତ ଓଡ଼ିଶା ପ୍ରଦେଶ ଗଢ଼ିବାକୁ

Digitized by PPRACHIN, SOA

ରାଜି ହେବାପାଇଁ ପ୍ରବର୍ତ୍ତାଇ ଥିଲେ । ମାତ୍ର ଓଡ଼ିଶାର ଉନ୍ନତି ପାଇଁ ବର୍ଷକୁ ୮୦ ଲକ୍ଷ ଟଙ୍କା ଦିଅନ୍ତୁ ବୋଲି ମୁଁ ଜିଦ୍ ଧରିଥିଲି । କିନ୍ତୁ ଭୁବନାନନ୍ଦ ବାବୁ ମତେ ଆସେମ୍ବ୍ଲି ଭିତରେ ବହୁତ ମଚାଇଲେ ଏବଂ ଏହି ସର୍ତ୍ତରେ ରାଜି ହେବାପାଇଁ କହିଲେ । ମୁଁ ବାଧ୍ୟ ହୋଇ ଅର୍ଥ ସଚିବଙ୍କ ଆଗରେ ହଁ କଲି । ଏ ୧୯୩୩-୩୪ ସାଲର କଥା । ସେଥିରେ ହିଁ ଓଡ଼ନେଲ କମିଟି ରିପୋର୍ଟ ଅନୁସାରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ସଙ୍ଗେ ଜୟପୁରକୁ ମିଶାଇ ଓଡ଼ିଶା ପ୍ରଦେଶ ଗଢ଼ା ହେବାର ଇଂରେଜ ସରକାର ସ୍ଥିରକଲେ । ୧୯୩୬ ମସିହା ଏପ୍ରିଲ ପହିଲରେ ତାହା କାର୍ଯ୍ୟକାରୀ ହେଲା ।” ଏଠି ମନେ ରଖିବାର ଅଛି, ଉତ୍କଳମଣି ଗୋପବନ୍ଧୁଙ୍କର ମୃତ୍ୟୁ ହୁଏ ୧୯୨୮ ମସିହାରେ ଓ କୁଳବୃଦ୍ଧ ମଧୁସୂଦନ ଏହାର ୬ ବର୍ଷପରେ ୧୯୩୪ ମସିହାରେ ଇହଲୀଳା ସାଙ୍ଗ କରନ୍ତି । ମୃତ୍ୟୁ ଦିବସ ପାଖେଇ ଆସିବାର ଜାଣି ମଧୁବାବୁ ପଣ୍ଡିତ ନୀଳକଣ୍ଠଙ୍କୁ ଦେଖିବାପାଇଁ ଆଗ୍ରହ ପ୍ରକାଶ କଲେ । ସ୍ୱର୍ଗତ ବ୍ରଜସୁନ୍ଦର ଦାସ ଖଣ୍ଡିଏ ଘୋଡ଼ାଗାଡ଼ି ନେଇ ତାଙ୍କ ପାଖକୁ ଆସିଲେ ଓ ମଧୁବାବୁଙ୍କ ଇଚ୍ଛା ତାଙ୍କୁ ଜଣାଇଲେ । ଉଭୟେ ମଧୁବାବୁଙ୍କ କୋଠିକୁ ଗଲେ । ସେଠାରେ କଟକର ମୁଖ୍ୟବ୍ୟକ୍ତିମାନେ ଉପସ୍ଥିତ ଥିଲେ । ମଧୁବାବୁ ସେ ସମୟରେ ଅତିକ୍ଷୀଣ ସ୍ୱରରେ କିଛି କିଛି କହିପାରୁଥିଲେ । ନୀଳକଣ୍ଠଙ୍କ ସହିତ ତାଙ୍କର ଓଡ଼ିଶାର ଭବିଷ୍ୟତ ସମ୍ବନ୍ଧରେ କେତେକ କଥାଭାଷା ହୋଇଥିଲା — ସେ ନୀଳକଣ୍ଠଙ୍କୁ କହିଥିଲେ, “ଓଡ଼ିଶା ସଙ୍ଗେ ପାରଳାଖେମୁଣ୍ଡି ସହିତ ଜୟପୁର ମିଶୁଛି ଇତ୍ୟାଦି ।” ଶେଷରେ ଓଡ଼ିଶାର ପ୍ରଧାନ ନେତା ପୂଜ୍ୟପାଦ ମଧୁବାବୁ ଉପସ୍ଥିତ ଥିବା ମୁଖ୍ୟବ୍ୟକ୍ତିମାନଙ୍କୁ କହିଲେ, “ମୋ ପରେ ନୀଳକଣ୍ଠ ରହିବ । ସେ ଓଡ଼ିଶାର ସବୁ କାମ କରିବ, ତୁମେମାନେ ସମସ୍ତେ ତାକୁ ଧରି ଚାଲିବ ।” କିନ୍ତୁ ଦୁଃଖର କଥା ଉପସ୍ଥିତ ମୁଖ୍ୟବ୍ୟକ୍ତିମାନେ କୁଳବୃଦ୍ଧ ମଧୁସୂଦନଙ୍କ ଅନ୍ତିମ ଅନୁରୋଧ ରକ୍ଷାକଲେ ନାହିଁ । ଏଥିରୁ

Digitized by PPRACHIN, SOA

ପାଠକମାନେ ଆମ ଦେଶର କଥା ଭାବନ୍ତୁ । ଏହାର ଅବ୍ୟବହିତ ପରେ ୧୯୩୭ ମସିହାରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ପ୍ରଥମ କରି କଂଗ୍ରେସକୁ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ଅଣାଇଥିଲେ ହେଁ, ତାଙ୍କୁ କିପରି ପ୍ରଧାନମନ୍ତ୍ରୀ କରାନଗଲା, ତାହା ପୂର୍ବ ପୃଷ୍ଠାମାନଙ୍କରେ ବର୍ଣ୍ଣନା କରାଯାଇଛି ।

ଓଡ଼ିଶାରେ ମିଳିତ ମନ୍ତ୍ରୀମଣ୍ଡଳ :—

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଓଡ଼ିଶାରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇବା ପଣ୍ଡିତ ନୀଳକଣ୍ଠଙ୍କ ଜୀବନର ଏକ ଉଲ୍ଲେଖନୀୟ ଘଟଣା । ୧୯୩୯ ମସିହାରେ ନେତାଜୀ ସୁଭାଷ ବୋଷଙ୍କ ଅଧକ୍ଷତାରେ ଗୋଟିଏ ମହାଭାରତୀୟ ସଂଗଠନ "ଫରଓ୍ୱାର୍ଡ ବ୍ଲକ" ନାମରେ ଗଠିତ ହେଲା । ଓଡ଼ିଶାରେ ତାର ଶାଖା ଗଢ଼ାହେଲା ପଣ୍ଡିତଜୀଙ୍କ ନେତୃତ୍ୱରେ । ଦ୍ୱିତୀୟ ମହାସମରର ସମୟରେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବା ପାଇଁ ନେତାଜୀ ପଣ୍ଡିତ ନୀଳକଣ୍ଠ ପ୍ରଭୃତିଙ୍କୁ ପରାମର୍ଶ ଦେଇଥିଲେ । ନୀଳକଣ୍ଠ, ଗୋଦାବରୀଶ ଏଥିପାଇଁ ଆପ୍ରାଣ ଉଦ୍ୟମ ଚଳାଇଲେ । ମନେ ରଖିବାକୁ ହେବ, ଏଥିପାଇଁ କଂଗ୍ରେସ ଆଦେଶରେ ଓଡ଼ିଶାର କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଇ ଆସିଥିଲେ । ଏ ଦୁହିଁଙ୍କ ଉଦ୍ୟମ ଫଳରେ ଓଡ଼ିଶାରେ ପାରଳା ମନ୍ତ୍ରୀମଣ୍ଡଳ ଗଢ଼ା ହେଲା । ପାରଳାର ରାଜା ପ୍ରଧାନମନ୍ତ୍ରୀ ହେଲେ, ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ହେଲେ । ମୌଲବୀ ଲତିଫୁର ରହମାନ ଏଇ ମିଳିତ ମନ୍ତ୍ରୀମଣ୍ଡଳରେ ଅନ୍ୟ ମନ୍ତ୍ରୀ ରୂପେ ସ୍ଥାନ ପାଇଥିଲେ । ଏଇ ସମୟରେ ପଣ୍ଡିତ ନୀଳକଣ୍ଠ ମୁଖ୍ୟ ସାମୁଖ୍ୟରେ ପ୍ରଧାନ କର୍ମକର୍ତ୍ତା ରୂପେ କାର୍ଯ୍ୟ କରିଥିଲେ । ଇଂରେଜଙ୍କୁ ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିବା ବାହାନାରେ ପଣ୍ଡିତ ନୀଳକଣ୍ଠ ଏଇ ମନ୍ତ୍ରୀମଣ୍ଡଳ ଗଠନ କରାଇଥିଲେ, ଯାହାର ଲକ୍ଷ୍ୟଥିଲା, ଭାରତୀୟମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷାର ସୁଯୋଗ ଦେବା ଏବଂ ଭାରତର ପୂର୍ବପଟେ ଜାପାନର ଅନୁପ୍ରବେଶରେ ସାହାଯ୍ୟ କରି ସେଇ ସୂତ୍ରରେ ଭାରତର

Digitized by PPRACHIN, SOA

ସ୍ୱାଧୀନତା ହାସଲ କରିବା । ଏ ସମସ୍ତ କାର୍ଯ୍ୟ ସୁଭାଷ ବୋଷଙ୍କ ନିର୍ଦ୍ଦେଶରେ ହେଉଥିଲା ଏବଂ ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ଏହାର ପରିଚାଳନା ଦାୟିତ୍ୱରେ ଥିଲେ ।

ଏ ସମୟରେ ଗୋଟିଏ ଅତି କୌତୁହଳ ପୂର୍ଣ୍ଣ ଘଟଣା ଘଟିଲା କଟକ ଟାଉନ ହଲରେ ଯୁଦ୍ଧ ସାମୂହ୍ୟର ଗୋଟିଏ ମିଟିଂରେ ସାମୂହ୍ୟର ଅଧ୍ୟକ୍ଷ ପଣ୍ଡିତ ନୀଳକଣ୍ଠଙ୍କର ସଭାପତିତ୍ୱ କରିବାର ଥାଏ ନୀଳକଣ୍ଠ ହଲ୍ ଭିତରେ ପ୍ରବେଶ କରନ୍ତେ 'God save the King' ଲେଖାହୋଇ କାନ୍ଥରେ ମରା ଯାଇଥିବା ପତାକା ଉପରେ ତାଙ୍କର ଦୃଷ୍ଟି ପଡ଼ିଗଲା— ନୀଳକଣ୍ଠଙ୍କର ରାଗ ଦେଖେ କିଏ ? ସେ କହିଲେ, "ଆମେ କଣ ଏଇଆ କହିବାକୁ ଆସିଚୁ—ହଟାଅ ସେଥିକୁ ।" God save the Nation ପତାକା ସଙ୍ଗେ ସଙ୍ଗେ ଲଟାଗଲା ଓ ସଭା ଆରମ୍ଭ ହେଲା । ଏ ସମ୍ବାଦ ଗଭର୍ଣ୍ଣରଙ୍କ କାନକୁ ଗଲା— ଫଳରେ ନୀଳକଣ୍ଠଙ୍କୁ ଯୁଦ୍ଧ ସାମୂହ୍ୟର ନେତାପଦ ଛାଡିବାକୁ ପଡ଼ିଥିଲା । ଏ ମନ୍ତ୍ରୀମଣ୍ଡଳ ପ୍ରଗତିଶୀଳ ହେବାରୁ ଏହାକୁ ପରେ ଭାଙ୍ଗି ଦିଆଯାଇଥିଲା ବୋଲି ନୀଳକଣ୍ଠ କହିଛନ୍ତି ।

ମିଳିତ ମନ୍ତ୍ରୀମଣ୍ଡଳ ଗଠନ ଲାଗି ଏବେ ମଧ୍ୟ କେହି କେହି ନୀଳକଣ୍ଠଙ୍କ ପ୍ରତି ଦୋଷାରୋପ କରିଥାନ୍ତି— ମାତ୍ର ସେମାନେ ବୁଝିବା ଉଚିତ ଯେ ଏହା ସୁଭାଷ ବୋଷଙ୍କ ପରାମର୍ଶରେ ଗଠିତ ହୋଇଥିଲା ଓ ସୁଭାଷ ବୋଷ ଦେଶ ଦ୍ରୋହ କରି ନଥିଲେ । ପୁଣି 'ନବଭାରତ' ପ୍ରେସରେ ଛପା ହେଉଥିବା 'ବିପ୍ଳବୀ ସୁଭାଷ' ପୁସ୍ତକ ବାଜ୍ୟାପ୍ତ ହେବା, ଅଶୋକ ଦାସ, ବବୁଧେନ୍ଦ୍ର ମିଶ୍ର, ବଳରାମ ମହାନ୍ତି ପ୍ରଭୃତି ଜେଲ ଯିବା ଇତ୍ୟାଦି ଏ ସମୟର ନୀଳକଣ୍ଠଙ୍କ ବୈପ୍ଳବିକ କାର୍ଯ୍ୟକ୍ରମର ଅନ୍ୟାନ୍ୟ ଉଦାହରଣ । ଅବଶ୍ୟ ଯୁଦ୍ଧର ଗତି ବଦଳି ଗଲା—ସୁଭାଷଙ୍କର ଏକ ଉଡ଼ାଜାହାଜ ଦୁର୍ଘଟଣାରେ ମୃତ୍ୟୁ ହେଲା—ଜାପାନ ତଥା ଶତ୍ରୁପକ୍ଷ ପରାସ୍ତ ହେଲେ । ତେବେ ମହାତ୍ମାଙ୍କର ଅହିଂସା ସଂଗ୍ରାମ ଓ

Digitized by PPRACHIN, SOA

ନେତାଜୀଙ୍କର ଆଇ. ଏନ୍. ଏ. ସଂଗଠନ ମାଧ୍ୟମରେ ହିଂସାତ୍ମକ ସଂଗ୍ରାମର ସମନ୍ୱୟ ହିଁ ଭାରତକୁ ମୁକ୍ତ କରିଥିଲା ବୋଲି ଏକ ପ୍ରତିଷ୍ଠିତ ମତବାଦ ପ୍ରକାଶ ପାଇଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା —

କେନ୍ଦ୍ର ବ୍ୟବସ୍ଥା ସଭାରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବୀ କଲାବେଳେ ପ୍ରସ୍ତାବିତ ପ୍ରଦେଶରେ ଗୋଟିଏ ବିଶ୍ୱ-ବିଦ୍ୟାଳୟ ରହିବା ଆବଶ୍ୟକ ବୋଲି ନୀଳକଣ୍ଠ ମତ ଦେଇ ଆସୁଥିଲେ । ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ପରେ ସରକାରଙ୍କୁ ଓଡ଼ିଶାରେ ବିଶ୍ୱବିଦ୍ୟାଳୟଟିଏ ପ୍ରତିଷ୍ଠା କରିବା ନିମନ୍ତେ ନୀଳକଣ୍ଠ ପରାମର୍ଶ ଦେଲେ ଓ କଂଗ୍ରେସ ବେକଂଗ୍ରେସ ସବୁ ଦଳର ବିଶିଷ୍ଟ ବ୍ୟକ୍ତିମାନେ ଏଥିଲାଗି ବ୍ରହ୍ମପୁରଠାରେ ଯେଉଁ କମିଟି ଗଠନ କଲେ, ନୀଳକଣ୍ଠ ତହିଁର ଚେୟାରମ୍ୟାନ ହେଲେ ।

ଏହି ସଭାରେ ବିଲାତ ଫେରନ୍ତା ବିଶିଷ୍ଟ ଶିକ୍ଷାବିତ୍ ଜଣେ କହିଲେ — "ବିଲାତର ଅକ୍ସଫୋର୍ଡ୍, କେମ୍ବ୍ରିଜ ଆଦର୍ଶରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଗଢାଯାଉ ।" ଏହା ଶୁଣି ସେହି ସଭାରେ ନୀଳକଣ୍ଠ କହିଲେ—"ଶୁଣିଥିଲୁ, ଜାହାଜରେ ଲଦା ହୋଇ ବିଲାତରୁ ନୂଆ ଲୁଗା ଆସେ, ଏବେ ଦେଖାଯାଉଛି, କେବଳ ଲୁଗା ନୁହେଁ, ବୁଦ୍ଧି ମଧ୍ୟ ଆସୁଛି ।" ସଭାରେ ଦୂରଦର୍ଶୀ ନୀଳକଣ୍ଠଙ୍କ ଏଭଳି କଥା ସମସ୍ତଙ୍କ ମନକୁ ପାଇଲା ।

ପରେ ପୁଣି ସରକାର ବିଶ୍ୱବିଦ୍ୟାଳୟର ରୂପରେଖ କ'ଣ କପରି ହେବ, ସେଥିପାଇଁ ଗୋଟିଏ ରିପୋର୍ଟ ଦେବା ଲାଗି ୧୯୩୮ ମସିହାରେ ଯେଉଁ କମିଟି ବସାଇଲେ, ସେଥିରେ ମଧ୍ୟ ନୀଳକଣ୍ଠଙ୍କୁ ଚେୟାରମ୍ୟାନ କରାଯାଇଥିଲା । ସରକାରଙ୍କର ଅର୍ଥାଭାବର ଆଳକୁ ନୀଳକଣ୍ଠ 'ନବଭାରତ'ରେ ବହୁ ଯୁକ୍ତି ଦର୍ଶାଇ ଖଣ୍ଡନ କରିଥିଲେ ।

Digitized by PPRACHIN, SOA

ବିଶ୍ୱନାଥଦାଶଂକ ମନ୍ତ୍ରୀମଣ୍ଡଳକୁ ନୀଳକଣ୍ଠ ଦେଇଥିବା ରିପୋର୍ଟର ଏକ ନକଲ ଏବେ ମିଳେନା । ମନେହୁଏ, ତାର ଭିତ୍ତିରେ ଉତ୍କଳ ବିଶ୍ୱ-ବିଦ୍ୟାଳୟଟି ତାଂକ ନିଜ ପ୍ରତିଷ୍ଠିତ ମିଳିତ ମନ୍ତ୍ରୀମଣ୍ଡଳର ଶିକ୍ଷା ମନ୍ତ୍ରୀ ଥିବା ପଣ୍ଡିତ ଗୋଦାବରୀଶଂକ ଦ୍ୱାରା ୧୯୪୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

କେନ୍ଦ୍ର ବ୍ୟବସ୍ଥା ସଭା ପରେ—

ପଣ୍ଡିତ ନୀଳକଣ୍ଠ ୧୯୪୫ ମସିହା ପର୍ଯ୍ୟନ୍ତ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ଥିଲେ । ୧୯୪୬ରେ ଏଥିଲାଗି ତାଙ୍କୁ କଂଗ୍ରେସ ଟିକେଟ ମିଳି ନଥିଲା ଯେହେତୁ ସେତେବେଳକୁ ଆଇ. ଏନ. ଏ.ଂକର ଖ୍ୟାତିକୁ ସ୍ୱାଧୀନତା ଅଣାଇବାରେ ଅବଦାନ ଲୋକରେ ପ୍ରତିଷ୍ଠିତ ହୋଇ ନ ଥିଲା । ତେଣୁ ୧୯୪୬ରୁ ୧୯୫୧ ମସିହା ଯାଏ ନୀଳକଣ୍ଠ ନିରବଚ୍ଛିନ୍ନ ସାହିତ୍ୟ ସାଧନାରେ ରହିଲେ । ୧୯୪୬ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ନିମନ୍ତେ କଂଗ୍ରେସ ପ୍ରାର୍ଥୀ ଭାବେ ତାଂକର ଅନ୍ୟତମ ସହକର୍ମୀ ଲିଙ୍ଗରାଜ ମିଶ୍ରଙ୍କୁ ସମର୍ଥନ କଲେ । ଏହି ସମୟରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଧାରା ଉପରେ ତାଂକର ବହୁ ତଥ୍ୟ ସମ୍ବଳିତ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" (୧ମ ଓ ୨ୟ ଭାଗ), 'ସଂସ୍କୃତ ଓ ସଂସ୍କୃତି' ପୁସ୍ତକମାନ ପ୍ରକାଶ ପାଇଲା । 'ନବଭାରତ' ମାସିକ ପତ୍ରିକାର ପୁନଃ ପ୍ରକାଶନ ମଧ୍ୟ ହେଲା ।

ଓଡ଼ିଶା ବିଧାନ ସଭାରେ ନୀଳକଣ୍ଠ—

୧୯୫୧ ମସିହା ନିର୍ବାଚନରେ ସାଥୀ ଗୋଦାବରୀଶଙ୍କୁ ଧରି ନୀଳକଣ୍ଠ "ସ୍ୱାଧୀନ ଜନସଂଘ" ନାମରେ ଏକ ନୂତନ ଦଳ ଗଢି ଓଡ଼ିଶା ଆସେମ୍ବ୍ଲି ନିର୍ବାଚନରେ ଅବତୀର୍ଣ୍ଣ ହେଲେ ଏବଂ ନିଜକୁ ଓ ଗୋଦାବରୀଶଂକ ସମେତ ଦଳର ୪ଜଣ ସଭ୍ୟଙ୍କୁ ନିର୍ବାଚିତ କରାଇଲେ । ଅବଶ୍ୟ ପରେ ବ୍ରହ୍ମପୁର ଦ୍ୱୈତ ନିର୍ବାଚନ ମଣ୍ଡଳୀର

Digitized by PPRACHIN, SOA

୨ ଜଣ ସଭ୍ୟ ନିର୍ବାଚନ ମକଦମାରେ କାଟ ଖାଇଗଲେ । ତେଣୁ ସତେଁ, 'ଏକାଠେ ଏକଶତ' ପରି ଓଡ଼ିଶା ବିଧାନ ସଭାକୁ ଏ ଦୁଇ ପଣ୍ଡିତ ସର-ଗରମ କରି ରଖିବା ବ୍ୟତୀତ ସରକାରଙ୍କୁ ବହୁ ସମୟରେ ମହା ଅଡ଼ୁଆରେ ପକାଉଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ବିରୁଦ୍ଧ ଦଳରେ ଥିବା ପଣ୍ଡିତ ନୀଳକଣ୍ଠଙ୍କର କେତେକ ପରାମର୍ଶ ମଧ୍ୟ ଗ୍ରହଣ କରି ନେଉଥିଲେ । କେବଳ ବିରୋଧ ପାଇଁ ସରକାରଙ୍କର ସମସ୍ତ କାର୍ଯ୍ୟକୁ ସମାଲୋଚନା ନକରି ରାଜ୍ୟର ସାମୂହିକ ହିତ ଦୃଷ୍ଟିରୁ ସରକାରଙ୍କର ଜନମଙ୍ଗଳ ପ୍ରସ୍ତାବିତ କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇବା ଉଚିତ ବୋଲି ନୀଳକଣ୍ଠଙ୍କର ମତ ଥିଲା ।

କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ—

ନୀଳକଣ୍ଠଙ୍କ ବଳିଷ୍ଠ ଗଠନ ମୂଳକ ସମାଲୋଚନାରେ ମୁଗ୍ଧ ହୋଇ ଶ୍ରୀଯୁକ୍ତ ଚୌଧୁରୀ ପଣ୍ଡିତ ନୀଳକଣ୍ଠଙ୍କୁ କଂଗ୍ରେସକୁ ଫେରାଇ ଆଣିବା ନିମନ୍ତେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କୁ ଅନୁରୋଧ କଲେ । ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭାରେ ଥିବାବେଳେ ନେହରୁଙ୍କ ପିତା ପଣ୍ଡିତ ମୋତିଲାଲ ତାଙ୍କୁ ଦଳର ସମ୍ପାଦକ ଭାବେ ବାଛିଥିବା କଥା ପୂର୍ବରୁ କୁହାଯାଇଛି । ସେ ଭାବରେ ପଣ୍ଡିତ ନେହରୁ ତାଙ୍କୁ ସେବେଠାରୁ ଉତ୍ତମରୂପେ ଜାଣିଥିଲେ ମଧ୍ୟ ୧୯୩୭ ମସିହାରେ ନୀଳକଣ୍ଠଙ୍କ ସହିତ ନିର୍ବାଚନ ଗସ୍ତ ବେଳେ ତାଙ୍କର ପାରଙ୍ଗମତା ବିଷୟ ବିଶେଷ ଭାବେ ହୃଦୟଙ୍ଗମ କରି ପାରିଥିଲେ । ଜାତୀୟ କଂଗ୍ରେସର ସଭାପତି ଭାବରେ ସେ ନୀଳକଣ୍ଠଙ୍କୁ ୧୯୫୫ ମସିହା ମାର୍ଚ୍ଚ ମାସରେ ଚିଠି ଲେଖିଲେ, "ଆପଣ ଅତୀତରେ କଂଗ୍ରେସର ଜଣେ ସ୍ତମ୍ଭ ସ୍ୱରୂପ ଥିଲେ । ୧୫ ବର୍ଷ ତଳେ ଆପଣ ଯେତେବେଳେ ଏହାକୁ ଛାଡ଼ି ଚାଲି ଯାଇଥିଲେ, ମୁଁ ଓ ଅନ୍ୟମାନେ ବିଶେଷ ଦୁଃଖିତ ହୋଇଥିଲୁ— ଏବେ ଆପଣ କଂଗ୍ରେସକୁ ଫେରିଆସି ଆପଣଙ୍କର ବିଜ୍ଞ ପରାମର୍ଶ

Digitized by PPRACHIN, SOA

ଦେଇ ଆମ୍ଭମାନଙ୍କୁ ସାହାଯ୍ୟ କଲେ ମୁଁ ବାସ୍ତବରେ ଖୁସି ହେବି ।" ପଣ୍ଡିତ ନୀଳକଣ୍ଠ ଏ ଚିଠି ନେଇ ତାଙ୍କ ନିର୍ବାଚନ ମଣ୍ଡଳୀକୁ ଗଲେ । ଅଞ୍ଚଳର ମୁରବି ଓ ନେତୃଶ୍ରେଣୀୟ ବ୍ୟକ୍ତିଙ୍କ ସଙ୍ଗେ ପରାମର୍ଶ କଲେ ଏବଂ ସଭା ସମିତିରେ ନିର୍ବାଚନ ମଣ୍ଡଳୀର ମତ ନେଇ କଂଗ୍ରେସକୁ ଫେରି ଆସିଲେ ୧୯୫୫ ମସିହା ମେ' ମାସରେ । ୧୯୫୫ ମସିହା ଅଗଷ୍ଟ ମାସରେ ନୀଳକଣ୍ଠ ଉତ୍କଳ ବିଶ୍ୱବିଦ୍ୟାଳୟର ଉପ-କୁଳାଧିପତି ରୂପେ ସିନେଟରେ ନିର୍ବାଚିତ ହେଲେ । ଏହି ପଦରେ ସେ ୨ ବର୍ଷକାଳ ଉଚ୍ଚ ଶିକ୍ଷା ପ୍ରସାର ଦିଗରେ ଯଥେଷ୍ଟ ପଦକ୍ଷେପ ନେଇଥିଲେ ।

ସେହି ବର୍ଷ ଡିସେମ୍ବର ମାସରେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଅଗାଧ ପାଣ୍ଡିତ୍ୟର ସ୍ମାରକୀ ସ୍ୱରୂପ ତାଙ୍କୁ ସାହିତ୍ୟରେ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଥିଲା । ବାସ୍ତବରେ କହିବାକୁ ଗଲେ, ଏଥିରେ ନୀଳକଣ୍ଠଙ୍କର ମର୍ଯ୍ୟାଦା କିଛି ବଢି ନଥିଲା— ବଢିଥିଲା ବିଦ୍ୱାନ ବ୍ୟକ୍ତିଙ୍କୁ ସମ୍ମାନିତ କରିବାରେ ଉତ୍କଳ ବିଶ୍ୱ-ବିଦ୍ୟାଳୟର ନିଜର ସମ୍ମାନ ।

ଓଡ଼ିଶା ବିଧାନ ସଭାର ବାଚସ୍ପତି—

୧୯୫୭ ମସିହାରେ ଓଡ଼ିଶା ବିଧାନ ସଭାର ସାବାଳକ ଭୋଟ ଭିତ୍ତିରେ ୨ୟ ନିର୍ବାଚନ ହେଲା । ନୀଳକଣ୍ଠଙ୍କ ପ୍ରିୟ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ କେହି ତାଙ୍କର ପ୍ରତିଦ୍ୱନ୍ଦିତା କଲେ ନାହିଁ । ପଣ୍ଡିତ ନୀଳକଣ୍ଠ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ଓଡ଼ିଶା ବିଧାନ ସଭାର ବାଚସ୍ପତି ପଦ ମଣ୍ଡନ କଲେ । ବିଧାନ ସଭା କାର୍ଯ୍ୟରେ ଶୃଙ୍ଖଳା ଆଣିବା ଓ ଏହାର ମର୍ଯ୍ୟାଦା ରକ୍ଷା ପାଇଁ ଏହାର ସ୍ୱାତନ୍ତ୍ର୍ୟ ଲୋଡ଼ା ବୋଲି ସେ ଅନୁଭବ କଲେ । ଏଥିଲାଗି ଗଠିତ ଆସେମ୍ବ୍ଲି ସବ୍ କମିଟି ମୁଖ୍ୟମନ୍ତ୍ରୀ ମହତାବଙ୍କ ଅଧକ୍ଷତାରେ ଦୀର୍ଘ ଦିନ ଧରି ବିଷୟଟିର ଅନୁଧ୍ୟାନ କଲେ । ସବ୍ କମିଟି ବୈଠକ ବହୁଥର ବସିଲା — କାରଣ ଏତେବେଳକୁ

Digitized by PPRACHIN, SOA

ଭାରତର ସବୁ ରାଜ୍ୟର ବିଧାନସଭା ସେକ୍ରେଟେରିଏଟ୍ ଗୁଡିକ ସରକାରୀ ଶାସନ କଳ (Executive Govt.) ଅଧୀନରେ ରହିଥିଲା । ନିଜ ସେକ୍ରେଟେରିଏଟ୍‌କୁ ସରକାରି ବିଭାଗ ଅଧୀନରୁ ପୃଥକ କରାଇ ଏହାର ସ୍ୱାତନ୍ତ୍ର୍ୟ ଅଣାଇବା ନିମନ୍ତେ ତାଙ୍କୁ ଦୁଇବର୍ଷ କାଳ ବହୁ ଶ୍ରମ କରିବାକୁ ପଡିଥିଲା ବୋଲି ପଣ୍ଡିତ ମାଳକଣ୍ଠ ଲିପିବଦ୍ଧ କରିଛନ୍ତି । ବିଧାନ ସଭାର ଅଧିବେଶନ ମାନଙ୍କରେ ନିଜର ନିରପେକ୍ଷତା ରକ୍ଷା କରିବା ସଙ୍ଗେ ସଙ୍ଗେ ବଳିଷ୍ଠ ଓ ନ୍ୟାୟସଙ୍ଗତ ନିର୍ଦ୍ଦେଶମାନ ଦେଇ ସେ ଗୃହର ମର୍ଯ୍ୟାଦା ରକ୍ଷା କରିଥିଲେ ଓ ଏଥିଲାଗି ସେ ସବୁ ଦଳର ଶ୍ରଦ୍ଧା ଓ ଭକ୍ତିଭାଜନ ହୋଇଥିଲେ ।

ପଣ୍ଡିତ ମାଳକଣ୍ଠ ଏଠାରେ ଆଉ ଗୋଟିଏ ନୂତନ ପରଂପରା ସୃଷ୍ଟି କଲେ, ଯାହା ଭାରତର ସବୁ ରାଜ୍ୟ ପାଇଁ ପୂର୍ବ ପ୍ରଚଳିତ ପ୍ରଥା ବଦଳରେ ଏବେ ଅନୁସୃତ ହେଉଛି । ତାହା ହେଲା, ରାଜ୍ୟର ମନ୍ତ୍ରୀ ମଣ୍ଡଳ ଭାଙ୍ଗିଯିବା ସଙ୍ଗେ ସଙ୍ଗେ ବାଚସ୍ପତିଙ୍କର କାର୍ଯ୍ୟକାଳ ଶେଷ ହେଉଥିବା ପରଂପରାକୁ ବଦଳାଇବା । ୧୯୬୧ ଫେବୃୟାରୀରେ ମହତାବଙ୍କ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବା ପରେ ବାଚସ୍ପତି ମାଳକଣ୍ଠଙ୍କର କାର୍ଯ୍ୟକାଳ ମଧ୍ୟ ଶେଷ ହୋଇଗଲା ବୋଲି ଘୋଷଣା ପ୍ରକାଶ ପାଇଲା । ପଣ୍ଡିତ ମାଳକଣ୍ଠ ଏହା ବିରୁଦ୍ଧରେ ଭାରତ ସମ୍ବିଧାନର ନିୟମାବଳୀ ତଥା କେନ୍ଦ୍ର ଶାସନର ନଜିର ଦେଖାଇ ନୂତନ ବ୍ୟବସ୍ଥା ସଭା ଗଠିତ ହୋଇ ନୂଆ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ରାଜ୍ୟମାନଙ୍କରେ ଥିବା ବାଚସ୍ପତିଙ୍କର କାର୍ଯ୍ୟକାଳ ବଳବତ୍ତର ରହିବା ନିୟମସିଦ୍ଧ ବୋଲି ଦର୍ଶାଇଲେ । କେନ୍ଦ୍ର ସରକାରରେ ଚହଳ ପଡିଗଲା । ଶେଷରେ କେନ୍ଦ୍ର ସରକାର ରାଜ୍ୟରେ ସେବର ପ୍ରଚଳିତ ପ୍ରଥା ଭ୍ରମାତ୍ମକ ବୋଲି ଉପଲବ୍ଧି କରି ନୂତନ ବାଚସ୍ପତି ନିର୍ବାଚିତ ହେବାଯାଏ ଅର୍ଥାତ୍ ତା ୧-୭-୬୧ ରିଖ ଯାଏ ମାଳକଂଠଂକ ବାଚସ୍ପତିର ପଦ ଓ ସମ୍ମାନ କାଏମ ରଖିଲେ । ସେବଠାରୁ ସବୁ ରାଜ୍ୟରେ ଏହି ପ୍ରଥା ପ୍ରଚଳିତ ହେଲା ।

Digitized by PPRACHIN, SOA

ପଦ୍ମଭୂଷଣ ଉପାଧି

୧୯୫୭ ମସିହାରେ ଭାରତ ସରକାର ପଣ୍ଡିତ ନୀଳକଣ୍ଠଙ୍କୁ ପଦ୍ମଭୂଷଣ ଉପାଧି ଦେବାର ସ୍ଥିର କଲେ । ଏହା ଜାଣି ତାଙ୍କର ବନ୍ଧୁ ହିତୈଷୀ ଏପରି ଉପାଧି ତାଙ୍କ ପ୍ରତି ହ୍ରସ୍ୱ ବୋଲି ମନେକରି ଏହାକୁ ଅଗ୍ରାହ୍ୟ କରିବା ପାଇଁ ତାଙ୍କୁ ପ୍ରବର୍ତ୍ତାଇଲେ । ନୀଳକଣ୍ଠ କହିଲେ, "ରାଜେନ୍ଦ୍ର ପ୍ରସାଦ ମୋର ଜଣେ ପୁରାତନ ବନ୍ଧୁ । ସେ ମତେ ଏହି ଉପାଧିଟି ଦେବାପାଇଁ ଠିକ୍ କରିଛନ୍ତି । ଏ ଉପାଧିରେ ମୋର ବା ଯାଏ ଆସେ କେତେ ? ମୁଁ କ'ଣ ତାଙ୍କ ସଙ୍ଗେ ଏଥି ଲାଗି କଳହ କରିବ ?" ଡଃ. ରାଜେନ୍ଦ୍ର ପ୍ରସାଦ ନୀଳକଣ୍ଠଙ୍କ ଭୁବନେଶ୍ବର ବାସ-ଭବନକୁ ଆସି ତାଙ୍କର ବହୁ ପୂର୍ବସ୍ମୃତି ମନେ ପକାଇ ଓ ତାଙ୍କ ସହିତ ବହୁ ସମୟ ଅତିବାହିତ କରି "ପଦ୍ମଭୂଷଣ" ପଦକଟି ନୀଳକଣ୍ଠଙ୍କୁ ନିଜେ ବଢ଼ାଇ ଦେଇଥିଲେ । କିନ୍ତୁ ପଣ୍ଡିତ ନୀଳକଣ୍ଠ କେବେହେଲେ ତାଙ୍କ ନାମ ଆଗରୁ 'ଡକ୍ଟର' ବା 'ପଦ୍ମଭୂଷଣ' ଲଗାଇ ଲେଖି ନାହାନ୍ତି ।

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି :

ଓଡ଼ିଶା ସରକାର ୧୯୫୮ରେ ଓଡ଼ିଆ ସାହିତ୍ୟର ବିକାଶ ନିମନ୍ତେ ଓଡ଼ିଆ ସାହିତ୍ୟ ଏକାଡେମୀ ନାମରେ ଗୋଟିଏ ଅନୁଷ୍ଠାନ ଗଠନ କଲେ । ପଣ୍ଡିତ ନୀଳକଣ୍ଠ ହେଲେ ତାର ପ୍ରଥମ ସଭାପତି । ଓଡ଼ିଆ ସାହିତ୍ୟର ଉନ୍ନତି କଳ୍ପେ ଏ ସମୟ ଭିତରେ ସେ ଯାହା ଯାହା କରିଛନ୍ତି, ଏଠି କହିବା ଅନାବଶ୍ୟକ । ତେବେ ସେଥିରେ ମାତ୍ର ଗୋଟିଏ ବର୍ଷ ସଭାପତି ରହି ରାଜ୍ୟରେ ସାହିତ୍ୟ ସାଧନାକୁ ଉତ୍ସାହିତ କରିବାର ବାଟ ସେ ଦେଖାଇଥିଲେ ।

୧୯୬୧ ମସିହା ଡିସେମ୍ବର ମାସରେ ଏହି ଅନୁଷ୍ଠାନ ତରଫରୁ ସଭାପତି ଶ୍ରୀ ହରେକୃଷ୍ଣ ମହତାବ ନୀଳକଣ୍ଠଙ୍କୁ ସମ୍ବର୍ଦ୍ଧନା

Digitized by PPRACHIN, SOA

ଜଣାଇ ଏକ ମାନପତ୍ର ଜରିଆରେ ତାଙ୍କ ସାହିତ୍ୟିକ କୃତିତ୍ୱ ଭୂୟସୀ ପ୍ରଶଂସା କରିଥିଲେ । ତାହା ଅବଶ୍ୟ ପ୍ରଣିଧାନ ଯୋଗ୍ୟ ଓ ଡଃ. ମହତାବଂକର ସାହିତ୍ୟିକ ନୀଳକଂଠଂକ ପ୍ରତି ଗଭୀର ଶ୍ରଦ୍ଧାର ଏକ ନିଦର୍ଶନ ।

'ଆତ୍ମଜୀବନୀ' ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର :

ରାଜନୀତିରୁ ବିଦାୟ ନେଇ ପଣ୍ଡିତ ନୀଳକଣ୍ଠ ଶେଷ ବୟସରେ ଲେଖିଲେ ତାଂକର 'ଆତ୍ମଜୀବନୀ' । ବାସ୍ତବରେ ବହୁ ବ୍ୟକ୍ତିମାନେ ତାଙ୍କୁ ଏହା ଲେଖିବା ପାଇଁ ସନିର୍ବନ୍ଧ ଅନୁରୋଧ କରିବାରେ ସେ ନିଜ ଜୀବନ କାହାଣୀ ଲିପିବଦ୍ଧ କରିବା ପାଇଁ ରାଜି ହେଲେ । ଏବଂ "ଯେତିକି କଥା ମନେ ପଡ଼ିବ, ତା' ଭିତରୁ କିଛି କହିବି । × × × ଶୃଙ୍ଖଳିତ ଭାବରେ କିଛି କହି ପାରିବି ନାହିଁ ।" କହି ଆତ୍ମଜୀବନୀଟି ଡାକି ଗଲେ । ତାହା ପ୍ରକାଶ ହୋଇଲା ୧୯୬୩ ମସିହାରେ । ସେହି ବର୍ଷ ପଣ୍ଡିତ ନୀଳକଣ୍ଠ ଏ ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାର ଲାଭ କଲେ ।

ଅନ୍ତିମ ଜୀବନ :

ପୂର୍ବେ କହିଛୁ, ପୁଣି ଥରେ କହୁଛୁ, ପଣ୍ଡିତ ନୀଳକଣ୍ଠଙ୍କର ବିଶାଳ କର୍ମମୁଖର ଜୀବନର ବିବରଣୀ ସ୍ୱଳ୍ପ ପରିସର ମଧ୍ୟରେ ପ୍ରକାଶ କରିବା ଧୃଷ୍ଟତା ମାତ୍ର । ନୀଳକଣ୍ଠ ପାଶ୍ଚାତ୍ୟ ଖଣ୍ଡର ଯେ କୌଣସି ଦେଶରେ ଜନ୍ମ ହୋଇଥିଲେ, ବିଶ୍ୱବନ୍ଦ୍ୟ ହୋଇଥାନ୍ତେ । ଏଥିରେ ତାଙ୍କ ଜୀବନ କାହାଣୀର ଏକ ସଂକ୍ଷିପ୍ତ ସୂଚନା ମାତ୍ର ଦିଆଯାଇଛି । ଶେଷ ଜୀବନରେ ସେ ବହୁମୂତ୍ର ତଥା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଥିଲେ ଓ ତାଂକ ବଡ଼ଜାମାତାଂକ ପାଖେ ରହୁଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ, ଶ୍ରୀଯୁକ୍ତ ସଦାଶିବ ତ୍ରିପାଠୀ ଓ ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ସିଂହଦେଓ ସମସ୍ତେ ପଣ୍ଡିତ ନୀଳକଣ୍ଠ-

Digitized by PPRACHIN, SOA

ଙ୍କର ଅସୁବିଧା ନ ହେବା ଲାଗି ତାଙ୍କ ବଡ ଜାମାତାଙ୍କୁ କଟକରୁ ଅନ୍ୟତ୍ର ବଦଳି ନ ହେବାର ବ୍ୟବସ୍ଥା କରିଥିଲେ । ଉଭୟେ ଶ୍ରୀଯୁକ୍ତ ତ୍ରିପାଠୀ ଓ ଶ୍ରୀଯୁକ୍ତ ସିଂହଦେଓ ଥିଲେ ପଣ୍ଡିତ ନୀଳକଣ୍ଠଙ୍କର ଏକାନ୍ତ ଅନୁରକ୍ତ । ଏହି ଦୁରାରୋଗ୍ୟ ରୋଗ ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠଙ୍କର ମନର ବଳ ଶେଷ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା ଓ ତାହା ପ୍ରଭାବରେ ସେ ଦୀର୍ଘ ଦିନ ଧରି କଟକରେ ତାଙ୍କ ବଡ ଜାମାତାଙ୍କ ସରକାରୀ ବାସ ଭବନରେ ରହି ସକ୍ରିୟ ଭାବରେ ସାହିତ୍ୟ ଲେଖନରେ ବ୍ୟାପୃତ ରହିଲେ । ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ହୋଇ କିଏ ବା ମରଣଜୟୀ ହୋଇଛି ? ଚିକିତ୍ସାର ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଏହି ପ୍ରଚଣ୍ଡ ପରାକ୍ରମୀ ମହାପୁରୁଷ ୧୯୬୭ ମସିହା ନଭେମ୍ବର ୭ ତାରିଖ ପୁଣ୍ୟ କାର୍ତ୍ତିକ ମାସର ଶୁକ୍ଳ ପଞ୍ଚମୀ ତିଥିରେ ସୋମବାରର ଦିବାବସାନର ଅଳ୍ପ ପୂର୍ବରୁ ଶେଷ ନିଃଶ୍ୱାସ ତ୍ୟାଗ କଲେ ଦେଶବାସୀଙ୍କୁ ଶୋକ ସାଗରରେ ଭସାଇ ଦେଇ ।

ମହାପ୍ରସ୍ଥାନ

ପଣ୍ଡିତ ନୀଳକଣ୍ଠଙ୍କ ତିରୋଧାନ ସମ୍ବାଦ ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ଜନସ୍ରୋତ ମାଡ଼ିଆସିଲା କଟକର ଏହି ସରକାରୀ କୋଠିକୁ ଓ ଅଜାଡ଼ି ଦେଲା ନୀଳକଣ୍ଠଙ୍କର ମହିମା ବର୍ଣ୍ଣନ ସହିତ ତାଙ୍କ ପ୍ରତି ଅଶ୍ରୁ ଶ୍ରଦ୍ଧାଞ୍ଜଳି । ଓଡ଼ିଶାର ମହାନ୍ ପୂଜ୍ୟ ନେତା, ବରିଷ୍ଠ ପଣ୍ଡିତ, ଅଭିଜ୍ଞ ରାଜନୀତିଜ୍ଞ ଓ ଉତ୍କଳ ପ୍ରଦେଶର ଅନ୍ୟତମ ସ୍ରଷ୍ଟାଙ୍କ ପ୍ରତି ରାଷ୍ଟ୍ର ତରଫରୁ ଉପଯୁକ୍ତ ସମ୍ମାନ ନ ଦେଖାଇଲେ ଏକ ନୈତିକ ତ୍ରୁଟି ରହିଯିବ ବୋଲି ଅନୁଭବ କଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ । ପୂର୍ବରୁ କୌଣସି ପରମ୍ପରା ନ ଥିଲେ ହେଁ ସିଂହଦେଓ ସରକାର ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନର ବ୍ୟବସ୍ଥା କଲେ ।

'ସମାଜ' ଅନୁଷ୍ଠାନ ପକ୍ଷରୁ ମଧ୍ୟ ରାଧାନାଥ ରଥ ଗୋଟିଏ ଯାନ ଯୋଗାଇଲେ । ବହୁ ନେତୃସ୍ଥାନୀୟ ବ୍ୟକ୍ତି, ସାହିତ୍ୟିକ, ସାଧାରଣ

Digitized by PPRACHIN, SOA

ଜନତା ଓ ଆବାଳ ବୃଦ୍ଧବନିତାଂକ କ୍ରନ୍ଦନ ରୋଳ ଓ କୋଳାହଳ ବିସର୍ଜନ ସଙ୍ଗେ ସଙ୍ଗେ ପୋଲିସ ବାହିନୀର ବିଗୁଲ ବାଜିଉଠିଲା । ପଣ୍ଡିତ ନୀଳକଣ୍ଠଙ୍କର ପୁଷ୍ପମାଲ୍ୟ ବିଭୂଷିତ ମର ଶରୀର ରାତିର ପ୍ରଥମ ପ୍ରହରରେ ଏ ସମସ୍ତଂକ ଗହଣରେ ଗୋଟିଏ ସୁସଜ୍ଜିତ ଖୋଲା ମଟର ଚଳିଲା ତାଙ୍କର ପ୍ରିୟ କର୍ମସ୍ଥଳୀ ସତ୍ୟବାଦୀ ଅଭିମୁଖେ ।

କଟକ ଆକାଶବାଣୀରୁ ଏଇ ଦାରୁଣ ଦୁଃସମ୍ବାଦ ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ଶବାଧାର ଯିବା ରାସ୍ତା ସବୁ ଜନାକୀର୍ଣ୍ଣ ହୋଇ ଉଠିଲା । ବାଟରେ ଶତ ଶତ ଦେଶବାସୀ ଓ ବହୁ ଅନୁଷ୍ଠାନମାନଙ୍କର ଶୋକାଶ୍ରୁ ଓ ପୁଷ୍ପମାଲ୍ୟ ଗ୍ରହଣ କରି ଶବାଧାର କଟକର ବିଭିନ୍ନ ଅନୁଷ୍ଠାନ, ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ, ରାଜ୍ୟ ବିଧାନ ସଭା ଓ ଉଚ୍ଚ ସରକାରୀ ଦପ୍ତରମାନ ଦେଇ ଗଭୀର ନିଶୀଥର ନିସ୍ତବ୍ଧତା ଭଙ୍ଗ କରି ସତ୍ୟବାଦୀ ଗ୍ଲଲା । ଶେଷ କାର୍ତ୍ତିକ ରାତିର ଶୀତ କାକର ନ ମାନି ଅସଂଖ୍ୟ ଜନତା ତାଙ୍କ ପ୍ରିୟ ନେତାଙ୍କର ଶେଷ ଦର୍ଶନ ଲାଗି ଭୁବନେଶ୍ୱରରୁ ସତ୍ୟବାଦୀ ଯାଏ ରାସ୍ତା ସାରା ରୁଣ୍ଡ ହୋଇ ଅଶ୍ରୁସିକ୍ତ ପୁଷ୍ପାଞ୍ଜଳି ଅର୍ପଣ କଲେ । ରାତିର ଶେଷ ପ୍ରହରରେ ପୋଲିସ ବିଗୁଲ ଓ ସଂକୀର୍ତ୍ତନ ତାଳେ ତାଳେ ସତ୍ୟବାଦୀର ବକୁଳ ବନ କାନ୍ଦି ଉଠିଲା । ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜନନେତା ତଥା ଅଗଣିତ ପ୍ରିୟ ଦେଶବାସୀଂକର ଶେଷ ପ୍ରଣତି ଘେନି ପଣ୍ଡିତ ନୀଳକଣ୍ଠ ପ୍ରଭାତ ତାରା ଉଇଁ ଆସିଲା ବେଳକୁ ପଞ୍ଚସଖା ପୀଠରେ ଗୋପବନ୍ଧୁଂକ ସମାଧି ପାଖରେ ସର୍ବ-ଗ୍ରାସୀ ଅଗ୍ନିର ଲେଲିହାନ ଶିଖା ଭିତରେ ଲୀନ ହୋଇଗଲେ ।

ହିନ୍ଦୁର ବିଶ୍ୱାସ, ଏଇପରି ମହାପୁରୁଷମାନେ ସ୍ୱର୍ଗାରୋହଣ କରନ୍ତି—ପଣ୍ଡିତ ନୀଳକଣ୍ଠ ସ୍ୱର୍ଗାରୋହଣ କଲେ ।

ସେଇ କଥାହିଁ ଜାଣିପୂ କବି ବୀର କିଶୋର ତାଂକ 'ବକୁଳ ବନର ଗୁରୁ' ପୁସ୍ତିକାରେ "ସେ ପାରି ସମ୍ବାଦ ଶୁଣ ଏଥର"ରେ

Digitized by PPRACHIN, SOA

ଆତ୍ମସ୍ଥ କରି ସ୍ୱର୍ଗପୁରର ସମସ୍ତ ଘଟଣା କଳ୍ପନାରେ ଆଣି ବିଶଦ ଭାବରେ ଗାଇ ଯାଇଛନ୍ତି ।

ପୁଣି ସତ୍ୟବାଦୀର ପୁଣ୍ୟସ୍ଥଳୀ ପଞ୍ଚସଖା ପୀଠରେ ତାଙ୍କ ସ୍ମୃତି ଫଳକଟି ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ପ୍ରୀତିର ନିଦର୍ଶନ ସ୍ୱରୂପ ଚିରଦିନ ଲାଗି ପ୍ରକାଶ କରି କହୁଛି—

କେଉଁ ରାଇଜରୁ ଆସୁଛୁ ?
କହ ବତାସି ମୋରେ,
ଓଡ଼ିଆବୋଇତ ଖବର
କିଛି ଆଣିଛୁ କରେ ?
ନୀଳ ବୀଚି ଭଙ୍ଗି ଆଣୁଛୁ,
ତଡ଼ି ବରଷା ଧାରା,
କାଳ-ବୀଚି ଭଙ୍ଗି ସୁରଣ
ଦୂରେ ଯାଉଛି ପରା ।"

× × ×

Digitized by PPRACHIN, SOA

ଆନୁଷଙ୍ଗିକ କୃତି

ସତ୍ୟବାଦୀ :

ସତ୍ୟବାଦୀ ଥିଲା ପଣ୍ଡିତ ନୀଳକଣ୍ଠଙ୍କର ଜନ୍ମସ୍ଥଳ ଓ ପ୍ରଥମ କର୍ମସ୍ଥଳ । ଦେଶ ମାତୃକାର ସେବାରେ ନିଜକୁ ଉତ୍ସର୍ଗ କରି ସତ୍ୟ-ବାଦୀରେ ସେ ଯେଉଁ ସାଧନା ଆରମ୍ଭ କରିଥିଲେ, ତାହା ତାଙ୍କ ଯୌବନର ପ୍ରଥମରୁ ହିଁ ସାରା ଉତ୍କଳ ତଥା ଭାରତରେ ଚମକ ସୃଷ୍ଟି କରି ଦେଇଥିଲା । ଏ ସମ୍ବନ୍ଧରେ 'ସାହିତ୍ୟ ପରିକ୍ରମା'ରେ 'ଆଗବେ.ଲ୍' ଲେଖିଛନ୍ତି :

"ବକୁଳ ଛାୟାଘନ କୁଞ୍ଜର କମନୀୟ ପ୍ରାକୃତିକ ବେଷ୍ଟନୀ ମଧ୍ୟରେ କିଛି କାଳ ପାଇଁ ଯେଉଁ ତପସ୍ୟା ଆରମ୍ଭ ହୋଇଥିଲା, ଭାଷା ଓ ସାହିତ୍ୟ ଗଠନ ଲାଗି ଯେଉଁ ବିରାଟ ଯୋଜନା ପ୍ରସ୍ତୁତ କରାଯାଇ-ଥିଲା, ତାହା ଆଜି ସଙ୍କୀର୍ଣ୍ଣ ସମ୍ବାଦ-ସାହିତ୍ୟ ମଧ୍ୟରେ ମୁଖ୍ୟତଃ ଆବଦ୍ଧ ହୋଇ ପଡ଼ିଥିଲେ ହେଁ ସମଗ୍ର ଦେଶକୁ ପ୍ରଭାବିତ କରିପାରୁଛି ।"

ସତ୍ୟବାଦୀ ତପୋବନର ପ୍ରଧାନ ଆଚାର୍ଯ୍ୟ ଅର୍ଦ୍ଧ ଶତାବ୍ଦୀର ଊର୍ଦ୍ଧ୍ୱ ହେଲା ସ୍ୱର୍ଗାରୋହଣ କରିଲେଣି । ତାଙ୍କର ପ୍ରଧାନ ଶିଷ୍ୟ ଓ ସହ-କର୍ମୀମାନଙ୍କ ମଧ୍ୟରୁ ଯେଉଁ ନୀଳକଣ୍ଠଙ୍କର କଣ୍ଠ ସ୍ୱରରେ ଏଇ ତପୋବନ ଧ୍ୱନେ ଝଂକୃତ, ମଂନ୍ତ୍ରିତ ହୋଇ ଉଠିଥିଲା, ଯାହାଙ୍କର ଭାଷା ସଂଭାର ଓ ରଚନା ବୈଶିଷ୍ଟ୍ୟ ଓଡ଼ିଆ ସାହିତ୍ୟର ଗର୍ବର ସାମଗ୍ରୀ ହୋଇ ରହିଛି, ସେ ଦୀର୍ଘକାଳ ହେଲା ଇହଧାମ ତ୍ୟାଗ କଲେଣି । ପୁଣି ତାଙ୍କରସହଧର୍ମୀ ଓ ଆଜୀବନ ସହକର୍ମୀ ସୁନ୍ଦର ସୁକୁମାର ରୂପଶ୍ରୀ

Digitized by PPRACHIN, SOA

ମଣ୍ଡିତ ଗୋଦାବରୀଶଙ୍କ ସରଳ ମଧୁର ସ୍ୱର ମୂର୍ଚ୍ଛନା ଯଦନେ ଯେ କୁଞ୍ଜଅନା କୁଞ୍ଜକୁ ମୁଖରିତ, ବିମୋହିତ କରୁଥିଲା, ତାହା ମଧ୍ୟ ଓଡ଼ିଶା ବାସୀଙ୍କ କର୍ଣ୍ଣ କୁହରରେ ଅଭ ବାଜୁନାଇ ।

ନୀଳକଣ୍ଠଙ୍କ ତେଜାଗ୍ନି ଓ ଗୋଦାବରୀଶଂକ ସରସ ମାଧୁରିମା ଗ୍ରହଣ କରି ସତ୍ୟବାଦୀର ଅନ୍ତେବାସୀ ମାନଂକ ମଧ୍ୟରେ ଯେଉଁ ପିକର କୁହୁଧ୍ୱନି କୁଞ୍ଜେ କୁଞ୍ଜେ ଧ୍ୱନିତ ହୋଇ ଉଠୁଥିଲା, ତାହା ମଧ୍ୟ ଆଉ ନାଇ, ତେବେ ତାହାଁର କାଞ୍ଚିତ ସୂଚନା "ନଅାଁ ଖୁଣ୍ଟା"ର ନିମ୍ନୋକ୍ତ କେତୋଟି ପଂକ୍ତିରୁ ଜଣାଯାଏ :

"ବ୍ୟାସ, ବାଲ୍ମୀକ, ବଶିଷ୍ଠ ଆଦି ମୁନିଋଷିମାନେ ଜନ ବସତିର ବହୁ ଦୂରରେ ରହି, ମହାଭାରଣ୍ୟରୁ ସାହିତ୍ୟ, ଦର୍ଶନ ପ୍ରଭୃତି ଗଠନରେ ଯେପରି ବ୍ରତୀ ହୋଇ ପଡ଼ିଥିଲେ, ସେଇପରି 'ସତ୍ୟବାଦୀ ନାଲନ୍ଦା ବିହାର' ବା ଆଧୁନିକ ଉତ୍କଳର ନୈମିଷ୍ୟାରଣ୍ୟରେ ଯେଉଁ ତପସ୍ୱୀ ବୃନ୍ଦ ଦେଶ ମାତୃକାର ସେବାରେ ଜୀବନ ଉତ୍ସର୍ଗ କରି ମାତୃ ଭାଷାରେ କାବ୍ୟ, କବିତା, ଦର୍ଶନ ପ୍ରଭୃତି ରଚନା କରିବାରେ ଲାଗି ପଡ଼ିଥିଲେ, ତାହା ଏବେ ମଧ୍ୟ ଦେଶବାସୀଙ୍କ ପକ୍ଷରେ ଇତିହାସ ହୋଇନାହିଁ ।"

ସତ୍ୟବାଦୀ ଯୁଗ ସାହିତ୍ୟରେ ପଣ୍ଡିତ ଗୋପବନ୍ଧୁ, ମନୀଷୀ ନୀଳକଣ୍ଠ ତଥା ରସାଳ କବିତାର କବି ପଣ୍ଡିତ ଗୋଦାବରୀଶଙ୍କ ସାହିତ୍ୟ ସୃଷ୍ଟି ସର୍ବ ପ୍ରଧାନ ।

ନୀଳକଣ୍ଠଙ୍କ ସାହିତ୍ୟିକ କୃତିର ମୂଲ୍ୟାୟନ

ପଣ୍ଡିତ ନୀଳକଣ୍ଠ ଏକାଧାରରେ ଜଣେ କବି, ସାହିତ୍ୟିକ, ଦାର୍ଶନିକ, ପ୍ରାବନ୍ଧିକ, ଗବେଷକ, ସାମ୍ବାଦିକ, ରାଜନୀତିଜ୍ଞ, ସଂସ୍କାରକ ଓ ଐତିହାସିକ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ, ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ସୃଷ୍ଟି ବିଶାଳ । ପଣ୍ଡିତ ନୀଳକଣ୍ଠଙ୍କର ସାହିତ୍ୟିକ

Digitized by PPRACHIN, SOA

କୃତିର ସାମୂହିକ ବିଚାର ଏକ ଦୁରୂହ ବ୍ୟାପାର । ପୁଣି ବର୍ତ୍ତମାନ ଅବସ୍ଥାରେ ତାହା ସମ୍ଭବ ନୁହେଁ—କାରଣ ପଣ୍ଡିତ ମହାଶୟ ତାଂକ ଜୀବନ କାଳ ମଧ୍ୟରେ ଯେତେ ସବୁ ଗ୍ରନ୍ଥ ରଚନା କରିଥିଲେ, ଭାଷଣ ଓ ଅଭିଭାଷଣ ମାଧ୍ୟମରେ ତଥା ବିଭିନ୍ନ ଲେଖକ, କବିଙ୍କର ପୁସ୍ତକ ତଥା କାବ୍ୟରେ ଅଭିମତ ପ୍ରକାଶ କରିଥିଲେ, ଏପରିକି ତାଂକ ପ୍ରକାଶିତ ମାସିକ 'ନବଭାରତ' ଜରିଆରେ ଯେତେ ଯେଉଁ ବିଷୟ ମାନଂକରେ ନିଜର ବୌଦ୍ଧିକ ମତବାଦ ପ୍ରଚାର କରି ଯାଇଛନ୍ତି, ତାର କିଞ୍ଚିତ ଭାଗ ଏ ପର୍ଯ୍ୟନ୍ତ ସଂକଳିତ ହୋଇ ନାହିଁ । ଏଠାରେ ଆମେ ପଣ୍ଡିତଜୀଂକ ଜୀବନ କାଳରେ ଓ ଏ ଯାବତ୍ ତାଂକର ଯେଉଁ ସବୁ ଗ୍ରନ୍ଥ ପ୍ରକାଶ ପାଇଛି, ପର୍ଯ୍ୟାୟ ଭେଦରେ ସେ ସବୁର ଏକ ଗ୍ରନ୍ଥସୂଚୀ ଓ ପ୍ରକାଶ କାଳ ନିମ୍ନରେ ପ୍ରଦାନ କରୁଚୁଁ ।

କାବ୍ୟ—ପ୍ରଣୟିନୀ, କୋଣାର୍କେ — — ୧୯୧୯
ଖାରବେଳ — — — — ୧୯୨୦
ଦାସ ନାଏକ — — — ୧୯୨୩
ଲାବଣ୍ୟବତୀ ଟୀକା ଓ ବ୍ୟାଖ୍ୟା ୧୯୩୦,
ପ୍ରକାଶ କାଳ— ୧୯୮୩

ଶିଶୁ ସାହିତ୍ୟ – ପିଲାଂକ ରାମାୟଣ — ୧୯୨୩
ପିଲାଙ୍କ ମହାଭାରତ — ୧୯୨୪
ପିଲାଂକ ଭାଗବତ — ୧୯୨୫
ପିଲାଂକ ଗୀତ — ୧୯୩୫-୧୯୫୧

ଭକ୍ତି ରସାତ୍ମକ
କବିତା — ଭକ୍ତି ଗାଥା — ୧୯୧୮

ଦର୍ଶନ ସାହିତ୍ୟ—ଆର୍ଯ୍ୟ ଜୀବନ — ୧୯୨୧
ଶ୍ରୀମଦ୍ ଭାଗବତ୍ ଗୀତା — ୧୯୩୬ (ପ୍ରଥମ ସଂସ୍କରଣ)
୧୯୫୨ (୨ୟ ପରିବର୍ଦ୍ଧିତ ସଂସ୍କରଣ)
୧୯୬୧ (୩ୟ ସଂସ୍କରଣ)

Digitized by PPRACHIN, SOA

ସମାଲୋଚନା ସାହିତ୍ୟ — ସଂସ୍କୃତ ଓ ସଂସ୍କୃତି—୧୯୫୧
ଓଡ଼ିଆ ଭାଷା ଓ ସାହିତ୍ୟ—୧୯୫୪

ତାତ୍ତ୍ୱିକ ଆଲୋଚନାତ୍ମକ ଗ୍ରନ୍ଥ—
ଓଡ଼ିଆ ସାହିତ୍ୟର କ୍ରମ ପରିଣାମ—୧ମ ଭାଗ— ୧୯୦୮
—୨ୟ ଭାଗ—୧୯୫୩

ଜୀବନୀ ସାହିତ୍ୟ — ଆତ୍ମ ଜୀବନୀ—୧୯୬୩

ଏ ସମସ୍ତ ବ୍ୟତୀତ ପଣ୍ଡିତ ନୀଳକଣ୍ଠଙ୍କର ଯେଉଁ ସବୁ ଉପାଦେୟ ପ୍ରବନ୍ଧ, ଭାଷଣ, ଅଭିଭାଷଣ ଓ ପ୍ରତିଷ୍ଠିତ ଲେଖକମାନଙ୍କ ପୁସ୍ତକରେ 'ଅଭିମତ', ଗ୍ରନ୍ଥ ସମାଲୋଚନା ପ୍ରଭୃତି ପ୍ରକାଶ ପାଇଥିଲା ଏବେ ମଧ୍ୟ ସଙ୍କଳିତ ହୋଇ ପାରିନାହିଁ।

ସାମ୍ବାଦିକତା ଓ ବ୍ୟକ୍ତିତ୍ୱ :

ପଣ୍ଡିତ ନୀଳକଣ୍ଠ ବିଭିନ୍ନ ସମୟରେ ଯଥା ସତ୍ୟବାଦୀରେ 'ସତ୍ୟବାଦୀ' ସମ୍ବଲପୁରରେ ଥିବାବେଳେ 'ସେବା' ପତ୍ରିକା ଗୋପବନ୍ଧୁଙ୍କ ମୃତ୍ୟୁ ପରେ କେତେ କାଳ ଲାଗି 'ସମାଜ' ଓ ପର ଜୀବନରେ ସାପ୍ତାହିକ 'ଲୋକମତ' ମାସିକ ଓ ଦୈନିକ 'ନବ ଭାରତ'ର ସମ୍ପାଦନା କରି ସାମ୍ବାଦିକତା ଜଗତରେ ଏକ ନୂତନ ପରମ୍ପରା ଓ ଆଦର୍ଶ ପିଠାଇ ଯାଇଛନ୍ତି। ଆମର ବହୁ ଉଦ୍ୟମ ସତ୍ତ୍ୱେ ସେ ସମସ୍ତ ଲେଖା ଏବେ ବି ପୂରାପୂରି ସଂଗୃହୀତ ହୋଇ ପାରିନାହିଁ। ନୀଳକଣ୍ଠ ଗ୍ରନ୍ଥାବଳୀର ୩ଟି ଖଣ୍ଡରେ ଯାହା ସବୁ ପ୍ରକାଶ ପାଇଛି, ତା' ବ୍ୟତୀତ ନୀଳକଣ୍ଠଙ୍କର ଯେଉଁ ସବୁ ଉପାଦେୟ ଲେଖା ବିଭିନ୍ନ ପତ୍ର ପତ୍ରିକା, ଅଭିଭାଷଣ ଇତ୍ୟାଦି ମାଧ୍ୟମରେ ପ୍ରକାଶିତ ହୋଇଥିଲା, ସେ ଗୁଡ଼ିକର ଏକ ବିସ୍ତୃତ ତାଲିକା ଶ୍ରୀମତୀ କୁମୁଦିନୀ ମିଶ୍ର ତା ୪।୮।୮୩ ତାରିଖ 'ପ୍ରଜାତନ୍ତ୍ର'ରେ ପ୍ରକାଶ କରି ସେ ଲେଖିଛନ୍ତି, "ପଣ୍ଡିତ ନୀଳକଣ୍ଠଙ୍କ ରଚନାବଳୀର ଅର୍ଦ୍ଧାଧିକ ଏ ପର୍ଯ୍ୟନ୍ତ ସଙ୍କଳିତ ହୋଇ ପାରିନାହିଁ। ତାଙ୍କ ସୁଦୂର

Digitized by PPRACHIN, SOA

ପ୍ରସାର ବ୍ୟକ୍ତିତ୍ୱର ଅନୁଶୀଳନ ଲାଗି ସେ ଗୁଡ଼ିକର ସଂକଳନ ଏକାନ୍ତ ଅପରିହାର୍ଯ୍ୟ ।” ଆମେମାନେ ଶ୍ରୀମତୀ ମିଶ୍ରଙ୍କ ସହିତ ସଂପୂର୍ଣ୍ଣ ଏକମତ । ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ତରଫରୁ ଏ ଅବଧି ଯେ କେତେକ ଲେଖା ଓ ଅଭିଭାଷଣ ପ୍ରଭୃତି ସଂଗ୍ରହ କରାଯାଇଛି, ତାହା ତୁଳନାତ୍ମକ ଭାବରେ ଅତି ଅଳ୍ପ । ତା ବ୍ୟତୀତ ପଣ୍ଡିତ ନୀଳକଣ୍ଠଙ୍କର ବ୍ୟବସ୍ଥାପକ ଜୀବନର ଯେ କେତେକ ବକ୍ତୃତା ଓ ମନ୍ତବ୍ୟ ପ୍ରଭୃତି ସଂଗୃହୀତ ହୋଇଛି, ସେ ସବୁର ଅନୁଶୀଳନ ମଧ୍ୟ ଏ ଅବଧି କରାଯାଇ ପାରି ନାହିଁ । ଏ ସମସ୍ତର ଅନୁଶୀଳନ ଦ୍ୱାରା ହିଁ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟିକ ତଥା ରାଜନୈତିକ କୃତିର ଓ ବ୍ୟକ୍ତିତ୍ୱର ମୂଲ୍ୟାୟନ କରାଯାଇ ପାରିବ ଓ ସେ ସୁଯୋଗ ଯେତେ ଶୀଘ୍ର ଜୁଟେ, ଓଡ଼ିଶା ପକ୍ଷରେ ସେତେ ମଙ୍ଗଳ ବୋଲି ବିଚାରିବାକୁ ହେବ ।

ଏବେ ଉଲ୍ଲିଖିତ ପୁସ୍ତକ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ବିଷୟ ଓ ପଣ୍ଡିତ ନୀଳକଣ୍ଠଙ୍କ ଜୀବନର ଅନ୍ୟତମ ଅଂଶ ‘ନବ ଭାରତ’ ଉପରେ ସମ୍ୟକ ଆଲୋଚନା କରି ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟିକ ଚରିତ୍ର ତଥା ରାଜନୈତିକ ଦୃଷ୍ଟି ଭଙ୍ଗୀ ବିଷୟରେ କିଞ୍ଚିତ ଆଭାସ ଦେବାର ପ୍ରୟାସ କରୁଛୁ । ମାତ୍ର ପଣ୍ଡିତ ନୀଳକଣ୍ଠଙ୍କର ଅଗାଧ ପାଣ୍ଡିତ୍ୟ ଓ ଉତ୍କର୍ଷ ତଥା ସୁଦୂର ପ୍ରସାରୀ ବ୍ୟକ୍ତିତ୍ୱର ବିଚାର ଲାଗି ତାହା ଯେ ଅତ୍ୟନ୍ତ ସଙ୍କୁଚିତ, ଏହା କହିବା ନିଷ୍ପ୍ରୟୋଜନ ।

— ୦ —

Digitized by PPRACHIN, SOA

ଟୀକା

ପ୍ରଣୟିନୀ—

'ପ୍ରଣୟିନୀ' ପ୍ରସିଦ୍ଧ ଇଂରେଜ କବି ଟେନିସନ୍‌ଙ୍କ ପ୍ରଣୀତ 'ପ୍ରିନ୍‌ସେସ୍' ନାମକ କାବ୍ୟର ଅବଲମ୍ବନରେ ରଚିତ । ନୀଳକଣ୍ଠ କଲେଜ ଜୀବନରେ ଏହି ଇଂରେଜୀ କାବ୍ୟଟିକୁ ପଢ଼ିବା ବେଳେ ଏଥି ପ୍ରତି ଆକୃଷ୍ଟ ହୋଇଥିଲେ ଓ ସେତିକିବେଳେ ଏହା ରଚନା କରିଥିଲେ । ପରେ କେତେକ ପରିବର୍ତ୍ତନ ସହ ୧୯୧୯ ମସିହାରେ ଏହା ସତ୍ୟବାଦୀରୁ ପ୍ରକାଶିତ ହୋଇଥିଲା । ବସ୍ତୁତଃ ଏହା ପଣ୍ଡିତ ନୀଳକଣ୍ଠଙ୍କର ପ୍ରଥମ ଲେଖା । ଏହା ନୀଳକଣ୍ଠଙ୍କର ଏକ ମୌଳିକ କାବ୍ୟ ନ ହେଲେ ହେଁ କବି ନୀଳକଣ୍ଠ ତାଙ୍କର ଜାତୀୟତା-ବୋଧ, କୋଣାର୍କର ଗୂଢ଼ ଶିଳ୍ପକଳାର ସୂକ୍ଷ୍ମ ବର୍ଣ୍ଣନା, ନଭ-ରାଜ୍ୟରେ ଗ୍ରହମାନଙ୍କର ସ୍ଥିତି ଇତ୍ୟାଦିର ଅବତାରଣା କରି ସ୍ୱୀୟ ଚିନ୍ତାର ମୌଳିକତା ଦର୍ଶାଇ ଯାଇଛନ୍ତି ।

ଏକ ହାସ୍ୟ ରସାତ୍ମକ କାହାଣୀ ମାଧ୍ୟମରେ ଏହି କାବ୍ୟର ପରିକଳ୍ପନା ହେଲେହେଁ ସମାଜର ଅଧଃପତିତ ହୋଇ ଅସୂର୍ଯ୍ୟଂପଶ୍ୟା ଭାବେ ରହିଥିବା ଭାରତୀୟ ନାରୀର ମୁକ୍ତି ଓ ବହୁ ବିବାହର ଅଯଥାର୍ଥତା ଦେଖାଇବା ପାଇଁ ଏଥିରେ ନୀଳକଣ୍ଠଙ୍କର ଏକ ସଫଳ ଉଦ୍ୟମ ଲକ୍ଷ୍ୟ କରାଯାଇ ପାରେ । ରାଜ କୁମାରଙ୍କ ସଙ୍ଗେ ହେମାର ବିବାହ ବାଲ୍ୟ ବୟସରୁ ସମ୍ପନ୍ନ ହୋଇଥିଲେ ମଧ୍ୟ ହେମା ଏହି ବିବାହକୁ ସ୍ୱୀକୃତି ଦେଇପାରି ନାହାନ୍ତି । ସ୍ୱାଧୀନ ଚେତା ହେମା ଏକ

Digitized by PPRACHIN, SOA

ନାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ସମାଜରେ ପୁରୁଷ ସହ ନାରୀର ସମାନ ଆସନ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଚନ୍ତି । ନାରୀର ସ୍ୱାଧୀନତା ଓ ସମାନତା ସଂବଂଧରେ କବି ପ୍ରକାଶ କରିଚନ୍ତି,

"ସବୁଠାରେ ସମ ହେବେ ନର ସଙ୍ଗେ ନାରୀ,
ଶିକ୍ଷା ଦୀକ୍ଷାରେ ଦୁହେଁ, ଦୁହେଁ ମନ୍ତ୍ରଣାରେ,
ଜଟିଳ-ସଂସାର-କର୍ମେ ଦୁହେଁ ଦୁହେଁ ତୁଲ
ହେବେ ସେ ଉଦାର, ଧର୍ମ ଜ୍ଞାନ ବ୍ୟବସାୟେ ।"

ଏଠି ସ୍ପଷ୍ଟ ଦିଆଯାଇ ପାରେ ଯେ ଅତୀତରେ ନାରୀ କେବେ ଅବହେଳିତା ନଥିଲେ । ଭବିଷ୍ୟ ଦ୍ରଷ୍ଟା ଋଷିମାନଙ୍କଠାରୁ ଶାନ୍ତିର ଦୂତ ସଂଘମିତ୍ରାଙ୍କ ପର୍ଯ୍ୟନ୍ତ; ବୀର କନ୍ୟା ଟେକିଆ, ଦୁର୍ଗାବତୀଙ୍କଠାରୁ ଧର୍ମଗୁରୁ ଲକ୍ଷ୍ମୀଙ୍କରାଙ୍କ ପର୍ଯ୍ୟନ୍ତ ନାରୀ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ । କିନ୍ତୁ ମଧ୍ୟ ଯୁଗରେ ନାରୀ ବାରମ୍ବାର ନିର୍ଯ୍ୟାତିତା ହୋଇ ଅସୂର୍ଯ୍ୟଂପଶ୍ୟା ହୋଇ ପଡ଼ିଲେ । ନାରୀ ସମାଜର ଦୁର୍ଗତିମୋଚନ ପାଇଁ ନେମାଇ କରି ଉଦ୍ୟମ ମୂଳରେ କବିଙ୍କର ସାମାଜିକ ଚେତନା ଲକ୍ଷ୍ୟ କରାଯାଇ ପାରେ । ପୁଣି ସଂସାରରେ ପ୍ରତି ପଦାଘାତରେ ସାମାଜିକ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ୁଥିବା ପରି ନେମାଙ୍କର କର୍ମ ଜୀବନ ପର୍ଯ୍ୟାୟରେ ବାଲ୍ୟ ପତି ରାଜ କୁମାରଙ୍କର ଆବିର୍ଭାବ ଘଟିଥିଲା । ସେ ଛଦ୍ମବେଶରେ ନାରୀ ବିଶ୍ୱବିଦ୍ୟାଳୟ (ନଳନ୍ଦା)ରେ ପ୍ରବେଶ କରନ୍ତି ଓ ଶେଷରେ ଧରାପଡ଼ି ନେମାଙ୍କ ଦ୍ୱାରା ବନ୍ଦୀ ହୁଅନ୍ତି । ଗୀତା ନାରୀ ଯୁଗେ ଯୁଗେ ବୀରାଙ୍ଗନା ମହାରାଣୀ ତଥା କଲ୍ୟାଣମୟୀ ଧାତ୍ରୀ । ରାଜ କୁମାରଙ୍କୁ ମୁକ୍ତ କରିବା ନିମନ୍ତେ ରାଜା ନନ୍ଦଙ୍କୁ ସୈନ୍ୟ ପ୍ରେରଣ କରନ୍ତି । ଯୁଦ୍ଧରେ ରାଜ କୁମାର କ୍ଷତ ବିକ୍ଷତ ହୋଇ ଆହତ ହେଲେ ନେମାଙ୍କ ଆଦେଶରେ ତାଙ୍କୁ ନଳନ୍ଦା ଭିତରକୁ ନିଆହୁଏ ଓ ନିଜେ ନେମା ତାଙ୍କର ସେବା ଶୁଶ୍ରୂଷା କରନ୍ତି । ପୂର୍ବରୁ ଛଦ୍ମବେଶୀ ରାଜକୁମାର ନେମାଙ୍କୁ ଥରେ ଜଳ କ୍ରୀଡ଼ାରୁ

Digitized by PPRACHIN, SOA

ଉଦ୍ଧାର କରି ତାଂକର ଜୀବନ ରକ୍ଷା କରିଥାନ୍ତି । ଏହି ସେବା ଶୁଶ୍ରୂଷା ବେଳେ ଉଭୟେ ପରସ୍ପର ପ୍ରତି ଆସକ୍ତ ହୋଇ ପଡ଼ନ୍ତି । ରୋଗାବସ୍ଥାରେ ଯୁବରାଜ ହେମାଂକ ମୁଖରେ ଚୁମ୍ବନଟିଏ ଆଂକ ଦିଅନ୍ତି । ପରେ ସେ ହେମାଙ୍କୁ କହି ବସନ୍ତି ଯେ ତାଂକ ମତରେ ନର ଓ ନାରୀର ପାରସ୍ପରିକ ସହଯୋଗ ଓ ପ୍ରେମ ମାଧ୍ୟମରେ ହିଁ ଏଇ ଧୂଳିର ଧରଣୀ ସ୍ୱର୍ଗରେ ପରିଣତ ହୋଇପାରେ । ହେମା ଏଥିରେ ଉତ୍‌ଫୁଲ୍ଲିତ ହୁଅନ୍ତି ।

ଏଇପରି ଏକ ମିଳନ ମୂଳକ କଥାବସ୍ତୁ ମାଧ୍ୟମରେ କବି ନୀଳକଣ୍ଠ ନାରୀର ଦୁର୍ଗତି ଓ ସମାଜରେ ତାର ସ୍ୱତନ୍ତ୍ର ଭୂମିକାକୁ ଉତ୍ତମରୂପେ ବର୍ଣ୍ଣନା କରିବାରେ ସଫଳକାମ ହୋଇଛନ୍ତି ଓ ତାଂକର ସମାଜ ସେବା ଓ ସଂସ୍କାର ମନୋଭାବର ପରିଚୟ ପ୍ରଦାନ ମଧ୍ୟ କରିଚନ୍ତି ।

ଅମିତ୍ରାକ୍ଷର ଛନ୍ଦରେ ଲିଖିତ ଏହି କାବ୍ୟକୁ ସାଧାରଣ ଅତି କ୍ଲିଷ୍ଟ ଓ ଉପେନ୍ଦ୍ର ଭଞ୍ଜଂକ କାବ୍ୟ ଭଳି ଦୁର୍ବୋଧ ବୋଲି କହିଥାନ୍ତି । ମାତ୍ର ତାହା ଠିକ୍ ନୁହେଁ । କେତେକ ତରୁଣ ସାହିତ୍ୟିକ ଥରେ ପଲ୍ଲୀ-କବି ନନ୍ଦକିଶୋର ବଳଂକ ସହିତ ସାହିତ୍ୟ ସମ୍ପର୍କରେ ଆଲୋଚନା କରୁଥିଲା ବେଳେ ଜଣେ କେହି ଏପରି କହି ଦେବାରୁ କବି ନନ୍ଦକିଶୋର ତାର ପ୍ରତିବାଦ କରି ସଙ୍ଗେ ସଙ୍ଗେ ଏହି କାବ୍ୟରୁ କେତେକ ପଂକ୍ତି ଗାଇ ଉଠିଥିଲେ ।

"ସରୋଜ ଶୈବାଳ ନିନ୍ଦି କୁଞ୍ଚ କେଶଦାମ,
ସୋହାଗ-କଟାକ୍ଷ-ଭ୍ରୂରୁ, କଳକଣ୍ଠ ତାନ
ବଙ୍କିମ-ଲତିକା-ଖେଳେ ବିଭ୍ରମର ଭଙ୍ଗି,
କଠୋର କରମ କ୍ଷେତ୍ରେ ରୁକ୍ଷ-ବିଦ୍ୟାଳୟେ,
କରନ୍ତା ନମିଷେ ଆହା ପ୍ରେମ-ରଙ୍ଗ ଭୂମି !"

Digitized by PPRACHIN, SOA

କେବଳ ଏଇ ଗୋଟିଏ ପଂକ୍ତି ନୁହେଁ, ଏଇପରି ଅନେକ ଗୁଡ଼ିଏ ଗୋଟି ପଂକ୍ତି ସେ ଗାଇ ଯାଇଥିଲେ ଏବଂ କହିଥିଲେ, "ବାରମ୍ବାର ଏଇ କାବ୍ୟଟିକୁ ମୁଁ ଏକାନ୍ତରେ ଓ ବନ୍ଧୁମେଳରେ ପଢିଅଛି । ଭଲ ଲାଗେ ନ ଥିଲେ ଏ ପଦ ସବୁ ମୋର ସ୍ମରଣରେ କେବେ ହେଲେ ନ ଥାନ୍ତା ।" ସେଠାରେ ଉପସ୍ଥିତ ଥିବା ଶ୍ରୀ ଜିଦୟ ନାଥ ଷଡ଼ଙ୍ଗୀ ଏବେଏହା ପ୍ରକାଶ କରିଚନ୍ତି ।

କୋଣାର୍କେ :

ତାଂକ କାବ୍ୟ କବିତା ମଧ୍ୟରେ "କୋଣାର୍କେ" କାବ୍ୟଟି ଗୋଟିଏ ଅପୂର୍ବ ସୃଷ୍ଟି । ଓଡ଼ିଶାର ଐତିହାସିକ ବିଷୟ ବସ୍ତୁ ଘେନି ଏ କାବ୍ୟର ଅବତାରଣା । ଏ କାବ୍ୟରେ ସରଳ ସୁବୋଧ ଭାଷା ତଥା ଜଟିଳ କଠିନ ଭାଷା ବ୍ୟବହାରର ଅଭାବ ନାହିଁ । ସ୍ଥାନେ ସ୍ଥାନେ ସଂସ୍କୃତରୁ ନୂତନ ନୂତନ କଠିନ ଶବ୍ଦରେ ବର୍ଣ୍ଣିତ ବିଷୟମାନ ଭାରାକ୍ରାନ୍ତ ହେଲେ ହେଁ, କୋଣାର୍କେ ମନ୍ଦିରର ସ୍ଥାପତ୍ୟକଳା ପରି କାବ୍ୟ 'କୋଣାର୍କେ' ଚିର ଭାସ୍ୱର ହୋଇ ରହିଥିବ । ଓଡ଼ିଶାର ନବ ଯୁଗର କବି ଡ଼ଃ. ମାୟାଧର ମାନସିଂହଙ୍କ ମତରେ ଭାଷା, ଭାବ, ଚରିତ୍ର-ଚିତ୍ରଣ, କଳ୍ପନା, ବର୍ଣ୍ଣନା, ଉପମା, ଅଳଙ୍କାରାଦି ଯେ କୌଣସି ଦିଗରୁ ବିଗ୍ଚାର କରି ବସିଲେ 'କୋଣାର୍କେ' ଓଡ଼ିଆ ଭାଷାରେ ଏକ ଅନୁପମ କାବ୍ୟ । ସମୃଦ୍ଧ ବଙ୍ଗଳା ଭାଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏ ପର୍ଯ୍ୟନ୍ତ ମୋ ଆଖିରେ ପଡ଼ିନାଇ ।" ସେ ପୁଣି କହିଚନ୍ତି, "କୋଣାର୍କେ" ଲେଖକଂକର ମୃତ୍ୟୁ ନାଇ ।" ତେଣୁ 'ଚମ୍ପକଶ୍ରେଣୀ ଠାରେ ରାତ୍ରି'ରୁ କେତେକ ପଂକ୍ତି ଏଠାରେ ଉଦ୍ଧାର କରୁଛୁଁ ।

"କି କରାଳ ଆଜ ରଜନୀ ? ବହେ ଝଞ୍ଜା ପବନ,
ତାରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।
ମୂଷଳ ଧାରାରେ ବର୍ଷିକା ଦିଏ କରୁଣ କେବେ,
ଶୋଇ ପଡ଼ିଛ ତ ବାପା ହେ ଜାଣୁ ନଥିବ ଲବେ ।

Digitized by PPRACHIN, SOA

ଆଜ ଯେ କୁଆଁ ଉ ପୁନଅଁ କେତେ ସୁଖ-ସରଧା,
ମାଆ ଭଉଣୀଂକ ଆଦର, ନବ ବସନ ପିନ୍ଧା,
ଲୁଗାରେ ହଳଦୀ ଲଗାଇ ଗୃହେଁଥିବେ ଜନନୀ,
ପିଠାପଣା ଖାଉ ନ ଥିବ ସୁଖେ ଆଜ ଭଗିନୀ ।

× × ×

ଜନନୀର ଗୁରୁ ବେଦନା, ଭଗିନୀର ବିଷାଦ,
ସୁମର ସପନେ ଚମକ ଭାଙ୍ଗି ଯିବଟି ନିଦ ।

× × ×

ତା ବ୍ୟତୀତ ଲକ୍ଷ୍ୟ କରିବାର କଥା, ପଣ୍ଡିତ ନୀଳକଣ୍ଠ ଏହି କାବ୍ୟରେ ଗ୍ରାମବାସୀମାନଙ୍କୁ ତଥା ଓଡ଼ିଶା ବାସୀଙ୍କୁ ଓଡ଼ିଶାର ଅତୀତ ବିଭବ ଗାଥା ଶୁଣାଇ ସେମାନଙ୍କଠାରେ ଦେଶାତ୍ମବୋଧ ଜାଗରୁକ କରାଇବା ପାଇଁ ପ୍ରୟାସ ମଧ୍ୟ କରିଚନ୍ତି । କବି ଗାଇଚନ୍ତି—

କହ ରାମଚଣ୍ଡି କହ ମୋ, ଏକା ସାକ୍ଷି ତ ତୁହି,
କେମନ୍ତେ ଏ ଭୂମି ଆସିଲା କାଳ-ତରଙ୍ଗେ ବହି ?

× × ×

କିଏ ଗଢ଼ିଥିଲା ଏ ଭୂମେ ଏଡ଼େ କଳା ବିଶାଳ
କି ସାହସେ ନଦୀ-ଗରଭେ ପୋତି ଏତେ ପଥର ?
କେଉଁ ତୁଙ୍ଗ ଗିରି କାଟି ସେ, ଏଡେ ବିଶାଳ-ଶିଳା
କେସନେ ବହିଲେ ଏ ଭୂମେ ଏତ ସିକତା ମାଳା ?

× × ×

ଶୋଇଛ ତ ବାପା ଶୁଣିବ, କେତେ ସ୍ୱପନ ବାଣୀ
କାଳ-ସ୍ରୋତ ସବୁ ଦେଖିବ,- ପ୍ରତି ପଲେ ଉଜାଣି ।
ଦେଖିବ ହେ କେତେ ବିଭବ ପ୍ରାଣ ପୁଲକ-ଭରେ;
ସମର ଦୁନ୍ଦୁଭି ଶୁଣିବ ରୁଦ୍ଧ ଚଉଦୁଆରେ;

Digitized by PPRACHIN, SOA

ଯାଜପୁର-କୁଣ୍ଡ ପ୍ରଭବ, ଅଶ୍ୱମେ-ଧଅଭୁତ,
ଚୋପାଲ କଣ୍ଠକେ ରମଣୀ-ଭୃଂଗ-ବିଜନ୍ୟ-ଗୀତ ।"

ପ୍ରାଚୀନ ଉତ୍କଳର ଗୌରବ ମହିମା ନୀଳକଣ୍ଠଙ୍କ ରଚନାରେ କେତେ ରୂପାୟିତ ହୋଇଛି, ତାହା ପାଠକମାନେ ଏତିକରୁ ସହଜରେ ହୃଦୟଙ୍ଗମ କରି ପାରିବେ ।

ଏଠି ସୂଚାଇ ଦିଆଯାଇ ପାରେ ଯେ ପଣ୍ଡିତ ନୀଳକଣ୍ଠ ଏ କାବ୍ୟଟିକୁ ରଚନା କରିଥିଲେ ମାତ୍ର ଦୁଇ ସପ୍ତାହରେ । ବାସ୍ତବରେ ଏହି ପ୍ରଥମ ଖଣ୍ଡ 'ରାମଚଣ୍ଡୀଠାରେ ରାତି ଓ ସକାଳ' ଖଣ୍ଡ କାବ୍ୟଟିକୁ ଗୋଟିଏ ସପ୍ତାହରେ ଓ ଅନ୍ୟ ଖଣ୍ଡ କାବ୍ୟ 'ମାୟାଦେବୀ'କୁ ଆଉ ଗୋଟିଏ ସପ୍ତାହରେ ତାଂକ ସହକର୍ମୀ ଶ୍ରୀ ବାସୁଦେବ ମହାପାତ୍ରଙ୍କୁ ମୁହଁରୁ ଡାକ ଦେଇଥିଲେ ଓ ସମସ୍ତ କାବ୍ୟର ପାଣ୍ଡୁଲିପିଟିକୁ ରଚନା ଆରମ୍ଭର ୧୨ ଦିନ ଭିତରେ ପ୍ରକାଶ ନିମନ୍ତେ ଦେଇ ଥିବାର ଲେଖି-ଚନ୍ତି । ଏଥିରୁ ତାଂକର ପାଣ୍ଡିତ୍ୟ ଓ କାବ୍ୟ ପ୍ରତିଭା ସହଜରେ ଅନୁମେୟ । ଦେଶ ଓ ଜାତି ପ୍ରେମ ହିଁ 'କୋଣାର୍କେ' କାବ୍ୟର, ଅନ୍ତର୍ନିହିତ ବସ୍ତୁ । ନୀଳକଣ୍ଠ ଏ ଦେଶ ଓ ଏ ଭୂମିକୁ ଏତେ ସୁଖ ପାଉଥିଲେ ଓ ଏ ଦେଶର ପ୍ରତ୍ୟେକ ଧୂଳିକୁ ଏପରି ପୂତ ପବିତ୍ର ମନେ କରୁଥିଲେ ଯେ ଶିକ୍ଷକ କବି ନୀଳକଣ୍ଠ ଛାତ୍ରମାନଙ୍କୁ ଉପଦେଶ ଦେଇଚନ୍ତି,

"ହେଳାରେ ନ ମାଡ ତଟିନୀ-ତଳ-ପାବନ-ନୀର
ଇତିହାସେ ଗତା ଏହାର ପରି ପୁଣ୍ୟ ଶରୀର ।"

କବି କାବ୍ୟର ପ୍ରଥମ ଭାଗରେ ଓଡ଼ିଶାର ଐତିହ୍ୟକୁ ଝୁରି ଝୁରି ୨ୟ ଭାଗ "ମାୟା ଦେବୀ"ରେ ପହଞ୍ଚିଚନ୍ତି ଏବଂ ତହିଁରେ ଏ ଦେଶର ସଂସ୍କୃତିକୁ ବଜାୟ ରଖି ଏକ ପ୍ରେମ କାହାଣୀ ଭରି ଖଣ୍ଡ କାବ୍ୟର ଅବତାରଣା କରିଚନ୍ତି । ସେ ପ୍ରଥମରୁ ହିଁ, ଏହା ଏକ କିମ୍ବଦନ୍ତୀ ବୋଲି ସ୍ୱୀକାର କରି କହିଚନ୍ତି,

Digitized by PPRACHIN, SOA

"ସେହି ଗାଥା ଶୁଣି, ଲେଖି ମୁଁ ରଚିଛି,
ବର୍ଣ୍ଣ-ମୁଖ-ସ୍ୱର-କବିତ୍ୱ-ଭାଷେ
ପୁରାଣ ବିଭବ ଐରତି କାହାଣୀ
କୋଣାର୍କେ ଜାତିକ ସ୍ମୃତି ବିଳାସେ।"

'ମାୟାଦେବୀ'ର ପରିକଳ୍ପନା ଇତିହାସ ସମର୍ଥିତ ନ ହୋଇପାରେ—ମାତ୍ର ଏହି କିମ୍ବଦନ୍ତୀ ଏବେ ମଧ୍ୟ ଲୋକ ମୁଖରେ ଜୀବିତ ! ଐତିହାସିକ କୃପାସିନ୍ଧୁ ମିଶ୍ର ମଧ୍ୟ 'କୋଣାର୍କ' ମନ୍ଦିରର ସୃଷ୍ଟିରେ ଏହାର ଉଲ୍ଲେଖ କରିଛନ୍ତି । ଯାହାହେଲେ ମଧ୍ୟ ଇତିହାସ ଅପେକ୍ଷା କାବ୍ୟ ବର୍ଣ୍ଣିତ ନରସିଂହ ଦେବଂକ ଚରିତ୍ର ପଣ୍ଡିତ ନୀଳକଂଠଂକ ରଚନାରେ ଅଧିକ ଆଦର୍ଶ ଓ ବରେଣ୍ୟ ବିମଣ୍ଡିତ ହୋଇ ପାରିଛି । ଏକ ପ୍ରେମ କାହାଣୀ କାବ୍ୟର ଉପଜୀବ୍ୟ ହେଲେହେଁ ରାଧାନାଥଙ୍କ କାବ୍ୟ ପରି ଏଥିରେ ପ୍ରେମର ସ୍ଖଳନ ଏପରିକି ଗୋପନ ପ୍ରଣୟ ଚିତ୍ର ବି ନାହିଁ । କବି ମାୟାଧର ମାନସିଂହଙ୍କ ଭାଷାରେ ଏ ପ୍ରଣୟରେ ଏପରିଏକ ଶୁଚିତା, ପୌରୁଷ ଓ ଦୃଢ଼ତା ସୂଚିତ ହୋଇଛି, ଯାହା ଓଡ଼ିଆ ସାହିତ୍ୟର ଅନ୍ୟ କୁତ୍ରାପି ଦୃଷ୍ଟି ଗୋଚର ହୁଏ ନାହିଁ ।" ଓଡ଼ିଆ ସଂସ୍କୃତିକୁ ବଜାଏ ରଖି ଏ କାବ୍ୟଟିକୁ ନୀଳକଣ୍ଠ ରଚନା କରିଛନ୍ତି । କାବ୍ୟରେ ପିତାମାତାଂକ ସମ୍ମତିରେ କଳିଙ୍ଗର ଯୁବରାଜ ନରସିଂହ ଜମ୍ନା ଜେମାଙ୍କୁ ବିବାହ କରିଥିଲେ ହେଁ ସେ ନିଜର ପ୍ରିୟତମା ମାୟା ଦେବୀଙ୍କୁ ଭୁଲିପାରି ନାହାନ୍ତି । ମାୟାଦେବୀଂକ ସ୍ମୃତିକୁ ହୃଦୟରେ ବହନ କରି ନରସିଂହ ଶତ୍ରୁ ଦମନ ପାଇଁ ଦୂର ଦେଶକୁ ଯାଇଥିବା ବେଳେ ସେ ପ୍ରିୟତମାର ବିୟୋଗ ସମ୍ବାଦ ଶୁଣି ବ୍ୟଥିତ ହୁଅନ୍ତି ଓ ଶେଷରେ ନିଜ ପତ୍ନୀଂକଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ମାୟାଦେବୀଂକ ସ୍ମୃତିରେ କୋଣାର୍କ ମନ୍ଦିରର ନିର୍ମାଣରେ ବ୍ରତୀ ହୁଅନ୍ତି । 'ମାୟାଦେବୀ' ମନ୍ଦିରଟି ନିଷ୍କାମ ପ୍ରେମର ପ୍ରତୀକ ।

Digitized by PPRACHIN, SOA

ଖାରବେଳ :

ପଣ୍ଡିତ ନୀଳକଣ୍ଠଙ୍କର ଅନ୍ୟ ଏକ କାବ୍ୟ 'ଖାରବେଳ' ୧୯୨୦ ମସିହା ଶେଷକୁ ପ୍ରକାଶ ପାଇଥିଲା । ଏଥିରେ ମଧ୍ୟ ସେ ଉତ୍କଳର ସାଧାରଣ କୃଷକ ତଥା ଉତ୍କଳୀୟ ବୀର ସମ୍ରାଟମାନଙ୍କର ବୀରତ୍ୱ କାହାଣୀ ବର୍ଣ୍ଣନା କରି ପୂର୍ବପୁରୁଷଙ୍କ ଐତିହ୍ୟରୁ ପାଠକମାନଙ୍କ ମନରେ ଦେଶାତ୍ମବୋଧ ଉଦ୍ରେକ କରିବାର ଉଦ୍ୟମ କରିଛନ୍ତି । ଏଠାରେ ଉଲ୍ଲେଖ-ଯୋଗ୍ୟ ଯେ ପ୍ରାଚୀନ କାଳରେ ଖାରବେଳ କଳିଙ୍ଗର ପ୍ରବଳ ପ୍ରତାପୀ ସମ୍ରାଟ ଥିଲେ ଓ ସମଗ୍ର ଭାରତବର୍ଷ ଜୟ କରିଥିଲେ । ତେଣୁ ଏହା କଳିଙ୍ଗର ପ୍ରଥମ ସାମ୍ରାଜ୍ୟ କାହାଣୀ । ଏହା ପଣ୍ଡିତ ନୀଳକଣ୍ଠଙ୍କ ପୂର୍ବରୁ କୌଣସି ଉତ୍କଳୀୟଙ୍କ ପ୍ରାଣରେ ସ୍ପନ୍ଦନ ଓ ସ୍ୱତନ୍ତ୍ର ଝଙ୍କାର ସୃଷ୍ଟି କରି ପାରି ନଥିଲା । ଏହି ଗୌରବ-ସମ୍ରାଟ ଖାରବେଳଙ୍କ ମହିମାକୁ ପ୍ରଥମେ କାବ୍ୟରେ ରୂପ ଦେଲେ ପଣ୍ଡିତ ନୀଳକଣ୍ଠ ।

କାବ୍ୟର ବିଷୟ ବସ୍ତୁ ହେଲା—"ପିଲାଦିନେ ଖାରବେଳ ଜଙ୍ଗଲରେ ଗୁରୁଙ୍କ ଘରେ ଥିଲେ । ପାପ୍ତ ଷୋଡ଼ଶ ବର୍ଷ ବୟସରେ ଯୁବରାଜ ହୋଇ ପ୍ରଥମେ ଉତ୍କଳ ଓ ଉଂଡ୍ରକୁ ଜିଣି, କଳିଙ୍ଗ ସଙ୍ଗେ ମିଶିବାରେ ମିଶାଇ, ଏହି ଦେଶର ସୈନ୍ୟମାନଙ୍କ ସହିତ ପାଂଡ୍ୟ ଜିଣିବାକୁ ଗଲେ । ବୃଦ୍ଧ ପାଂଡ୍ୟ ରାଜା କଳିଙ୍ଗର ମିତ୍ର ହେଲେ । ସେଠାରୁ ବଣିକମାନଙ୍କ ସଙ୍ଗେ ଖାରବେଳଙ୍କ ଲୋକ ଜାବା ଓ ବାଲି ପ୍ରଭୃତି ଦ୍ୱୀପମାନ ବୁଲି ଆସିଲେ । ମାତ୍ର ପାରସ୍ୟ କୂଳକୁ ଯାଇଥିବା କଳିଙ୍ଗ ବଣିକମାନେ ସିନ୍ଧୁଦେଶ ଉପକୂଳଠାରୁ ପଶ୍ଚିମକୁ ଆଉ ସୁଖରେ ବାଣିଜ୍ୟ କରି ପାରିଲେ ନାହିଁ, ବହୁତ ଦଣ୍ଡ ଦେଲେ, ପୀଡ଼ା ପାଇଲେ । ସେହି ହେତୁରୁ କଳିଙ୍ଗ, ଉତ୍କଳ, ଉଡ୍ର ଓ ପାଂଡ୍ୟର କେତେକ ସେନା ଧରି ପାଂଡ୍ୟ ରାଜାଙ୍କ ସହିତ ଖାରବେଳ ସିନ୍ଧୁଦେଶ ଆଡ଼କୁ ଯୁଦ୍ଧ ଯାତ୍ରା କଲେ ।

Digitized by PPRACHIN, SOA

କାବ୍ୟଟିରେ ଐତିହାସିକ ତଥ୍ୟାବଳୀ ଯେପରି ପ୍ରକଟିତ, ସେହିପରି ମଧ୍ୟ ପ୍ରଣୟ ରସର ମାଧୁର୍ଯ୍ୟରେ ଏହା ପରିପୂର୍ଣ୍ଣ । ଆସନ୍ନ ଯୁଦ୍ଧକାଳ ଓ ଯୁଦ୍ଧର ଘନଘଟା ମଧ୍ୟରେ ଖାରବେଳ ଓ ଧୂସିଙ୍କର ପ୍ରଣୟ କାହାଣୀ ଏ କାବ୍ୟର ମୂଳ ଭିତ୍ତି । ଖାରବେଳ ଯୁଦ୍ଧ ଉଦ୍ଦେଶ୍ୟରେ ଯାଇ ଚେଲରେ ଗୁଣ୍ଡଣୀ ପକାଇ ରହିଥିବା ବେଳେ ଦିନେ ସାୟଂ ଭ୍ରମଣ କାଳରେ ନିଜର ପଥଭ୍ରଷ୍ଟ ହୁଅନ୍ତି ଓ ନଦୀ କୂଳରେ ସଖିମାନଙ୍କ ମେଳରେ ଥିବା କୃଷକ ବାଳା ଧୂସିଙ୍କୁ ପଥ ପଚାରି ବସନ୍ତି । ଏହିଠାରେ ହିଁ ଉଭୟଙ୍କ ମଧ୍ୟରେ ପ୍ରଣୟ ବୀଜ ଅଙ୍କୁରିତ ହୁଏ ଓ ଧୂସି ଅଲକ୍ଷ୍ୟରେ ଖାରବେଳଙ୍କଠାରେ ନିଜର ଜୀବନ ଉତ୍ସର୍ଗ କରି ଦିଅନ୍ତି ।

ମାନ ଧୂସି ଆଦର୍ଶ ପ୍ରେମିକା—ସେ ପୁଣି ଖାରବାଳା, ବଙ୍ଗର ରାଜକନ୍ୟା ! କବି ନିଜକଣ୍ଠ ନିଜର ବର୍ଣ୍ଣନା ଚାତୁରୀ ତଥା ସଂଯମ-ପ୍ରେମ ମାଧ୍ୟମରେ କାବ୍ୟଟିକୁ ଏକ ଆଦର୍ଶ ସ୍ଥାୟୀତ୍ୱ କରି ପାରିଛନ୍ତି । ଧୂସି ଏକ ଦିଗରେ ଖାରବେଳଙ୍କ ସହିତ ମିଳିତ ହେବାର ଅପାର ବାସନା ଓ ଅପର ଦିଗରେ ମାତୃଭୂମିର କଲ୍ୟାଣ ନିମନ୍ତେ ସେ କୃଷକ ସେନାର ସେନାପତିତ୍ୱ ସ୍ୱଇଚ୍ଛାରେ ଗ୍ରହଣ କରନ୍ତି । ଯୁଦ୍ଧ କ୍ଷେତ୍ରରେ ଏକ ଆକସ୍ମିକ ଶରରେ ଆହତ ହୋଇ ଖାରବେଳ ଢଳି ପଡ଼ିବାରେ ଧୂସି ଆହାର ଓ ନିଦ୍ରା ଭୁଲି ଦିବାନିଶି ତାଙ୍କ ସେବାରେ ବ୍ରତୀ ହୁଅନ୍ତି । ଖାରବେଳ କ୍ରମେ ସୁସ୍ଥ ହୁଅନ୍ତେ, ଛଦ୍ମବେଶିନୀ ଧୂସି ତାଙ୍କୁ ନିଜର ପ୍ରକୃତ ସ୍ୱରୂପ ଦେଖାଇ ଦେବାପାଇଁ ବ୍ୟାକୁଳ ହୋଇ ଉଠନ୍ତି । କବି ବର୍ଣ୍ଣନା କରିଛନ୍ତି—

"ଭାଷା ନାହିଁ ମୁଖେ, ଦେବି ଜଣାଇ;
ବଳ ନାହିଁ, ହୃଦ ଦେବି ଫିଟାଇ;
ଦେଖାଇବି ମୁଖ, ନାହିଁ ସାହସ;
ଆପଣେ ସୁମରି ହୋଇ ହାସ ।"

Digitized by PPRACHIN, SOA

ପରେ କୃଷକ ପତ୍ତି ଖାରବେଳଙ୍କୁ ନିଜ ପୁରକୁ ନିମନ୍ତ୍ରଣ କରନ୍ତି ଓ ସେହିଠାରେ ହିଁ ଖାରବେଳ ଛଦ୍ମବେଶୀ ଧୂମ୍ରିଙ୍କର ପ୍ରକୃତ ପରିଚୟ ପାଆନ୍ତି । ଉଭୟଙ୍କର ମିଳନ ହୁଏ ।

ଇତିହାସର ପୃଷ୍ଠଭୂମି ଉପରେ ଉତ୍କଳୀୟ ରାଜାମାନଙ୍କର ବୀରତ୍ୱ କାହାଣୀ ଉଲ୍ଲେଖ କରିବା ବ୍ୟତୀତ କବିଙ୍କର ଭାଷାର ମାଧୁର୍ଯ୍ୟ, ରସବୋଧ, ବର୍ଣ୍ଣନା ବିଳାସ ତଥା ଜୀବନ-ଦର୍ଶନ କାବ୍ୟଟିକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇ ପାରିଛି । କବିଙ୍କ ଜୀବନ ଦର୍ଶନର ଗୋଟିଏ ଦୃଷ୍ଟାନ୍ତ ଦେଖାଯାଉ —

"ବଡ଼ ବିଷମ କାଳ ଯଉବନ,
ବଡ଼ ଉନ୍ମାଦେ ଫୁଲଏ ପରାଣ,
ବଢ଼େ ଅନନ୍ତ ପରାଣ-ପିପାସା,
ହସେ ଜୀବନ୍ତ ପରାଣର ଆଶା ।
ସିନ୍ଧୁ ଅନନ୍ତ ବିତାନେ ଭାସଇ
ଉର୍ମି ଫେନଚୂଳେ ଦେଶ ହସାଇ,
ଉଡ଼େ ବାଣିଜ୍ୟ-ପବନ ସରସେ,
ତହିଁ ନାବିକ ଭାସଇ ହରଷେ,
ଦେଶ ବିସ୍ତାରେ ଭାସି ଯାଏ ତରୀ,
ନେଇ ବାଣିଜ୍ୟ ପବନ ଆଦରି ।
ତଳେ କାହିଁ ଆସି ଭେଟଇ ଗିରି,
ଜାଣି ନାବିକ ହୁଅଇ ଅଥିର,
କରି ଲଙ୍ଗର ରଖେ ପୋତମାଳ,
ଆଶା-ବିସ୍ତାର ହସଇ ଆକୁଳ ।
ସିନ୍ଧୁ ସମାନ ଯଉବନ କାଳେ
ତରୀ-ଯୁବକ ଭାସଇ ଆତଳେ,
ଆଶା ଅନନ୍ତ ପ୍ରସାରେ ହସଇ,
ଲୀଳା ଅନନ୍ତ ଶକତିର ତହିଁ,

Digitized by PPRACHIN, SOA

ତଟଳେ ଇଙ୍ଗିତ ଫୁଟଇ ମଞ୍ଜେ,
ଶୂନ୍ୟ ଦିଶଇ ଧର୍ ଯଞ୍ଜିବନେ ।"

ଦାସ ନାଏକ :

ପଣ୍ଡିତ ନୀଳକଣ୍ଠ ପ୍ରାଚ୍ୟ ଦର୍ଶନ ଓ ସଂସ୍କୃତିର ଜଣେ ଶ୍ରେଷ୍ଠ ପ୍ରବର୍ତ୍ତକ ଥିଲେ । ପରକୀୟା ପ୍ରେମ ପ୍ରତି ତାଙ୍କର ଯେତିକ ଘୋର ବିତୃଷ୍ଣା, ଏକପତ୍ନୀବ୍ରତପ୍ରତି ତାଙ୍କର ସମଧିକ ଆଦର ଓ ଅନୁପମ ଅନୁରାଗ ଥିଲା ।

ହଜାରିବାଗ ଜେଲରେ ଥିବା ବେଳେ ୧୯୨୩ ମସିହାରେ ନୀଳକଣ୍ଠ ପ୍ରସିଦ୍ଧ କବି ଟେନିସନ୍‌ଙ୍କର "ଇନକ୍-ଆର୍ଡେନ୍" କାବ୍ୟଟି ପଢୁଥିଲେ । କାବ୍ୟର ବିଷୟ ବସ୍ତୁରେ ଏହି ପ୍ରାଚ୍ୟ ଆଦର୍ଶ ପ୍ରକାଶିତ ହୋଇଥିବାର ଦେଖି ସେ ଉତ୍କଳୀୟ ଜନ ସମାଜରେ ଏହାର ପ୍ରଚାର ପ୍ରସାର ଲାଗି ଇଚ୍ଛା କଲେ ଓ ସେହି ଜେଲ ଭିତରେ କାବ୍ୟଟିର ବିଷୟ ବସ୍ତୁକୁ ଓଡିଶା ମୂଳକର ଚଳଣୀ ଅନୁକ୍ରମେ ଲେଖି ବସିଲେ । ଏହାର ସହଜ ଓ ବହୁଳ ପ୍ରସାର ଲାଗି ନୀଳକଣ୍ଠ ଏହି କାବ୍ୟଟିକୁ ଅତି ସାଧାରଣ ଗାଉଁଲି ଭାଷାରେ ଗ୍ରାମୀଣ ପରିବେଶକୁ ଖାପ ଖୁଆଇ ଲେଖିବାର ପ୍ରୟାସ କରିଚନ୍ତି । ସେ ଲେଖିଚନ୍ତି, "ସାଧାରଣ ଲୋକେ ବୁଝିବା ଭଳି ଭାଷା ତଥା ଭାବରେ କାବ୍ୟ ଏବେ ଲେଖିହେବ କି ନା, ଏକଥା ବହୁ ଦିନରୁ ବିଚାରୁଥିଲି । ସେଥିପାଇଁ ସାଧାରଣ ଘରୋଇ ଭାଷାରେ ଏହାକୁ ଲେଖିଛି । ଘରୋଇ ଭାଷାରେ ଚଳୁଥିବା ଶବ୍ଦର ସଂଖ୍ୟା ଏବେ ମଧ୍ୟ ବଡ ଅଳ୍ପ । ସେ ଅଳ୍ପତା ବ୍ୟବହାରର, ପ୍ରାସଙ୍ଗିକ ମାଧୁର୍ଯ୍ୟରେ କେପରି ଆଚ୍ଛାଦିତ ହୋଇ ପାରିଛି; ତାହା ପାଠକମାନେ ଦେଖିବେ ।" କେପରି ସାଧାରଣ ଘରୋଇ ଭାଷାରେ କାବ୍ୟ ରଚିତ ହୋଇଚି, ତାହା ଦର୍ଶାଇବା ପାଇଁ ଆମେମାନେ ଏଠି କାବ୍ୟରୁ ମାତ୍ର ଦୁଇଟି ପଦ ଉଲ୍ଲେଖ କରିବୁ ।

Digitized by PPRACHIN, SOA

"ଉଷା ଅଛୁ ମୋ ଏହି କେତେ ଦିନ
ଯାଉ ଚେତେବେ," ଥାଜ ଦିଏ ମେଲ,
ଉଷା ପରେ ପଦ୍ମ, ପଦ୍ମ ପରେ ପୁଣି
ପିଲଙ୍କର ମନଖୋଜ ହେଲା ।

× × ×

କେତେ ଅପସନ୍ଧ କଥା ମାନ କହି
ଥାକ ଦେଉଥାଏ ବାରମ୍ବାର;
ସତେ କ ବସ୍ତର, ଲକ୍ଷଣ ମନ
ପରଖୁଥାଏ ସେ ବର୍ବର ।

ପୁଣି, ଏଥିରୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରାଚ୍ୟ ଆଦର୍ଶର ପ୍ରସାରରେ କବି ନୀଳକଣ୍ଠ କେତେ ଦୂର ସଫଳକାମ ହୋଇଛନ୍ତି, ପାଠକମାନେ ଉପଲବ୍ଧି କରି ପାରିବେ ବୋଲି ଆଶା କରୁଁ ।

'ଲାବଣ୍ୟବତୀ' ଟୀକା ଓ ବ୍ୟାଖ୍ୟା :

ପଣ୍ଡିତ ନୀଳକଣ୍ଠ ୧୯୩୦ ମସିହାରେ ହଜାରିବାଗ ଜେଲରେ ଥିବାବେଳେ ଉପେନ୍ଦ୍ର ଭଞ୍ଜଙ୍କର ଶ୍ରେଷ୍ଠ କାବ୍ୟ 'ଲାବଣ୍ୟବତୀର' ଗୋଟିଏ ଟୀକା ଓ ବ୍ୟାଖ୍ୟା ରଚନା କରିଥିଲେ । ତାହା ଅଳ୍ପ ଦିନ ତଳେ ତାଙ୍କର ସୁଯୋଗ୍ୟା ମଧ୍ୟମା କନ୍ୟା ଶ୍ରୀମତୀ ଇନ୍ଦିରା ଦେବୀଙ୍କ ସୌଜନ୍ୟରୁ ଲୋକ-ଲୋଚନକୁ ଆସି ପାରିଛି । ଏଠି ତାର ସମ୍ୟକ ଆଲୋଚନା କରି ପାଠକମାନଙ୍କର ଉତ୍ସୁକତା କେତେକାଂଶରେ ମେଣ୍ଟାଇ ପାରିବୁଁ ବୋଲି ଆଶା କରୁଁ ।

'ସତ୍ୟବାଦୀ ଯୁଗ'ର କାବ୍ୟ କବିତାରେ ଯୌନ ସମ୍ଭୋଗର ଚିତ୍ର ପ୍ରାୟ ଦେଖାଯାଏ ନାହିଁ । ଯାହା କିଛି ସଙ୍କେତ ରୂପେ କୁଆପି କୁହାଯାଇଛି, ଗୌଣତ୍ୱ ଯୋଗେ ପାଠକ ଆଖିରେ ତା ଧରାପଡେ ନାହିଁ । ଏଥିପାଇଁ ଏ ଯୁଗର କାବ୍ୟକଳାରେ ଓଡ଼ିଆ ସାହିତ୍ୟରେ

Digitized by PPRACHIN, SOA

କଳାବିଭବ କ୍ଷୁଣ୍ଣ ହୋଇଛି ବୋଲି ଅନେକେ ଆକ୍ଷେପ କରନ୍ତି । ଏହା ଠିକ୍ ହୋଇପାରେ । କିନ୍ତୁ ଏ ଜାତି ବହୁ କାଳ ଏ କାବ୍ୟକଳା ଉପଭୋଗ କରି କରି ଶେଷରେ କଳା ପଡ଼ି ଯାଇଛି । ତେଣୁ ଯୌନବିଷୟର ନଗ୍ନରୂପ ଆଧୁନିକ ସାହିତ୍ୟରେ ଲୋଡ଼ା ନାହିଁ – ଲୋଡ଼ା ଅଛି, ନୈତିକ ସଂଯମ ଓ ସୂଚିତା । ତେଣୁ ସତ୍ୟବାଦୀ ବିହାରରେ ତପୋବନ-ସାହିତ୍ୟର ସୃଷ୍ଟି । ଏ ସାହିତ୍ୟର ଭାଷା ତଥା ପ୍ରକାଶ ଭଙ୍ଗି ଏବେ ମଧ୍ୟ ଇତିହାସର ସାମଗ୍ରୀ ହୋଇନାହିଁ । ସତ୍ୟବାଦୀର ସାଧକ ନୀଳକଣ୍ଠ ଭଞ୍ଜଙ୍କ 'ଲାବଣ୍ୟବତୀ'ରେ ଏଇ ସଂଯମ ଓ ସୂଚିତା ଥିବା ଦେଖି ମୁଗ୍ଧ ହୋଇଛନ୍ତି । ତଥାପି 'ଲାବଣ୍ୟବତୀ' ପରି ଗୋଟିଏ ଆଦିରସାତ୍ମକ କାବ୍ୟର ଟୀକା ଯେ କାହିଁକି ଲେଖିଲେ, ସେ ବିଷୟରେ ତାଙ୍କର ସହବନ୍ଦୀ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କ ପ୍ରଶ୍ନର ଉତ୍ତରରେ ପଣ୍ଡିତ ନୀଳକଣ୍ଠ ଯାହା କହିଥିଲେ, ତାହା ହେଉଛି—"ଲାବଣ୍ୟବତୀ ଭଞ୍ଜଙ୍କର ଶ୍ରେଷ୍ଠ କାବ୍ୟ । ତହିଁର ସାହିତ୍ୟିକ ମୂଲ୍ୟବୋଧ ନିର୍ଣ୍ଣୟ କରିବା ସାଧାରଣ ପାଠକଂକ ପକ୍ଷରେ କଷ୍ଟକର ହେଲେ ହେଁ ସାହିତ୍ୟ ଦୃଷ୍ଟିରୁ ଏହା ଅତ୍ୟନ୍ତ ଉଚ୍ଚକୋଟୀର । ଦ୍ୱିତୀୟରେ ଓଡ଼ିଶାରେ ବିଶେଷତଃ ପୁରୀ ଅଞ୍ଚଳରେ ଗୌଡ଼ୀୟ ବୈଷ୍ଣବମାନେ ବାଳ ବିଧବାମାନଙ୍କୁ ନେଇ 'କୃଷ୍ଣ ନାମରେ ପାପ କ୍ଷୟ ଯେତେ, ପାପୀ ପାପ କରି ନ ପାରେ ସେତେ' କହି ନାନା ବିଭତ୍ସ କ୍ରିୟାରେ ମାତି ଥିବାବେଳେ 'ଲାବଣ୍ୟବତୀ' ପରି ଏକ ଏକପତିବ୍ରତ ଏବଂ ଏକପତ୍ନୀ ବ୍ରତର ଉଚ୍ଚ ଆଦର୍ଶରେ ଲିଖିତ କାବ୍ୟର ପ୍ରସାର ଅତ୍ୟନ୍ତ ଗ୍ରହଣୀୟ ଓ ଜରୁରୀ । ତୃତୀୟରେ ସେ କେନ୍ଦ୍ର ବ୍ୟବସ୍ଥା ସଭାରେ ୧୯୨୭ ମସିହାରୁ ସମସ୍ତ ଓଡ଼ିଆ-ଭାଷା-ଭାଷୀ ଅଞ୍ଚଳକୁ ଏକ ଶାସନାଧୀନରେ ଆଣିବା ନିମନ୍ତେ ଗୋଟିଏ ବେସରକାରୀ ବିଲ୍ ମାଧ୍ୟମରେ ଯେଉଁ ଦାବୀ ଉପସ୍ଥାପିତ କରିଥିଲେ, ସେଥିକୁ ବଙ୍ଗାଳିମାନେ 'ଓଡ଼ିଆ' ବଙ୍ଗଳାର ଗୋଟିଏ 'ବୋଲି' ବୋଲି ପ୍ରତିପାଦନ କରିବା ପାଇଁ ଯେଉଁ ଯୁକ୍ତି ବାଢ଼ିଥିଲେ, ତାହା ଖଣ୍ଡନ

Digitized by PPRACHIN, SOA

କରିବା ନିମନ୍ତେ ପଣ୍ଡିତ ନୀଳକଣ୍ଠ ଦେଖାଇବାକୁ ଚାହିଁଥିଲେ ଯେ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ପରି ରସାଳ କାବ୍ୟ ଓଡ଼ିଆ ଭାଷାରେ ସପ୍ତଦଶ ଶତାବ୍ଦୀ ବେଳକୁ ମଧ୍ୟ ରଚିତ ହୋଇଥିଲା ।

ଏଇ ପ୍ରସଙ୍ଗରେ ଭଞ୍ଜଙ୍କ 'ଲାବଣ୍ୟବତୀ'ରେ ଅଶ୍ଳୀଳତା ଅଛି ବୋଲି ଯେଉଁ ସମାଲୋଚନା ସାଧାରଣତଃ ଶୁଣାଯାଏ, ତାର ଉତ୍ତରରେ ନୀଳକଣ୍ଠ କହିଛନ୍ତି, "କାବ୍ୟ ଗୋଟିଏ ଶିଳ୍ପ, ପ୍ରକୃତିକୁ ଯଥାର୍ଥ ଭାବରେ ଚିତ୍ର କରିବାହିଁ ଶିଳ୍ପର ପୂର୍ଣ୍ଣତା । ସେଥିରେ ଶ୍ଳୀଳ ଅଶ୍ଳୀଳ ବିଚାର ଅଛି କି ? × × × । ଶିଳ୍ପୀ ନୟନ ସେଥିରେ ଅଶ୍ଳୀଳତା ଦେଖେ ନାହିଁ ।"

ପଣ୍ଡିତ ନୀଳକଣ୍ଠ ଯଥାର୍ଥରେ ପଣ୍ଡିତ ଥିଲେ । 'ଲାବଣ୍ୟ-ବତୀ'ର ଟୀକା ପ୍ରସ୍ତୁତ କରିବାରେ ପଣ୍ଡିତ ନୀଳକଣ୍ଠ କ'ଣ ବିଶେଷତ୍ୱ ଦେଖାଇଛନ୍ତି, ସେ ସମ୍ବନ୍ଧରେ ଅଧ୍ୟାପକ ଗୌରକୁମାର ବ୍ରହ୍ମା ଲେଖିଥିବା ଉକ୍ତ ବହିର 'ଗ୍ରନ୍ଥପ୍ରବେଶ'ରୁ ଏଠି ସମ୍ୟକ ସୂଚନା ଦିଆଯାଇ ପାରେ । ସେ ଲେଖିଛନ୍ତି, "ଏ ପର୍ଯ୍ୟନ୍ତ 'ଲାବଣ୍ୟବତୀ'ର ଯେଉଁ ସବୁ ଟୀକା ପ୍ରକାଶ ପାଇଛି, ସେ ମଧ୍ୟରେ ଆର୍ତ୍ତବାବୁଙ୍କ ଟୀକା ଯେ ସର୍ବଶ୍ରେଷ୍ଠ ଏଥିରେ ସନ୍ଦେହ ନାହିଁ । × × × । ଆର୍ତ୍ତବାବୁଙ୍କ ଟୀକା ଓ ନୀଳକଣ୍ଠଙ୍କ ଟୀକାର ତୁଳନାତ୍ମକ ଅଧ୍ୟୟନ ପାଇଁ ଯେଉଁ ଦୀର୍ଘ ସମୟ ଓ ନିଷ୍ଠା ଆବଶ୍ୟକ ତାହାର ଶତାଂଶ ସୁଦ୍ଧା ମୋ ପକ୍ଷରେ ସହଜ ଲଭ୍ୟ ହୋଇନାହିଁ । × × × । ନୀଳକଣ୍ଠଙ୍କ 'ଲାବଣ୍ୟବତୀ'ର ଟୀକାରେ ଅନେକ ସ୍ଥଳରେ ଲକ୍ଷ୍ୟ କଲି ଆର୍ତ୍ତବାବୁ ଗୋଟିଏ ପ୍ରକାର ଅର୍ଥ କରିବା ବେଳେ ପଣ୍ଡିତ ନୀଳକଣ୍ଠ ଆଉ ଏକ ଭଙ୍ଗିରେ ଅର୍ଥ କରି ଅଛନ୍ତି । × × × । ମୁଁ ନୀଳକଣ୍ଠଙ୍କ ଟୀକାର ବୈଶିଷ୍ଟ୍ୟ ସାତ ଗୋଟି ପର୍ଯ୍ୟାୟରେ ଉପସ୍ଥାପନା କରୁଅଛି ।" ଇତ୍ୟାଦି । ୭୦୦ ପୃଷ୍ଠା ବ୍ୟାପି ଏଇ ବିରାଟ ଗ୍ରନ୍ଥ ପାଠ କଲେ ପାଠକମାନେ ସେ ସମସ୍ତ ବୈଶିଷ୍ଟ୍ୟ ଉପଲବ୍ଧି କରି ପାରିବେ ।

—o—

Digitized by PPRACHIN, SOA

ଶିଶୁ ସାହିତ୍ୟ

ଉତ୍କଳ ସାହିତ୍ୟରେ ଶିଶୁ ସାହିତ୍ୟର ପ୍ରତିଷ୍ଠାତା ରୂପେ ସର୍ବପ୍ରଥମେ ମାଳକଣ୍ଠ ଋଷିରେ ପଡନ୍ତି । ତାଂକ କୃତ 'ପିଲାଂକ ରାମାୟଣ', 'ପିଲାଂକ ମହାଭାରତ', 'ପିଲାଂକ ଭାଗବତ' ଭାଷା ଓ ସାହିତ୍ୟ ଦୃଷ୍ଟିରୁ କପରି ଉପାଦେୟ, ତା' ବୁଝାଇବାର ଆବଶ୍ୟକତା ନାହିଁ । ଏବେ ଶିଶୁସାହିତ୍ୟର ବହୁଳ ପ୍ରଚୁର ହୋଇଥିଲେ ମଧ୍ୟ, ମାଳକଣ୍ଠଙ୍କ ଭାଷା ଓ ଶୈଳୀରେ କେହି ତାଙ୍କୁ ଅତିକ୍ରମ କରି ପାରି ନାହାନ୍ତି କହିଲେ ସତ୍ୟର ଅପଳାପ ହେବନାହିଁ ।

ଶିଶୁସାହିତ୍ୟର ସ୍ରଷ୍ଟା ପଣ୍ଡିତ ମାଳକଣ୍ଠ ବଙ୍ଗଳାରେ ଛେଲେ-ଦେର ରାମାୟଣ, ଛେଲେଦେର ମହାଭାରତର ଆଦର୍ଶରେ ଲେଖିଲେ, 'ପିଲାଙ୍କ ରାମାୟଣ' ପ୍ରଭୃତି । ସେ ସରଳ ଓ ଶିଶୁହୃଦୟଗ୍ରାହୀ ଭାଷା ଓ ଶୈଳୀରେ ଶିଶୁସାହିତ୍ୟରେ ଯେଉଁ ସଫଳତା ହାସଲ କରି ଓଡ଼ିଆ ସାହିତ୍ୟରେ ଯେଉଁ ଅଭିନବ ପନ୍ଥା ଫିଟାଇଲେ, ସେଥିପାଇଁ ଆମ୍ଭେ-ମାନେ ତାଙ୍କ ନିକଟରେ କୃତଜ୍ଞ ।

(କ) ଗଦ୍ୟ ସାହିତ୍ୟ

ମାଳକଣ୍ଠଙ୍କ ଗଦ୍ୟ ସାହିତ୍ୟର କେତୋଟି ଧାଡ଼ି ପାଠକେ ଦେଖନ୍ତୁ ।

ପିଲାଙ୍କ ରାମାୟଣ : "ଦଶରଥଙ୍କ ରାଜ୍ୟ"

ସରଯୂ ବୋଲି ଗୋଟିଏ ନଈ ହିମାଳୟରୁ ଆସି ଗଙ୍ଗାରେ ମିଶିଛି । ସେହି ସରଯୂ କୂଳରେ 'କୋଶଳ' ବୋଲି ଗୋଟିଏ ରାଜ୍ୟ

Digitized by PPRACHIN, SOA

ଥିଲା ! ସେ ଦେଶରେ ଭାରି ଭଲ ଫସଲ ହେଉଥାଏ, ଲୋକେ ବଡ଼ ସୁଖରେ ଥାନ୍ତି । ଲୋକଂକ ଘରେ ବହୁତ ଗାଈ, ଗୋରୁ, ଧନ, ଧାନ ଥାଏ । ଅଯୋଧ୍ୟା ସେ ଦେଶର ରାଜଧାନୀ ଥିଲା । ଅଯୋଧ୍ୟା ବଡ଼ ସୁନ୍ଦର ସହର, ବଡ଼ ବଡ଼ ପକ୍କା ଘର ସବୁ ଧାଡ଼ି ଧାଡ଼ି ହୋଇ ଉଆଁଶିଆ ସିଧା ରାସ୍ତାର ଦୁଇପାଖେ ଠିଆ ହୋଇଛଥାଏ । କାନ୍ଥରେ ମଣିମାଣିକ ସବୁ ଜକଜକ ଦିଶୁଥାଏ । କେତେ ବଡ଼ ଲୋକଂକ ଘର ପାଖେ ସୁନ୍ଦର ସୁନ୍ଦର ବଗିଚା ଥାଏ । ସେ ବଗିଚାରେ ଅମ୍ବ, ପଣସ, ଜାମୁ, ଆତ ସବୁ ପାଚି ଝଡ଼ୁଥାଏ । ସହର ଚାରିପାଖେ ଗୋଟିଏ ବଡ଼ ନାଳ ଖୋଳା ହୋଇଥାଏ । ସେ ନାଳରେ ସବୁବେଳେ ପାଣି ଭର୍ତ୍ତି ହୋଇଥାଏ । ନାଳ ଉପରେ ସହରକୁ ଘେରି ଗୋଟିଏ ଉଚ୍ଚ ପାଚୀର ଥାଏ । ସେ ପାଚୀରରେ ଚାରିଦିଗକୁ ଚାରୋଟି ବଡ଼ ବଡ଼ ଦୁଆର ଥାଏ । ସେ ଦୁଆର ମାନଂକରେ ପାଚୀର ଉପରେ ଲୋକେ ସବୁବେଳେ ଧନୁଶର ଅସ୍ତ୍ରଶସ୍ତ୍ର ଧରି ପହରା ଦେଉଥାନ୍ତି । X X X ଇତ୍ୟାଦି !

କୁହାଯାଏ, ମାଳକଣ୍ଠ 'ପିଲାଂକ ରାମାୟଣ' "ପିଲାଂକ ମହା-ଭାରତ' ଓ ପିଲାଂକ ଭାଗବତ' ପୁସ୍ତକ ତିନୋଟି ଭାଷା ଓ ଭାବ ଦୃଷ୍ଟିରୁ ଯଥାକ୍ରମେ ଶିଶୁ, ବାଳକ-ବାଳିକା ଓ କିଶୋର-କିଶୋରୀ ମାନଂକର ସୁଖ-ପାଠ୍ୟ ହେବା ଲକ୍ଷ୍ୟରେ ଲେଖିଥିଲେ । ପାଠକ ସେ ସବୁ ପୁସ୍ତକ ମାନ ପାଠ କଲେ ଏହାର ଯାଥାର୍ଥ୍ୟ ହୃଦୟଙ୍ଗମ କରି ପାରିବେ ।

ପଦ୍ୟ ସାହିତ୍ୟ

'ପିଲାଂକ ଗୀତ' ବୋଲି ମାଳକଣ୍ଠ ଯାହାସବୁ ତାଂକ ଉତ୍ତର ବୟସରେ ଲେଖିଛନ୍ତି, ତାହା ପାଠ କଲେ ବିଜ୍ଞ ବ୍ୟକ୍ତିମାନେ ମଧ୍ୟ ପିଲାଂକ ପରି ଆନନ୍ଦ ବିଭୋର ହୋଇ ପଡ଼ନ୍ତି । ଏଠି ତହିଁର କେତୋଟି ଉଦାହରଣ ଦିଆଗଲା ।

Digitized by PPRACHIN, SOA

ସାପୁଆ କେଳା :

× × ×

ଅଗ୍ନିଶର କାଟିବ ଯେ ଅଠର ହାତି
କୋଳଥିଆ ନାଗ ଏବେ ଫୁଟନ୍ତି କାନ୍ତି
ତମ୍ବା ପରି ତମ୍ବମାନ   କେତେ ନାଗ ବଡ଼ ଯାନ
ଚୁରଆଡେ ଫଣାଟେକ ଉଠିବେ ମାତି,
ଖେଳାଇବ କେବା ଏକା ଫୁଲର ଛଡି !
ବୋଲୁଥିବ ପଦ୍ମଟଡାଳ । ମୁହିଁ ବୁଲାଇ
ଟେଡ଼ି ଗୁଙ୍ଗୁଡ଼ିଏ ଦେଉଥିବ ହଲାଇ
ସମସ୍ତେ ମାରିବେ ଗେଟ୍ଠ   କରିଥିବ ଦେହ କାଠ
ଚମକ ଚମକ କେତେ କରି ବଢ଼ାଇ,
ହଳି ଯାଇ ଗେଣ୍ଟ ଦେଉଥିବ ଏଡ଼ାଇ ।

× × ×

ଆମ ନେତ :

ଆସ ଗୋ ବଉଳ ଆ'ରେ ହରି
ଦେଖିବ ଆମ ନେତ
ଦେବ ମୁଁ ଖାଇବ କଅଁଳ ଦୁବ
ଚାଟିବ ସେ ମୋ ହାତ ।
ଆମ ନେତ ଗାଈ   କେଡ଼େ ସୁନ୍ଦର
ମୁଣ୍ଡରେ ଚନ୍ଦ   କଳା ଲାଙ୍ଗୁଡ଼
ଶିଙ୍ଗ ଦୁଇଟି ଗୋଜା
ଆସ ଗୋ ବଉଳ ଆ'ରେ ହରି
ଦେଖିବ ଗୋଟେ ମଜା ।

Digitized by PPRACHIN, SOA

ଚରୁଥିବ ସେ ନଈ କୂଳେ
ଘାସ ଖାଉଥିବ କୋଚନ୍ ମୂଳେ
ମୁଁ କହିବ ରହ,
ମୁହିଁକୁ ଟେକ କାନ ଡେରି
ଗୁହିଁ ରହିବ ପିଲାଙ୍କ ପରି
ନିଶ୍ୱାସ ମାରି ଦୋଇ ଘୁମ୍ନରି
ସତେ ଯେମିତି ପଚାରୁଥିବ
'କଅଣ କହିବୁ କହ'

× × × × ×

ଯେଉଁ ନୀଳକଣ୍ଠ "ପ୍ରଣୟିନୀ" ପ୍ରଭୃତି ଲେଖାବଳୀରେ ବହୁ ତତ୍ସମ ଶବ୍ଦର ଆଶ୍ରୟ ନେଇଛନ୍ତି, ସେ ପୁଣି ଶିଶୁ ସାହିତ୍ୟ ଲେଖିଲାବେଳକୁ କପରି ସାବଲୀଳ ମନୋଜ୍ଞ ଭାଷା ବ୍ୟବହାର କରି ପାରନ୍ତି, ତା ଦେଖିଲେ ବିସ୍ମିତ ହେବାକୁ ହୁଏ ।

ଲଘୁ ସାହିତ୍ୟ ବା ସହଜ ପାଠ ବ୍ୟତୀତ ଶିଶୁ ପ୍ରାଣରେ ଏ ଦେଶର ଗୌରବ ଓ ଅତୀତ ଇତିହାସର ଧାରଣା ଜନ୍ମାଇବା ନିମନ୍ତେ ନୀଳକଣ୍ଠ ଲେଖିଲେ—

'ଜମ୍ବୁ ଭାରତ' :

କାହିଁ ନ ଥିଲା ଏହି ଭାରତ ବର୍ଷ
ଜଗତେ କାହିଁ ଆଜ ଏ ପରି ଦେଶ ।
ଅଛି ଏଥି ଜଗତେ ଧରମ ଯେତେ,
ଅଛନ୍ତି ପରି ଯେତେ ଜାତି ଜଗତେ ।
ପାହାଡ଼ ହିମାଳୟ ମୁକୁଟ ତୋର
ଧୂଅଇ ପାଦ ମହାସାଗର ପରି ।

× × ×

ଆକାଶେ ଉଡ଼େ ସୁଖେ ବ୍ୟୋମ ବିମାନ
ବାଣିଜ୍ୟ ନଏ ଦୂରେ ବୋଇତମାନ ।

Digitized by PPRACHIN, SOA

ବିଲୁଁ ଧାନ ଚହ୍ଲମ ଯାହାକୁ ଯେତ,
ଖଣିରୁ ଲୁହା ସୁନା ହୀରା ସମ୍ଭରେ ।
ସେ କାଳେ ଜ୍ଞାନ ବୁଦ୍ଧ ଏ କାଳେ ଗାନ୍ଧି,
ଧର୍ମେ ପୃଥିବୀ ସାରା ରଖିଲେ ବାନ୍ଧି ।
ବେଦ ପୁରାଣ ବିଦ୍ୟା ବିଜ୍ଞାନ କଳା,
ଯେତେ କହିଲେ ହେଲେ ନୁହେଁ ସରିଲା ।
ଏପରି ଦେଶେ ଆମ ଧନ୍ୟ ଜନମ
ଜୟ ଭାରତ ଜୟ ଜୟ ତୋ ନାମ ।

—o—

ପୁଣି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତ ବାସୀ ଏକ, ଏବଂ ଭାରତୀୟ ମାନେ ଆମ ଜାତୀୟ ପତାକାକୁ ଜୁହାର କରି ଆମ ପତାକା ସଦୃଶ ଉଚ୍ଚ ରଖିବାକୁ ଉଦ୍‌ବୋଧନ ଦେଇ ନୀଳକଣ୍ଠ ଆଜ୍ଞାର ଲେଖିଛନ୍ତି —

ଆମ ଜାତୀୟ ପତାକା :

ପବନ ଲହରେ ନାଚଇ ଆମ ତିରଙ୍ଗା ବାନା
ତିନି ରଙ୍ଗ ଧରି ନଚୁଏ ଆମ ଘରକରଣା ।
ଲାଲ ରଙ୍ଗେ ହିନ୍ଦୁ , ଶାଗୁଆ ରଙ୍ଗେ ମୁସଲମାନ,
ଏକାକାର ପୁଣି ଧଳାରେ ସବୁ ବର୍ଣ୍ଣ ଧରମ ।
ଉଡ଼ରେ ପତାକା ଉଡ଼ି ତୁ ଉଚ୍ଚ ପବନେ ଖେଳି,
ରହୁ ଏ ଭାରତ ଜଗତେ ତୋଳି ଉଚ୍ଚ ମଣ୍ଡଳି ।
କି ଲାଲ, କି ନେଳି , କି ଧଳା, ସବୁ ଯାଉରେ ମିଶି,
ଗଗନ ପବନେ ଭାରତ ବାନା ଦିଶୁ ଝଲସି ।
ଏ ବାନା ମହିମା ପବନେ ଖେଳୁଥାଇ ସତତ,
ସ୍ୱାଧୀନ ଭାରତ ସନ୍ତକ ଦେଖୁଥାଉ ଜଗତ ।
ଭାରତର ଶିଶୁ , ଯୁବକ, ବାଳ, ବୃଦ୍ଧ ସକଳେ,
ଜୁହାର ହେଉଁକୁଁ , ପତାକା ଖେଳ ଶୁଭ୍ର ସମୀରେ ।

—o—

Digitized by PPRACHIN, SOA

ଭକ୍ତି ଭାବାତ୍ମକ କାବ୍ୟ

ଭକ୍ତଗାଥା :

ନୀଳକଣ୍ଠଙ୍କର ଏହି ପୁସ୍ତକଟି ୧୯୧୮ ମସିହାରେ ପ୍ରକାଶ ପାଇଥିଲା, ଯଥାର୍ଥ ଈଶ୍ୱର ଭକ୍ତିର ସୋପାନମାନ ବର୍ଣ୍ଣନ କରି। ନୀଳକଣ୍ଠଙ୍କର ଭଗବତ୍ ବିଶ୍ୱାସ ନ ଥିଲା ବୋଲି ଅନେକଙ୍କର ଧାରଣା। ମାତ୍ର ତାହା ଠିକ୍ ନୁହେଁ। ପଣ୍ଡିତ ନୀଳକଣ୍ଠଙ୍କର ଏକେଶ୍ୱରବାଦରେ ପୂର୍ଣ୍ଣ ବିଶ୍ୱାସ ଥିଲା। ଏ ବିଷୟଟି ଅଧ୍ୟାପକ ଚିନ୍ତାମଣି ଦାଶ 'ମନୀଷୀ ନୀଳକଣ୍ଠ' ପୁସ୍ତକରେ ଅତି ପ୍ରାଞ୍ଜଳ ଭାବରେ ବୁଝାଇଛନ୍ତି। ସେ ଲେଖିଛନ୍ତି, "ନୀଳକଣ୍ଠଙ୍କର ସକଳ ଦେବାର୍ଚ୍ଚନା, ସ୍ତୋତ୍ର ଓ ସଂକୀର୍ତ୍ତନ ଯାଇ ଠୁଳ ହୋଇଥିଲା ସେହି ଭଗବାନଙ୍କଠାରେ।" × × ×; "ପଣ୍ଡିତ ନୀଳକଣ୍ଠ ଭକ୍ତ; କିନ୍ତୁ ତାଙ୍କର ଭକ୍ତି ଭାବ ତତ୍ତ୍ୱ, ଯୁକ୍ତି ଓ ସତ୍ୟରେ ଉପାଣିତ।"

ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ବିହାରରେ ଛାତ୍ରମାନଙ୍କ ଲାଗି ଉପାସନା ପାଇଁ କେତେକ ବୈଦିକ ଓ ଶାସ୍ତ୍ରୀୟ ମନ୍ତ୍ର ସ୍ତୋତ୍ରମାନ ସଂସ୍କୃତରୁ ଓଡ଼ିଆରେ ଅନୁବାଦ କରିଥିଲେ। ସେ ସବୁ ଭିନ୍ନ ଭିନ୍ନ ସମୟରେ ତତ୍କାଳୀନ ସାହିତ୍ୟ ପତ୍ରିକାମାନଙ୍କରେ ପ୍ରକାଶ ପାଇଥିଲା। ପରେ ବହୁ ବନ୍ଧୁଙ୍କ ଅନୁରୋଧକ୍ରମେ ନୀଳକଣ୍ଠ କ୍ଷୁଦ୍ର 'ଉପାସନା' ମୂଳକ ରଚନାମାନଙ୍କୁ ମିଶାଇ 'ଗୀତା'ର 'ଆର୍ତ୍ତୋଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ' ବୋଲି ଯେଉଁ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ନାମରେ ଚାରି ପ୍ରକାର ଭକ୍ତଙ୍କର ବିଭାଗ କରାଯାଇ

Digitized by PPRACHIN, SOA

ଅଛି, ଯେଉଁ ଅନୁକ୍ରମେ ବହୁ ପ୍ରକାର ଭକ୍ତର ବାଣୀ ଘେନି 'ଭକ୍ତଗାଥା' ପୁସ୍ତକଟି ପ୍ରକାଶ କରିଥିଲେ ।

ସତ୍ୟବାଦୀ ଜୀବନରେ ସେ ଗଣେଶ ପୂଜା, ସରସ୍ୱତୀ ପୂଜା ଉପଲକ୍ଷେ ଯେଉଁ ସବୁ ସ୍ତୋତ୍ରମାନ ରଚନା କରିଥିଲେ ଓ ଉପରୋକ୍ତ 'ଭକ୍ତଗାଥା' ପୁସ୍ତକରେ ଦିଆଯାଇଥିବା ଯେଉଁ ସବୁ ଉପାସନା ଓ ସ୍ତୋତ୍ରମାନ ପରେ ପ୍ରକାଶ ପାଇଥିଲା, ସେ ସମସ୍ତ ଏକେଶ୍ୱରବାଦରେ ନିଷ୍ଠାର ଅଭିବ୍ୟକ୍ତି ମାତ୍ର । ନିଜ ଆତ୍ମାରେ ଭଗବତ୍ ଶକ୍ତିର ସତ୍ତା ସେ ଉପଲବ୍ଧି କରିଥିଲେ – ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବରୁଣ ପ୍ରଭୃତି ସେହି ସୃଷ୍ଟିକର୍ତ୍ତାଙ୍କର ଭିନ୍ନ ଭିନ୍ନ ବିଭବ ବୋଲି ସେ ବିଶ୍ୱାସ ପୋଷଣ କରିଥିଲେ ଓ ସବୁଥିରେ ସେ ଦେଖିଥିଲେ ମହାବିଶ୍ୱ ଶକ୍ତି । ଜୀବନରେ ସେ ଆଧ୍ୟାତ୍ମିକତାରେ ବିଶ୍ୱାସ କରି ଜଗନ୍ନାଥ ଧର୍ମର ବିଶେଷତ୍ୱ ପ୍ରଚାରରେ ଶତମୁଖ ହୋଇଥିଲେ । ମାତ୍ର ସାଧାରଣ ଭକ୍ତି ଧର୍ମରେ ତାଙ୍କର ଆଦୌ ବିଶ୍ୱାସ ନଥିଲା । ସେଥିଲାଗି ବିଭିନ୍ନ ପ୍ରସଙ୍ଗରେ ଏପରି ଭକ୍ତମାନଙ୍କୁ ନାନା ଯୁକ୍ତି ଦର୍ଶାଇ ମିଥ୍ୟାବାଦୀ ବୋଲି ପ୍ରତିପାଦନ କରିବାକୁ ସେ ପଶ୍ଚାଦ୍‌ପଦ ହେଉ ନଥିଲେ ଓ ଏହି ଭକ୍ତମାନଙ୍କର ତଦନୁଗତ କର୍ମକୁ ସେ 'ସକଳ ମିଥ୍ୟା' ବୋଲି ଅଭିହିତ କରିଥିଲେ । ଏହି ଭକ୍ତମାନେ ହିଁ ତାଙ୍କୁ ନାସ୍ତିକ ବୋଲି ପ୍ରଚାର କରୁଥିଲେ । ତେଣୁ ସାଧାରଣରେ ନୀଳକଣ୍ଠଙ୍କର ଈଶ୍ୱର ବିଶ୍ୱାସ ନ ଥିଲା ବୋଲି ଅନେକଙ୍କର ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହେବାରେ ବୈଚିତ୍ର କିଛି ନ ଥିଲା ।

—୦—

Digitized by PPRACHIN, SOA

ଦର୍ଶନ ସାହିତ୍ୟ

ଆର୍ଯ୍ୟଜୀବନ :

'ଆର୍ଯ୍ୟ ଜୀବନ' ପଣ୍ଡିତ ନୀଳକଣ୍ଠଙ୍କର ନିଜ ପ୍ରବନ୍ଧ ଗୁଡ଼ିକ ଭିତରେ ତଥା ଓଡ଼ିଆ ସାହିତ୍ୟରେ ଅତି ଉଚ୍ଚକୋଟୀର ସ୍ଥାନ ଅଧିକାର କରେ । ଏଥିରେ ନୀଳକଣ୍ଠ ଆର୍ଯ୍ୟ ଜୀବନର ବୀଜ, ତା ପ୍ରକୃତି, ତାର ଅଧିଷ୍ଠାନ, ତାର ମୂଳାଧାର (ଆଧ୍ୟାତ୍ମିକତା), ସାଧନା ଓ ଶେଷରେ ତାର ଆଦର୍ଶ ସମ୍ପର୍କରେ ଯେପରି ଗଭୀର ମାନବ ଧର୍ମୀ ଆଲୋଚନା କରିଛନ୍ତି, ତାହା ଓଡ଼ିଆ ସାହିତ୍ୟରେ କୁଆପି ଦୃଷ୍ଟି-ଗୋଚର ହୁଏ ନାହିଁ ।

ଏଥିରେ ଥିବା ପ୍ରବନ୍ଧ ଗୁଡ଼ିକ ପ୍ରଥମେ 'ସତ୍ୟବାଦୀ'ରେ ପ୍ରକାଶ ପାଇଥିଲା—ପରେ ୧୯୨୧ରେ ସେ ଗୁଡ଼ିକୁ ସଂଶୋଧନ ଓ ପରିବର୍ଦ୍ଧନ କରି ପୁସ୍ତକ ଆକାରରେ ସେ ପ୍ରକାଶ କରିଥିଲେ ଓ ପୁସ୍ତକଟିକୁ ତାଙ୍କ "ଆବାଲ୍ୟ ଗୁରୁ, ଚିର ସଖା, ଆର୍ଯ୍ୟପ୍ରାଣ, ଗୋପବନ୍ଧୁ ଦାସଙ୍କ ତ୍ୟାଗ ପୂତ, ନିଷ୍କଳଙ୍କ ନାମରେ ଗ୍ରହଣ କରି ପାଠକମାନଙ୍କୁ" ଉତ୍ସର୍ଗ କରି ଯାଇଛନ୍ତି ।

ଏଥିର 'ନିବେଦନ'ରେ ନୀଳକଣ୍ଠ ଲେଖିଛନ୍ତି—"ଏ ଗ୍ରନ୍ଥରେ ଆର୍ଯ୍ୟ ଜୀବନର କେବଳ ସ୍ଥିତି, ବିକାଶ ଓ ବ୍ୟାପ୍ତି ଅନୁସନ୍ଧାନ କରାଯାଇଛି । ଭାରତ-ବାସୀର ଜୀବନ କିପରି ହେବା ଉଚିତ, ସେ ବିଷୟରେ ସବିଶେଷ ଆଲୋଚନା କରିବା ଏ ଗ୍ରନ୍ଥର ଉଦ୍ଦେଶ୍ୟ ନୁହେଁ । ତେଣୁ ଗ୍ରନ୍ଥପାଠ ବେଳେ ଗ୍ରନ୍ଥର ପ୍ରକୃତ ଉଦ୍ଦେଶ୍ୟପ୍ରତି ଲକ୍ଷ୍ୟରଖି ଆଲୋଚନା କଲେ ଅବବୋଧ ସ୍ପଷ୍ଟ ଓ ସୁଗମ ହେବ ।"

Digitized by PPRACHIN, SOA

ଆମ୍ଭେମାନେ ଏଠି କେବଳ ଗୋଟିଏ ଦୁଇଟି ବିଷୟର ଅବତାରଣା କରିବୁ । ତହିଁରୁ ଗ୍ରନ୍ଥର ମହତ୍ତ୍ୱ ଓ ସାରବତ୍ତା ସମ୍ପର୍କରେ ପାଠକମାନଙ୍କର କିଂଚିତ ଅବବୋଧ ହେବ ବୋଲି ବିଶ୍ୱାସ ।

ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି—

"କୁହାଯାଏ, ଜୀବନ ଗୋଟିଏ ପରମ୍ପରା—ପରମ୍ପରାର ମେରୁଦଣ୍ଡ ସ୍ୱରୂପ ଜୀବନରେ ଗୋଟିଏ ଆଦର୍ଶ ଥାଏ । ଜୀବନ ମୂଳରୁ ଶେଷ ପର୍ଯ୍ୟନ୍ତ ସେଇ ଆଦର୍ଶର ଅନୁକରଣ କରେ । ପ୍ରତ୍ୟେକ ଜୀବନ୍ତ ବସ୍ତୁ ଜନ୍ମରୁ ମରଣ ପର୍ଯ୍ୟନ୍ତ ନାନା ଉପାୟରେ ନାନା କ୍ରିୟା ମଧ୍ୟରେ ସେଇ ଏକ ଲକ୍ଷ୍ୟ ଆଡ଼କୁ ଗତି କରୁଥାଏ । ଏଇ ଲକ୍ଷ୍ୟ, ଏଇ ଆଦର୍ଶ ଚାଲିଗଲେ ସେ ଜୀବନ ରହେନାହିଁ । × × × ମନୁଷ୍ୟ ମରିଗଲେ, ତାର ବ୍ୟକ୍ତିଗତ ପରମ୍ପରା ଛିନ୍ନ ହୁଏ; ମୃତ୍ୟୁରେ ତାର ବ୍ୟକ୍ତିଗତ ଜୀବନ ସମାପ୍ତ ହୁଏ; କିନ୍ତୁ ଏକ ବ୍ୟକ୍ତିର ମୃତ୍ୟୁରେ ବଂଶ ବା ପରିବାରର ବ୍ୟକ୍ତିତ୍ୱ ଓ ଜୀବନ ଓ ପରମ୍ପରା ନଷ୍ଟ ହୁଏ ନାହିଁ । ପରିବାରର ବ୍ୟକ୍ତିତ୍ୱ ବଂଶ ପରମ୍ପରାରେ ଚାଲିଥାଏ । ବ୍ୟକ୍ତିଗତ ଜୀବନରେ ବୃଦ୍ଧ ଯେପରି ଯୌବନର ସୁଖ, ଦୁଃଖ, ସାଧୁତା, ଅପରାଧକୁ ନିଜର ବୋଲି ଅନୁଭବ କରେ, ପାରିବାରିକ ବ୍ୟକ୍ତିତ୍ୱ ଫଳରେ ଆମ୍ଭେମାନେ ସେହିପରି ପୂର୍ବ ପୁରୁଷମାନଙ୍କର ଗୌରବରେ ଗୌରବାନ୍ୱିତ ହେଉଁ ।

× × ×

ସେହିପରି ଗୋଟିଏ ପରିବାର ନଷ୍ଟ ହେଲେ ଜାତି ନଷ୍ଟ ହୁଏ ନାହିଁ । ଜାତୀୟ ବ୍ୟକ୍ତିତ୍ୱରେ ଜାତୀୟ ଜୀବନ ପରମ୍ପରା ଚାଲିଥାଏ ।

ଆର୍ଯ୍ୟ ଜୀବନର ଅଧିଷ୍ଠାନ :

ଧର୍ମ ସମ୍ପର୍କରେ ଆଲୋଚନା କରି ନୀଳକଣ୍ଠ ଲେଖିଛନ୍ତି, "ଇଂରାଜୀରେ Religion (ରିଲିଜିଅନ୍) କହିଲେ ଯାହା ବୁଝାଯାଏ, ଧର୍ମ କହିଲେ ଆଜି ଏ ଦେଶର ପାଠପଢ଼ୁଆ ଲୋକେ ପ୍ରାୟ ତାହାହିଁ

Digitized by PPRACHIN, SOA

ବୁଝନ୍ତି । ଖ୍ରୀଷ୍ଟଧର୍ମ, ମୁସଲମାନ ଧର୍ମ, ଜୈନ୍ୟ ଧର୍ମ, ବୌଦ୍ଧ ଧର୍ମ --- ଏ ସବୁ କଥାରେ ଧର୍ମ ଶବ୍ଦଟି ସେହି ଅର୍ଥରେ ବ୍ୟବହୃତ ହୋଇଅଛି । ସେ ଅର୍ଥରେ ଧର୍ମ କହିଲେ, ଈଶ୍ବର, ଆତ୍ମା ଓ ଜନ୍ମମୃତ୍ୟୁ ସମ୍ବନ୍ଧରେ କେତେ ଗୁଡ଼ିଏ ମତବାଦ ମାତ୍ର; ସତ୍ୟ ବା ତତ୍ତ୍ୱ ଅନ୍ୱେଷଣରେ କେତେ ଗୁଡ଼ିଏ ବୁଦ୍ଧିର ଖେଳ । ସେହି ବୁଦ୍ଧିର ଖେଳ ସଙ୍ଗେ କେତେ ଗୁଡ଼ିଏ କ୍ରିୟା ବା ଅନୁଷ୍ଠାନର ପଦ୍ଧତି ମଧ୍ୟ ଯୋଡ଼ା ହୋଇଥାଏ । ସେହି ସେହି ମତ ଯେଉଁମାନେ ମାନନ୍ତି, ସେହି ସେହି ପଦ୍ଧତି ଯେଉଁମାନେ ପାଳନ୍ତି, ସେମାନେ ସେହି ସେହି ଧର୍ମର ଲୋକ ବୋଲି ପରିଚିତ ।

ତାହାର ଅନୁକରଣରେ 'ହିନ୍ଦୁ ଧର୍ମ' ବୋଲି କଥାଟି ସେହିପରି କୌଣସି ଅର୍ଥର ଆରୋପରେ କିଛି ଦିନ ହେଲା ଚଳି ଆସୁଅଛି; କିନ୍ତୁ ଆର୍ଯ୍ୟମାନେ ଧର୍ମ ଶବ୍ଦକୁ କେବେ ସେ ଅର୍ଥରେ ବ୍ୟବହାର କରି ନାହାନ୍ତି । ସୃଷ୍ଟିର ମୂଳ ପଦାର୍ଥ ବା ଈଶ୍ବରବିଷୟକ ମତବାଦ ଆର୍ଯ୍ୟର ଧର୍ମ ନୁହେଁ । ଧର୍ମର ଧାରଣା ଆର୍ଯ୍ୟର ଧ୍ରୁବ, ସ୍ଥିର ଓ ନିତ୍ୟ । ଧର୍ମ ମାନବ ଜୀବନର ପ୍ରକୃତି । ଏହା ମାନବର ମାନବତ୍ୱ ।

ନାନା ପ୍ରକାର ମତବାଦ ଆର୍ଯ୍ୟ-ଜୀବନରେ ବିକାଶ ପାଇଛି ସତ; କିନ୍ତୁ ଏ ସବୁ ମତବାଦରୁ ଧର୍ମ ବାହାରି ନାହିଁ । ବରଂ ଏ ସବୁ ମତବାଦ ସେହି ଧର୍ମ ଧାରଣା ବୁଝିବାର, ବ୍ୟାଖ୍ୟା କରିବାର, ସତ୍ୟ ଅନୁସନ୍ଧାନ କରିବାର ଚେଷ୍ଟାରୁ ଜାତ ।

ଶ୍ରୀମଦ୍ ଭଗବଦ୍ ଗୀତା :

ନୀଳକଣ୍ଠଙ୍କ ଗୀତା ବା ଶ୍ରୀମଦ୍ ଭଗବଦ୍ ଗୀତା ପ୍ରକାଶ ପାଇଲା ୧୯୩୬ ମସିହା ପଜାବକାଶରେ । ସିମିଳାଠାରେ କେନ୍ଦ୍ର ଆସେମ୍ବ୍ଲି ବୈଠକରେ ଯୋଗଦେବା କାଳରେ ସେ 'ଗୀତା ପ୍ରବେଶ' ଲେଖି ସେଠାରୁ ଥରକୁ ଥର କରି ତାହା କଟକ ପଠାଇଥିଲେ ମୁଦ୍ରଣ ନିମନ୍ତେ । ଅଧିବେଶନର ଗୁରୁତ୍ୱପୂର୍ଣ୍ଣ ଆଲୋଚନାମାନଙ୍କରେ ଭାଗନେଇ

Digitized by PPRACHIN, SOA

ଏବଂ ନବଗଠିତ ଓଡ଼ିଶା ପ୍ରଦେଶର ଆସନ୍ନ ନିର୍ବାଚନର ଚିନ୍ତା ଓ କର୍ମ-ଯୋଜନା ମଧ୍ୟରେ ନୀଳକଣ୍ଠ ଯେପରି 'ଗୀତା ଭାଷ୍ୟ' ପରି ଏକ ତତ୍ତ୍ୱପୂର୍ଣ୍ଣ ଲେଖାରେ ମନୋନିବେଶ କରି ପାରିଥିଲେ, ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ପୁଣି ଏହି 'ଗୀତା ପ୍ରବେଶ' ଲେଖା ଯାଇଥିଲା ମାତ୍ର ୨୧ ଦିନରେ । ନିଜେ ନୀଳକଣ୍ଠ ଏ ସମ୍ବନ୍ଧରେ ଲେଖିଛନ୍ତି, "ସେତେବେଳେ ଭାରତ ବ୍ୟବସ୍ଥାପକ ସଭାର (Indian Legislative Assembly) ସିମଲା ବୈଠକ ଚାଲିଥାଏ। ୧୯୩୫ ଆଇନ ଅନୁସାରେ ସାଧାରଣ ପ୍ରାଦେଶିକ ନିର୍ବାଚନ ଆରମ୍ଭ ହେବାକୁ ମାତ୍ର ୨।୩ ମାସ ଥାଏ। ସେଥିପାଇଁ ଓଡ଼ିଶା ପ୍ରଦେଶରେ ସମସ୍ତ ନିର୍ବାଚନ-ଘଟିତ ଚିନ୍ତା ଓ କର୍ମଯୋଜନା ମଧ୍ୟ ସେହି ସିମଲାଠାରୁ କରିବାକୁ ହେଉଥାଏ। ଏଣେ ବ୍ୟବସ୍ଥା-ସଭାର ବୈଠକ ବକ୍ତୃତାଦି ମଧ୍ୟ ନିୟମିତ ରୂପେ ଚାଲିଥାଏ। ଏତିକି ବେଳେ ଏହି ସମସ୍ତ ଭିତରେ ମାତ୍ର ୨୧ ଦିନ —ଦିନ କହିବା ଠିକ୍ ନୁହେଁ, ୨୧ଟି ରାତିରେ—ରାତି ୧୦ଟା ଠାରୁ ସକାଳ ୭ଟା ଭିତରେ—'ଗୀତା ପ୍ରବେଶ'ଟି ଅତି ତରତରରେ ଲେଖା ହୋଇଥିଲା।"

ତେବେ ତରତରରେ ଏପରି ଥରକୁ ଥର ଲେଖା ଗୁଡ଼ିକ ପଢାଇବାରେ ଏହି ସଂସ୍କରଣଟିରେ 'କ୍ଷେତ୍ର, କ୍ଷେତ୍ରଜ୍ଞ', 'ପ୍ରକୃତି ଓ ପୁରୁଷ' ପ୍ରଭୃତି କେତେକ ବିଷୟରେ ସ୍ପଷ୍ଟ କରି ବୁଝାଯାଇ ପାରି ନ ଥିଲା। ନୀଳକଣ୍ଠ ସେ ଅଭାବ ଦୂର କରିଥିଲେ ୧୯୫୯ ମସିହାରେ ଏହାର ୨ୟ ସଂସ୍କରଣରେ ବୋଲି ଉଲ୍ଲେଖ କରିଛନ୍ତି।

ତୃତୀୟ ସଂସ୍କରଣରେ 'ଗୀତା ଧର୍ମର ମୂଳ ଓ ବିକାଶ'; 'ଜୈନ୍ୟଧର୍ମ' ପ୍ରଭୃତି ବିଷୟ ବୁଝାଇ 'ଗୀତାର ପୀଠିକା' ବୋଲି ପ୍ରଥମରୁ ଗୋଟିଏ ଭାଗ ସଂଯୁକ୍ତ କରାଯାଇଛି। ଏହି ଗୀତାହିଁ ବାସ୍ତବରେ ନୀଳକଣ୍ଠଙ୍କର ପ୍ରଜ୍ଞା, ମନୀଷା, ପାଣ୍ଡିତ୍ୟର ପ୍ରତୀକ। ୪୫୦ ପୃଷ୍ଠା ବ୍ୟାପୀ

Digitized by PPRACHIN, SOA

'ଗୀତାର ଭାଷ୍ୟ' ଓ 'ଗୀତା ପ୍ରବେଶ'ରେ ନୀଳକଣ୍ଠ ଯେଉଁ ତଥ୍ୟମାନ ଉପସ୍ଥାପନ କରିଅଛନ୍ତି, ତାହା ତାଙ୍କ ମୌଳିକ ଚିନ୍ତାଧାରାର ମଧ୍ୟ ଯଥେଷ୍ଟ ପରିଚୟ ଦିଏ । ଏ ସମ୍ପର୍କରେ ନୀଳକଣ୍ଠ ପ୍ରଥମ ସଂସ୍କରଣର 'ପ୍ରାରମ୍ଭିକ ନିବେଦନ'ରେ ଲେଖିଛନ୍ତି, "ଗତ ୧୯୩୨।୩୩ରେ ଦୀର୍ଘକାଳ ହଜାରିବାଗ ଜେଲରେ ଥିଲାବେଳେ ମୁଁ ଶ୍ରୀମଦ୍ ଭଗବଦ୍ ଗୀତାର ଗୋଟିଏ ଟୀକା ଲେଖିଥିଲି । ଏହା ପୂର୍ବରୁ ମୁଁ ଗୀତାର ଭିନ୍ନ ଭିନ୍ନ ଟୀକା ପଢିଥିଲି । ସେଥିରେ ମୋର ମନେ ହୋଇଥିଲା, ବିଭିନ୍ନ ସମ୍ପ୍ରଦାୟ ପ୍ରତିଷ୍ଠାତାମାନେ ଗୀତାର ଭାଷ୍ୟ ଓ ଟୀକା କରିବାରେ ନିଜ ନିଜ ସମ୍ପ୍ରଦାୟ ସ୍ୱାର୍ଥରୁ ବାହାରି ଗୀତାର ଅର୍ଥ କରିବାକୁ ଯାଇ ନାହାନ୍ତି । ଏ ଯୁଗରେ ତିଲକ, ଗୀତାର ଯୋଗକୁ ପ୍ରବୃତ୍ତିମୂଳକ କର୍ମଯୋଗ ବୋଲି ଅର୍ଥ କରି ଟିକିଏ ସ୍ୱାଧୀନତା ଦେଖାଇଛନ୍ତି ସତ, ମାତ୍ର ତାହା ଗୀତାର ପୂର୍ଣ୍ଣ ବ୍ୟାଖ୍ୟା ନୁହେଁ । ଅରବିନ୍ଦ; ଗୀତାର ଗୋଟିଏ ଅତି ସୁନ୍ଦର, ସୃଙ୍ଖଳ ଓ ସ୍ୱାଭାବିକ ବ୍ୟାଖ୍ୟା ପ୍ରକାଶ କରିଛନ୍ତି । ମାତ୍ର ମଧ୍ୟେ ମଧ୍ୟେ ସେ ଯେଉଁ ଯୋଗୀସୁଗମ ଅନୁଭବରେ ନିର୍ଭର କରି ଅତି ଦୁରୂହ ତତ୍ତ୍ୱମାନଙ୍କର ଯେ ସଙ୍କେତ ଦେଇଛନ୍ତି, ତାହା ସାଧାରଣ ପାଠକର ସୁଲଭ ନୁହେଁ ।

ଏଇ ସବୁ ଦୃଷ୍ଟିରୁ ପୁଣି ଜେଲରେ ସମସ୍ତ ବ୍ୟବହାର କରିବା ପାଇଁ ମୁଁ ଗୀତାର ଟୀକା ଲେଖିଲି । ଏହି ଟୀକା ଗୋଟିଏ ସ୍ୱତନ୍ତ୍ର ଗ୍ରନ୍ଥ ।

ଏଥିରୁ ସ୍ପଷ୍ଟ ହେବ ଯେ ନୀଳକଣ୍ଠଙ୍କର ଏଇ ଟୀକା ବହୁ ବିଷୟରେ ତାଙ୍କର ମୌଳିକ ଚିନ୍ତାଧାରା ବହନ କରେ । ମହାତ୍ମା ଗାନ୍ଧି ମଧ୍ୟ ନୀଳକଣ୍ଠଙ୍କର ମୌଳିକ ଚିନ୍ତାଧାରା ସମ୍ବନ୍ଧରେ ବେଶ ଅବହିତ ଥିବାର ଅନୁମିତ ହୁଏ । ନୀଳକଣ୍ଠ ଯେତେବେଳେ ଡଃ. ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ କୃପାଲନୀଙ୍କ ସହିତ ହଜାରିବାଗ ଜେଲରେ ଥିଲେ ଓ ଗୀତାର ଏହି ଟୀକାଟି ଲେଖୁଥିଲେ, ସେତିକି ବେଳେ ଡଃ. ରାଜେନ୍ଦ୍ର ପ୍ରସାଦ

Digitized by PPRACHIN, SOA

ଗାନ୍ଧିଙ୍କଙ୍କ ଗୀତା ତାଙ୍କୁ ପଢିବା ନିମନ୍ତେ ଦେଇଥିଲେ । ନୀଳକଣ୍ଠ ଏହା ପଢି ତାହାଁ ପରଦିନ ଫେରାଇ ଦେଲେ ଓ ଡଃ. ରାଜେନ୍ଦ୍ର ପ୍ରସାଦଙ୍କୁ କହିଲେ, "ଗାନ୍ଧିଜୀ କ'ଣ ଆଉ 'ଉପନିଷଦ', ଓ 'ବ୍ରହ୍ମସୂତ୍ର'ର ଟୀକା କରି 'ପ୍ରସ୍ଥାନ ତ୍ରୈ:' ଧରି ନୂତନ ମତ ପ୍ରଚାର କରିବାକୁ ଚାହାନ୍ତି କି ? ତାଙ୍କୁ ମନାକର—ସେ ଏପରି ନ କରନ୍ତୁ ।" ବସ୍ତୁତଃ ଏ ଦୁଇଟିର ଟୀକା ଗାନ୍ଧିଜୀ ରଚନା କରି ନାହାନ୍ତି ବୋଲି ନୀଳକଣ୍ଠ ନିଜ 'ଆତ୍ମ-ଜୀବନୀ'ରେ ଉଲ୍ଲେଖ କରି ଗାନ୍ଧିଜୀ ତାଙ୍କ ବାରଣ ମାନି ଥିବାର ସୂଚନା ଦେଇଛନ୍ତି । (ନି—ଚ. ପୃ-୧୨)

ତତ୍ତ୍ୱାନ୍ୱେଷୀମାନେ ପଣ୍ଡିତ ନୀଳକଣ୍ଠଙ୍କ ଗୀତାରୁ ବହୁ ନୂତନ ତତ୍ତ୍ୱ ଓ ଦିଗ୍‌ଦର୍ଶନ ପାଇ ପାରିବେ ବୋଲି ଆମର ମତ । ଆମେ ଏଠି ଗୋଟିଏ ଦୁଇଟି ବିଷୟର ମାତ୍ର ଅବତାରଣା କରିବୁଁ । ଏଥିରେ ନୀଳକଣ୍ଠ 'ଆତ୍ମ ଧର୍ମ'ର ପ୍ରାଧାନ୍ୟ ବିଷୟଟିର ବହୁ ବିଶ୍ଳେଷଣ କରିଛନ୍ତି । ସେ ତ କେବେ "ଭାଗ୍ୟଂ ଫଳତି ସର୍ବତ୍ର"ରେ ବିଶ୍ୱାସ କରିବା ଲୋକ ନ ଥିଲେ । ଆତ୍ମଧର୍ମ ବିଷୟରେ ବୁଝାଇବାକୁ ଯାଇ ନୀଳକଣ୍ଠ କହିଛନ୍ତି, "ସମସ୍ତେ ନିଜର ଅଧିକାରରେ ଠିକ ରହି କର୍ମ କଲେ, ସମାଜ, ଶୃଙ୍ଖଳାରେ ବିକାଶ ପାଏ ଓ ଏହି ସ୍ୱଧର୍ମ ଆତ୍ମଜ୍ଞାନ ଲାଭର ବିକାଶରେ କ୍ରମେ ବିକଶିତ ହୁଏ । ସ୍ୱଧର୍ମ ଛାଡ଼ିବା ଠିକ୍ ନୁହେଁ ।" × × × ସ୍ୱଧର୍ମରେ ବିଶ୍ୱର ସମସ୍ତ ବସ୍ତୁ, ଜନ୍ତୁ ନିୟମିତ । ସେଇ ବିଶ୍ୱ ପ୍ରକାଶ ଓ ତାହାଁରେ ପ୍ରକାଶ ପାଉଥିବା ସ୍ୱଧର୍ମ ହିଁ ମାନବର ଚରମ ଆଦର୍ଶ । ଏଇ ଆଦର୍ଶରେ କର୍ମନିଷ୍ଠ ହେବା ହିଁ ମନୁଷ୍ୟର ଧର୍ମ । ଆର୍ଯ୍ୟମାନେ ଏହା ଦେଖିଥିଲେ, ଏହା ଆର୍ଯ୍ୟଧର୍ମ ।

ସେ ପୁଣି ପୁରୀକୁ ପୁରୁଷୋତ୍ତମ କ୍ଷେତ୍ର ଓ ମହାଭାରତର କୃଷ୍ଣଙ୍କୁ ଆମ ଜଗନ୍ନାଥ ବୋଲି ପ୍ରତିପାଦନ କରିଛନ୍ତି । ପଣ୍ଡିତ ନୀଳକଣ୍ଠ ଗୀତାର ୧୫ଶ ଅଧ୍ୟାୟର ୧୮ଶ ଶ୍ଳୋକ, "ଅତୋଽହଂ

Digitized by PPRACHIN, SOA

ଲୋକେ ଦେବେ ଚ, ପ୍ରଥିତଃ ପୁରୁଷୋତ୍ତମଃ'' ବୁଝାଇବାକୁ ଯାଇ କହିଚନ୍ତି,

"ମୁଁ ବେଦର ଅର୍ଥାତ୍ ଜ୍ଞାନର ଯୁକ୍ତିରେ ତଥା ଲୋକରେ ବୋଇଲେ ଲୋକର ଉପାସ୍ୟ ରୂପରେ, ପୁରୁଷୋତ୍ତମ ରୂପେ ପ୍ରତିଷ୍ଠିତ ଅଛି, କେବଳ ଲୋକରେ ପୁରୁଷୋତ୍ତମ ନୁହେଁ । ଏହା ଠିକ୍ ପୃଥ୍ୱୀର ପୁରୁଷୋତ୍ତମ କ୍ଷେତ୍ରକୁ ବୁଝାଉଚି । (ଗୀତା—୨ୟ ସଂସ୍କରଣର ମୁଖବନ୍ଧ ପୃ—୩୯)"

ବହୁ ବଙ୍ଗ ବ୍ୟକ୍ତିଙ୍କର ଗୀତା ଭାଷ୍ୟ ପ୍ରକାଶ ପାଇଚି— ନୀଳକଣ୍ଠଙ୍କ ଗୀତା ଭାଷ୍ୟ ଭାଷାନ୍ତର କରାଗଲେ ତାଙ୍କର ନୂତନ ଚିନ୍ତାଧାରା ଓଡ଼ିଆ ଭାଷାରେ ଅଭିନବ ତତ୍ତ୍ୱାନ୍ୱେଷୀମାନଙ୍କ ନିକଟରେ ପହଞ୍ଚାଇ ହେବ ବୋଲି ବହୁ ବିଶିଷ୍ଟ ଚିନ୍ତାଶୀଳ ବ୍ୟକ୍ତି ଏବେ ମତ ଦେଉଚନ୍ତି । ନୀଳକଣ୍ଠ ସ୍ମୃତି ସମିତି ବା ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏ ଦିଗରେ ଉଦ୍ୟମ କରିବା ବାଞ୍ଛନୀୟ ବୋଲି ଆମର ମନେହୁଏ ।

—o—

Digitized by PPRACHIN, SOA

ସମାଲୋଚନା ସାହିତ୍ୟ

ସଂସ୍କୃତ ଓ ସଂସ୍କୃତି :

ଏ ପୁସ୍ତକଟିରେ ପଣ୍ଡିତ ନୀଳକଣ୍ଠ ବହୁ ଉପାଦେୟ ବିଷୟର ତାତ୍ତ୍ୱିକ ଆଲୋଚନା କରିଛନ୍ତି—ସେ ଗୁଡ଼ିକ ହେଲ— ଆର୍ଯ୍ୟଭାଷା, ଲିପି, ସଂସ୍କୃତ ଶିକ୍ଷା, ଚିକିତ୍ସା ବିଜ୍ଞାନ, ଫଳିତ ଜ୍ୟୋତିଷ ଓ ଜ୍ୟୋତିଷ ମଠ, ସଦାବ୍ରତ ଇତ୍ୟାଦି ।

ନୀଳକଣ୍ଠ ୧୯୪୭ ମସିହା ଫେବୃୟାରୀ ମାସରେ ପୁରୀ ସଂସ୍କୃତ କଲେଜର ସମାବର୍ତ୍ତନ ଉତ୍ସବରେ ଯେଉଁ ଦୀକ୍ଷାନ୍ତ ଭାଷଣ ଦେଇଥିଲେ, ତାକୁ ପରିମାର୍ଜିତ ଓ ପରିବର୍ଦ୍ଧିତ କରି ଏ ପୁସ୍ତକଟି ୧୯୫୧ ମସିହାରେ ପ୍ରକାଶ କରିଥିଲେ । ଏଥିରେ ପଣ୍ଡିତ ନୀଳକଣ୍ଠ ଉପରୋକ୍ତ ବିଷୟମାନଙ୍କର ଯେଉଁ ତାତ୍ତ୍ୱିକ ଆଲୋଚନା କରି ସେ ସମ୍ବନ୍ଧରେ ନିଜର ମତବାଦ ପ୍ରକାଶ କରିଛନ୍ତି, ତାହା ତାଙ୍କର ମୌଳିକ ଚିନ୍ତାଧାରା ଓ ବିଚକ୍ଷଣ ବିଜ୍ଞର ବୁଦ୍ଧିର ପରିଚୟ ଦିଏ । ଉଦାହରଣ ସ୍ୱରୂପ, ପଣ୍ଡିତ ନୀଳକଣ୍ଠ "ଜଗନ୍ନାଥ ପତିତପାବନ" ବୋଲି ଏଥିରେ ପ୍ରତିପାଦନ କରିଛନ୍ତି । ଯେତେବେଳେ ତାଙ୍କର ଉପରୋକ୍ତ ଦୀକ୍ଷାନ୍ତ ଭାଷଣରେ ସେ ଏ ମତ ପ୍ରକାଶ କଲେ, ସେଠି ଉପସ୍ଥିତ ଥିବା ଓଡ଼ିଶା ସଂସ୍କୃତ ଆସୋସିଏସନ୍‌ର ସଭାପତି ଏମାର ମଠ ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ ଏଥିରେ ଆଶ୍ଚର୍ଯ୍ୟ ହୋଇ ଚମକି ପଡ଼ିଥିଲେ । ସେହିପରି ମଧ୍ୟ 'ଫଳିତ ଜ୍ୟୋତିଷ ଗୋଟିଏ ବିଦ୍ୟା ନୁହେଁ' ବୋଲି ପଣ୍ଡିତ ନୀଳକଣ୍ଠ ଯେତେବେଳେ ମତ ପ୍ରକାଶ କଲେ, ଉତ୍ସବରେ ଉପସ୍ଥିତ ଥିବା ବହୁ ପଣ୍ଡିତ

Digitized by PPRACHIN, SOA

ତାଙ୍କ ପ୍ରତି ଖୁବ୍ ସମ୍ମାନ ହୋଇ ପଡ଼ୁଥିବା କଥା ସେ ଉକ୍ତ ପୁସ୍ତକର 'ମୂଳ କଥା'ରେ ଉଲ୍ଲେଖ କରିଛନ୍ତି । ସେଇ ପୁସ୍ତକରେ ଥିବା କେତୋଟି ବିଷୟରେ ନୀଳକଣ୍ଠ ଦର୍ଶାଇ ଥିବା ତଥ୍ୟ ଓ ଯୁକ୍ତି ଏପରି ଅକାଟ୍ୟ ଯେ ସେ ସମ୍ବନ୍ଧରେ କୌଣସି ସନ୍ଦେହ ପ୍ରକାଶ କରିବାର ଅବକାଶ ରହେ ନାଇ । ଉପରନ୍ତୁ ଏହିଁରୁ ତାଙ୍କ ଜ୍ଞାନର ଗଭୀରତା ସହଜରେ ଅନୁମେୟ କରିହୁଏ ।

ଆର୍ଯ୍ୟ ଭାଷା :

ପଣ୍ଡିତ ନୀଳକଣ୍ଠ ଭାରତର ଆଦିମ ଆର୍ଯ୍ୟ ଓ ଅସୁରଙ୍କ ସମ୍ବନ୍ଧରେ ଉଲ୍ଲେଖ କରି କହିଛନ୍ତି ଯେ "ପୃଥିବୀରେ ପ୍ରାଚୀନ ସଭ୍ୟତା ବହୁତ ଥିଲା । ଆର୍ଯ୍ୟଙ୍କ ପୂର୍ବରୁ ଆର୍ଯ୍ୟଙ୍କ ସଭ୍ୟତାକୁ ବଳି ବଡ଼ ବଡ଼ ସଭ୍ୟତାମାନ ବହୁତ ଥିଲା; କିନ୍ତୁ ଆର୍ଯ୍ୟଙ୍କ ଭାଷା ପରି ବିଶାଳ ଓ ପୁଷ୍କଳ ପ୍ରକାଶ-ପର ତଥା ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ପ୍ରୟୋଗ-ପ୍ରବଣ ଓ ନମନୀୟ ଚିନ୍ତା ଓ ଭାବ-ପ୍ରକାଶର ସାଧନ ଅଉ କାହାରି ନ ଥିଲା । × × × ଧର୍ମରେ ନୈତିକତା ଫୁଟାଇବାରେ ଆର୍ଯ୍ୟମାନେ ମଧ୍ୟ ସେହିପରି ପ୍ରସିଦ୍ଧି ଲାଭ କରିଥିଲେ । ବୌଦ୍ଧ ଓ ଜୋରୋଆଷ୍ଟ୍ରିୟ ଧର୍ମ ପରି ଜନ୍ମ ଓ ସଂସ୍କାର ଭେଦରେ ମାନବ ମାତ୍ରକୁ ସମାନ ଭାବରେ ଆପଣାର କରିବା ଭଳି ଧର୍ମମାନ ଅତି ପୂର୍ବକାଳରେ ଆର୍ଯ୍ୟମାନଙ୍କ ଦ୍ୱାରା ଉଦ୍ଭାବିତ ଓ ଆର୍ଯ୍ୟ ଭାଷାରେ ପ୍ରଚାରିତ ହୋଇଥିଲା ।"

ପୁଣି ବେଦର ଭାଷାହିଁ ସଂସ୍କୃତ ଓ ଓଡ଼ିଆ ଭାଷାର ମୂଳ ଭାଷା ବୋଲି ଦର୍ଶାଇ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି, "ଆଜି ଜଣା ପଡ଼ିଛି, ଇଂରେଜୀ ସମେତ ସମସ୍ତ ଇଉରୋପ ତଥା ପାରସ୍ୟାଦି ଦେଶର ଭାଷା ଏଇ ମୂଳ ଆର୍ଯ୍ୟ ଭାଷାର ବିଭିନ୍ନ ପ୍ରକାଶ ହେଲେ ହେଁ ଏହାର ଆଦିମ ଶୃଙ୍ଖଳିତ ଓ ସାହିତ୍ୟିକ ପ୍ରକାଶ ହେଉଛି ବେଦରେ । ପୁଣି ଏଇ ବେଦର ଭାଷାଇ ଆମ ସଂସ୍କୃତର ତଥା ଓଡ଼ିଆ, ବଙ୍ଗଳା, ହିନ୍ଦି, ମରହଟି, ଗୁଜୁରାଟି ପ୍ରଭୃତି ଭାଷାର ମୂଳ । ଏଥିରେଇ ବିରାଟ ଭାରତ

Digitized by PPRACHIN, SOA

ସଭ୍ୟତା ତଥା ଭାରତ ସଂସ୍କୃତି ଓ ସାହିତ୍ୟ ପ୍ରକାଶ ପାଇଛି ।'' ସଂସ୍କୃତ ଓ ପ୍ରାକୃତ ବିଷୟଟି ଆଲୋଚନା କରି ପଣ୍ଡିତ ନୀଳକଣ୍ଠ କହିଚନ୍ତି, "ପରବର୍ତ୍ତୀ କାଳର ଦ୍ରାବିଡ଼ୀୟ ଭାଷାମାନ ପ୍ରାକୃତରୁ – ହୁଏତ ସଂସ୍କୃତ ପ୍ରକୃତ ବାଟେ ବହୁ ଶବ୍ଦ ସଂସ୍କୃତରୁ ନେଇଥିଲେ ।'' ସେ ସମ୍ବନ୍ଧରେ ବହୁ ତଥ୍ୟ ଓ ଉଦାହରଣ ସେ ଏଥିରେ ଦର୍ଶାଇଚନ୍ତି ।

ଲିପି :

ଲିପିର ମୂଳ ଓ ସମାଜର ବିକାଶରେ ଲିପିର ଅପରିହାର୍ଯ୍ୟତା ବିଷୟ କହିବାକୁ ଯାଇ ପଣ୍ଡିତ ନୀଳକଣ୍ଠ ଲେଖିଚନ୍ତି, "ବିକଶିତ ସମାଜ ମାନଙ୍କରେ ଲିପିର ବ୍ୟବହାର ଏକ ପ୍ରକାର ଅପରିହାର୍ଯ୍ୟ । ଭାଷାର ଏହା ଗୋଟିଏ ଅଚ୍ଛେଦ୍ୟ ଅଙ୍ଗ । ଲିପିର ବ୍ୟବହାର ପୃଥିବୀରେ ଅତ୍ୟନ୍ତଃ ୬୦୦୦ ବର୍ଷରୁ ଅଧିକ ପ୍ରାଚୀନ ଥିବାର ଲେଖମାନଙ୍କରୁ ପ୍ରମାଣ ମିଳେ । ଲିପିର ଉଦ୍‌ଭାବନ ହୋଇଥିଲା, କେଉଁଠାରେ, ଠିକ୍ କହି ହେଉନାହିଁ; ମାତ୍ର ଅତି ଆଦିମ କାଳରେ ତିନୋଟି ଦେଶରେ ଏହା ବ୍ୟବହୃତ ହେଉଥିବାର ପ୍ରମାଣ ମିଳେଚି । ସେ ତିନୋଟି ହେଉଚି, ଇଜିପ୍ତ, ସୁମେର୍ ଓ ଭାରତ—ଖୁବ୍ ସମ୍ଭବ, ଦ୍ରାବିଡ଼ ଭାରତ ।''

ଲିପିର ଆରମ୍ଭ କାଳ ନେଇ ପଣ୍ଡିତ ନୀଳକଣ୍ଠ ଏହା ୩୫୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରିଚନ୍ତି । ସେ କହିଚନ୍ତି— "ପଣ୍ଡିତମାନେ କହୁଚନ୍ତି, ଭୂମଧ୍ୟ ସାଗର କୂଳ, ପାଲେଷ୍ଟାଇନ୍ ପାଖ ଫିନିସିଆ ଦେଶରେ ନୌ-ବାଣିଜ୍ୟଜୀବୀ ଫିନିସୀୟମାନେ ମିଶରରେ ଚଳୁଥିବା ଲିପିର ଇଜିପିଁରେ ସ୍ୱର ସଙ୍କେତ ଧରି ପ୍ରାୟ ୩୫୦୦ ବର୍ଷ ତଳେ ଗୋଟିଏ ବର୍ଣ୍ଣ-ମାଳାର ଲିପି ବାହାର କରିଥିଲେ । ବିଭିନ୍ନ ବିକାଶରେ ସେଇ ବର୍ଣ୍ଣମାଳାର ସଙ୍କେତ ଧରି ସେଇ ଲିପି, ଆଜି ପାରସୀ ଆରବୀଠାରୁ ଗ୍ରୀକ୍ ଲାଟିନ୍ ତଥା ଫରାସୀ ଜର୍ମାନ ଇଂରେଜୀ ପର୍ଯ୍ୟନ୍ତ ସମସ୍ତ ପଶ୍ଚିମ ଏସିଆ ଓ ଇଉରୋପରେ ଚଳେ ।''

ଆମ 'ଦେବ ନାଗରୀ' ଲିପିର ମୂଳ ଖୋଜିବାକୁ ଯାଇ ପଣ୍ଡିତ ନୀଳକଣ୍ଠ ଦର୍ଶାଇଚନ୍ତି ଯେ ଫିନିସୀୟମାନଙ୍କଠାରୁ ଗୃହୀତ

Digitized by PPRACHIN, SOA

ଅଶୋକଙ୍କ ଶିଳାଲିପିମାନଙ୍କର 'ଖରୋଷ୍ଠୀ' ଲିପି ଓ ପରେ ସେହି ଫିନସୀୟ ଲିପିରୁ ବାହାରିଲା ବାଣିଜ୍ୟ ସମ୍ପର୍କରେ ଆସିଥିଲା 'ବ୍ରାହ୍ମୀ' ଲିପି । ଏହି ବ୍ରାହ୍ମୀ ଲିପିରୁ 'ଦେବ ନାଗରୀ' ସମେତ ସବୁ ଭାରତୀୟ ଲିପି ବାହାରିଛି ଓ ଡଦ୍‌ବଦ୍‌ମାନେ ନାନା ପ୍ରମାଣ ଦେଇ ଭାରତୀୟ ବଣିକ ବାଟେ ଆନ୍ଦାଜ ଖ୍ରୀଷ୍ଟପୂର୍ବ ୮୦୦ ଅବ୍ଦରେ ଏହାକୁ ମେସୋପୋଟାମିଆ ବାଟେ ଭାରତକୁ ଆସିଥିବାର ସିଦ୍ଧାନ୍ତ କରନ୍ତି ।

ଓଡ଼ିଆ ଲିପି ସଂସ୍କାର :

ଲିପି ସମ୍ବନ୍ଧରେ କହିବା ବେଳେ ବହୁବର୍ଷ ଧରି ଚଳି ଆସିଥିବା ଲିପିରେ କେତେକ ସଂସ୍କାର ଯେ ବୈଜ୍ଞାନିକ ପଦ୍ଧତିରେ ହୋଇଛି ଏହା ସ୍ୱୀକାର୍ଯ୍ୟ । ସେଥିଲାଗି 'ସତ୍ୟବାଦୀ ଯୁଗ'ର ସାହିତ୍ୟରେ ୧୯୧୩ ମସିହାରେ ଲିପି ବିପ୍ଳବ ଆରମ୍ଭ କଲେ, ସତ୍ୟବାଦୀ ବନ୍ଦାରର ଶିକ୍ଷକମାନେ ଓ ଏଥିରେ ଅଗ୍ରଣୀ ଥିଲେ ପଣ୍ଡିତ ନୀଳକଣ୍ଠ । ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି, "ସେ କାଳର ପ୍ରସିଦ୍ଧ ସାହିତ୍ୟିକ ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ, ଶ୍ରୀ ବିଶ୍ୱନାଥ କର ଓ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ପ୍ରଭୃତିଙ୍କ ନେତୃତ୍ୱରେ ଖୁବ୍ ପ୍ରତିବାଦ ଉତ୍କଳ ସାହିତ୍ୟ ମାଧ୍ୟମରେ ଆରମ୍ଭ ହୋଇ ଯାଇଥିଲା । ପରେ ସେହି ଆନ୍ଦୋଳନ ଫଳରେ ବଡ଼ୋଡ଼ା ଓଡ଼ିଶା ଶିକ୍ଷା ବିଭାଗ ମୋ ମତକୁ ଅତି ଆଦରର ସହିତ ଶିକ୍ଷା ବିଭାଗ ପାଇଁ ଗ୍ରହଣ କରିନେଲେ, କିନ୍ତୁ ଏବେ ମଧ୍ୟ ତାହା ପୂରାପୂରି ପ୍ରଚଳିତ ହୋଇନାହିଁ ।" ପଣ୍ଡିତ ଗୋଦାବରୀଶ ମଧ୍ୟ ପାଟଣା ବିଶ୍ୱବିଦ୍ୟାଳୟ ସିନେଟ୍‌ରେ ଏ ବିଷୟ ଉପସ୍ଥାପିତ କରିଥିଲେ । ଶିକ୍ଷା ବିଭାଗ ବିଦ୍ୟାଳୟମାନଙ୍କୁ ଜଣାଇ ଦେଇଥିଲେ ଯେ ବର୍ଣ୍ଣମାଳାର ପଞ୍ଚମ ବର୍ଗ ଅନୁସ୍ୱାରରେ ମଧ୍ୟ ଲିପିବଦ୍ଧ ହୋଇପାରେ । ଉଦାହରଣରେ ବିଷୟଟି ବୁଝିବାକୁ ସହଜ ହେବ । ଯଥା—'କୁଞ୍ଜ', 'ପଞ୍ଚମ', 'ଆକାଙ୍କ୍ଷା', 'ମୁଣ୍ଡ', 'ଚନ୍ଦ୍ର', 'ସଙ୍କେତ', 'ଭ୍ରାନ୍ତ', 'ଅଛନ୍ତି' ପ୍ରଭୃତି ଶବ୍ଦକୁ

Digitized by PPRACHIN, SOA

'କୁଂଜ', 'ତଂଡମ', 'ଆକାଂକ୍ଷା', 'ମୁଂଡ', 'ଚଂଦ୍ର', 'ସଂକେତ', 'ଭ୍ରାଂତ'; 'ଅନ୍ତଂଙ୍ଗ' ଭାବେ ଲେଖାଯାଇ ପାରେ । ଏପରି ଲେଖିଲେ ମୁଦ୍ରଣ କାର୍ଯ୍ୟ ସହଜ ଓ ସୁଗମ ହେବ ।

ଆଉ ଗୋଟିଏ କଥା ଦେଖାଯାଉ । ଚ, ଛ, ଜ, ଣ, ତ, ଦ, ଧ, ବ, ମ, ଯ ପ୍ରଭୃତି ବର୍ଣ୍ଣରେ ରେଫ୍ ଯୁକ୍ତ ହେଲେ, ବିକଳ୍ପରେ ଦ୍ୱିତ୍ୱ ହୁଏ, ଏହା ସଂସ୍କୃତ ବ୍ୟାକରଣର ନିୟମ । କିନ୍ତୁ ବିକଳ୍ପ ପନ୍ଥା ଲେଖିଗଲେ, ମୁଦ୍ରଣରେ ଅଯଥା ଶ୍ରମ ଓ ସମୟ ବ୍ୟୟିତ ହୁଏ । ହିନ୍ଦୀ ଲିପିରେ ସଂସ୍କୃତ,କାବ୍ୟ,ନାଟକ,ପୁରାଣରେ ପ୍ରଭୃତି ରେଫ ଯୁକ୍ତ ହେଲେ ବର୍ଣ୍ଣର ଦ୍ୱିତ୍ୱ ବ୍ୟବହୃତ ହୁଏ ନାହିଁ । ତେଣୁ ନୀଳକଣ୍ଠ ପ୍ରଭୃତି ସତ୍ୟବାଦୀ ସାହିତ୍ୟରେ ବର୍ଣ୍ଣର ଦ୍ୱିତ୍ୱ ବ୍ୟବହାର ଚଳେଇ ନାହାନ୍ତି. ତେଣୁ ବର୍ଣ୍ଣ, କୀର୍ତ୍ତନ, ଆର୍ଯ୍ୟ ପ୍ରଭୃତି ଶବ୍ଦକୁ ବର୍ଣ, କୀର୍ତନ, ଆର୍ଯ, ପ୍ରଭୃତି ଆକାରରେ ଲେଖିବା ସମୀଚୀନ ମନେ ହୁଏ ।

ଲିପି ପରିବର୍ତ୍ତନରେ ଲୋକେ ପୂର୍ଣ୍ଣ ଭାବରେ ଅଭ୍ୟସ୍ତ ନ ହେଲେ ମଧ୍ୟ ଆଂଶିକ ଭାବରେ ଏହା ଗ୍ରହଣ କଲେଣି । କାଳକ୍ରମେ ଅଭ୍ୟସ୍ତ ହୋଇଗଲେ, ଲିପି ଶିକ୍ଷାର ପଥ ସରଳ ଓ ସହଜ ହେବ, ଏଥିରେ ସନ୍ଦେହ ନାହିଁ । ପଣ୍ଡିତ ନୀଳକଣ୍ଠ ନିଜ ଲେଖାରେ ଏହି ଚିନ୍ତାଧାର ରଖିଥିଲେ ।

ଏ ସଂବଂଧରେ ନୀଳକଣ୍ଠ ୧୯୩୯ ଜୁଲାଇ ମାସ 'ନବଭାରତ'-ରେ ଲେଖିଥିଲେ, "ଲିପିର ଆଜି ସଂସ୍କାର କରିବାକୁ ହେଲେ ସାରା ଓଡ଼ିଆ ଭାଷା ଭାଷୀ ମୁଲକରେ ସାଧାରଣ ସ୍ୱାକ୍ଷର ଲୋକେ ବୁଝି ଏଥିପାଇଁ ମତ ଦେବା ଉଚିତ । କାରଣ ହଠାତ୍ ଲିପିର ଜୋର ସଂସ୍କାର ଆରମ୍ଭ କରି ଦେଲେ ଭାଷାର ପ୍ରକାଶ ରାଜ୍ୟରେ ଏହା ଗୋଟିଏ ଭୂମୁଳ ବିପ୍ଳବ ସୃଷ୍ଟି କରିବ ।" ଏ ସଂବଂଧରେ କେନ୍ଦ୍ରାପଡ଼ାର ପୂର୍ବତନ M.L.A. ଶ୍ରୀଯୁକ୍ତ ପୁରୁଷୋତ୍ତମ ନାଏକ M.A. 'ପ୍ରଜାତନ୍ତ୍ର'ରେ

Digitized by PPRACHIN, SOA

ଏକ ନିବନ୍ଧ ପ୍ରକାଶ କରି ସେଥିରେ ପଣ୍ଡିତ ନୀଳକଣ୍ଠଙ୍କ ଅନୁସୃତ ପନ୍ଥାରେ ଯଥାର୍ଥତା ପ୍ରତିପାଦନ କରିଥିଲେ ଏବଂ ତାହାକୁ ଭିତ୍ତିକରି ନୀଳକଣ୍ଠଙ୍କ ଶତ ବାର୍ଷିକୀ ମଧ୍ୟରେ ଏକ ସଂସ୍କାର ପ୍ରଚଳିତ କରି ତାଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିଥିଲେ । ଏବେ ସରକାରଙ୍କ ତରଫରୁ ଗୋଟିଏ କମିଟି ସେମାନଙ୍କ ସୁପାରିଶମାନ ଦେଇଥିବାର ଓ ଶୀଘ୍ର ତଦନୁଯାୟୀ ଓଡ଼ିଆ ଟାଇପ୍‌ରାଇଟରମାନ ତିଆରି ହୋଇ ଓଡ଼ିଆ ସରକାରୀ ଭାଷା ରୂପେ ଚଳିବାର ସିଦ୍ଧାନ୍ତ ସରକାର ନେଇଛନ୍ତି । ଶୁଭମସ୍ତୁ !

(ଖ) ଓଡ଼ିଆ ଭାଷା ଓ ସାହିତ୍ୟ :

ଏ ପୁସ୍ତକଟି ୧୯୫୪ ମସିହାରେ ପ୍ରକାଶ ପାଇଥିଲେ ହେଁ ଏଥିର ବିଷୟ ଗୁଡ଼ିକ ଭିନ୍ନ ଭିନ୍ନ ସମୟରେ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ଯୁଗରେ ଲେଖିଥିଲେ । ସେଥିରୁ ଦଶଟି ପ୍ରବନ୍ଧ ହେଉଛି ଓଡ଼ିଆ ବର୍ଣ୍ଣ, ଭାଷା, ଲିପି ଓ ଛନ୍ଦ ବିଷୟରେ; ବାକି ଅଠୋଟି ହେଉଛି, ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ଲିଖିତ ସାହିତ୍ୟ ସେନେ । ଏଥିରୁ "ଓଡ଼ିଆ ସାହିତ୍ୟରେ ମଧୁସୂଦନ" ଶୀର୍ଷକ ପ୍ରବନ୍ଧଟି ପଣ୍ଡିତ ନୀଳକଣ୍ଠ କଟକ ଉତ୍କଳ ସାହିତ୍ୟ ସମାଜର ଗୋଟିଏ ଅଧିବେଶନରେ ନିଜେ ପାଠ କରିଥିଲେ । ଏହି ପୁସ୍ତକର କଳେବର ଦୃଷ୍ଟିରୁ ତାହା ଏଠି ଦେବା ସମ୍ଭବ ନହେଲେ ହେଁ ସେ ଗୁଡ଼ିକ ପାଠକରି ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟିକ ସୂକ୍ଷ୍ମଦୃଷ୍ଟି, ପ୍ରକାଶ ଭଙ୍ଗିରେ ବିଶେଷତଃ ଭାଷାବିନ୍ୟାସରେ ଅସାଧାରଣ ପଟୁତା ଓ ଆଲୋଚନାରେ ବିଚକ୍ଷଣତା ବିଷୟ ପାଠକମାନେ ସମ୍ୟକରୂପେ ହୃଦୟଙ୍ଗମ କରି ପାରିବେ ବୋଲି ଆଶା କରୁ ।

ଓଡ଼ିଆ ସାହିତ୍ୟରେ ମଧୁସୂଦନଙ୍କ ପ୍ରତିଷ୍ଠାର କଥା କହିବା ନିଷ୍ପ୍ରୟୋଜନ ! ଆବାଲ୍ୟ ସଖା ଗୁରୁଶିଷ୍ୟ ମଧୁ, ରାଧାନାଥ ଉତ୍କଳରେ

Digitized by PPRACHIN, SOA

ନବୀନ ସାହିତ୍ୟର ପ୍ରତିଷ୍ଠାତା । ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବେ ସେମାନେ ଉତ୍କଳର ନବ-ସାହିତ୍ୟ ଗଠନ ଉଦ୍ଦେଶ୍ୟରେ ଲେଖନୀ ଧରିଥିଲେ । ଜୀବନବ୍ୟାପୀ ପରିଶ୍ରମ କରି ସେ ସାହିତ୍ୟକୁ ଗୋଟିଏ ଆକାର ଦେଇଛନ୍ତି । ସେ ଯେଉଁ ଗ୍ରନ୍ଥ, ଯେଉଁ ଆଦର୍ଶରେ ସାହିତ୍ୟକୁ ଗଢ଼ିଛନ୍ତି ତାହା ଏ ପର୍ଯ୍ୟନ୍ତ ପ୍ରାଚୀନ ହୋଇନାହିଁ । ପୁସ୍ତକର ସଂଖ୍ୟା ବଢ଼ିଅଛି । କିନ୍ତୁ ଲେଖନ ପ୍ରଣାଳୀରେ ବିଶେଷ ପରିବର୍ତ୍ତନ ଘଟିଅଛି ବୋଲି ମନେ ହୁଏନାହିଁ ।

'ଜାତୀୟ ସାହିତ୍ୟ' ପ୍ରବନ୍ଧରେ ମଧୁସୂଦନ କହି ଅଛନ୍ତି, "କୌଣସି ଜାତିର ସାହିତ୍ୟରେ ସେହି ଜାତିର ଜୀବନ ପ୍ରତିଫଳିତ ହୁଏ ।" ଉନ୍ନତିର ଗତି ଲକ୍ଷ୍ୟ କଲେ ମଧୁସୂଦନଙ୍କର ଭବିଷ୍ୟବାଣୀ ଆମ୍ଭମାନଙ୍କର ଜାତୀୟ ସାହିତ୍ୟରେ କାର୍ଯ୍ୟରେ ପରିଣତ ହୋଇଅଛି । ମଧୁସୂଦନ ନିଜେ ଆଜି ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ଉତ୍କଳ ସାହିତ୍ୟ ସେବୀମାନଙ୍କୁ ଆଦର୍ଶ ଦେଖାଉ ଅଛନ୍ତି । ଯେଉଁ ଆଦର୍ଶ ଆଗରେ ରଖି ସେ କାର୍ଯ୍ୟ ଆରମ୍ଭ କରିଥିଲେ, ଅର୍ଦ୍ଧଶତାବ୍ଦୀ ବିକାଶ ମଧ୍ୟରେ ସେ ଆଦର୍ଶ ପଛକୁ ପଡ଼ିନାହିଁ । ସାହିତ୍ୟରେ ବହୁ ବ୍ୟକ୍ତି ସଂପର୍କ ଦେଖାଇ ଅଛନ୍ତି, କିନ୍ତୁ କାହାରି ବ୍ୟକ୍ତିତ୍ୱ ଏ ପର୍ଯ୍ୟନ୍ତ ସାହିତ୍ୟକୁ ତାଦୃଶ ପ୍ରଭାବିତ କରି ପାରିନାହିଁ ।

× × × ×

"ଘରର ଗୋଟିଏ କୋଠରୀରେ ଥାଇ ଅନୁମାନରେ ଘରଟିର ସମସ୍ତ ଗଠନ ସୂକ୍ଷ୍ମ ଆଲୋଚନା କରିବା ସୁସାଧ୍ୟ ନୁହେଁ । ବଣରୁ ବାହାରି ଅନ୍ତତଃ କିଛି ଦୂର ନଗଲେ, କେହି ବନଭୂମିର ବିଶେଷ ଉପଲବ୍ଧି କରି ପାରିବେ ନାହିଁ ।" X X X ସାହିତ୍ୟ ହିସାବରେ ଆମ୍ଭମାନେ ଏକ ପ୍ରକାର ମଧୁସୂଦନଙ୍କ ଆଦର୍ଶରେ ଚାଲୁ ଅଛୁଁ । X X × ଯେ ଯାହାର ଆଦର୍ଶ, ସେ ତାହାର ସମାଲୋଚ୍ୟ ହେବା

Digitized by PPRACHIN, SOA

ସହଜ ନୁହେଁ । ଯେ ଯହିଁରେ ଅନୁପ୍ରାଣିତ, ସେ ତ ହାର ଦୋଷଗୁଣ ବାଛିବାରେ ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହେବା ଅସମ୍ଭବ ।

× × × ×

ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଗଦ୍ୟ ଓ ଜବତାର ଅଭାବ ନ ଥିଲେ ମଧ୍ୟ ରାଧାନାଥ ହୁଏତ ବଙ୍ଗରେ ବିଶେଷ କୃତିତ୍ୱ ଅର୍ଜନ କରି ଯାଇଅଛନ୍ତି । ଗଦ୍ୟ ସାହିତ୍ୟ ଏ ଦେଶରେ ପ୍ରାୟ ନ ଥିଲା କହିଲେ ଚଳେ, ରାଧାନାଥ ସେଥିରେ ମଧ୍ୟ ହାତ ଚଳାଇଥିଲେ । ଭାବରେ ବିଶେଷତ୍ୱ ଓ ପ୍ରକାଶର ଶୃଙ୍ଖଳା ଦୃଷ୍ଟିରେ ତାଙ୍କର ଗଦ୍ୟ ଯାହା ହେଉ, ଭାଷାର ବିଶୁଦ୍ଧତା ଓ ଲେଖନ ପଦ୍ଧତିରେ ବର୍ଣ୍ଣ ବିନ୍ୟାସର ସଙ୍ଗତି-ପ୍ରଭୃତିର ଉତ୍କର୍ଷରେ ମଧୁସୂଦନ ସେଥିରେ ବିଶେଷ ବିକାଶ ଦେଖାଇଲେ ।

× × × ×

"× × × ଅନେକେ ଆକ୍ଷେପ କରନ୍ତି, ତାଙ୍କର ଭାଷା ସଂସ୍କୃତ ଗୁଞ୍ଜରେ ଭରା ଏବଂ ସେହି ହେତୁରୁ ସମ୍ପୂର୍ଣ୍ଣ ସ୍ୱାଭାବିକ ନୁହେଁ । ବାସ୍ତବିକ ସମାସର ଗୁରୁତ୍ୱ, ଶବ୍ଦ ବିନ୍ୟାସର ଅସ୍ୱାଭାବିକତା, ବାକ୍ୟ ଗଠନରେ ପ୍ରାଚୀନ ପଦ୍ଧତି, ଓଡ଼ିଆ କ୍ରିୟାମାନଙ୍କ ବହୁଳ ପ୍ରୟୋଗର ଅଭାବ, କୃଦନ୍ତ ତଦ୍ଧିତାଦିର ବିଶେଷ ଆଶ୍ରୟ, ଭାବ ପ୍ରକାଶରେ ଶବ୍ଦର ବ୍ୟୟ ସଙ୍କୋଚ ପ୍ରତି ଅନବଧାନତା, କେବଳ ସନ୍ଦର୍ଭ ସମ୍ପାଦକ ନିମନ୍ତେ ବିଶେଷଣାଦିର ପ୍ରୟୋଗ, ଲେଖନ ପ୍ରଣାଳୀରେ ଉଚ୍ଛୃଙ୍ଖଳ ସ୍ୱାଧୀନତାର ଅଭାବ, ବିନ୍ୟାସରେ ଅନୁପାତ ପ୍ରତି ବିଶେଷ ଦୃଷ୍ଟି ପ୍ରଭୃତି ଦେଖିଲେ, ଏ ମନ୍ତବ୍ୟ କେତେକ ପରିମାଣରେ ସତ୍ୟ ବୋଲି ବୋଧହୁଏ । "ଦେଖା ଯାଉଅଛି" ନକହି ମଧୁସୂଦନ କହନ୍ତି, "ଦୃଷ୍ଟି-ଗୋଚର ହେଉଅଛି ।" ଦେଖିଲେ ନକହି ସେ କହନ୍ତି, "ଅବଲୋକନ କଲେ ।" ସେହିପରି ତାଙ୍କ ପ୍ରବନ୍ଧମାନଙ୍କରେ "ଶ୍ୟାମଚ୍ଛବି— ଅନନ୍ତକାନନ ଶ୍ରେଣୀ", "ହିଂସାପ୍ରଣୋଦିତ ତରବାରି" ପ୍ରଭୃତି

Digitized by PPRACHIN, SOA

ସୁବୋଧ କରିବା ପାଇଁ ଭାଷାନ୍ତର ଅବଲମ୍ବନ କରାଯାଇ ପାରିଥାନ୍ତା । 'ସୂର୍ଯ୍ୟ' ପ୍ରଭୃତି ପ୍ରବନ୍ଧରେ ମୂଳରୁ ଯଉଶବ୍ଦଯୁକ୍ତ ବାକ୍ୟାଂଶମାନଂକରୁ ଏତେ ବହୁଳ ପ୍ରୟୋଗ ନକରି ଅନ୍ୟପ୍ରକାର ଲେଖାଯାଇ ପାରିଥାନ୍ତା । "ସେମାନଂକର ସାହିତ୍ୟ କୋଷରେ ଯେଉଁସବୁ ଅମୂଲ୍ୟ ରତ୍ନ ସଞ୍ଚିତ ଥିଲ, ତାହାର ସୁବିମଳ ଜ୍ୟୋତିଃ ଆଜି ପାନହୀନ ନୈରାଶ୍ୟ ଜର୍ଜରିତ ଭାରତୀୟମାନଂକ ହୃଦୟରେ ଆଶାର ପ୍ରଭାକୁ ଜାଗ୍ରତ ଏବଂ ସନ୍ଦୀପ୍ତ କରୁଅଛି ।" "ଭାରତୀୟ ବୀରନାରୀ, ଆଜି ଏହି ପଦଗୁଡିକ ଆମ୍ଭମାନଂକ ସମୀପରେ ଅସାର ପ୍ରଳାପ ତୁଲ୍ୟ ପ୍ରତୀୟମାନ ହେଉଅଛି" ପ୍ରଭୃତି ସୁବୋଧତର ଭାବରେ ପ୍ରକାଶ କରାଯାଇ ପାରିଥାନ୍ତା ଏବଂ ଏ ସବୁରୁ ଅନେକ ଅଳଂକାର ସମନ୍ୱିତ ଶବ୍ଦବିନ୍ୟାସ ଓ ଉପସର୍ଗ ବିଶେଷଣାଦି ମଧ୍ୟ ପରିହାର କରାଯାଇ ପାରିଥାନ୍ତା । କିନ୍ତୁ ଏସବୁ କଥା ଯେନ ଲେଖନ ପଦ୍ଧତିରେ ଦୋଷ ଦେବା ଠିକ୍ ନୁହେଁ । ସମୟର ବିକାଶରେ ଭବିଷ୍ୟତ୍‌ରେ ଭାଷା କି ଆକାର ନେବ, ସେ ସ୍ୱତନ୍ତ୍ର କଥା. ମାତ୍ର ମଧୁ ବାବୁ ପ୍ରଥମରୁ ଗଦ୍ୟ ଲେଖା ଆରମ୍ଭ କରି ଭାଷାରେ ଯେ ରୁଚି, ସଂଗୀତ ଓ ପବିତ୍ରତା ଦେଖାଇ ଅଛନ୍ତି ତାହା ଯେତେବେଳେ ଅନ୍ୟପ୍ରକାର ଲେଖିଥିଲେ, ହୋଇଥାନ୍ତା କି ନାହିଁ, ସନ୍ଦେହ । ସଂସ୍କୃତ ପଦ୍ଧତିରୁ ବରାବର ବିଚ୍ଛିନ୍ନ ହୋଇ ସ୍ୱାବଲମ୍ବନ ଦେଖାଇଥିଲେ କ'ଣ ହୋଇଥାନ୍ତା, ସେ ବିଚାର ଏଠାରେ କରାଯାଉ ନାହିଁ, କିନ୍ତୁ କେବଳ ତାଂକର ସମସ୍ତ ଜୀବନ ସଂସ୍କୃତ ଥିଲା । ସେ ଜୀବନକୁ ଗଢ଼ିବା ପାଇଁ ଯେପରି ବ୍ୟାକୁଳ ଥିଲେ, ଭାଷା ବିନ୍ୟାସରେ ଅନ୍ୟଥା ଆଶା କରିବା ସ୍ୱାଭାବିକ ନୁହେ ।

"ଚଳିତ ଭାଷାରେ ଶବ୍ଦର ଅପ୍ରଚୁରତା ମଧ୍ୟ ଏ କ୍ଷେତ୍ରରେ ଅନ୍ୟ କାରଣ । ସଂସ୍କୃତରେ ଶବ୍ଦକୋଷ ଓ ପ୍ରତ୍ୟୟ ସମାସାଦିର ବିଧାନ, ଅନନ୍ତ ଶବ୍ଦ-ସଂଦର୍ଭ ପୂରିଯାଉଛି; କୌଣସି ନୂତନ ଭାବ ପ୍ରକାଶ କରିବାକୁ ଗଲେ, ସଂସ୍କୃତର ଶବ୍ଦକୋଷହିଁ ବହୁ ପରିମାଣରେ

Digitized by PPRACHIN, SOA

ଆମ୍ଭମାନଙ୍କୁ ଅବଲମ୍ବନ କରିବାକୁ ହୁଏ । ସଂସ୍କୃତ ଆମ୍ଭମାନଙ୍କର ସମ୍ପଦ ଓ ସୌଭାଗ୍ୟ, ଉତ୍କଳ ଭାଷାର ମାତା ଓ ଭାରତୀୟ ଭାବର ନିଧାନ । କେବଳ ଚଳିତ ଭାଷା ଉପରେ ନିର୍ଭର କଲେ ଆମ୍ଭମାନଙ୍କୁ ଏ ସମ୍ପଦ ଓ ସୌଭାଗ୍ୟରୁ ବଞ୍ଚିତ ହେବାକୁ ହେବ ଓ ଅନେକ ସ୍ଥଳରେ ଭାବପ୍ରକାଶ ଏକ ପ୍ରକାର ଅସମ୍ଭବ ହୋଇ ପଡ଼ିବ । ନବ ଭାବର ବିକାଶ ବେଳେ, ପ୍ରାଚୀନ ସାହିତ୍ୟର ଆବିଳତା ମଧ୍ୟରେ, ପବିତ୍ର ମଧୁସୂଦନ ସାହିତ୍ୟର ଜନ୍ମ ।"

ଗଦ୍ୟ ସାହିତ୍ୟରେ ମଧୁସୂଦନଙ୍କ କୃତି ସମ୍ବନ୍ଧରେ ଲେଖକ ପୁଙ୍ଖାନୁପୁଙ୍ଖ ରୂପେ ଆଲୋଚନା କରି କହିଛନ୍ତି "ଏବେ ମଧ୍ୟ ମଧୁସୂଦନଙ୍କ ଗଦ୍ୟ ସାହିତ୍ୟ କେବଳ ଆଦର୍ଶ ହୋଇ ରହିନାହିଁ; ତା'ର ପ୍ରଭାବରୁ ଆଧୁନିକ ଗଦ୍ୟ ସାହିତ୍ୟ ମୁକ୍ତ ପାଇନାହିଁ ।" ଗଦ୍ୟରେ ମଧୁବାବୁ ଅନନ୍ୟସାଧାରଣ କୃତିତ୍ୱ ଦେଖାଇଛନ୍ତି ବୋଲି ଲେଖକଙ୍କର ଦୃଢ଼ ମତ । ମଧୁସୂଦନଙ୍କ କବିତା ଆଲୋଚନା କରି ସେ ଲେଖିଛନ୍ତି "ଲେଖନ ପଦ୍ଧତି ବିଚାର କଲେ, ମଧୁସୂଦନଙ୍କ ଗଦ୍ୟ ପଦ୍ୟରେ ବିଶେଷ ପ୍ରଭେଦ ନାହିଁ । "ତତ୍ସମ" ଶବ୍ଦର ପ୍ରାଚୁର୍ଯ୍ୟ, ସାଧାରଣ ପକ୍ଷରେ ଦୁର୍ବୋଧତା, ଶବ୍ଦବିନ୍ୟାସ ଓ ସ୍ୱର ସଙ୍ଗୀତ ବିକାଶରେ ଶ୍ରମ-ପରତା, ଭାବ ଓ ଯତି ନିୟମାଦିର ପବିତ୍ରତା ପ୍ରଭୃତି ପଦ୍ୟରେ ସର୍ବତ୍ର ସ୍ପଷ୍ଟ । ଲେଖା ସର୍ବଦା ପ୍ରଣାଳୀବଦ୍ଧ ଓ ରୁଚିସମ୍ପନ୍ନ ।"

ଅନୁବାଦ ସାହିତ୍ୟରେ ଭକ୍ତକବି ମଧୁସୂଦନଙ୍କ ପ୍ରତିଷ୍ଠା ଓ ପଟୁତା ଆଦର୍ଶ ସ୍ଥାନୀୟ ହୋଇନାହିଁ, ବରଂ କେତେକ ସ୍ଥଳରେ ହାସ୍ୟାସ୍ପଦ ବୋଲି ଲେଖକ ପ୍ରମାଣସହ ଦେଖାଇଛନ୍ତି । ସଂସ୍କୃତ ଶ୍ଳୋକର ଓଡ଼ିଆ ଅନୁବାଦ ଦେଖାଯାଉ ।

କୂଜତ୍ କୁଞ୍ଜକୁଟୀର କୌଶିକ ଘଟା—
ଘୂତ୍କାରବତ୍ କୀଚକ—

Digitized by PPRACHIN, SOA

ସ୍ତ୍ରଂବାଡ଼ଂବରମୂକମୌକୁଳିକୁଳଃ
କ୍ରୌଂଚୃବତୋଽଯଂ ଗିରିଃ ।
ଏତସ୍ମିନ୍ ପ୍ରଚଳାକିନାଂ ପ୍ରଚଳତା
ମୁଦ୍‌ବେଜିତାଃ କୂଜତି-
ରୁଦ୍‌ବେଲ୍ଲଂତି ପୁରାଣଚଂଦନତରୁ-
ସ୍କଂଧେଷୁ କୁଂଭୀନସାଃ ।

ଏହି ଶ୍ଳୋକର ଓଡ଼ିଆ ଅନୁବାଦ—

ପେଚକର ଘୁତ୍କାର ଶବ୍ଦ ଶୁଣି ବାୟୁସକୁଳ,
ବଂଶବନେ ଲୁଚିଅଛନ୍ତି ଭୟେ ମୂଢ଼ ଆକୁଳ ।
ମୟୂରର ଘୋର ଶବ୍ଦେ ଭୀତ ସର୍ପ ସକଳେ,
ପୁରାତନ ବଟ କୋଟରେ ଲୁଚିଛନ୍ତି ବିକଳେ ।

ପୁଣି "ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ ।
ଯତ୍ କ୍ରୌଂଚ ମିଥୁନାଦେକମବଧୀଃ କାମମୋହିତଂ ।"

ଓଡ଼ିଆ ଅନୁବାଦ --

"ନ ପାଇବୁ ପ୍ରତିଷ୍ଠା ତୁରେ ବ୍ୟାଧ କାଳ ଶାଶ୍ୱତ ।
ବଧିଲୁ କ୍ରୌଂଚ ଯୁଗୁଁ ହା ! ଗୋଟିଏ କାମମୋହିତ ।

କିନ୍ତୁ ଅନୁବାଦ ଯାହାହେଉ, ଉଦ୍ଦେଶ୍ୟରେ ଏଥିରେ ଅପଳାପ ନାହିଁ । ମଧୁସୂଦନ ଭବଭୂତିଙ୍କ ମହୀୟ ଲେଖାରେ ମୁଗ୍‌ଧ ହୋଇଥିଲେ । X X X 'ଉତ୍ତର ଚରିତ' ଅନୁବାଦ ଏହି ବ୍ୟାକୁଳତାରୁ ବାହାରି ଅଛି । ଏ ଦୃଷ୍ଟିରେ ଦେଖିଲେ ଏଠାରେ ଅନୁବାଦର ଉତ୍କର୍ଷ ଅପକର୍ଷ ବିଚାର କରିବାର ଅବକାଶ ଅଛି କି ?

ପଦ୍ମରେ କଂଟକ ଅଛି । ଚନ୍ଦ୍ରରେ କଳଙ୍କ ଅଛି । ସାଧନାରେ ଶ୍ରମ ଅଛି । ସୁଖ ସ୍ପୃହାରେ ବ୍ୟସନ ଅଛି । କାଳିଦାସ କହିଅଛନ୍ତି—

Digitized by PPRACHIN, SOA

"ପ୍ରାୟେଣ ସାମଗ୍ର୍ୟବିଧୌ ଗୁଣାନାଂ
ପରାଙ୍ମୁଖୀ ବିଶ୍ୱସୃଜଃ ପ୍ରବୃତ୍ତିଃ ।"

ନୀଳକଣ୍ଠଙ୍କ ନୂତନ ସରଣୀ :

ନୀଳକଣ୍ଠ କେବଳ ମଧୁସୂଦନଂକ ସାହିତ୍ୟର ସମାଲୋଚନା କରିନାହାନ୍ତି । ସେ ଏ "ଓଡ଼ିଆ ଭାଷା ଓ ସାହିତ୍ୟ" ପୁସ୍ତକରେ 'ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ', 'ଫକୀର ମୋହନ ଓ ଓଡ଼ିଆ ସାହିତ୍ୟ', 'ରାଧାନାଥ ଓ ଉତ୍କଳ ସାହିତ୍ୟ' ପ୍ରଭୃତି ସନ୍ଦର୍ଭରେ ସମାଲୋଚନାର ଯେଉଁ ସରଣୀ ଫିଟାଇଛନ୍ତି, ତା ଆମ ସାହିତ୍ୟ କ୍ଷେତ୍ରରେ ଅନନ୍ୟ ସାଧାରଣ । କେତେକ ସାହିତ୍ୟିକ ସାହିତ୍ୟର ସମାଲୋଚନା କରିବାକୁ ଯାଇ, ଅଯଥା ନିନ୍ଦା ବା ସ୍ତୁତିର ଆଶ୍ରୟ ନେଇଥାନ୍ତି । କେତେକ ସ୍ଥଳରେ ଗ୍ରାମ୍ୟ ଗାଳିର ଝଡସ୍ୱରୂପ ଚର୍ବିତ ସାହିତ୍ୟ ସେବାର ଅଙ୍ଗୀଭୂତ ହୋଇଥାଏ । ସ୍ତୁତି କରିବାର ଯେପରି ସୀମା ଅଛି, ନିନ୍ଦା କରିବାର ମଧ୍ୟ ସେହିପରି ସୀମା ଅଛି । ସୀମା ଟପିଲେ ଲେଖାଟି ହେୟ ଓ ଅପାଠ୍ୟ ହୁଏ । ଓଡ଼ିଆ ସାହିତ୍ୟରେ ସମାଲୋଚନା ସାହିତ୍ୟର ବଡ଼ ଅଭାବ । ତେଣୁ ପବିତ୍ର ବାଣୀ ମନ୍ଦିର ଏବେ ଆବର୍ଜନା ସ୍ତୂପରେ ପରିଣତ ହେଲାଣି ବୋଲି ଆମର ମତ । ସମାଲୋଚନା ସାହିତ୍ୟରେ ସଂଯମ ଓ ଶୃଙ୍ଖଳା ସର୍ବାଦୌ ସ୍ପୃହଣୀୟ । ଆଜିକାଲି ଯେଉଁ ଗଳ୍ପ, ଉପନ୍ୟାସ ପ୍ରଭୃତି ଆତ୍ମପ୍ରକାଶ କରୁଛନ୍ତି, ଅଧିକାଂଶ ଲେଖାରେ ନାହିଁ ଆଦର୍ଶବାଦ ବା ସଂସ୍କୃତି, ନାହିଁ ଉପନ୍ୟାସରେ ସୂକ୍ଷ୍ମଦୃଷ୍ଟି ଓ ବିଷୟ ନିର୍ବାଚନରେ ମାଧୁର୍ଯ୍ୟ । ତେଣୁ ବହୁତ ଗୁଡ଼ିକ ଲେଖା କିମ୍ଭୂତ କିମାକାର ହେବାରେ ବିଚିତ୍ରତା କଅଣ ଅଛି ?

—୦—

Digitized by PPRACHIN, SOA

ତାତ୍ତ୍ୱିକ ଆଲୋଚନାତ୍ମକ ଗ୍ରନ୍ଥ

ଓଡ଼ିଆ ସାହିତ୍ୟର କ୍ରମ ପରିଣାମ

ନୀଳକଣ୍ଠ ଉତ୍ତର ଜୀବନରେ ଲେଖିଥିଲେ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ"। ଏହାର ପ୍ରଥମ ଭାଗଟି ୧୯୪୮ରେ ଓ ଦ୍ୱିତୀୟ ଭାଗ ତା'ପରେ ୧୯୫୪-୫୫ରେ ପ୍ରକାଶ ପାଇଥିଲା। ଏ ସମ୍ପର୍କୀୟ ନୀଳକଣ୍ଠଙ୍କର ଅନ୍ୟ କେତେକ ଲେଖା ଏବେ ବି ଅପ୍ରକାଶିତ ରହିଛି। ଯାହାହେଉ ନାଉନ୍ ସାଇଜର ୪୨୦ ପୃଷ୍ଠାରୁ ଊର୍ଦ୍ଧ୍ୱ ଏହି ୨ଟି ପୁସ୍ତକ ପଣ୍ଡିତ ନୀଳକଣ୍ଠଙ୍କର ଓଡ଼ିଆ ସାହିତ୍ୟକୁ ଏକ ମହାନ ଅବଦାନ ଓ ଅଧ୍ୟାପକ ଚିନ୍ତାମଣି ଦାସଙ୍କ ଭାଷାରେ "ଓଡ଼ିଆ ସାହିତ୍ୟ ଗନ୍ତାଘରର ଅମୂଲ୍ୟ ସମ୍ପଦ।"

ଉପାଦେୟତା ଦୃଷ୍ଟିରୁ ଏହି ପୁସ୍ତକ ଦୁଇଟି ଭାଷାନ୍ତରିତ କରାଯିବା ଉଚିତ ବୋଲି ଓଡ଼ିଆ ସାହିତ୍ୟିକ ମାନଙ୍କର ସ୍ମୃତି ସମିତି ଉପରେ ଯେଉଁ ଦାବୀ ଏବେ ପ୍ରକାଶ ପାଉଛି, ତାହା ସହିତ ମଧ୍ୟ ଆମେ ସହମତ। ତେବେ ପଣ୍ଡିତ ନୀଳକଣ୍ଠଙ୍କର ରଚନା ଅତ୍ୟନ୍ତ ଉଚ୍ଚ ଚିନ୍ତା ସମ୍ପନ୍ନ ହୋଇଥିବାରୁ ଏ ପୁସ୍ତକଟି ଯେଉଁ ପାଠକମାନଙ୍କ ଉଦ୍ଦେଶ୍ୟରେ ଲିଖିତ, ସେମାନଙ୍କ ପାଇଁ ଉଲ୍ଲିଖିତ ବିଷୟ ଗୁଡ଼ିକ କେତେଦୂର ବୋଧଗମ୍ୟ କରାଇ ପାରିବ, ସେ ବିଷୟରେ ଆମେମାନେ ସନ୍ଦିହାନ।

ସାହିତ୍ୟ କ'ଣ, ଏହା ବୁଝାଇବାକୁ ଯାଇ ପ୍ରଥମେ ନୀଳକଣ୍ଠ ଦର୍ଶାଇଛନ୍ତି, "ବ୍ୟାପକ ଭାବରେ ବୁଝିଲେ ସମାଜ ବିକାଶର ପ୍ରକାଶ ହେଉଛି, ସାହିତ୍ୟ। ଏହି ବିକାଶର 'ଚଳନ୍ତି' ସଂସ୍କୃତିରେ ଧରା ହୁଏ।

Digitized by PPRACHIN, SOA

ସାହିତ୍ୟରେ ଏହି ସଂସ୍କୃତି ମଫା ହୁଏ । ତେଣୁ ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ଚଳନ, ବ୍ୟବହାର, ଶବ୍ଦ, ସ୍ଥାପତ୍ୟ ପ୍ରଭୃତି ସାହିତ୍ୟର ଅନ୍ତର୍ଗତ । × × × ଏ ସବୁ ଭିତରେ ଚିନ୍ତା ଓ ଦର୍ଶନ, ସାଧନା ଓ ସୃଷ୍ଟି, ଭାବ ଓ ଅନୁଭୂତିର କଳନାରେ ସଂସ୍କୃତିକୁ ଧରି ସାହିତ୍ୟର ଚରମ ପରିମାଣ ଦେଖିବାର କଥା । ଖାଣ୍ଟି ଓଡିଆରେ କହିଲେ, 'ଗୃହାଣି', 'ଚଳଣି', 'ଚମକ' ଏଇ ତିନୋଟିରେ ସମାଜରେ ସଂସ୍କୃତି ଦେଖାପଡେ, 'ଗୃହାଣି' ବୋଇଲେ ଦର୍ଶନ ଓ ଦୃଷ୍ଟି ଭଙ୍ଗୀ, ଏଥିରେ ତତ୍ତ୍ୱକଥା ଆଲୋଚନା ଓ ଆବିଷ୍କ୍ରିୟା ସବୁ ରହିଲା । 'ଚଳଣି' ବୋଇଲେ ସମାଜରେ ଆଦାନ-ପ୍ରଦାନ ଘଟିତ ସମସ୍ତ ବ୍ୟବହାର ସମେତ ପ୍ରୟୋଜନର ସୃଷ୍ଟି, ତଥା କଳାର ସୃଷ୍ଟି ସବୁ ବୁଝାଯିବ । 'ଚମକ' ବୋଇଲେ ସଂକେତର ଆକର୍ଷକତା ଓ ଭାବର ଅମାପ ସ୍ଫୁରଣ । ଗୃହାଣି ଓ ଚଳଣି ଭିତରେ ଏଇ ଚମକ ସବୁବେଳେ ପ୍ରକାଶ ପାଏ । × × × ଗୃହାଣି ଓ ଚଳଣି ସାହିତ୍ୟର ଶରୀର ଚମକ ହେଉଛି ତାର ପ୍ରାଣ ।" ସେ ପୁଣି କହିଛନ୍ତି, "ଭାଷା ଓ ସାହିତ୍ୟ ସମାଜର ପୀଠ—ତାକୁଇ ଧରି ସମାଜ ବିକାଶର ସ୍ୱାଧୀନତା କଳନା କରାଯାଏ ।"

ଓଡ଼ିଆ ସାହିତ୍ୟର ସ୍ୱାତନ୍ତ୍ର୍ୟ ଦେଖାଇବାକୁ ଯାଇ ପଣ୍ଡିତ ନୀଳକଣ୍ଠ ମତ ଦେଇଛନ୍ତି ଯେ "ଓଡ଼ିଆ କାବ୍ୟ ସାହିତ୍ୟରେ ସଂସ୍କୃତ ସାହିତ୍ୟର ବହୁତ ଲେଖା, ଅନୁକରଣ ଏପରିକି ଅନୁବାଦ ହୋଇଥିବା ପରି ଜଣାପଡ଼େ । ସାଧାରଣ ପରମ୍ପରାଗତ ଦୃଷ୍ଟିରେ ଲୋକମାନେ କହନ୍ତି, ଏ ସବୁ ଶକ୍ତି ଓ ପ୍ରକାର ସଂସ୍କୃତରୁ ଆସିଛି, କିନ୍ତୁ ତା' ନୁହେଁ ; ଓଡ଼ିଆ ପ୍ରାକୃତ ସାହିତ୍ୟରୁ ଯାହା ସଂସ୍କୃତକୁ ଯାଇଥିଲା, ସେଇଥିରୁଇ ଆମକୁ କେତେ ସଙ୍କେତ ମିଳୁଛି ; କାହିଁକି ନା, ସେ କାଳର ପ୍ରାକୃତ ଲେଖା, ଲୋକ ସାହିତ୍ୟ ମିଳୁନାହିଁ । ପୁଣି ସଂସ୍କୃତର ଆଦ୍ଧମ ଓ ମୌଳିକ ବୋଲି ଗୋଟିଏ ଧାରଣା ପ୍ରଚୁର ହୋଇ ଆସିଛି ।"

Digitized by PPRACHIN, SOA

ଯେ କୌଣସି ଦେଶର ସଂସ୍କୃତି ସେହି ଦେଶର ସାହିତ୍ୟରେ ପୁଙ୍ଖାନୁପୁଙ୍ଖ ରୂପେ ପ୍ରତିଫଳିତ ହୋଇଥିବାରୁ ମାଳକଣ୍ଠ ଏହି ପୁସ୍ତକରେ ଓଡ଼ିଆ ସଂସ୍କୃତି ସଂବଂଧରେ ବହୁ ବିଷୟର ଅବତାରଣା କରେନ୍ତି ଏବଂ ଏଥିଲାଗି କେହି କେହି ସମାଲୋଚକ ମାଳକଣ୍ଠ ପୁସ୍ତକଟିକୁ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ନ କରି 'ଓଡ଼ିଆ ସଂସ୍କୃତିର କ୍ରମ ପରିଣାମ' ବୋଲି ନାମକରଣ କରିଥିଲେ ଅଧିକ ସମୀଚୀନ ହୋଇଥାନ୍ତା ବୋଲି ମତ ଦେଇଥାନ୍ତି । ତାହା ସ୍ୱତନ୍ତ୍ର କଥା । ତେବେ ଓଡ଼ିଶାର ସଂସ୍କୃତି ସଂବଂଧରେ ସେ ଯେ ବହୁ ବିଷୟରେ ଆଲୋଚନା ଏଥିରେ କରିଚନ୍ତି, ଏହା ସ୍ପଷ୍ଟ ।

ପୁସ୍ତକଟିରେ ରଜ ପର୍ବ, ଏକ ଖାଣ୍ଟି ଓଡ଼ିଆ ପର୍ବ ବୋଲି ଦର୍ଶାଇ ପଣ୍ଡିତ ମାଳକଣ୍ଠ ରଜ ପର୍ବର ସ୍ୱାତନ୍ତ୍ର୍ୟ ଓ ଉଦ୍ଦେଶ୍ୟ କଥା ଉଲ୍ଲେଖ କରିଚନ୍ତି ଓ ପୃଥିବୀ ରଜ ସ୍ୱଳା ହେବା ସହିତ ଓଡ଼ିଆ ନାରୀର ଋତୁ ପାଳନାର ସାମଞ୍ଜସ୍ୟ ଦେଖାଇବାକୁ ଯାଇ କହିଚନ୍ତି, "ସମସ୍ତେ ଜାଣନ୍ତି, ଆର୍ଯ୍ୟ ସାହିତ୍ୟରେ ଗୃହସ୍ଥତା ସୁସଂଯତ ବ୍ରହ୍ମଚର୍ଯ୍ୟ ସଙ୍ଗେ ପତ୍ନୀର ଋତୁ ରକ୍ଷାଟି ଗୋଟିଏ ବଡ଼ କଥା, ମାତ୍ର ଯଥାର୍ଥରେ ଏହାର ମୂଳ କଳଙ୍କର ଅସୁର ସଭ୍ୟତାରେ । ଯଥାର୍ଥ ନିର୍ମାଣ ସାଧନାର ପ୍ରତିଷ୍ଠା ହୋଇଚି ବ୍ରହ୍ମଚର୍ଯ୍ୟ—ବିଶେଷରେ ଯୌନ ବ୍ରହ୍ମଚର୍ଯ୍ୟ ଉପରେ ; ତେଣୁ ଗୃହସ୍ଥ ସମାଜରେ ମଧ୍ୟ ନିରୁତା ଯୌନ ଶୃଙ୍ଖଳା ଓ ଯୌନ ସଂଯମ । ଋତୁ ରକ୍ଷା ବିଧିଟି ଏହାର ଗୋଟିଏ ପ୍ରକାଶ ।"

ମାଳକଣ୍ଠ ନିରୀଶ୍ୱର-ବାଦୀ ବୋଲି ଅନେକଙ୍କର ଧାରଣା, ମାତ୍ର ଜଗତର ଗତିରେ ଓଡ଼ିଆଙ୍କୁ ଏ ଦିଗରେ ମାର୍ଗ ଦେଖାଇବାକୁ ଯାଇ ମାଳକଣ୍ଠ ଯାହା ପ୍ରକାଶ କରିଚନ୍ତି, ତହିଁରୁ ତାଙ୍କର ଈଶ୍ୱର ବିଶ୍ୱାସ ନ ଥିବାର କେବେହେଲେ କୁହାଯାଇ ପାରିବନାହିଁ । ସେ ଲେଖିଚନ୍ତି "ଆଜି ପୃଥିବୀରେ କରୁଣାମୟ ପତିତ ପାବନ, ଅର୍ଥାତ୍ ଭକ୍ତି ଧର୍ମର ଈଶ୍ୱର ଆଉ ରହିପାରୁ ନାହାନ୍ତି । ନିରୀଶ୍ୱର ହେବା ସଙ୍ଗେ ସଙ୍ଗେ ପୃଥିବୀ ଆତ୍ମିକତା ହରାଉଚି; ମାତ୍ର କେବଳ ଭୌତିକତା ସମାଜର କର୍ମଗତିର ନିୟାମକ ହୋଇ ପାରିବ ନାହିଁ । ମାନବ କେବଳ ଶରୀର

Digitized by PPRACHIN, SOA

ବା 'ଅଜୀବ' ନୁହେ । ତାହାର ଆତ୍ମା ବା 'ଜୀବ' ଅଛି । 'ଜୀବ', 'ଅଜୀବ'ର ଏଇ ସମାଧାନର ଆଦର୍ଶ, ହମ ଜର ଚଳଣିକୁ ପ୍ରଭାବିତ ନ କଲେ, ମାନବ ସମାଜର ଚିର କାମ୍ୟ ଶାନ୍ତି ସନ୍ତୋଷ ବା ଏକ କଥାରେ କହିଲେ ସମାଧାନର ଶୃଙ୍ଖଳା ଓ ସୌନ୍ଦର୍ଯ୍ୟ—ବେଦ ଭାଷାରେ 'ସତ୍ୟରେ ଋତ' ଫୁଟିବ ନାହିଁ ।"

ପଣ୍ଡିତ ନୀଳକଣ୍ଠ ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିର ଧାରା ଦେଖାଇବାକୁ ଯାଇ ଜଗନ୍ନାଥଙ୍କର ଜୈନୀ ଧର୍ମହିଁ ତାଙ୍କ କାଞ୍ଚି ଅଭିଯାନର ହେତୁ ବା ପ୍ରକୃତ କାରଣ ଓ କାଞ୍ଚି ରାଜାଙ୍କୁ ଜିଣି ରାଜା ପୁରୁଷୋତ୍ତମ ଦେବ ସେଠାରୁ ନିଜେ ଜଗନ୍ନାଥଙ୍କ ପାଇଁ ସେଠା ଦେବତାଙ୍କ ରତ୍ନ ସିଂହାସନ ସହିତ ସେଠାର ଇଷ୍ଟଦେବ ଯୋନ-ଷ୍ଟୂମ୍ବୀ, ଗଣେଶ ଓ ସେଠା ଭେଦ ଧର୍ମର ସାକ୍ଷୀ, ସାକ୍ଷୀ ଗୋପାଳଙ୍କୁ ଘେନି ଆସିଥିବା ପ୍ରଭୃତି ବିଷୟର ଅବତାରଣା କରିଛନ୍ତି । କାରଣ ସ୍ୱରୂପ ସେ ଉଲ୍ଲେଖ କରିଛନ୍ତି ଯେ ଅମାନଆଙ୍କୁ ଜିଣି × × × ତାଙ୍କ ଦେବ ଦେବୀଙ୍କୁ × × × ନିଜ ଦେଶ ବା ଦେବସ୍ଥଳକୁ ଘେନି ଆସିବା ପୃଥିବୀର ସଭ୍ୟତାରେ ଏକ ପ୍ରାଚୀନ ରୀତି × × × ପୁଣି ଜଗନ୍ନାଥଙ୍କର କାଞ୍ଚି ଅଭିଯାନ ସହିତ ମାଣିକ ଗଉଡୁଣୀ ଉପାଖ୍ୟାନ-ଟିକୁ ଯୋଡ଼ି ଦିଆଯାଇଛି, ସେଥିରେ କୌଣସି ସତ୍ୟତା ନାହିଁ ଓ ଏହା ଭକ୍ତମାନଙ୍କର ସୃଷ୍ଟି ବୋଲି ନୀଳକଣ୍ଠ ଦୃଢ଼ ସ୍ୱରରେ ବ୍ୟକ୍ତ କରିଛନ୍ତି ।

ଭକ୍ତ ଓ ଭକ୍ତିକ ମିଥ୍ୟାର ଘୋର ନିନ୍ଦୁକ ନୀଳକଣ୍ଠ ଏହି ସବୁ ଦୃଷ୍ଟିରୁ ଜୈନ ଧର୍ମହିଁ ଜଗତର ଏକମାତ୍ର ଦାର୍ଶନିକ ଧର୍ମ ଓ ସେଥିରେ ଭକ୍ତିଚର୍ଯ୍ୟା ଅର୍ଥାତ ଭକ୍ତ ଜନିତ ଆଚରଣକୁ ଅଷ୍ଟାଦଶ ପାପ ମଧ୍ୟରେ ଗୋଟିଏ ପାପ ବୋଲି ନିର୍ଦ୍ଦେଶ ଓ ବର୍ଣ୍ଣନା କରାଯାଇଅଛି; ସେମାନେ ଏହାର ନାମ ଦେଇଛନ୍ତି "ମିଥ୍ୟା ଦର୍ଶନ ଶଲ୍ୟ"; ଏଥିରେ ଦେଓଙ୍କ ପାଖେ, ଗୁରୁଙ୍କ ପାଖେ ବା ସାଧୁଙ୍କ ପାଖେ ପ୍ରାର୍ଥନା କରିବା; ମାନସିକ କରିବା ପ୍ରଭୃତି ମନା ବୋଲି ଉଲ୍ଲେଖ କରିଛନ୍ତି ।

—o—

Digitized by PPRACHIN, SOA

ଜୀବନୀ ସାହିତ୍ୟ

ଆତ୍ମ ଜୀବନୀ

ଶେଷ ଜୀବନରେ ପଣ୍ଡିତ ନୀଳକଣ୍ଠ ଲେଖିଥିଲେ, "ଆତ୍ମ ଜୀବନୀ" ଓ ସେଥିଲାଗି ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାର ମଧ୍ୟ ପାଇଥିଲେ । ବାସ୍ତବରେ ଏହା ତାଙ୍କର ଲେଖା ନୁହେଁ—ଶ୍ରୁତ ଲିଖନ ଆକାରରେ ଡାକି ଯାଇଥିବା କଥା ମାତ୍ର । ସେ ଯାହାହେଉ, ଶେଷ ଜୀବନରେ ଲିଖିତ ହୋଇଥିବାରୁ ଏଥିରେ ବିଷୟମାନଙ୍କର କ୍ରମ ରହିବା ଯେପରି ସମ୍ଭବ ହୋଇ ନାହିଁ, ସେହିପରି ପଣ୍ଡିତ ନୀଳକଣ୍ଠଙ୍କ ଦୀର୍ଘ କର୍ମମୟ ଜୀବନର ସମସ୍ତ ଘଟଣାବଳୀର ଉଲ୍ଲେଖ ମଧ୍ୟ କରାଯାଇ ପାରିନାହିଁ । ତଥାପି ତହିଁରେ ନୀଳକଣ୍ଠଙ୍କ ଜୀବନର ବହୁ ବୈଶିଷ୍ଟ୍ୟ, ତାଙ୍କ ସମୟର ବିଶେଷତଃ ତାଙ୍କ ବାଲ୍ୟ ଓ ତରୁଣ ବୟସର ସାମାଜିକ ଅବସ୍ଥା ଓ ସମାଜର ଗତି ପ୍ରଭୃତି ବହୁ ବିଷୟ ଏହାଦ୍ୱାରା ଲୋକ ଲୋଚନକୁ ଆସି ପାରିଛି ଓ ସେଥିପାଇଁ ଯେଉଁ ବନ୍ଧୁମାନେ ତାଙ୍କ ସହିତ ଲାଗି, ଅଳି କରି, ନୀଳକଣ୍ଠଙ୍କଠାରୁ ଏ ଗ୍ରନ୍ଥରେ ପ୍ରକାଶିତ ବିଷୟମାନ ଲୋକ ଲୋଚନକୁ ଆଣି ପାରିଲେ, ସେମାନେ ସମସ୍ତେ ଆମର ବନ୍ଦନୀୟ ।

ଏ ସମ୍ବନ୍ଧରେ "ଆତ୍ମ ଜୀବନୀ"ରେ ପ୍ରଥମରୁ ନୀଳକଣ୍ଠ ଉଲ୍ଲେଖ କରିଛନ୍ତି—"ମତେ ନିଜ ଜୀବନୀ କଥା କହିବାକୁ ଅନୁରୋଧ କରାଯାଉଛି; କିନ୍ତୁ ଧାରାବାହିକ ଭାବେ ସେ କଥା କହି ପାରିବା ଭଳି ମୋ ପାଖରେ କିଛି ସାମଗ୍ରୀ ନାହିଁ । ଯେତିକି କଥା ମନେ ପଡ଼ିବ, ତା'

Digitized by PPRACHIN, SOA

ଭିତରୁ କିଛି କହିବି; କିନ୍ତୁ ଦୁଃଖର କଥା, ଘଟଣା ଗୁଡ଼ିକ ସେତେ ମୋର ମନେ ରହେ ନାହିଁ । ଭୁଲିଯିବା ମୋର କେବଳ ସ୍ୱଭାବ ନୁହେଁ ବରଂ ତା ମୋର ଗୋଟିଏ ସାଧନା । ଘଟଣା ଭୁଲି ନଗଲେ, ସ୍ମୃତିରେ ପରିସ୍ଥିତି ବେଳେବେଳେ ଅସହ୍ୟ ହୁଏ । × × × ତଥାପି ଯାହା ଯେତେବେଳେ ମନେ ପଡ଼ୁଛି; କହିବି । ଭଲ ମନ୍ଦର ବିଚାର ନ କରି କହିବି । ଶୃଙ୍ଖଳିତ ଭାବରେ କିଛି କହି ପାରିବି ନାହିଁ । ତଥାପି ଚେଷ୍ଟା କରିବି ।”

ନୀଳକଣ୍ଠଙ୍କ ସାହିତ୍ୟିକ କୃତିର ସମୀକ୍ଷା :

ନୀଳକଣ୍ଠଙ୍କ ସାହିତ୍ୟିକ କୃତିର ଏକ ସମୀକ୍ଷା କରିବା ଆମର ଉଦ୍ଦେଶ୍ୟ ନୁହେଁ ବା ଏ ପୁସ୍ତକର କଳେବର ମଧ୍ୟରେ ତାହା ସମ୍ଭବ ନୁହେଁ । ପୂର୍ବ, ପୂର୍ବରୁ କୁହାଯାଇଛି, ତାଙ୍କର ବହୁ ଲେଖା; ଭାଷଣ ପ୍ରଭୃତି ଏବେ ମଧ୍ୟ ସଂଗୃହୀତ ହୋଇ ପାରିନାହିଁ । ତେଣୁ ପଣ୍ଡିତ ନୀଳକଣ୍ଠ ଯେଉଁ ସବୁ ଉପାଦେୟ ପୁସ୍ତକ ବା ଗ୍ରନ୍ଥମାନ ପ୍ରଣୟନ କରିଛନ୍ତି, ସେ ସବୁର ଏକ ତାଲିକା ଦେବା ଛଳରେ ପ୍ରସଙ୍ଗ କ୍ରମେ ଗ୍ରନ୍ଥମାନଙ୍କରେ ଉଲ୍ଲେଖ କରାଯାଇ ଥିବା ବିଷୟ ମାନ କେବଳ ଏଠାରେ ଉପସ୍ଥାପନ କରାଗଲା ।

ତେବେ, ନୀଳକଣ୍ଠଙ୍କର କାବ୍ୟ କବିତା କହନ୍ତୁ, ତାଙ୍କର ସମାଲୋଚନା ମୂଳକ ଗ୍ରନ୍ଥ କହନ୍ତୁ ଏପରିକି ଅଭିଭାଷଣ, ଭାଷଣ ,ଯାହା ଯେଉଁଠି ସେ ଲିପିବଦ୍ଧ କରି ଯାଇଛନ୍ତି ବା କହି ଯାଇଛନ୍ତି, ସର୍ବତ୍ର ତାଂକର ବିଦ୍‌ବତ୍ତା ଓ ଜ୍ଞାନର ଗଭୀରତା ପରିସ୍ଫୁଟ ହୋଇ ପଡ଼ିଛି । ତେବେ ତାଂକ ପ୍ରଣୀତ ‘ଗୀତାର ଭାଷା ଓ ‘ଓଡ଼ିଆ ସାହିତ୍ୟର କ୍ରମ ପରିଣାମ’ ପାଠକଲେ ସେ ଯେ ଏ ଦେଶର ପଣ୍ଡିତମାନଙ୍କ ମଧ୍ୟରେ ଅନ୍ୟତମ ଓ ଏକ ପ୍ରଚଣ୍ଡ ପ୍ରତିଭା ସଂପନ୍ନ ବିରାଟ ପଣ୍ଡିତ ଓ ବ୍ୟକ୍ତିତ୍ୱ ଏହା ଅନାୟାସରେ ଉପଲବ୍ଧି କରିହୁଏ ଓ ପଣ୍ଡିତ ଗୋଦାବରୀଶ, ପଣ୍ଡିତ ଗୋପବନ୍ଧୁ ଓ ସନ୍ଥ ବିନୋବା ଭାବେ ପ୍ରଭୃତି ବିଜ୍ଞ ସୁଧୀ-

Digitized by PPRACHIN, SOA

ମାନଙ୍କର ମନ୍ତବ୍ୟର ଯଥାର୍ଥତା ହୃଦୟଙ୍ଗମ କରିହୁଏ । ତେବେ ପଣ୍ଡିତ ନୀଳକଣ୍ଠଙ୍କ ସମ୍ବନ୍ଧରେ ସେମାନଙ୍କର ଉକ୍ତି ଉଦ୍ଧାର କରିବାର ଲୋଭ ସମ୍ବରଣ କରିପାରୁ ନାହୁଁ —

ଡଃ. ମାୟାଧର ମାନସିଂହ — "ପଣ୍ଡିତ ନୀଳକଣ୍ଠ ପ୍ରକୃତରେ ପଣ୍ଡିତ । ତାଙ୍କ ନିକଟରେ ମୁଁ ଶିଶୁ, ବୟସ ଓ ଜ୍ଞାନରେ । × × × ତାଙ୍କ ପୁସ୍ତକର ବିଶେଷତଃ 'କୋଣାର୍କ'ର ଭୂମିକା ଲେଖିବା ମୋ ପକ୍ଷରେ ଏକ ଧୃଷ୍ଟତା । × × × 'କୋଣାର୍କ'ର ଲେଖକ ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ ।"

ପଣ୍ଡିତ ଗୋଦାବରୀଶ— "ନୀଳକଣ୍ଠ ବାବୁ ଅନେକ ବର୍ଷ ପରେ ସମାଜରେ 'ପଣ୍ଡିତ' ଆଖ୍ୟା ପାଇଲେ । କିନ୍ତୁ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କ ପାଣ୍ଡିତ୍ୟ ପିଲାଦିନୁ ବିକାଶ ଲାଭ କରିଥିଲା । × × × ମୁଁ କାଳକ୍ରମେ 'ପଣ୍ଡିତ ଗୋଦାବରୀଶ' ନାମରେ ପରିଚିତ ହେଲି । × × × ମୋର ବହୁ କାଳର ସଙ୍ଗୀ ପଣ୍ଡିତ ନୀଳକଣ୍ଠଙ୍କ ପାଣ୍ଡିତ୍ୟ ଦେଖି ମୁଁ ଯେ କେତେଥର ମୁହଁଫିକା ପକାଇଛି, ତାର କଳନା ନାହିଁ ।"

ପଣ୍ଡିତ ଗୋପବନ୍ଧୁ—"ଭାରତରେ ଏପରି ପଣ୍ଡିତ ନାହାନ୍ତି, ଯେ ପଣ୍ଡିତ ନୀଳକଣ୍ଠଙ୍କୁ ନ ଜାଣନ୍ତି ।"

ସନ୍ଥ ବିନୋଦ ଭାବେ—"I have toured the whole of India, but I have not yet come across a Pandit like Pandit Nilakantha Das."

—o—

Digitized by PPRACHIN, SOA

'ନବଭାରତ' ପ୍ରେସ ଓ ପତ୍ରିକା

'ନବ ଭାରତ' ଥିଲା ପଣ୍ଡିତ ନୀଳକଣ୍ଠଙ୍କ ଚିନ୍ତାଧାରାର ବାହକ ଓ ସମସାମୟିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ପତ୍ରିକା ସମ୍ବନ୍ଧରେ ଆଲୋଚନା କରିବାକୁ ଗଲେ ଏହା ପୂରାପୂରି ଭାବରେ ତାଙ୍କ ସାହିତ୍ୟିକ ପ୍ରତିଭା ସଙ୍ଗେ ରାଜନୈତିକ ଚିନ୍ତାଧାରାର ପରି ପ୍ରକାଶ କରୁଥିଲା ବୋଲି ମନେ କରିବାକୁ ହେବ । ନିମ୍ନୋକ୍ତ ଘଟଣାରୁ କଥାଟି ସ୍ପଷ୍ଟ ହେବ । ପଣ୍ଡିତ ନୀଳକଣ୍ଠଙ୍କୁ ଜାଣିବାକୁ ହେଲେ ଉଭୟ ଦିଗରୁ ବିଚାର କରିବା ଅଧିକ ସମୀଚୀନ ହେବ ମନେ କରି ଆମ୍ଭେମାନେ ପ୍ରସଙ୍ଗ କ୍ରମେ ଉଭୟର ଉଲ୍ଲେଖ କରିବୁ ।

୧୯୨୪ ମସିହା କାକିନାଡ଼ା କଂଗ୍ରେସରୁ ଫେରିବାବେଳେ ବିଶାଖାପାଟଣାଠାରେ ସାହିତ୍ୟାନୁରାଗୀ ଜୟପୁର ମହାରାଜା ବିକ୍ରମ ଦେବ ବର୍ମାଙ୍କ ସଙ୍ଗେ ନୀଳକଣ୍ଠଙ୍କର ଗୋଟିଏ ସାହିତ୍ୟ ପତ୍ରିକା ବାହାର କରିବା ପାଇଁ କଥାବାର୍ତ୍ତା ହୋଇଥିଲା ଓ ସେ କିଛି ଟଙ୍କା ସାହାଯ୍ୟ କରିବେ ବୋଲି କହିଥିଲେ । ୧୯୩୩ ମସିହା ମେ ମାସରେ ନୀଳକଣ୍ଠ ଜେଲରୁ ଫେରି ଗୋଟିଏ ସାହିତ୍ୟ ପତ୍ରିକା ବାହାର କରିବାକୁ ମନସ୍ଥ କରି କାର୍ଯ୍ୟରେ ଲାଗିବା ବେଳକୁ ଅକସ୍ମାତ୍ ଗୋଟିଏ ଚିଠି ପାଇଲେ, ଜୟପୁର ମହାରାଜା ସାହିତ୍ୟ ବିଷୟରେ କିଛି କରିବା ପାଇଁ ତାଙ୍କୁ ଡାକୁଛନ୍ତି । ନୀଳକଣ୍ଠ ଜୟପୁର ଗଲେ । ବିକ୍ରମ ଦେବ ଅଯାଚିତ ଭାବରେ ତାଙ୍କୁ ୫ ହଜାର ଟଙ୍କା ଦେବେ ବୋଲି କହି ୩ ହଜାର ଟଙ୍କା ଦେଲେ ଓ ପ୍ରେସ ବସାଇଲା ପରେ 'ଆଉ ୨ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ପଣ୍ଡିତ ନୀଳକଣ୍ଠ ଏପରି ଉତ୍ସାହୀ ବଦାନ୍ୟ

Digitized by PPRACHIN, SOA

ବ୍ୟକ୍ତିଙ୍କ ସାହାଯ୍ୟ ଓ ସହାନୁଭୂତି ପାଇ ପ୍ରେସଟିଏ ବସାଇ ମାସିକ ସାହିତ୍ୟ ପତ୍ରିକା ପ୍ରକାଶନ ପାଇଁ ଲାଗି ପଡ଼ିଲେ । ସେ ସମୟରେ ଶ୍ରୀମାନ୍ ଚିନ୍ତାମଣି ମିଶ୍ର (ପରେ "ନବଜୀବନ" ସମ୍ପାଦକ) ପଣ୍ଡିତଜୀଙ୍କର ଏକମାତ୍ର ସୁଦକ୍ଷ ସହକର୍ମୀ ଥିଲେ । ଢେଙ୍କାନାଳର ସ୍ୱର୍ଗତ ପଣ୍ଡିତ ଗଙ୍ଗେଶ୍ୱର ମିଶ୍ରଙ୍କଠାରୁ ପ୍ରେସଟି କଣା ହୋଇ କଟକ ଆସିଲା, ପ୍ରେସର ନାଁ ରହିଲା -"ନବଭାରତ ପ୍ରେସ ।"

ମାସିକ ପତ୍ରିକାର ନାମ ହେଲା—"ନବଭାରତ ।" ଏହା ୧୯୩୪ ଜୁନ୍ ମାସରେ ପ୍ରକାଶ ପାଇଲା । ଏଇ 'ନବଭାରତ'ର କେତୋଟି ସଂଖ୍ୟା ପ୍ରକାଶ ପାଇଲା ପରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଆକ୍ରୋଶ ମୂଳକ ତୀବ୍ର ସମାଲୋଚନା ବାହାରିଲା । କିନ୍ତୁ 'ନବଭାରତ' ସମ୍ପାଦକ ନୀଳକଣ୍ଠ ଏଥିରେ ବିଚଳିତ ନହୋଇ ନିଜ କର୍ତ୍ତବ୍ୟରେ ବ୍ରତୀ ରହିଲେ । ଓଡ଼ିଶାର କେହି କେହି ସାହିତ୍ୟ-ରଥୀ ବିକ୍ରମ ଦେବ ବର୍ମାଙ୍କୁ କହିଲେ, "ନୀଳକଣ୍ଠ ରାଜନୀତି ଛାଡ଼ିବ ନାହିଁ, ସାହିତ୍ୟ ପାଇଁ ଆତ୍ମୋତ୍ସର୍ଗ କରିବା ଲୋକ ସେ ନୁହେଁ । ଅବଶିଷ୍ଟ ପ୍ରତିଶ୍ରୁତି ଟଙ୍କା ତାଙ୍କୁ ଦିଅନାହିଁ ।" କଥା ଅଛି—"ସାତ କଥାରେ ସତୀ ଭୁଲେ ।" ସ୍ୱର୍ଗତ ମହାରାଜା ଏମାନଙ୍କ କଥାରେ ଭୁଲି ଗଲେ, ପ୍ରତିଶ୍ରୁତି ଟଂକାର ବାକିତକ ପଣ୍ଡିତଜୀଙ୍କୁ ମିଳିଲା ନାହିଁ । ବିକ୍ରମ ଦେବ ପ୍ରତିଶ୍ରୁତି ଆର୍ଥିକ ସାହାଯ୍ୟ ବ୍ୟକ୍ତିତ ଭବିଷ୍ୟତକୁ 'ବହୁ ଆଶାର ବାଣୀ ଶୁଣାଇଥିଲେ ବୋଲି ପଣ୍ଡିତଜୀଙ୍କଠୁ ଶୁଣିଚୁଁ । ନୀଳକଣ୍ଠ କେବଳ ଜଣେ ପ୍ରତିଷ୍ଠିତ ସାହିତ୍ୟିକ ନଥିଲେ — ସେ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ ଓ ପଣ୍ଡିତ ଗୋପବନ୍ଧୁଙ୍କ ପରେ ଓଡ଼ିଶା ରାଜନୀତିର ଭାର ଓ ଦାୟିତ୍ୱ ମଧ୍ୟ ତାଙ୍କୁ ବହନ କରିବାକୁ ପଡ଼ୁଥିଲା । ତେଣୁ ସାହିତ୍ୟାଲୋଚନା ସହିତ ରାଜନୈତିକ ଆଲୋଚନାମାନ ମଧ୍ୟ 'ନବଭାରତ' ମାଧ୍ୟମରେ ପ୍ରକାଶ ପାଇବାକୁ ଲାଗିଲା ।

Digitized by PPRACHIN, SOA

(କ) ସାହିତ୍ୟିକ ଆଲୋଚନା

ଉତ୍କଳ ସାହିତ୍ୟ ସମାଜ ଶୀର୍ଷକ ସଂପାଦକୀୟ :

'ନବଭାରତ'ର ୧ମ ଖଣ୍ଡ ଚତୁର୍ଥ ସଂଖ୍ୟାରେ 'ଉତ୍କଳ ସାହିତ୍ୟ ସମାଜ' ଶୀର୍ଷକ ସଂପାଦକୀୟ ଲେଖାଟି ଏଠାରେ ଅବିକଳ ଉଦ୍ଧାର କରି ଦିଆଗଲା । ଏଥିରେ ନୀଳକଣ୍ଠଙ୍କ ସାହିତ୍ୟିକ ପୂର୍ବଦୃଷ୍ଟି କିପରି, ତାହା ସୁଧୀବର୍ଗ ବିଚାର କରନ୍ତୁ ।

"ଓଡ଼ିଶାର ବହୁ ଦୁଃଖ ଦାରିଦ୍ର୍ୟର ହେତୁ ହେଉଚି; ସାହିତ୍ୟର ଦାରିଦ୍ର୍ୟ । ଜାତୀୟ ବ୍ୟକ୍ତିତ୍ୱ ବଢ଼ିଲେ, ଜାତୀୟ ସାହିତ୍ୟ ଯେପରି ବଢ଼େ, ଜାତିର ସାହିତ୍ୟ ବଢ଼ିଲେ ବ୍ୟକ୍ତିତ୍ୱ ମଧ୍ୟ ଫୁଟି ଉଠେ । ବଡ଼ ଦୁଃଖର କଥା, ଓଡ଼ିଶାରେ କୌଣସି ଆଡ଼ୁ କିଛି ହେଉ ନାହିଁ । ବଡ଼ ପଣ୍ଡିତମାନେ ସାହିତ୍ୟ ଚର୍ଚ୍ଚା କରନ୍ତି ନାହିଁ; କିମ୍ବା ଯେଉଁମାନେ ସାହିତ୍ୟ ଚର୍ଚ୍ଚା କରନ୍ତି, ସେମାନେ ବଡ଼ ପଣ୍ଡିତ ହେବାକୁ ଲୋଡ଼ନ୍ତି ନାହିଁ । ହଠାତ୍ ଏ ଦେଶରେ କବି ହୁଅନ୍ତି; ଉପନ୍ୟାସ ଲେଖି ବସନ୍ତି । କିନ୍ତୁ ଯେଉଁ ମୌଳିକ ପ୍ରତିଭାରେ ଏ ସିଦ୍ଧି ହୁଏ, ସେ ପ୍ରତିଭା କୌଣସି ଜାତିରେ ଝଡ଼ିଗିରିଆ ଜଙ୍ଗଲରେ ବର୍ଷାରମ୍ଭରେ ଛତୁ ଫୁଟିଲା ପରି ଫୁଟେ ନାହିଁ । ବିଂଶ ଶତାବ୍ଦୀରେ ସାହିତ୍ୟ ସାଧନାର ପନ୍ଥା ବଡ଼ କଠିନ । ଜ୍ଞାନର ପରିସର ସଙ୍ଗେ ସଙ୍ଗେ ବୈଜ୍ଞାନିକ ଆଲୋଚନାର ଶୈଳୀ ଦିନକୁ ଦିନ ପ୍ରଗତିରେ ଯେପରି ଫୁଟି ଉଠୁଛି, ସେ ସବୁର ହିସାବ ନ ରଖିଲେ ଏ ଯୁଗରେ ଜାତୀୟ ସାହିତ୍ୟର ସୌଧ ଗଢ଼ିବା ସୁଗମ ନୁହେ । ରାଧାନାଥ କେଉଁ ଦିନ କାବ୍ୟ ଲେଖି ଯାଇଥିଲେ, ସେହି ଅର୍ଦ୍ଧ ପରିଣତ କାବ୍ୟକଳା ଓଡ଼ିଶାରେ ଏବେ ମଧ୍ୟ ବିକୃତ ହୋଇ ଗୁଳୁଚି । ଓଡ଼ିଆ ସାହିତ୍ୟକୁ ଏ ଗତାନୁଗତିକ ପ୍ରବାହରୁ ଶୀଘ୍ର ଉଠାଇବାକୁ ହେବ । ଓଡ଼ିଶାର ଅଧ୍ୟାପକମାନେ ଏ କ୍ଷେତ୍ରରେ ବିଶେଷ ଭାବରେ କାର୍ଯ୍ୟ କରି ବାଟ ଦେଖାଇବେ । ଅତିଶୀଘ୍ର କଟକ ସହରରେ ବିପୁଳ ଭାବରେ

Digitized by PPRACHIN, SOA

ପୁସ୍ତକ ସଂଗ୍ରହର ଆୟୋଜନ କରିବାକୁ ହେବ । ସଙ୍ଗେ ସଙ୍ଗେ ସେ ସବୁ ପଢ଼ିବା ଓ ବୈଜ୍ଞାନିକ ଭାବରେ ଆଲୋଚନା କରିବାର ଉନ୍ମୁଖତା ମଧ୍ୟ ଦେଶର କୃତବିଦ୍ୟ ଯୁବକମାନଙ୍କ ଭିତରେ ଜାଗ୍ରତ କରିବାକୁ ହେବ । ଏହା ସବୁ କରିବା ପାଇଁ କଟକରେ ଏବେ ଦୁଇଟି ମାତ୍ର ଅନୁଷ୍ଠାନ ରେଭେନ୍‌ସା କଲେଜ, ଆଉ ଗୋଟିଏ ଉତ୍କଳ ସାହିତ୍ୟ ସମାଜ ; ଅନ୍ୟ ଅଞ୍ଚଳ ମଧ୍ୟରେ କେବଳ ପାରଳା ମହାରାଜା ଓ ମୟୂରଭଞ୍ଜ ମହାରାଜାଂକ ସାହିତ୍ୟ ପ୍ରୀତିର ନିଦର୍ଶନ ପାରଳା ଖେମୂଣ୍ଡି ଓ ବାରିପଦାରେ ଯାହା କିଛି ଅଛି ।

ରେଭେନ୍‌ସା କଲେଜରେ ପୁସ୍ତକର ଅଭାବ ଅନୁଭବ କରି କନିକାର ରାଜାସାହେବ କିଛିଦିନ ପୂର୍ବେ ପଞ୍ଚାଶହଜାର ଟଂକା ଦାନ କରିଥିଲେ । ସେଥିରେ ଅତିସାମାନ୍ୟ ମାତ୍ର କାର୍ଯ୍ୟ ହୋଇଛି । ଗୋଟିଏ ଜାତିର ଜ୍ଞାନ–ପିପାସା ଉଦ୍‌ବୁଦ୍ଧ କରି ପ୍ରତିଷ୍ଠିତ କରିବାରେ ଏତିକି ଯଥେଷ୍ଟ ନୁହେ । ବସ୍ତୁତଃ ଓଡ଼ିଶାର ସଂସ୍କୃତି ପାରମ୍ପରିକ ଭାବରେ ଆଲୋଚନା କରିବାର କୌଣସି ବିଶେଷ ସାମଗ୍ରୀ ସରଞ୍ଜାମ ରେଭେନ୍‌ସା କଲେଜରେ ଏବେ ମଧ୍ୟ ନାହିଁ ।

× × × ×

ଉତ୍କଳ ସାହିତ୍ୟ ସମାଜ ଏବେ ମଧ୍ୟ ବଡ଼ ଦରିଦ୍ର । ପୁସ୍ତକ ସଂଗ୍ରହ ସେଥିରେ ହୋଇନାହିଁ । କୌଣସି ମୌଳିକ ଆଲୋଚନାର ଯଥାର୍ଥ ଚିନ୍ତା ମଧ୍ୟ ସେଥିରେ ସମ୍ୟକ୍ ଫିଟି ନାହିଁ । ସମାଜର ବର୍ତ୍ତମାନ ଉଦ୍ୟୋକ୍ତାମାନେ ଏହି ଦୁରବସ୍ଥା ମଧ୍ୟରେ ଏବେ ଗୋଟିଏ ନୂତନ ଉଦ୍ୟମର ସୂଚନା ଦେଉଛନ୍ତି । ଅବସ୍ଥା ଦୃଷ୍ଟିରେ ଏପରି ଆରମ୍ଭ କରିବା ଛଡ଼ା ଆଉ ଉପାୟ ନାହିଁ । ସୂଚନାରୁ ସାଧନା ଜାଗ୍ରତ ହେଲେ ସାମଗ୍ରୀ ହୁଏତ ଆପେ ଆପେ ଜୁଟି ଯିବ । ବିଧାତା କରନ୍ତୁ, ତାହାହିଁ ହେଉ ।

Digitized by PPRACHIN, SOA

ଏବେ ଉତ୍କଳ ସାହିତ୍ୟ ସମାଜରେ ନାନା ବିଷୟରେ ପ୍ରବନ୍ଧ-ପାଠ ଓ ଆଲୋଚନା ହେବା ଦେଖା ଯାଉଛି । ତନ୍ମଧ୍ୟରେ କୌଣସି କୌଣସି ପ୍ରବନ୍ଧର ସୂଚନା ଯଥାର୍ଥରେ ମୌଳିକ ଓ ସ୍ପୃହଣୀୟ ।"

(ଖ) ରାଜନୈତିକ ଆଲୋଚନା

ପୂର୍ବରୁ କୁହାଯାଇଛି ଯେ ମାସିକ 'ନବଭାରତ'ରେ ଯେ କେବଳ ନିରୁତା ସାହିତ୍ୟିକ ଆଲୋଚନା ହେଉଥିଲା, ତା' ନୁହେଁ । ସେଥିରେ ଦେଶର ଅଭାବ, ଅସୁବିଧା ଓ ବିଶେଷରେ ରାଜନୀତିର ଚର୍ଚ୍ଚା ପାଇଁ ଆଲୋଚନାର ଦ୍ଵାର ଅବାରିତ ଥିଲା । ଏଠାରେ ରାଜନୈତିକ ଆଲୋଚନାର ଗୋଟିଏ ଦୃଷ୍ଟାନ୍ତ ଦେଉଛୁ, ସେଥିରେ 'ନବଭାରତ'ରେ ପ୍ରକାଶିତ ସମାଲୋଚନାର ପ୍ରଭାବ କେତେ ଶକ୍ତିଶାଳୀ ଥିଲା, ସହଜେ ବୁଝାଯିବ ।

ନୀଳକଣ୍ଠଙ୍କ ନିର୍ଭୀକ ସାମ୍ବାଦିକତା :

୧୯୪୮ରେ ମୟୂରଭଞ୍ଜ ବ୍ୟତୀତ ଅନ୍ୟ ସମସ୍ତ ଗଡ଼ଜାତ ଓଡ଼ିଶା ସଙ୍ଗେ ମିଶିଗଲା । ୧୯୩୪ ବେଳକୁ ଏ ଗୁଡ଼ିକ ଓଡ଼ିଶା ସଙ୍ଗେ ଏକ ଶାସନାଧୀନରେ ନ ଥିଲା । ଗଡ଼ଜାତର ରାଜାମାନେ ନିଜ ନିଜ ରାଜ୍ୟର ହର୍ତ୍ତାକର୍ତ୍ତା ବିଧାତା ଥିଲେ । ରାଜ୍ୟ ଶାସନର ଗଳ୍‌ତି ପଦାରେ ପକାଇବା ପାଇଁ କେହି ସାହାସୀ ହେଉ ନଥିଲେ ; କାରଣ ବ୍ରିଟିଶ୍ ସରକାର ଗଡ଼ଜାତ ରାଜାମାନଙ୍କୁ ନିଜ ସ୍ଵାର୍ଥରେ ଲଗାଇବା ପାଇଁ ସବୁବେଳେ ଘଣ୍ଟ ଘୋଡ଼ାଇ ରଖୁଥିଲେ । ଓଡ଼ିଶାର କୌଣସି ବିଶିଷ୍ଟ ଗଡ଼ଜାତରେ ଅମାନୁଷିକ ଓ ଜଘନ୍ୟ ଅତ୍ୟାଚାର ସୀମାକୁ ଟପିବାରୁ ତାର ସମାଲୋଚନା ଲୋକମୁଖରେ ଓଡ଼ିଶା ତମାମ୍ ବ୍ୟାପିଗଲା । ଯେଉଁମାନେ ଅତ୍ୟାଚାରିତ ହୋଇ ଜୀବନ ବିକଳରେ କୌଣସି ମତେ ସେଇ ରାଜ୍ୟରୁ ନିଜ ନିଜ ଘରକୁ ଫେରିଲେ, ସେମାନେ ଅଙ୍ଗେ ନିଭାଇ ଥିବା ଓ ପ୍ରତ୍ୟକ୍ଷ କରିଥିବା କରୁଣ କାହାଣୀ ଓଡ଼ିଶାର ମୁଖ୍ୟ

Digitized by PPRACHIN, SOA

ମାନଙ୍କ ଆଗେ ବାଢ଼ିଲେ । ଏ ସତ୍ୟ ଘଟଣା ହେଲେହେଁ ସମ୍ବାଦପତ୍ର ପ୍ରଭୃତିରେ ପ୍ରକାଶ ପାଇବା ଆଇନ ବିରୁଦ୍ଧ । ତେଣୁ ମୁଖ୍ୟମାନେ ସମବେଦନା ଜଣାଇବା ଛଡ଼ା ଅନ୍ୟ ପ୍ରତିକାରର ଉପାୟ ସେମାନଙ୍କୁ ଦିଶିଲା ନାହିଁ । ସ୍ୱର୍ଗତ ଗୋପାଳ ଚନ୍ଦ୍ର ପଟ୍ଟନାୟକ ସେଇ ରାଜ୍ୟରେ ପୂର୍ବରୁ ଅପମାନିତ ହୋଇଥିଲେ । ପଟ୍ଟନାୟକଙ୍କ ପାଖରେ ଏଇ ଭୁକ୍ତ-ଭୋଗୀମାନେ ଗୁହାରି କଲେ । ସେଇ ରାଜ୍ୟର ଅତ୍ୟାଚାରକୁ "ସ୍ୱପ୍ନ ଓ ରାଜଯୋଗ" ଶିରୋନାମାରେ ଲେଖି, ଲେଖକ 'ଦୁର୍ମୁଖ ଶର୍ମା' ବେନାମୀ ନାମ ଦେଇ ପଣ୍ଡିତ ନୀଳକଣ୍ଠଙ୍କ ପାଖକୁ ପ୍ରବନ୍ଧଟି ପଠାଇ ଦେଲେ 'ମାସିକ ନବଭାରତ'ରେ ପ୍ରକାଶ କରିବା ପାଇଁ । ପଣ୍ଡିତଜୀଙ୍କୁ କହିଥିଲେ—"ଏ ପ୍ରବନ୍ଧର କୌଣସି ପରିବର୍ତ୍ତନ ସମ୍ପାଦକ କଲେ, ସେଥିରେ ତାଙ୍କର (ପଟ୍ଟନାୟକଙ୍କର) କୌଣସି ଆପତ୍ତି ନାହିଁ ।" ମନେ ପଡ଼େ, ଲେଖକ ଏଇ ପ୍ରଥମ ପ୍ରବନ୍ଧଟି ପଣ୍ଡିତଜୀଙ୍କୁ ଦେଲେ । ପଣ୍ଡିତ ନୀଳକଣ୍ଠ ପ୍ରବନ୍ଧର ବିଷୟବସ୍ତୁ ଓ ବଳିଷ୍ଠ ପ୍ରକାଶ ଭଙ୍ଗି ଦେଖି, ପ୍ରବନ୍ଧର ନାମକରଣ କଲେ—"ସ୍ୱପ୍ନରେ ରାଜଯୋଗ"—ଲେଖକ ଧୂର୍ମୁଖ ଧର୍ମା । 'ସ୍ୱପ୍ନରେ ରାଜଯୋଗ' କ୍ରମଶଃ ଦୁଇ ତିନି ଥର ବାହାରିବା ପରେ ନୀଳକଣ୍ଠଙ୍କୁ ବହୁ ପ୍ରଲୋଭନରେ ଭୁଲାଇବାର ଚକ୍ରାନ୍ତ ଚାଲିଲା । କିନ୍ତୁ ସମ୍ପାଦକ ଦାୟିତ୍ୱରେ ଅଟଳ ରହି ନୀଳକଣ୍ଠ ସେ ସବୁ ପ୍ରତ୍ୟାଖ୍ୟାନ କରି, ସେଇ ଗଡ଼ଜାତ ବାସୀଙ୍କୁ ଅଭୟ ଦେଇଥିଲେ । କହିବା ବାହୁଲ୍ୟ—କ୍ରମଶଃ ପ୍ରକାଶିତ ପ୍ରବନ୍ଧଟି ଶେଷ ହେଲା ବେଳକୁ ସେଇ ରାଜ୍ୟର ରାଜା ରାଜକୀୟ କ୍ଷମତାରୁ ଅବ୍ୟାହତି ପାଇ ସୁଦୂର ବିଲାତରେ ଆଶ୍ରୟ ନେଲେ । ସେଇ ଲେଖା ପ୍ରଭାବରୁ ଗଡ଼ଜାତରେ ରାଜନୈତିକ ଚେତନା ଜାଗ୍ରତ ଓ ଉଦ୍‌ବୁଦ୍ଧ ହେଲା । 'ପ୍ରଜା ମଣ୍ଡଳ' ଗଢ଼ାଯାଇ ଶେଷ ପରିଣତି ଯାହା ହେଲା, ତା' କାହାକୁ ଅବିଦିତ ନୁହେଁ । ଏଠାରେ ଲକ୍ଷ୍ୟ କରିବାର କଥା—ସେ ସମୟରେ କୌଣସି ମାସିକ ପତ୍ରିକା ଓ ସମ୍ବାଦପତ୍ର ଉକ୍ତ ଲେଖାକୁ ପ୍ରକାଶ କରିବାରେ ନୈତିକ

Digitized by PPRACHIN, SOA

ସାହସ ଦେଖାଇ ନ ଥିଲେ । ସେଇ ଲେଖାରୁ କେତେକାଂଶ ଏଠାରେ ଦିଆଗଲେ, କଂଚଟ୍ ଘରସମ୍ୟ ହରାଇଲେ ହେଁ, ଅପ୍ରାସଙ୍ଗିକ ହେବନାହିଁ 'ସ୍ୱପ୍ନରେ ରାଜଯୋଗ' (୩) — "ସେଇଥିରୁ କ'ଣ ହେଲକି, ମୁଁ ଓ ମୋ ସହକର୍ମୀ, ସହଧର୍ମୀ ଭାଇମାନେ ଆମ ଉଆସ ଆଡ଼େ ସମସ୍ତେ ଗୋଟିଏ ବୈଠକ କଲୁ । × × × ଆମେ ରକ୍ଷଣଶୀଳ ହିନ୍ଦୁ ସମାଜରେ ଥାଇ ମଧ୍ୟ, ଚଡ଼ା ଚଇତା ଲଗାଇ ମଧ୍ୟ କପଟ ସର୍ବଧର୍ମ ସମନ୍ୱୟ, ସର୍ବପେୟ ସମନ୍ୱୟ, ସର୍ବପରିଧେୟ ସମନ୍ୱୟ କରି ହିନ୍ଦୁ ଧର୍ମର ଓ ହିନ୍ଦୁ ସମାଜର ରକ୍ଷଣଶୀଳତାରେ ଉଦାର-ନୈତିକତା ପୂରାଇବା ପାଇଁ କସରତ୍ କରୁଅଛୁଁ । ହିନ୍ଦୁର ସାମାଜିକ ପ୍ରଥାରେ ଦେଢ଼ଶୁର ଭାଇବୋହୂଙ୍କର ଦେଖାସାକ୍ଷାତ ଓ ବାକ୍ୟାଳାପ ନିଷିଦ୍ଧ, କିନ୍ତୁ ଯେଉଁ ଯେଉଁ ସମାଜରେ ଏହି ଅନ୍ଧ କଣ୍ଟକଣାମାନ ନାହିଁ, ସେହି ସେହି ପୋଷାକ ପିନ୍ଧ ଓ ତତ୍ ସାମାଜିକ କର୍ମମାନ ଆଚରଣ କଲାବେଳେ ମୋର ଓ ମୋ ଭାଇବୋହୂଂକ ମଧ୍ୟରେ କର ମର୍ଦ୍ଦନ, ଘରମର୍ଦ୍ଦନ, ପରମର୍ଦ୍ଦନ, ଚରମର୍ଦ୍ଦନ, ଧରମର୍ଦ୍ଦନରେ ଆଇନ୍ ଅନୁସାରେ ବାଧା ନ ଥାଏ । ପାଠକମାନେ ଟିକିଏ ସିଆଣିଆ ନ ହେଲେ ଚଳିବ କିଆଁ ? ଏଇ, ଦେଖନ୍ତୁ ମୁଁ ଓ ମୋର ଭାଇମାନେ ଓ ଆମ ପାଟମହାଦେଈ, ଫୁଲବେହ୍ନା, ଫଳବେହ୍ନା, ପତର ବେହ୍ନା, ଡାଳ ବେହ୍ନା, ଲତା ବେହ୍ନାଂକ ସଙ୍ଗେ ମୋ ଭାଇବୋହୂ ଅର୍ଥାତ୍ ମାଈପିମାନେ ଓ ଆମେ ମର୍ଦ୍ଦମାନେ ଏକ୍ଷ ସ୍ଥାନରେ ଗୋଟାଏ ବଇଠକ କଲୁ । × × × ସେହି ବୈଠକରେ ଉପସ୍ଥିତ ଓ ଉପସ୍ଥିତା ବିବାହିତ, ବିବାହିତା; ଅବିବାହିତ, ଅବିବାହିତା; ଧବା ଓ ଅଧବା, ସଭ୍ୟ ଓ ସଭ୍ୟା, ଅସଭ୍ୟ ଓ ଅସଭ୍ୟା, ସମସ୍ତଂକ ସମ୍ମତିମତେ ଆମ ପାଳବଣ୍ଡା ମନ୍ତ୍ରୀଂକ ମୁହଁରୁ ମୁଁ ସ୍ପ୍ରିଙ୍ଗ୍ ଲଗା ପାଳଚୁଣ୍ଡାକୁ ଟିକିଏ ଢ଼ିଗୁଳା କରିଦେଲି ଓ ତାଂକ ମୁହଁ ଜଳାରୁ ଅନେକ ହୁଆଁହୁଆ ଉପଦେଶ, ନିର୍ଦ୍ଦେଶ; ବ୍ୟପଦେଶ, ଓ ବହିର୍ଦ୍ଦେଶ ଝର ଭଳିଆ

Digitized by PPRACHIN, SOA

ତାହାଙ୍କର ଓ ସେ ସବୁ ଅମକୁ ଏତେ ମିଠା ଲାଗିଲା ଯେ ଆମେ ସାହିଙ୍ଗେ ସାହିଙ୍ଗେ ସେ କଥାମାନ ଗ୍ରହଣ କଲୁଁ । × × ଆମର ସେହି ଫୁଲ ବେଞ୍ଚରେ ନିମ୍ନଲିଖିତ ପ୍ରସ୍ତାବମାନ ନିର୍ଦ୍ଧାରିତ ହେଲା ।

୧ । ଆମ ରାଜଧାନୀକୁ ଅନ୍ୟ ଦେଶର ଯେତେ ଭଦ୍ରଲୋକ ଓ ବିଶେଷତଃ ଦେଶର ମାନ୍ୟଗଣ୍ୟ ଓ ସମ୍ମାନିତ ଉଚ୍ଚ ଉପାଧିଧାରୀ ବ୍ୟକ୍ତିମାନେ ଆସିବେ, ସେ ସମସ୍ତଙ୍କ ପଛ ପଟରେ ତାଙ୍କ ଅଜାଣତରେ ହେଉ ଓ ଅଜାଣତରେ ହୋଇ ନ ପାରିଲେ, ଜାଣତରେ ହେଉ, ଗୋଟିଏ ହିସାବରେ ଲେଖାଏଁ ଗଧଆଁ ଦାଗ ମାରିବାକୁ ହେବ, ଯେପରିକି ସେମାନେ ଏଠାରୁ ଫେରିଯାଇ ଆମରଣ ଆମର ଯଶ ଧୋଉଥିବେ ଓ ଗୁଣ ଗାଉଥିବେ ଓ ଗଧଆଁ ଦାଗକୁ ଆଉଁସୁଥିବେ ।

× × ×

୩ । (କ) ମନୁଷ୍ୟ ଦେହରେ ଫୁଟିଲା ପାଣି ଗୁଡ଼ାଏ ହଠାତ୍ ଅଜାଡ଼ି ଦେବା ।

(ଖ) ଦାଢ଼ି ମୁଛଥିବା ବ୍ୟକ୍ତିଙ୍କର ପାଖେ ଦାଢ଼ି ଓ ପାଖେ ମୁଛ (ଓଡ଼ାଙ୍କ ମେଲ୍‌ଙ୍କ ହିସାବରେ ୮ଟି ପ୍ରକାରରେ ପଟେ ଦାଢି ଓ ପଟେ ମୁଛକୁ ସଜାଯାଇ ପାରେ)କୁ ଖିଅର କରି ଆଉ ପାଖର କେବଳ ଦାଢ଼ି ବା କେବଳ ମୁଛ ବା ଉଭୟ ମୁଛ ଦାଢିକୁ ଖିଅର ନ କରି ସେ ଅର୍ଦ୍ଧମୁଣ୍ଡିତ ବ୍ୟକ୍ତିଙ୍କୁ ସାଧାରଣରେ ଛାଡ଼ି ଦେବାକୁ ହେବ ।

× × ×

(ଘ) ପଞ୍ଚାଏ ଲୋକଙ୍କୁ ଧରିଆଣି ସେମାନଙ୍କୁ ପଛବୁହା (ପଛକୁ ହାତ) କରି ବାନ୍ଧି, ସେମାନଙ୍କର ସ୍ଥାନ ଅସ୍ଥାନକୁ ଖୁବ୍ ଯୋରିକରି ମଳିବା ଓ ଦଳିବା ପାଇଁ ସିପାହୀମାନଙ୍କୁ ଆଦେଶ ଦିଆଯିବ ଓ ସେ ପ୍ରମୃଷ୍ଟ ବ୍ୟକ୍ତିମାନେ ବେହୋସ ହେବା ପର୍ଯ୍ୟନ୍ତ, ଦଳନ ମଳନ କ୍ରିୟା ଚାଲିଥିବ । ଯେବେ କୌଣସି ନିମକହାରାମ୍ ସିପାହୀ ଏ କ୍ରିୟା

Digitized by PPRACHIN, SOA

ସଂପାଦନରେ ବିମୁଖ ବା ଅସମର୍ଥ ଦେଖାଯିବ ତେବେ ଉକ୍ତ କ୍ରିୟା 'ଶ୍ରୀହସ୍ତେନ ସଂପାଦୟେତ୍' କହାଯିବ ।

(ଙ) ଏକାଥରକେ ପାଞ୍ଚ ସାତଟି ବିବାହିତ ଦମ୍ପତିଙ୍କୁ ଆଣି ଚଷା ଓ ଶଗଡଆମାନେ ହଳର ଓ ଶଗଡର ଯୋଡ଼ି ବଳଦଙ୍କୁ ଅଦଳ ବଦଳ କଲାପରି, ଜଣକର ସ୍ତ୍ରୀକୁ ଆଉ ଜଣକ ପୁରୁଷ ସଙ୍ଗେ ଯୋଡ଼, ବିଯୋଡ଼, ଫେଡାଣ, ମିଶାଣ, ହରଣ, ଗୁଣନ, ଶୋଧ, ଓଡ଼ାଙ୍କ, ମେଲାଙ୍କ, ବଳହଆ ହିସାବ, ସମୀକରଣ ଆଦି ଗାଣିତିକ ଓ ବୀଜ-ଗାଣିତିକ ପ୍ରକ୍ରିୟା ଦ୍ୱାରା ସେମାନଙ୍କୁ ଛନ୍ଦିବାକୁ ହେବ ।" X X X ଏହି ବ୍ୟଙ୍ଗ ବିଦ୍ରୂପ ଲେଖା, ସେ ସମୟରେ ଓଡ଼ିଶାରେ ଚହଳ ପକାଇ ଦେଇଥିଲା ।

ଲୋକରେ 'ନବଭାରତ'ର ପ୍ରତିଷ୍ଠା ଓ ଆଦର :

"ନବଭାରତ" ଓଡ଼ିଶାର ପ୍ରତିଷ୍ଠିତ ଲେଖକମାନଙ୍କ ଲେଖାରେ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେବାରେ ଲାଗିଲା ଓ ଗବେଷଣା-ମୂଳକ ପାଣ୍ଡିତ୍ୟ ପୂର୍ଣ୍ଣ ଲେଖା ଯୋଗୁଁ ଏହି ମାସିକପତ୍ରର ଆଦର ଓଡ଼ିଶାରେ ବଢ଼ିବାରେ ଲାଗିଲା । ତା ସଙ୍ଗେ ସଙ୍ଗେ ପୂର୍ବ ପ୍ରକାଶିତ "ଉତ୍କଳ ସାହିତ୍ୟ" ମାସିକ ପତ୍ରର ପ୍ରତିଷ୍ଠା କ୍ଷୀଣରୁ କ୍ଷୀଣତର ହେଲା । ବାସ୍ତବିକ 'ନବଭାରତ' ଭଳି ମାସିକ ପତ୍ର ଏଥିପୂର୍ବରୁ ବା ପରେ ପ୍ରକାଶ ପାଇନାହିଁ କହିଲେ, ସତ୍ୟର ଅପଳାପ ହେବନାହିଁ । 'ନବ-ଭାରତ' ନୂତନ ପ୍ରସ୍ଥ ଭାବରେ ପୁଣି ପ୍ରକାଶ ପାଇଲା, ୧୯୪୭ ଅକ୍ଟୋବର ମାସରେ 'ଦୈନିକ ନବଭାରତ' ବନ୍ଦ ହେବା ପରେ । ଏହାର ଉପାଦେୟତା ସମ୍ବନ୍ଧରେ ଡଃ. ଶ୍ରୀ ରାମଚନ୍ଦ୍ର ଦାଶଂକ ଲେଖାରୁ ଆମେ ଏଠାରେ କେତେକ ଅଂଶ ଉଦ୍ଧାର କରୁଛୁ ।

"ଓଡ଼ିଶାର ପ୍ରତ୍ୟେକ ବର୍ଷୀୟାନ ସାହିତ୍ୟିକ ଜାଣନ୍ତି ଯେ, ଯାହାଙ୍କ ଲେଖା 'ଉତ୍କଳ ସାହିତ୍ୟ'ର ପ୍ରଖ୍ୟାତ ସଂପାଦକ ବିଶ୍ୱନାଥ

Digitized by PPRACHIN, SOA

ଭରଂକ ନାଲି ପେନ୍ସିଲକୁ ଅତିକ୍ରମ କରି ପ୍ରକାଶିତ ହୋଇଥିଲା, ସେ ସାହିତ୍ୟିକ ଶ୍ରେଣୀରେ ସ୍ଥାନ ପାଉଥିଲା । ସେତେବେଳେ ପ୍ରକାଶ ପାଉଥିବା 'ମୁକୁର'ର ସମ୍ପାଦକ ବ୍ରଜସୁନ୍ଦର ଦାସଂକର ମଧ୍ୟ ଏଭଳି ସମ୍ପାଦକୀୟ ଖ୍ୟାତି ନଥିଲା । 'ଉତ୍କଳ ସାହିତ୍ୟ'ର ତିରୋଧାନ ପରେ 'ନବଭାରତ' ହୋଇଲା ଗୋଟିଏ ଅଭିଜାତ ମାସିକ । ମନେ ନୀଳକଣ୍ଠ ଆଧୁନିକ କବିତାର ତୀବ୍ର ବିରୋଧୀ ଥିଲେ । ଉଦୟୀ ମିଳନ କରି କେହି କବିତା ଲେଖିଲେ ସେ ସେଥିପ୍ରତି ଦୃଷ୍ଟି ନିକ୍ଷେପ ବି କରୁ ନଥିଲେ । ବିଶିଷ୍ଟ ସାହିତ୍ୟିକ ରୂପେ ବିବେଚିତ ଲେଖକ ବୃନ୍ଦ 'ନବଭାରତ' ଲାଗି ପ୍ରବନ୍ଧ ପଠାଇ ତାହା ପ୍ରକାଶିତ ହେବା ପର୍ଯ୍ୟନ୍ତ ଅଣନିଶ୍ୱାସୀ ହୋଇ ପ୍ରତୀକ୍ଷା କରୁଥିଲେ, କାରଣ ନୀଳକଣ୍ଠ ଲେଖା ଉପରେ ଗୁରୁତ୍ୱ ଦେଉଥିଲେ, ଲେଖକଙ୍କ ଉପରେ ନୁହେଁ । ଅନେକ ଲେଖାକୁ ସେ ଆମୂଳଚୂଳ ପରିବର୍ତ୍ତନ କରି ଦେଉଥିଲେ; ବେଳେବେଳେ ଲେଖକମାନଙ୍କୁ ମୁଦ୍ରଣାଳୟକୁ ନିମନ୍ତ୍ରଣ କରି ତାଙ୍କ ଲେଖାର ଦୋଷଗୁଣ ବିଷୟରେ ମିଠା-କଡ଼ା ଶୁଣାଇ ଦେଉଥିଲେ । ବିଶ୍ୱନାଥ କରଂକ ପରେ ସେ ଏକମାତ୍ର ସାହସୀ ସମ୍ପାଦକ ଥିଲେ, ଯେ କି ଆତ୍ମାଭିମାନୀ ଲେଖକ ମାନଙ୍କୁ ଶିକ୍ଷା ଦେଇ ପାରୁଥିଲେ ।

'ନବଭାରତ' ଓ ପଣ୍ଡିତ ନୀଳକଣ୍ଠ ଦାସ :

ନୀଳକଂଠଂକର ପ୍ରଥମ ଜୀବନର ସାହିତ୍ୟିକ ଓ ସମାଜ ଗଠନ ସମ୍ପର୍କୀୟ କୃତିର ମୂଲ୍ୟାୟନ ନିମନ୍ତେ ତାଂକର ସତ୍ୟବାଦୀ ସ୍କୁଲ ସମୟକୁ ଯେପରି ବାଦ ଦିଆଯାଇ ପାରେ ନାହିଁ, ସେହିପରି ତାଂକ ଉତ୍ତର ଜୀବନର ସାହିତ୍ୟିକ ତଥା ରାଜନୈତିକ କୃତି ଓ ଭାବ ଧାରାର ମୂଲ୍ୟାୟନ ନିମନ୍ତେ 'ନବଭାରତ'ର ପୃଷ୍ଠା ଗୁଡ଼ିକ ବାଦ ଦିଆଯାଇ ପାରିବ ନାହିଁ । ବାସ୍ତବରେ 'ନବଭାରତ' ହିଁ ୧୯୩୪ରୁ ୧୯୫୧ ପର୍ଯ୍ୟନ୍ତ ଦୀର୍ଘ ୧୮ ବର୍ଷ ଧରି ପଣ୍ଡିତ ନୀଳକଣ୍ଠଂକର ଭାବଧାରା

Digitized by PPRACHIN, SOA

ବାହକ ଥିଲ ଓ 'ନବଭାରତ ପ୍ରେସ' ହିଁ ଥିଲା, ତାଙ୍କର ଏହି ସମୟର ଶ୍ରେଷ୍ଠ କର୍ମସ୍ଥଳ । ୧୯୩୪ରୁ ୧୯୪୨ କୁଆର ପୂର୍ଣ୍ଣମୀ ସଂଖ୍ୟାଯାଏ ଓ ପରେ ୧୯୪୬ ଅକ୍ଟୋବରରୁ ୧୯୫୧ ମାର୍ଚ୍ଚ ଯାଏ ଏହା ମାସିକ ପତ୍ରିକା ରୂପେ ପ୍ରକାଶ ପାଉଥିଲା, ଯଦ୍ୟପି ଏହାର ପ୍ରକାଶନରେ ବିଭିନ୍ନ କାରଣ ହେତୁ ସାମୟିକ ବ୍ୟତିକ୍ରମ ଦେଖା ଦେଇଥିଲା । ଉପରୋକ୍ତ ଉକ୍ତିରୁ ଉଭୟ ଓଡ଼ିଆ ସାହିତ୍ୟ, ଜନ ଜୀବନ ତଥା ଓଡ଼ିଶାର ରାଜନୀତି ପ୍ରତି ଏଇ ପତ୍ରିକାର ଅବଦାନ ସୁସ୍ପଷ୍ଟ ।

ସାପ୍ତାହିକ 'ଲୋକମତ' ଓ ଦୈନିକ 'ନବଭାରତ' :

ଏ ଉଭୟ ପତ୍ରିକା 'ନବଭାରତ' ପ୍ରେସରୁ ପ୍ରକାଶ ପାଉଥିଲା ଓ ଉଭୟେ ପଣ୍ଡିତ ନୀଳକଣ୍ଠଙ୍କର ମୁଖ୍ୟତଃ ରାଜନୈତିକ ମତବାଦର ବାହକ ଥିଲେ । ୧୯୩୭ ମସିହାର ପ୍ରାଦେଶିକ ନିର୍ବାଚନ ପୂର୍ବରୁ ଜନମତକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ପ୍ରକାଶ ପାଇଲା, ସାପ୍ତାହିକ 'ଲୋକମତ' ୧୯୩୬ ମସିହାରେ ପଣ୍ଡିତ ନୀଳକଣ୍ଠ ସେତେବେଳେ କେନ୍ଦ୍ର ବିଧାନ ସଭାର ସଭ୍ୟ, ଓଡ଼ିଶା କଂଗ୍ରେସର କର୍ତ୍ତା ଥାଇ ପ୍ରାଦେଶିକ ନିର୍ବାଚନର ଦାୟିତ୍ୱରେ ଥିଲେ । କହିବା ବାହୁଲ୍ୟ ଯେ ଏଇ 'ଲୋକମତ'ର ପରିପ୍ରଚାର ସାହାଯ୍ୟରେ ନୀଳକଣ୍ଠ ଓଡ଼ିଶାରୁ ୩୭ ଜଣ ପ୍ରାର୍ଥୀଙ୍କୁ କଂଗ୍ରେସ ତରଫରୁ ନିର୍ବାଚନରେ ଅବତୀର୍ଣ୍ଣ କରାଇ ୩୬ ଜଣଙ୍କୁ ଜୟଯୁକ୍ତ କରାଇ ପାରିଥିଲେ । ଏଇ ସାପ୍ତାହିକ ପତ୍ରିକାଟି ପ୍ରେସର କେତେକ ଅସୁବିଧା ଯୋଗ ୧୯୪୦ ମସିହାରେ ବନ୍ଦ ହୋଇଗଲା ।

ଏହା ପରେ ପରେ ଦେଶର ରାଜନୀତି ଏକ ନୂତନ ମୋଡ଼ ନେଲା ଓ ନୀଳକଣ୍ଠଙ୍କ ଭାବଧାରାର ବାହକ ହେଲା 'ଦୈନିକ ନବଭାରତ

ବିଶ୍ୱଯୁଦ୍ଧର ଆରମ୍ଭରେ ଭାରତକୁ ସ୍ୱାଧୀନତା ଦେବା କଥାରେ ଇଂରେଜଙ୍କୁ ଯୁଦ୍ଧରେ ସାହାଯ୍ୟ କରିବା ନେଇ ଦେଶରେ ଦୁଇଟି ମତ

Digitized by PPRACHIN, SOA

ପ୍ରକାଶ ପାଇଲା । ଇଂରେଜମାନେ ଭାରତକୁ କେବେ ସ୍ୱାଧୀନତା ଦଆଯିବ ସେ କଥା ସ୍ପଷ୍ଟ ନ କରିବାରୁ କଂଗ୍ରେସର ନିର୍ଦ୍ଦେଶରେ ପ୍ରାଦେଶିକ କଂଗ୍ରେସ ସରକାରମାନେ ଇସ୍ତଫା ଦେଲେ । ଫରଓ୍ୱାର୍ଡ୍ ବ୍ଲକ୍ ନେତା ସୁଭାଷ ଚନ୍ଦ୍ର ବୋଷ ମଧ୍ୟ ଇଂରେଜମାନେ ଭାରତକୁ ସ୍ୱେଚ୍ଛାପ୍ରଣୋଦିତ ଭାବରେ ସ୍ୱାଧୀନତା ଦେବେ ନାହିଁ ବୋଲି ଉପଲବ୍ଧି କରି ଏଥିଲାଗି ଶତ୍ରୁପକ୍ଷ (ଜାପାନ୍)ର ସହାୟତା ଲୋଡ଼ିଲେ ଓ ଯୁଦ୍ଧରେ ଜାପାନ ସହାୟତାରେ ପୂର୍ବପଟରୁ ଭାରତରେ ଅନୁପ୍ରବେଶ ଦ୍ୱାରା ଭାରତର ସ୍ୱାଧୀନତା ଶୀଘ୍ର ହାସଲ ହୋଇ ପାରିବ ବୋଲି ବିଶ୍ୱାସ କଲେ । ପଣ୍ଡିତ ନୀଳକଣ୍ଠ ଓ ତାଂକ ସହକର୍ମୀମାନଂକ ସହିତ ତାଂକର କଲିକତାରେ ଆଲୋଚନା ହେଲା ଓ ତାଂକ ନିର୍ଦ୍ଦେଶରେ ନୀଳକଣ୍ଠଙ୍କ ପ୍ରଚେଷ୍ଟାରେ ପାରଳା ମହାରାଜାଂକ ନେତୃତ୍ୱରେ ଓଡ଼ିଶାରେ ଗୋଟିଏ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏ ସମ୍ବନ୍ଧରେ ଡଃ. ଶ୍ରୀ ରାମଚନ୍ଦ୍ର ଦାଶ ଲେଖିଛନ୍ତି—"ସରକାରୀ ମତ ଓ ଉଦ୍ଦେଶ୍ୟକୁ ଜନପ୍ରିୟ କରିବା ଲାଗି ନୀଳକଣ୍ଠ ଗୋଟିଏ ଦୈନିକ ପତ୍ରିକାର ଆବଶ୍ୟକତା ଉପଲବ୍ଧି କଲେ । ଏହିଠାରେ ହେଲା ଦୈନିକ 'ନବ-ଭାରତ'ର ଜନ୍ମ ୧୯୪୧ ମସିହାରେ । ନୀଳକଣ୍ଠ ଯୁଦ୍ଧ ସମୟରେ ମହାତ୍ମା ଗାନ୍ଧିଙ୍କ ବ୍ୟକ୍ତିଗତ ଅସହଯୋଗ ଆନ୍ଦୋଳନ ପ୍ରତି ବିମୁଖ ଥିଲେ ଏବଂ ସେ ଏହା ବିରୋଧରେ ବଳିଷ୍ଠ ଲୋକମତ ମଧ୍ୟ ଗଠନ କରିଥିଲେ । ସୁଭାଷ ଚନ୍ଦ୍ର ବୋଷଂକ ନୀତିରେ ଅନୁପ୍ରାଣିତ ହୋଇ ସେ ଯେ କେବଳ ମିଳିତ ମନ୍ତ୍ରୀମଣ୍ଡଳର ପୁରୋଧା ହେଲେ ସେତିକି ନୁହେଁ, ସେ ନିଜେ ୧୯୪୨ ଅପ୍ରେଲ ମାସରେ ଜାତୀୟ ସମର ସାମୁଖ୍ୟର ନେତୃତ୍ୱ ଗ୍ରହଣ କଲେ । ୧୯୪୨ର 'ଭାରତ ଛାଡ଼' ଆନ୍ଦୋଳନ ବେଳେ ଭାରତବାସୀ ଅର୍ଦ୍ଧଗୁପ୍ତ ଭାବରେ ଆତ୍ମନିୟୋଗ ଜାପାନକୁ ନିଜ ସ୍ୱାଧୀନତା ଅର୍ପଣ କରି ଦେଉଛନ୍ତି ବୋଲି ବିଗୁଡ଼ି କଂଗ୍ରେସର ନେତୃତ୍ୱ ବା ନେତୃତ୍ୱହୀନତା ଯୋଗୁଁ ଯେଉଁ ବିପୁଳ ଧ୍ୱଂସଲୀଳା

Digitized by PPRACHIN, SOA

ବିଭିନ୍ନ ପ୍ରାନ୍ତରେ ପରିଲକ୍ଷିତ ହୋଇଥିଲା, 'ନବଭାରତ' ମାଧ୍ୟମରେ ସେ ତାହାର ତୀବ୍ର ବିରୋଧ କରିଥିଲେ ।"

ପଣ୍ଡିତ ନୀଳକଣ୍ଠଙ୍କର ନିର୍ମଳ ସାମ୍ବାଦିକତାର ଏକ ଉଦାହରଣ :

ଡଃ. ଶ୍ରୀ ରାମଚନ୍ଦ୍ର ଦାଶ ପଣ୍ଡିତ ନୀଳକଣ୍ଠଙ୍କର ହଳ୍ଦିବାଡ଼ି ରହଣି କାଳରେ ଦୈନିକ 'ନବଭାରତ'ର ସମ୍ପାଦନା ଦାୟିତ୍ୱରେ ଥିଲେ । ସେ ଲେଖିଚନ୍ତି, "୧୯୪୨ ଆନ୍ଦୋଳନ ବେଳେ 'ସମାଜ' ବିଶେଷ ଅତ୍ୟାଚରିତ ହୋଇଥିଲା । ପଣ୍ଡିତ ଲିଙ୍ଗରାଜ କାରାରୁଦ୍ଧ ହୋଇ ସାରିଥିଲେ । ତାଂକ ପରେ ପରେ ଶ୍ରୀଯୁକ୍ତ ରାଧାନାଥ ରଥ ଓ ଶ୍ରୀଯୁକ୍ତ ଉଦୟ ନାଥ ଷଡ଼ଙ୍ଗୀ କାରାବରଣ କଲେ । ସେତେବେଳେ କିଛି ଦିନ ପାଇଁ ବନ୍ଧୁ ସାମ୍ବାଦିକ ରାମଚନ୍ଦ୍ର ଦାସ 'ସମାଜ'ର ସମ୍ପାଦକ ହେଲେ । ଶେଷକୁ 'ସମାଜ' ପ୍ରାୟ ଚାରିମାସ କାଳ ବନ୍ଦ ହୋଇଗଲା । ନୀଳକଣ୍ଠ 'ସମାଜ'କୁ 'ନବଭାରତ'ର ଜ୍ୟେଷ୍ଠ ଭ୍ରାତା ରୂପେ ବିବେଚନା କରୁଥିଲେ । ତେଣୁ ତାଂକର ନିର୍ଦ୍ଦେଶ ଥିଲା ଯେ 'ସମାଜ' ପ୍ରକାଶିତ ହେଉଥିଲେ ଯେଉଁ ସବୁ ସମ୍ବାଦ ପରିବେଷଣ କରୁଥାନ୍ତା ଓ ଯେଉଁ ଯେଉଁ ଅଞ୍ଚଳ ପ୍ରତି ଗୁରୁତ୍ୱ ଦେଉଥାନ୍ତା, ତାହାକୁ ସ୍ମରଣ ରଖି ସମ୍ବାଦ ପରିବେଷଣ କରିବାକୁ ହେବ । କଟକ ମେଡ଼ିକାଲ ସ୍କୁଲ୍ ହାସପାତାଲରେ ଶ୍ରୀଯୁକ୍ତ ରାଧାନାଥ ରଥଂକ ଜ୍ୟେଷ୍ଠପୁତ୍ର ପୀଡ଼ିତ ଥିବା ଅବସ୍ଥାରେ ତାଙ୍କୁ ଗିରଫ କରା ହୋଇଥିଲା । ଏଭଳି କାର୍ଯ୍ୟ ପ୍ରଣାଳୀ ବିରୋଧରେ ସେ ଯେ ନିଜେ ତାଙ୍କ ସମ୍ବାଦ ପ୍ରକାଶ କରାଇଥିଲେ, ସେତିକି ନୁହେଁ; ପୋଲିସର ଏତାଦୃଶ କାର୍ଯ୍ୟବିଧି ବିରୋଧରେ ଗୃହ ମନ୍ତ୍ରୀ ଗୋଦାବରୀଶଙ୍କୁ ସତର୍କ କରି ଦେଇଥିଲେ । ତାଂକ ନିଜ କହିବାନୁସାରେ 'ସମାଜ' ଓ 'ନବଭାରତ' ଗୋଟିଏ ବୃନ୍ତର ଦୁଇଟି ପୁଷ୍ପ, ଯେହେତୁ ତାଂକ ପାଖରୁ ଗୋପବନ୍ଧୁ 'ସମାଜ'ର ପ୍ରତିଷ୍ଠାତା

Digitized by PPRACHIN, SOA

ତେଣୁ ପଣ୍ଡିତ ନୀଳକଣ୍ଠ କେବଳ ଯେ ନିଜେ ସାମ୍ବାଦିକ ଥିଲେ, ତାହା ନୁହେଁ, ତାଂକ ସାମ୍ବାଦିକ ବନ୍ଧୁମାନଙ୍କ ପ୍ରତି ମଧ୍ୟ ସହାନୁଭୂତି-ଶୀଳ ଥିଲେ ।”

ସେ ପୁଣି ଲେଖିଛନ୍ତି, ଯେ କୌଣସି ଦୈନିକ ସମ୍ବାଦପତ୍ରର ସଂପାଦକ ଜାଣନ୍ତି ବିଜ୍ଞାପନ ହିଁ ଦୈନିକ ପତ୍ରିକାର ମୁଖ୍ୟ ଅଗ୍ରପ୍ତି । କେବଳ ଗ୍ରାହକମାନଂକଠାରୁ ଆୟ କରି କୌଣସି ଦୈନିକ ପତ୍ରିକା ଆତ୍ମନିର୍ଭରଶୀଳ ହୋଇ ପାରିବ ନାହିଁ । ୧୯୪୨ରେ ‘ନବଭାରତ’ ପ୍ରକାଶିତ ହେଉଥିବା ବେଳେ ଲକ୍ଷ୍ୟ ଥିଲା, ସମାଦ, ପରିବେଷଣ ଓ ଲୋକମତ ଗଠନ । ‘ସମାଜ’ ବନ୍ଦ ହୋଇଯିବାରୁ ଅନ୍ୟ କୌଣସି ପ୍ରତିଦ୍ୱନ୍ଦୀ ସମ୍ବାଦପତ୍ର ମଧ୍ୟ ନ ଥିଲା । ‘ନବଭାରତ’ ଥିଲା ସରକାରୀ ଦଳର ମୁଖପତ୍ର ଓ ଅପ୍ରତିଦ୍ୱନ୍ଦୀ ସମ୍ବାଦପତ୍ର । ଆମେ ଚେଷ୍ଟା କରିଥିଲେ ବିଜ୍ଞାପନରୁ ଯଥେଷ୍ଟ ଆୟ କରି ପାରିଥାନ୍ତୁ । କିନ୍ତୁ ପାଠକ ବର୍ଗୀଂକ ସମ୍ବାଦ ଜିଜ୍ଞାସା ପୂର୍ଣମାତ୍ରାରେ ପୂରଣ କରିବା ଉଦ୍ଦେଶ୍ୟରେ ନୀଳକଣ୍ଠ ବିଜ୍ଞାପନ ଲାଗି ବେଶି ସ୍ଥାନ ଦେବାକୁ ବାରଣ କରିଥିଲେ । ସରକାରୀ କର୍ମଚାରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟେକ ଦୈନିକ କାଗଜ ବିନା ମୂଲ୍ୟରେ ଦିଆଯାଏ । ସେଥିପାଇଁ ସମ୍ବାଦ ପତ୍ରକୁ ସରକାରୀ ଦାନ ମିଳେ । ନୀଳକଣ୍ଠଙ୍କର ଅଭିପ୍ରାୟ ଥିଲା ଯେ ଆମେ ବିଜ୍ଞାପନରୁ ଯେଉଁ ଆୟ କରିଥାନ୍ତୁ, ତାହା ସରକାରଂକ ଅନ୍ୟଥା ଦାନ ସୂତ୍ରରେ ମିଳୁଥିବାରୁ ପୁନର୍ବାର ବିଜ୍ଞାପନରୁ ଆୟ କରିବା ଅନୈତିକତା ହେବ । ଫଳରେ ମିଳୁଥିବା ବିଜ୍ଞାପନକୁ ତ୍ୟାଗ କରିବାକୁ ହେଉଥିଲା ।

ଆଦର୍ଶବାଦୀ ଭାବରେ କୌଣସି ବ୍ୟବସାୟୀ ଅନୁଷ୍ଠାନ ଚଳେ ନାହିଁ । ତେଣୁ କ୍ରମାଗତ ଭାବେ କ୍ଷତିଗ୍ରସ୍ତ ହେବା ଫଳରେ ଓ ତତ୍କାଳୀନ କଂଗ୍ରେସ ସରକାରଂକ ବୈମାତୃକ ଭାବ ହେତୁ ଦୈନିକ ‘ନବଭାରତ’ ବନ୍ଦ ହୋଇଗଲା । ସେତେବେଳେ ନୀଳକଣ୍ଠଙ୍କୁ କଲମ

Digitized by PPRACHIN, SOA

ଚଳନା ଲାଗି ଅନ୍ୟ ସୁବିଧା ନ ମିଳିବାରୁ ସେ ମାସିକ 'ନବଭାରତ' ପ୍ରକାଶନରେ ପୁଣି ମନୋନିବେଶ କଲେ ଓ ଏହା ୧୯୪୭ ମସିହା ଅକ୍ଟୋବର ମସରୁ 'ନବଭାରତ-ନୂତନ ପ୍ରସ୍ଥ' ଭାବେ ୧୯୫୧ ଅକ୍ଟୋବର ଯାଏ ଚାଲିବା ପରେ ଉପଯୁକ୍ତ ଲେଖା ଅଭାବରୁ ନୀଳକଣ୍ଠ ତାଙ୍କର ବାର୍ଦ୍ଧକ୍ୟରେ ତାହାର ପ୍ରକାଶନ ମଧ୍ୟ ବନ୍ଦ କରିଦେଲେ । ଏବେ ଏହି ସ୍ୱନାମଧନ୍ୟ ମାସିକ 'ନବଭାରତ' ବେଳେ ବେଳେ 'ସମାଜ'ର ଶନିବାରିଆ ସଂସ୍କରଣରେ ସପ୍ତମ ପୃଷ୍ଠାରେ ଆବଦ୍ଧ ।"

ଅବଶ୍ୟ ଏଥିଲାଗି ପଣ୍ଡିତ ନୀଳକଣ୍ଠ 'ନବଭାରତ' ପ୍ରେସଟିକୁ ଲୋକସେବକ ମଣ୍ଡଳ ହାତରେ ସମର୍ପି ଦେଇଥିଲେ ଓ ସେଥିପାଇଁ ସେତେବେଳ ଲୋକ ସେବକ ମଣ୍ଡଳର ସଭାପତି ଶ୍ରୀଯୁକ୍ତ ଲାଲ ବାହାଦୁର ଶାସ୍ତ୍ରୀ ପଣ୍ଡିତ ନୀଳକଣ୍ଠଙ୍କ ପାଖକୁ ଆସି ଆଲୋଚନା ମଧ୍ୟ କରିଥିଲେ । ହସ୍ତାନ୍ତରର ସର୍ତ୍ତମାନ ଆମମାନଙ୍କୁ ଅଜଣା । ତେବେ ପ୍ରତି ଶନିବାର 'ସମାଜ' ସଂଖ୍ୟାରେ 'ନବଭାରତ ନୂତନ ପ୍ରସ୍ଥ'ଟି ପ୍ରକାଶ ପାଇଲେ 'ସମାଜ'ର ଲକ୍ଷାଧିକ ପାଠକମାନଙ୍କୁ ଓଡ଼ିଆ ପ୍ରବନ୍ଧ ଜରିଆରେ ବିଭିନ୍ନ ବିଷୟରେ ଅବହିତ କରାଇବା ସଙ୍ଗେ ସଙ୍ଗେ 'ସମାଜ' ଯେ ପଣ୍ଡିତ ନୀଳକଣ୍ଠଙ୍କ ଅଭିପ୍ସା ପୂରଣ କରି ତାଙ୍କ ସ୍ମୃତି ରକ୍ଷାରେ ସହାୟକ ହୁଅନ୍ତା, ଏହା କହିବା ବାହୁଲ୍ୟ ମାତ୍ର । ତେଣୁ ପ୍ରତି ଶନିବାର ଦିନ ଧାରାବାହିକ ଭାବରେ ନ ବାହାରିବା ଅତ୍ୟନ୍ତ କ୍ଷୋଭର ବିଷୟ ।

ଯାହାହେଲେ ମଧ୍ୟ ନୀଳକଣ୍ଠଙ୍କ ପରି ଜଣେ ସୁସାହିତ୍ୟିକ ସାମ୍ବାଦିକତା କ୍ଷେତ୍ରରେ ଯେଉଁ ପରମ୍ପରା ସୃଷ୍ଟି କରିଥିଲେ, ତାହାର ଆଉ ପୁନରାବୃତ୍ତି ହେବାର ସମ୍ଭାବନା ନାହିଁ ।

ନୀଳକଣ୍ଠଙ୍କ ସୃଜନୀର ବୈଶିଷ୍ଟ୍ୟ :

ଏ ସମସ୍ତ ଆଲୋଚନାରୁ ବୁଝାଯିବ ଯେ ଓଡ଼ିଆ ସାହିତ୍ୟ ଜଗତରେ ପଣ୍ଡିତ ନୀଳକଣ୍ଠ ଥିଲେ ଏକ ଅବିସ୍ମରଣୀୟ ସ୍ତମ୍ଭ ।

Digitized by PPRACHIN, SOA

ପ୍ରଥମ ଯୌବନରୁ ସାମାଜିକ ଜୀବନର ପ୍ରତ୍ୟେକ ଅଙ୍ଗନରେ ଲେଖମା ଶୃଙ୍ଖଳା କରି ସେ ସମକାଳୀନ ସମାଜରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲେ । ସତ୍ୟ-ଶିବ-ସୁନ୍ଦର ସମାଜର ପରିକଳ୍ପନା କରି ଗଣ-ଜୀବନର ନୈତିକ ବିକାଶ ପାଇଁ ସଦା ତତ୍ପର ଥିଲେ । ସତ୍ୟନିଷ୍ଠ ସତ୍ୟବାଦୀ ଗୋଷ୍ଠୀର ସେ ଥିଲେ ଅନ୍ୟତମ କର୍ଣ୍ଣଧାର, ପାଣ୍ଡିତ୍ୟ ଓ ପ୍ରତିଭାର ଏକ ବିକଶିତ ବ୍ୟକ୍ତିତ୍ୱ । ପ୍ରଚଳିତ ସାମାଜିକ ସ୍ୱିତମାନ ପ୍ରତି ବିଦ୍ରୋହ ନୀଳକଣ୍ଠଙ୍କ ଆଦ୍ୟ ସାହିତ୍ୟିକ ଜୀବନ ସଂସ୍କାରକରୁ ଆରମ୍ଭ ହୋଇ ନିଜ ଜାତିର ଐତିହ୍ୟକୁ ସୁଖ ପାଇବାରୁ କ୍ରମେ ଜାତୀୟତାକୁ ସମ୍ପ୍ରସାରିତ ହୋଇଛି । ଜୀବନର ମଧ୍ୟାହ୍ନରେ ଏକ ତେଜୋଦୀପ୍ତ ଭାବୁକର ଚେତନା ନେଇ ନିଜର ଧର୍ମ ସଂସ୍କୃତିକୁ ଆଲୋଚନା କଲାବେଳେ ନୀଳକଣ୍ଠ ଗବେଷକ ଓ ଦର୍ଶନମୁଖୀ ହୋଇ ଏହାର ମୂଲ୍ୟବୋଧ ଓ ସାମାଜିକ ଆବେଦନର ସନ୍ଧାନ କରିଅଛନ୍ତି । ରାଜନୈତିକ ଜୀବନର ବାଦବିସମ୍ବାଦ ମଧ୍ୟରେ ନୀଳକଣ୍ଠଙ୍କର ସାହିତ୍ୟ ସାଧନା ଅବହେଳିତ ନ ହୋଇ 'ନବଭାରତ'ରେ ନୂତନ ଦିଗନ୍ତର ସନ୍ଧାନ ଦେଇଛି ।

ସ୍ଥୂଳତଃ ନୀଳକଣ୍ଠଙ୍କ ସାହିତ୍ୟ ସାଧନା ଥିଲା ଚିରସ୍ରୋତା ଫଲ୍‌ଗୁ ପରି ଅବାରିତ ଏବଂ ସାହିତ୍ୟ କୃତି ଥିଲା ପରିମାଣ ତଥା ଗୁଣାତ୍ମକ ଦୃଷ୍ଟିରୁ ବିଶାଳ ଓ ହୃଦୟଗ୍ରାହୀ ସମାଜକୁ ସୁମାର୍ଗରେ ପରିଚାଳିତ କରି ଆନନ୍ଦ ପ୍ରଦାନ କରିବା ଯଦି ସାହିତ୍ୟର ଧର୍ମ ହୋଇଥାଏ, ନୀଳକଣ୍ଠଙ୍କ ପ୍ରତ୍ୟେକ ସାହିତ୍ୟ କୃତି ହିଁ ଏହାର ଏକ ଏକ ଜ୍ୱଳନ୍ତ ନିଦର୍ଶନ । କୋମଳମତି ଶିଶୁଠାରୁ ପ୍ରବୀଣ ଚିନ୍ତାଶୀଳ ବ୍ୟକ୍ତିତ୍ୱ ପର୍ଯ୍ୟନ୍ତ, ତରଳ ଯୁବପ୍ରାଣର ଚଞ୍ଚଳତାଠାରୁ ବୟସ୍କ ରାଜନୀତିଜ୍ଞଙ୍କ ପର୍ଯ୍ୟନ୍ତ ସବୁ ଶ୍ରେଣୀର ପାଠକମାନଙ୍କ ପାଇଁ ପଣ୍ଡିତଜୀଙ୍କର ସୃଷ୍ଟି ସ୍ୱାକ୍ଷର ବନ୍ଧୁ, ଦାର୍ଶନିକ ଓ ପଥ ପ୍ରଦର୍ଶକ (Friend, Philosopher and guide) ରୂପେ ସର୍ବଯୁଗୀୟ, ସର୍ବକାଳୀନ ଏବଂ ସବୁ ବୟସରେ ଆଦୃତ ହୋଇ ପାରିଛି ବୋଲି ଆମର ଦୃଢ଼ ବିଶ୍ୱାସ ।

—୦—

Digitized by PPRACHIN, SOA

ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ

ଚରିତ୍ର, ବୁଦ୍ଧି, ପାଣ୍ଡିତ୍ୟ ଓ ପରିସ୍ଥିତି ଯେଉଁ ବ୍ୟକ୍ତିତ୍ୱ ଫୁଟେ । ଏହି ବ୍ୟକ୍ତିତ୍ୱ ହେଉଛି, ମନୁଷ୍ୟ ଜୀବନରେ ସର୍ବଥା କାମ୍ୟ । ବ୍ରହ୍ମଚର୍ଯ୍ୟ ଚରିତ୍ରର ମେରୁଦଣ୍ଡ । କଥା ଅଛି, "ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର ।" ଏଠାରେ ଯୌନଚର୍ଯ୍ୟାକୁ ବିଶେଷ ଭାବରେ ଲକ୍ଷ୍ୟ କରାଯାଇଛି । ଏହି ଭାବରେ ଦେଖିଲେ, ନୀଳକଣ୍ଠଙ୍କ ସଦୃଶ ସଂଯତ, ପବିତ୍ର ଚରିତ୍ରବାନ ବ୍ୟକ୍ତି ଆଜିକାଲି ସମାଜରେ ଦୁର୍ଲଭ। ତାଙ୍କର ଯୌବନରୁ ନିରାଡ଼ମ୍ବର ଜୀବନ ଯାପନ ପ୍ରଣାଳୀ ଦେଖିଲେ ମନେ ହେଉଥିଲା, ସନ୍ୟାସ ଜୀବନର ମହତ୍ତ୍ୱ ସେ ବୁଝିଛନ୍ତି । ତାଙ୍କୁ କେହି କେହି ଧନଲାଳସା, ଲୋଭ ପ୍ରଭୃତି ଯେଉଁ ସମାଲୋଚନା କରିଥାନ୍ତି । ଏହା ଯେ ସମ୍ପୂର୍ଣ୍ଣ ଭାବେ ଅମୂଳକ, ତାଙ୍କ ବିବାହ ପ୍ରସ୍ତାବ ବିଷୟଟି ତାହାର ଉଜ୍ଜ୍ୱଳ ପ୍ରମାଣ ବହନ କରେ । ନୀତି ଦୃଷ୍ଟିରୁ ଏବକୁ ୮୦ ବର୍ଷ ତଳର ୪ ହଜାର ଟଙ୍କା ଓ ଉଚ୍ଚଶିକ୍ଷା ପ୍ରାପ୍ତିର ନିଶ୍ଚିତ ସୁଯୋଗର ମୋହ ସେ ବିନା ଦ୍ୱିଧାରେ ପରିତ୍ୟାଗ କରିଥିଲେ, ଏହା ତାଙ୍କ ଆଦର୍ଶ ଜୀବନର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ନୁହେଁ କି ? ପୁଣି ଯୁବକ ନୀଳକଣ୍ଠ ଏ ମୋହ ପରିତ୍ୟାଗ କରିବା ପାଇଁ ତାଙ୍କ ପିତାଙ୍କୁ ଯେ ପ୍ରବର୍ତ୍ତାଇ ପାରିଥିଲେ, ତାହା ସେତେବେଳଠାରୁ ତାଙ୍କର ବ୍ୟକ୍ତିତ୍ୱର ମଧ୍ୟ ପରିଚାୟକ । ଉଜ୍ଜ୍ୱଳ ଚରିତ୍ରବତ୍ତାରେ ତାଙ୍କ ଦୁଷ୍ଟ ଶତ୍ରୁ ମଧ୍ୟ ତାଙ୍କୁ ସମାଲୋଚନା କରିବାର ଅବସର ପାଇ ନାହାନ୍ତି ବା ସାହସ କରି ନାହାନ୍ତି ।

ସ୍ୱର୍ଗତ ପଣ୍ଡିତ ଗୋଦାବରୀଶଙ୍କ ସହିତ ପଣ୍ଡିତଜୀଙ୍କର ବହୁଥର ମତାନ୍ତର ଓ ମନୋମାଳିନ୍ୟ ଘଟିଥିଲେ ମଧ୍ୟ ଗୁଣଗ୍ରାହୀ

Digitized by PPRACHIN, SOA

ଗୋଦାବରୀଶ କପରି ଦୃଷ୍ଟିରେ ତାଂକ ଚରିତ୍ର ଓ ପାଣ୍ଡିତ୍ୟକୁ ଦେଖୁଥିଲେ, ତାହା ତାଂକ ଲିଖିତ "ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ" ପୁସ୍ତକରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରି ଯାଇଛନ୍ତି । ସେ ଲେଖିଛନ୍ତି "ମୁଁ ଯେ ନୀଳକଣ୍ଠ ବାବୁଂକର କେବଳ ବନ୍ଧୁ ବା ସହକର୍ମୀ ଥିଲି, ତା ନୁହେଁ । ତାଂକର ଅନୁଗତ ଭୃତ୍ୟ ଥିଲି । ଦୁହେଁ ଏକାଠି ଗାଧୋଇଲେ, ମୁଁ ତାଂକ ପାଲଟା ଲୁଗା ଟପୁଡ଼ି କାନ୍ଧରେ ଧରୁଥିଲି ଏବଂ ଘରକୁ ଫେରିଲେ ତାଙ୍କର ଖଡ଼ମ ଓ ପାଣି ଆଣି ଗୋଡ଼ଧୁଆ ଜାଗାରେ ରଖୁଥିଲି । କେତେକ ପିଲା ନୀଳକଣ୍ଠ ବାବୁଂକର ସମାଲୋଚକ ଥିଲେ : ସେମାନେ ମୋତେ ବୃକୁଗୃବୁହା ଗୃକର' ନାଁ ଦେଇଥିଲେ । ନୀଳକଣ୍ଠ ବାବୁଂକ ସହିତ ମୋର ସାମଂ-ଜସ୍ୟ ଅତି କମ୍ । ସେ ଚରିତ୍ରବାନ୍ ଥିଲେ । ମୁଁ ନ ଥିଲି । ଶ୍ରେୟଃପ୍ରେୟ ମଧ୍ୟରୁ ତାଂକର ଆଦର୍ଶ ଶ୍ରେୟ ଓ ମୋର ଥିଲା ପ୍ରେୟ । × × × ସେ ଅନ୍ୟକୁ ଶାସନ କରିବାରେ ସୁଦକ୍ଷ । ମୁଁ ପାରେନାହିଁ । ମୁଁ ଛୁଉଁ ଛୁଆଁ ଥିଲି, ସେ ଥିଲେ ଓଲଟା ।" (ପୃଷ୍ଠା-୨୩୪) । ପୁଣି ଉକ୍ତ ପୁସ୍ତକରେ ଅନ୍ୟତ୍ର ସେ ଲେଖିଛନ୍ତି—"ମୁଁ ମାର୍ଚ୍ଚମାସ ୧୧ ତାରିଖ ଦିନ (୧୯୧୧ ମସିହା) ସକାଳେ ଯାଇ କଲିକତାରେ ପହଞ୍ଚି ନୀଳକଣ୍ଠ ବାବୁଂକ କୋଠରୀରେ ରହିଲି । ପଢ଼ାରେ ସେ ମୋ'ଠାରୁ ବର୍ଷେ ଉପରେ, ବୟସରେ ମଧ୍ୟ ମୋଠୁ ଦୁଇବର୍ଷ ବଡ଼ । 'ମୋଠେ' ଶବ୍ଦ ବ୍ୟବହାର କରିବାର କାରଣ ଅଛି । ସେ ହେଉଛି; ମୁଁ କଲିକତାରେ ପହଞ୍ଚିବା ମାତ୍ରେ ଉପଲବ୍‌ଧି କରିନେଲି ଯେ, ତାଂକ ସହିତ ମୋ ସମ୍ପର୍କ ଏକ ପ୍ରକାର ଗୁରୁ ଶିଷ୍ୟ ସମ୍ପର୍କ ହେବାକୁ ଯାଉଛି । ପରୀକ୍ଷା ନିମନ୍ତେ ମୁଁ କେତେଦୂର ପ୍ରସ୍ତୁତ ହୋଇଛି, ସେ ମତେ ପଚାରିଲେ । ମୁଁ ମନକୁ ମନ ଭାବିଲି "କି ସର୍ବନାଶ !" × × ମୁଁ ଉତ୍ତର ଦେଲି, "ବାକି ସବୁ ଯାହାତ୍ ହୋଇଛି; ଦର୍ଶନରେ ମୁଁ ପାଶ୍ ବହିତକ ପଢ଼ିଛି । କେବଳ ଅନର୍ସ ବହି ଭଲ ପଢ଼ିପାରି ନାହିଁ," ଶୁଣି ନୀଳକଣ୍ଠ ବାବୁ

Digitized by PPRACHIN, SOA

ସଙ୍ଗେ ସଙ୍ଗେ କହିଲେ "ଆଚ୍ଛା ତାହା ହୋଇଯିବ, କିନ୍ତୁ ଚିନ୍ତା କର-ନାହିଁ ।" ମୁଁ ସନ୍ଧ୍ୟାରେ ଖାଇ ଶୋଇ ପଡେ, ନୀଳକଣ୍ଠ ବାବୁ ବସି ସାରା ପଢିବାରେ ଲଗନ୍ତି । ତାଙ୍କର ସେ ପଢିବାଟା ଆବୃତ୍ତି ମାତ୍ର । ମୁଁ ଦେଖିଛି, ସେ ଥରେ ଯାହା ପଢନ୍ତି, ତାଙ୍କ ମନରେ ଗାର କାଟିଲା ପରି ଲହିଯାଏ । ସେ ଛ'ଦିନ କାଳ ରାତିସାକ ପଢି ପରଦିନ ସକାଳେ ଶିକ୍ଷକ ଗ୍ରନ୍ଥକୁ ପଢାଇଲା ଭଳି ମୋତେ ପଢ଼ାଇବାରେ ଲଗିଲେ । ସେ ସେତିକ କରି ନଥିଲେ, ମୋ ପଢ଼ାପଢ଼ି ସେହିଠାରେ ସରିଥାନ୍ତା ଓ ମୁଁ ଚାକିରି ନିମନ୍ତେ ଦରଖାସ୍ତ ଦେଲାବେଳେ, ସେକାଳ ସ୍ତମ୍ଭରେ ଯୋଗ୍ୟତା ଲେଖିଥାନ୍ତି ବି. ଏ. ଫେଲ୍ । × × ×

ସପ୍ତାହେ କାଳ ନୀଳକଣ୍ଠ ବାବୁ ମୋ ଭିତରେ ଦର୍ଶନଜ୍ଞାନ ଖୁନ୍ଦି ପୁରାଇବାରେ ଲଗିଲେ । ମୁଁ ନିତି ପରୀକ୍ଷା ଦେଇ ଫେରିବା ମାତ୍ରେ ଯାହା ଲେଖିଥାଏ, ତାଂକ ଆଗେ କହିଯାଏ । × × × ଦିନେ ମୋ ଉତ୍ତର ଶୁଣିବାପରେ, ମୁଁ ସେ ଦିନର ପତ୍ରରେ ବାସ୍ତରୀ ନମ୍ବର ପାଇବ ବୋଲି ମୋତେ ନୀଳକଣ୍ଠବାବୁ କହିଲେ । ମୁଁ ପଚାରିଲି, 'ତେବେ ବିଶ୍ୱବିଦ୍ୟାଳୟରେ ଯେ ପ୍ରଥମ ହେବ, ସେ କେତେ ନମ୍ବର ପାଇବ ?' ସେ ହସି ହସି ଉତ୍ତର ଦେଲେ, 'ବାସ୍ତରୀ ।' ପରେ ଦେଖାଗଲା, ମୁଁ ସେଥିରେ ଅଣସ୍ତରୀ ରଖି ପ୍ରଥମସ୍ଥାନ ଅଧିକାର କରିଛି ।"

ପଣ୍ଡିତ ଗୋଦାବରୀଶଂକର ଉପରୋକ୍ତ ମନ୍ତବ୍ୟ ନୀଳକଣ୍ଠଙ୍କ ତ୍ୟାଗ ତଥା ସତ୍ୟବାଦୀ ଜୀବନ ଉପରେ ପର୍ଯ୍ୟବସିତ ବୋଲି କୁହାଯାଇ ପାରେ । ମାତ୍ର ପର ଜୀବନରେ ତାଂକର ବିଭିନ୍ନ ବ୍ୟକ୍ତିତ୍ୱ ଏପରି ଉତ୍ତୁଙ୍ଗ ହୋଇ ଉଠିଥିଲା ଯେ ଏ ପୁସ୍ତକର କ୍ଷୁଦ୍ର କଳେବରର ମଧ୍ୟରେ ତାର ଏକ ସ୍ପଷ୍ଟ ଚିତ୍ର ଦେବା ସମ୍ଭବପର ନୁହେଁ । ପୁଣି ପଣ୍ଡିତ ନୀଳକଣ୍ଠଙ୍କର ବିରାଟ ବ୍ୟକ୍ତିତ୍ୱର କ୍ଷେତ୍ର ଏତେ ପ୍ରସାରିତ ଯେ ସେ

Digitized by PPRACHIN, SOA

ସବୁର ବିବରଣୀ ଦେବା ମଧ୍ୟ ଅସମ୍ଭବ । ଚରିତ୍ରବଳ ଓ କର୍ତ୍ତବ୍ୟନିଷ୍ଠା ହିଁ ମାନବର ବ୍ୟକ୍ତିତ୍ୱକୁ ପରିସ୍ଫୁଟ କରିଥାଏ । ଛାତ୍ରାବସ୍ଥାରୁ ହିଁ ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱ କିପରି ପ୍ରତିଷ୍ଠିତ ହୋଇଥିଲା; ତାହା ପୁରୀ ଉଚ୍ଚ ଇଂରାଜୀ-ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଚନ୍ଦ୍ର ମୋହନ ମହାରଣା ଓ କଲେଜର ପ୍ରିନ୍ସିପାଲ ଶ୍ରୀ ବି. ଭି. ଗୁପ୍ତଙ୍କର ତାଙ୍କ ପ୍ରତି ବ୍ୟବହାର ଓ ତାଙ୍କ ବିରୁଦ୍ଧରେ ସେମାନଙ୍କ ନିକଟରେ ହୋଇଥିବା ଅଭିଯୋଗ ମାନଙ୍କରୁ ମୁକ୍ତ କରି ନୀଳକଣ୍ଠଙ୍କୁ ହସି ହସି ବିଦାୟ ଦେବା ତଥା ବିବାହ ଲାଗି ଯୌତୁକ ପ୍ରତ୍ୟାଖାନ ଘଟଣାମାନଙ୍କରୁ ସୁସ୍ପଷ୍ଟ ।

ପ୍ରଥମ ଜୀବନରୁ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ କିପରି ଗଢି ଉଠିଥିଲା ଓ ସେ ସେତିକି ବେଳୁ କିପରି ଦେଶ ମୁକ୍ତିର ପ୍ରସ୍ତୁତି କାର୍ଯ୍ୟରେ ନେତୃତ୍ୱ ନେଉଥିଲେ, ସେ ବିଷୟରେ ପଣ୍ଡିତ ଗୋଦାବରୀଶଙ୍କ ନିମ୍ନୋକ୍ତ ଉକ୍ତି ସ୍ମରଣୀୟ : "ତରୁଣ ଉତ୍କଳ ସଂଘ ଛଡ଼ା କଟକରେ ଆଉ ଗୋଟିଏ ସଂଘ ଥିଲା । × × × ତାର ବୈଠକ ଦିବସରେ ବସେନାହିଁ, ବସେ ରାତିରେ, ଛାତ୍ରାବାସର ଛାତ୍ରମାନେ ଖାଇ ସାରି ଶୋଇ ଘୁଂଘୁଡ଼ି ମାରିବା ପରେ; କେବେ ନିର୍ଜନ କାଲି ପଡ଼ିଆରେ କେବେ ମହାନଦୀ କୂଳେ, କେବେ ବା କାଠଯୋଡ଼ି ବାଲି ଉପରେ । ସେ ସବୁ ନୈଶ ବୈଠକର ଅଗ୍ରଣୀ ନୀଳକଣ୍ଠ ବାବୁ । × × × ରାତିରେ ଛାତ୍ରାବାସ ଛାଡ଼ି ବାହାରକୁ ଯିବା ମନା । କୈଫିୟତ୍ ଦେବା ବେଳକୁ ଅଗ୍ରଣୀ ହୁଅନ୍ତି ନୀଳକଣ୍ଠ ବାବୁ । ତାଙ୍କର ରାତିରେ ବାହାରକୁ ଯିବାଟା କର୍ତ୍ତୃପକ୍ଷ ସେତେ ଧରନ୍ତି ନାହିଁ । ସଚ୍ଚରିତ୍ର ଯୁବକ ବୋଲି ତାଙ୍କର ସୁନାମ ଥାଏ ।"

ସତ୍ୟବାଦୀ ବନବିଦ୍ୟାଳୟକୁ ଇତିହାସ ପ୍ରସିଦ୍ଧ ଗୁରୁକୁଳ ଭାବରେ ପ୍ରତିଷ୍ଠା ଦେବା ମୂଳରେ ପଣ୍ଡିତ ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱ ନିହିତ ବୋଲି କହିବା ବାହୁଲ୍ୟ ମାତ୍ର । ନୀଳକଣ୍ଠ ହିଁ ସତ୍ୟବାଦୀରେ

Digitized by PPRACHIN, SOA

ନାଳନ୍ଦାଟିଏ ଗଢ଼ି ଦେଇଚନ୍ତି ବୋଲି ମଧୁବାବୁଙ୍କୁ ଗୋପବନ୍ଧୁ ଉତ୍ତରରେ କହିଥିବା ଏହାର ଯଥେଷ୍ଟ ପ୍ରମାଣ ବହନ କରେ । ପୁଣି ମଧୁବାବୁ ମଧ୍ୟ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ କହିଥିଲେ, "ମୁଁ ନୀଳକଣ୍ଠଙ୍କୁ ବହୁ ଦିନରୁ ଚିହ୍ନେ—ପୂର୍ବେ ତାଂକ ବିଷୟରେ ମୋର ଅନେକ ପ୍ରକାର ସନ୍ଦେହାତ୍ମକ ଧାରଣା ଥିଲା । କିନ୍ତୁ ସୁଖର କଥା, ସେ ସବୁ ମୋ ମନରୁ ସମ୍ପୂର୍ଣ୍ଣରୂପେ ଦୂର ହୋଇଅଛି—ଦୁଇ ଦିନ ତାଙ୍କ ସହିତ ୬ଟାରୁ ୮ଟା ପର୍ଯ୍ୟନ୍ତ କଥୋପକଥନ କରି ମୋର ଭ୍ରାନ୍ତି ଘୁଞ୍ଚି ଯାଇଛି । ତାଙ୍କ ସହିତ ମୋର ସେହି କଥୋପକଥନରୁ ମୁଁ ତାଂକ ବିଷୟରେ ବହୁ ଉଚ୍ଚ ଧାରଣା ପୋଷିଅଛି । ଏମାନଂକ ଦ୍ୱାରା ବାସ୍ତବିକ ଜାତିର ଉନ୍ନତି ସାଧିତ ହେବ, ଏଥିରେ ସନ୍ଦେହ ନାହିଁ ।"

ଏଥିରୁ ସ୍ପଷ୍ଟ ହୁଏ ଯେ ନୀଳକଣ୍ଠଂକ ଗୁଣ, କାର୍ଯ୍ୟ ଓ ବ୍ୟକ୍ତିତ୍ୱ ବଡ଼ ଉଚ୍ଚମାନର ଥିଲା । ରାଜନୈତିକ ଜୀବନ ପ୍ରାରମ୍ଭରେ ଯେତେବେଳେ ନୀଳକଣ୍ଠଙ୍କୁ ପୁରୀ ଜେଲରୁ ହଜାରିବାଗ୍ ପଠାଇବାର ସ୍ଥିର ହେଲା, ଜେଲ କର୍ତ୍ତୃପକ୍ଷ - ଦାସେ ଆପଣେଙ୍କୁ ନେଇଥିବା ଭଳି ତାଙ୍କୁ ହାତକଡ଼ି ଓ ଅଣ୍ଟାରେ ଦଉଡ଼ି ବାନ୍ଧି ଦାଣ୍ଡରେ ଚଲାଇ ଚଲାଇ ନେବାପାଇଁ ଉଦ୍ୟତ ହେଲେ । ନୀଳକଣ୍ଠ ଲେଖିଚନ୍ତି, "ହାତକଡ଼ି ଓ ଦଉଡ଼ି ଘେନି ଜଣେ କନେଷ୍ଟବଲ ପହଞ୍ଚିବାର ଦେଖି ମୁଁ ପୁରୀର ଜେଲର ଓ ଆସିଷ୍ଟାଣ୍ଟ ଜେଲରଙ୍କୁ କହିଲି, ଆପଣ ମୋଠି ଭଦ୍ରଲୋକ ପରି ବ୍ୟବହାର କରିବାର କଥା । ଏ କ'ଣ କରୁଚନ୍ତି ? ମତେ ହାତକଡ଼ି ଦେବା ପାଇଁ ହାତ ଦେଖା କହିଲେ ହାତ ଦେଖାଇବି ନାହିଁ, ଦାଣ୍ଡରେ ଚାଲ ବୋଲି କହିଲେ ଚାଲିବି ନାହିଁ । ମତେ ଘୋଷାରି ଘୋଷାରି ନିଅନ୍ତୁ । ଜେଲର କାନ୍ଦ ପକାଇଲେ ।" ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ରିପୋର୍ଟ କଲେ । ସେ ଦିନର ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିଲା—ହଜାରିବାଗ୍ ଜେଲକୁ ଟେଲିଗ୍ରାମ କରାଗଲା । ତା'ପର ଦିନ ନୀଳକଣ୍ଠଙ୍କୁ ଘୋଡ଼ା ଗାଡ଼ିରେ ବସାଇ ଭଦ୍ର ଲୋକଂକ ପରି ସେ

Digitized by PPRACHIN, SOA

ସମପୁର ରେଲର ୨ୟ ଶ୍ରେଣୀରେ ହଜାରିବାଗ୍ ପଠାଗଲେ, ଜଣେ ସବ୍‌ଇନ୍‌ସପେକ୍ଟର ଓ ୨ ଜଣ କନେଷ୍ଟବଲଙ୍କ ସହିତ । ବାଟରେ କଲିକତାରେ ସମସ୍ତ ଅଭ୍ୟର୍ଥନା ଓ ଦିନସାରା ବିଭିନ୍ନ ଜାଗା ବୁଲିବାର ଓ ଜଣେ ବନ୍ଧୁଙ୍କ ଘରେ ରହିବାର ସୁବିଧା ମଧ୍ୟ ତାଙ୍କୁ ଦିଆଯାଇଥିଲା । ପଣ୍ଡିତ ନୀଳକଣ୍ଠଙ୍କ ଉତ୍ତୁଙ୍ଗବ୍ୟକ୍ତିତ୍ୱର ଏହା ଏକ ନିଦର୍ଶନ ନୁହେଁ କି ?

ଓଡ଼ିଶାରେ କଂଗ୍ରେସ ଅଧିବେଶନ ପୁରୀଠାରେ ଅନୁଷ୍ଠିତ ହେବାର ସ୍ଥିର ହୋଇଥାଏ ୧୯୩୧ ମସିହାରେ । କଥା ହେଲା, ଯେଉଁ ଜିଲ୍ଲାରେ ଅଭ୍ୟର୍ଥନା କମିଟିର ମେମ୍ବର ସଂଖ୍ୟା ବେଶୀ ହେବ, ସେଇଠି ଆବାହକ ସମିତି ଓ କଂଗ୍ରେସ କାର୍ଯ୍ୟକାରୀ କମିଟି ଗଠିତ ହେବ । କଟକର ଲୋକ ସଂଖ୍ୟା ୨୨ ଲକ୍ଷ ସ୍ଥଳରେ ପୁରୀର ଲୋକ ସଂଖ୍ୟା ମାତ୍ର ୧୦ ଲକ୍ଷ । ନୀଳକଣ୍ଠ ଏଥିଲାଗି ଏକ ପ୍ରକାର ନିରାଶ ହୋଇପଡ଼ିଲେ । ୨୫ ଟଙ୍କା ଦେଲେ ଅଭ୍ୟର୍ଥନା ସମିତିର ସଭ୍ୟ ହେବା କଥା । ପୁରୀ ପଣ୍ଡାଙ୍କ ପାଖକୁ ଯିବା ଲାଗି ଆଗୁଆଁ ହରିହର, ଗୋପବନ୍ଧୁ, ରେବଧୂରୀ ଓ ଗୁଣନିଧି ମହାନ୍ତି ବାହାରିଲେ ଓ ସମସ୍ତେ ଚେଷ୍ଟା କରି ଜଣେ ମେମ୍ବର କରିଦେଇ ପାରିବେ ବୋଲି ସାହସ କରି କହିଲେ । ପଣ୍ଡିତ ନୀଳକଣ୍ଠ 'ଆତ୍ମଜୀବନୀ'ରେ ଲେଖିଛନ୍ତି—"ଏ କଥା ମୋତେ ଆକାଶରୁ ପଡ଼ିବା ପରି ଲାଗିଲା । ମୁଁ ନିରାଶ ହୋଇ ବସିଥିଲି । ମୋର ମନେ ହେଲା, ଏମାନଙ୍କ ଦେହକୁ କଷ୍ଟ ହେବନାହିଁ । ମୁଁ ତାପରେ କହିଲି, ଆପଣମାନେ ଗୋଟିଏ ପଣ୍ଡାକୁ ମେମ୍ବର କରିବେ ବୋଲି ଲୋଡ଼ୁଛନ୍ତି । ଜବାବ ଦିଅନ୍ତୁ, ଆଜିଠାରୁ ଆଉ ପଣ୍ଡାଙ୍କ ପାଖକୁ Reception Committee ପାଇଁ ଆପଣମାନେ ଯିବେ ନାହିଁ; ମୁଁ କଣ କରୁଛି ଦେଖନ୍ତୁ ।" ନୀଳକଣ୍ଠ ପଣ୍ଡାମାନଙ୍କୁ ଡାକରି ଉଦ୍‌ବୋଧନ ଦେଇ ସେମାନଙ୍କ ଭିତରୁ ୧୨୭ ଜଣ ସଭ୍ୟ ସଂଗ୍ରହ କରି ପାରିଥିଲେ ତାହା ଏ ପୁସ୍ତକର ୩୨-୩୩ ପୃଷ୍ଠାରେ ବର୍ଣ୍ଣନା କରାଯାଇଛି ଓ କଟକ ଜିଲ୍ଲାରୁ

Digitized by PPRACHIN, SOA

ମାତ୍ର ୨୩୦ ଜଣ ମେମ୍ବର ହୋଇଥିବା ବେଳେ ପୁରୀର ମେମ୍ବର ସଂଖ୍ୟା ପ୍ରାୟ ୩୦୦ ହୋଇଥିବାର କୁହାଯାଇଛି । କାହିଁ ଏକ, କାହିଁ ଏକଶହ ଛଅଷଠି । କଟକର ୨୨ ଲକ୍ଷରେ ୨୩୦ ଓ ପୁରୀରେ ୧୦ ଲକ୍ଷରେ ୩୦୦ ମେମ୍ବର । ଧମକ ଚମକରେ କୁଟେହିଁ ବୁଝାଇ ମନାଇବାରେ ।

ପୁଣି ନୀଳକଣ୍ଠ ସେତେବେଳକୁ ମ୍ୟାଲେରିଆରେ ଆକ୍ରାନ୍ତ ଓ ବାଟଯାକ କୁଇନାଇନ୍ ଖାଇ ବର୍ଷାମାଡ଼ ଭିତରେ ଏଇ ମେମ୍ବର ସଂଗ୍ରହ କରୁଥିଲେ ବୋଲି ମଧ୍ୟ ନିଜ 'ଆତ୍ମଜୀବନୀ'ରେ ଲେଖିଚନ୍ତି ।

(ପୃ—୧୮୪)

ଏଥିରୁ ନୀଳକଂଠଂକ ବ୍ୟକ୍ତିତ୍ୱ କପରି ଥିଲା, ତାହା ସହଜରେ ଅନୁମାନ କରାଯାଇ ପାରିବ ।

ସେଇ ସମୟର କଥା—ମେଦିନୀପୁରକୁ ଓଡ଼ିଶାରେ ମିଶାଇବା ବିଷୟରେ ସେଠାର ଜନନେତା ଶ୍ରୀ ବୀରେନ୍ଦ୍ର ସାସମଲ କହିଲେ ଯେ ଆମ ପୂର୍ବ ପୁରୁଷମାନେ ଓଡ଼ିଆ ଥାନ୍ତୁ, ନ ଥାନ୍ତୁ, ଆମେ ଏବେ କାନ୍ଧରେ ବନ୍ଧୁଆ ଝୁଲାଇ ଓଡ଼ିଆ ହେବାକୁ ଚାହୁଁ ନାହୁଁ । ବଳିଷ୍ଠ ବ୍ୟକ୍ତିତ୍ୱ-ସଂପନ୍ନ ପଣ୍ଡିତ ନୀଳକଂଠ ବଡଲାଟ ସଭାକୁ ଏହିପରି ବନ୍ଧୁଆ ଧରି ଯିବାକୁ ପସନ୍ଦ କଲେ । ବଡଲାଟଂକ ଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହେଲା । ସେ ସମୟ ସମୟରେ ପଣ୍ଡିତ ନୀଳକଂଠଂକ ବନ୍ଧୁଆରୁ ଖଣ୍ଡେ ଖଣ୍ଡେ ପାନ ମଗାଇ ମଧ୍ୟ ଖାଇବାରେ ଖୁସି ହେଉଥିଲେ ।

ଏ ଘଟଣା ଗୁଡ଼ିକର ମର୍ମ ବୁଝିବାକୁ ହେଲେ, କେନ୍ଦ୍ର ବ୍ୟବସ୍ଥା ସଭାରେ ପଣ୍ଡିତ ନୀଳକଂଠ କପରି ପଦ ଓ ମର୍ଯ୍ୟାଦାର ଅଧିକାରୀ ହୋଇଥିଲେ, ସେ ସମ୍ବନ୍ଧରେ ଅବହିତ ହେବା ଦରକାର । ପଣ୍ଡିତ ନୀଳକଂଠ ପ୍ରଥମେ ୧୯୨୪ ମସିହାରେ କେନ୍ଦ୍ର ବ୍ୟବସ୍ଥା ସଭାକୁ ନିର୍ବାଚିତ ହୁଅନ୍ତେ କଂଗ୍ରେସ ସ୍ୱରାଜ୍ୟ ଦଳ ବିଧାପ୍ରୂକ ସଭାର ନେତା ପଣ୍ଡିତ ମୋତିଲାଲ ନେହେରୁ ତାଙ୍କୁ ଦଳର ସାଧାରଣ

Digitized by PPRACHIN, SOA

ସଂପାଦକ ରୂପେ ମନୋନୀତ କଲେ । ପଣ୍ଡିତ ନୀଳକଂଠ ଥିଲେ ବ୍ୟବସ୍ଥା ସଭାର ଏକମାତ୍ର ଅଧ୍ୟାପକ ଓ ବ୍ୟବସ୍ଥା ସଭାର ଆଲୋଚନା ମାନଂକରେ ସକ୍ରିୟ ଅଂଶ ଗ୍ରହଣ କରି ବିଶେଷ ସମ୍ମାନ ଓ ଶ୍ରଦ୍ଧାର ଅଧିକାରୀ ହୋଇ ପାରିଥିଲେ । ଏଠି ମନେ ରଖିବାକୁ ହେବ ଯେ ସେତେବେଳକୁ ବ୍ୟବସ୍ଥା ସଭାର ବହୁ ସଭ୍ୟ ଓଡ଼ିଶାର ଭୌଗୋଳିକ ସ୍ଥିତି ସମ୍ବନ୍ଧରେ ମଧ୍ୟ ଅବହିତ ନ ଥିଲେ । ଏଥିରୁ ତାଂକର ବ୍ୟକ୍ତିତ୍ୱ ସହଜରେ ଅନୁମେୟ । ପରେ କାଳରେ ୧୯୩୫ ମସିହାରେ ଶ୍ରୀଯୁକ୍ତ ଭୂଲାଭାଇ ଦେଶାଇ ଏ ସଭାର ନେତା ନିର୍ବାଚିତ ହୁଅନ୍ତେ ସେ ମଧ୍ୟ ପଣ୍ଡିତ ନୀଳକଂଠଙ୍କୁ ଏହି ପଦରେ ଅଧିରୂଢ଼ କରାଇଥିଲେ ଓ ନୀଳକଂଠ ୧୯୪୫ ମସିହାରେ କେନ୍ଦ୍ର ବ୍ୟବସ୍ଥା ସଭା ଭାଙ୍ଗିବା ପର୍ଯ୍ୟନ୍ତ ମୋଟ ଦଶନ୍ଧି କାଳ ଏହି ପଦରେ ରହି ତାଙ୍କର ପାରଦର୍ଶିତା ଉତ୍ତମ ରୂପେ ଦେଖାଇ ଯାଇଛନ୍ତି, ଯାହା ତାଂକର ଅକଳନ୍ତ ଜ୍ଞାନ, ନିର୍ଭୀକତା ଓ ବ୍ୟକ୍ତିତ୍ୱର ସ୍ପଷ୍ଟ ପରିଚୟ ଦିଏ ।

କଲିକତା କଂଗ୍ରେସ ଅଧିବେଶନରେ ନୀଳକଣ୍ଠ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ଲାଗି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକଂକ ଦ୍ୱାରା ଏକ ପ୍ରସ୍ତାବ ଆଗତ କରିବାର ଉଦ୍ୟମ କରିଥିଲେ । ସଭାପତି ମୋତି-ଲାଲ ନେହରୁ ବିଷୟ ନିର୍ବାଚନ କମିଟିରେ ଏଥିପାଇଁ ଅନୁମତି ଦେଲେ ନାହିଁ । ନୀଳକଣ୍ଠ ସେଠାରୁ ଓଡ଼ିଶାର ସମସ୍ତ ସଭ୍ୟଙ୍କୁ ଧରି ଅଧିବେଶନ ପରିତ୍ୟାଗ କଲେ ଓ ତହିଁ ପରଦିନ କଲିକତାରେ ତାଙ୍କ ଦାବୀ ଘୋଷଣା କରି ଏକ ପତ୍ରିକା ବାହାର କଲେ । ସେତେବେଳର ପରି-ସ୍ଥିତିରେ ଏହା ନୀଳକଣ୍ଠଙ୍କର କମ୍ ବ୍ୟକ୍ତିତ୍ୱର ପରିଚାୟକ ନୁହେ । ସେଇ ହେତୁରୁ ମହାତ୍ମାଗାନ୍ଧି ଏଥିରେ ହସ୍ତକ୍ଷେପ କଲେ । ମୋତିଲାଲ ଏଥିପାଇଁ ଦୁଃଖ ପ୍ରକାଶ କଲେ । ଏଇପରି ଏହାର ଏକ ସମାଧାନ ନୀଳକଣ୍ଠଂକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ବଳରୁ ସମ୍ଭବ ହୋଇପାରି ଥିଲା ବୋଲି କହିବା ବାହୁଲ୍ୟ ମାତ୍ର ।

ତା'ପୂର୍ବର କଥା—ମହାତ୍ମାଗାନ୍ଧି "ସୂତା ଖିଅକ ଅଗରେ ସ୍ୱରାଜ୍ୟ ଝୁଲୁଚି" ବୋଲି କହୁଥାନ୍ତି । ନୀଳକଣ୍ଠଂକର ଏଥିରେ ବିଶ୍ୱାସ

Digitized by PPRACHIN, SOA

ନ ଥିଲା । ଗାନ୍ଧିଜୀଂକ ସହିତ ତାଂକର ଏ ବିଷୟରେ ସତ୍ୟବାଦୀଠାରେ ୧୯୨୩ ମସିହାରେ ଦୀର୍ଘ ଆଲୋଚନା ହୋଇଥିଲା । ଗାନ୍ଧିଜୀଂକ ଯୁକ୍ତିରେ ନୀଳକଣ୍ଠ ସନ୍ତୁଷ୍ଟ ହୋଇ ପାରିଲେ ନାହିଁ । କେବଳ ବିଶ୍ୱାସରେ ତାହା କରିପାରୁ ବୋଲି କହି ସେ ମହାତ୍ମାଜୀଙ୍କୁ ନମସ୍କାର କରି ଆଲୋଚନାରୁ ଉଠି ଆସିଲେ । ଗାନ୍ଧିଜୀ ଅବଶ୍ୟ ଏହା ପସନ୍ଦ କରି "ତାହାହିଁ ଦୃଷ୍ଟି-ଭଙ୍ଗୀ ହେବା ଉଚିତ" ବୋଲି କହିଥିଲେ । ଏଥିରୁ ନୀଳକଂଠଂକ ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ଅବଧାନରେ ଅଣାଯାଇ ପାରେ ।

ପୁଣି ଯେତେବେଳେ ନୀଳକଂଠ ଗାନ୍ଧିଂକ ପ୍ରସ୍ତାବିତ 'ପଦଯାତ୍ରା'ରେ ଅଧେବାଟ ରେଳରେ ଓ ଅଧେବାଟ ଚାଲିକରି ଯିବାର କାର୍ଯ୍ୟକ୍ରମ ଦେଖିଲେ, ନୀଳକଂଠ ଲେଖିଛନ୍ତି, ସେ ଗାନ୍ଧିଜୀଂକୁ ପରାମର୍ଶ ଦେଇ କହିଥିଲେ, "ଆପଣ ଯିବେ ତ ଚାଲିକରି ଯାଆନ୍ତୁ । ସୁବିଧା ଅନୁସାରେ ଅଧେ ଚାଲି, ଅଧେ ରେଳରେ ଯିବା ପରାମର୍ଶ ଯେଉଁ ବନ୍ଧୁମାନେ ଦେଉଛନ୍ତି,ସେମାନେ ଠିକ୍ ଦେଉ ନାହାନ୍ତି । ଏ 'ହରିବୋଲ୍' ବ୍ୟବସ୍ଥା ଆପଣ ବନ୍ଦ କରନ୍ତୁ ।' ଗାନ୍ଧି ନିଜେ ଭାବି ସ୍ଥିର କଲେ ପଦଯାତ୍ରାରେ ବସି ଯିବେ । ମୁଁ ସେଠାରୁ ତାଂକ ସଙ୍ଗେ ସଙ୍ଗେ କଟକ ପର୍ଯ୍ୟନ୍ତ ଆସିଥିଲି ।"

ଗାନ୍ଧିଜୀଂକ ସହିତ ଏହି ପଦଯାତ୍ରାରେ ଯାଇଥିବା ବେଳେ ବାଟରେ ଗାନ୍ଧିଜୀ ପଞ୍ଚାଏ କେଳା କଅଁାସଟିଏ ମାରି, ପୋଡି ଖାଉଥିବାର ଦେଖିଲେ । ଗାନ୍ଧିଜୀ କେଳାମାନଙ୍କୁ ବହୁତ ବୁଝାଇଲେ, "ତୁମେମାନେ ଦୁଧ ଖାଅ, ଘିଅ ଖାଅ, ଜନ୍ତୁ ମାରି ପୋଡ଼ି ଖାଅ ନାହିଁ ।" ତାଂକ ସାଥିରେ ଥିବା ଗୋପବନ୍ଧୁ ଚୌଧୁରୀ ପ୍ରଭୃତି କଂଗ୍ରେସୀ ନେତାମାନେ ମାଛ ଖାଉ ନଥିଲେ, ସିଝା ପରିବା ଖାଉଥିଲେ । ନୀଳକଂଠ ଆମିଷାଷୀ ଥିଲେ ବୋଲି ସେମାନେ ତାଙ୍କୁ ବହୁତ ଥଟ୍ଟା କରୁଥିଲେ । ନୀଳକଂଠ ଗାନ୍ଧିଜୀଙ୍କୁ କହିଲେ, "ଓଡ଼ିଶାର ଅବସ୍ଥା ଆପଣ ଜାଣନ୍ତି

Digitized by PPRACHIN, SOA

ନାହିଁ । ଏମାନେ ଏପରି ଦରିଦ୍ର ଯେ ଦୁଧ ଘିଅ ତାଂକ ଜୀବନରେ ସ୍ୱପ୍ନ ।" ଏହାପରେ ଗାନ୍ଧିଜୀ କେଳାମାନଙ୍କୁ ଲୋକଂକ ସଙ୍ଗରେ ଖାଇବାକୁ ନିମନ୍ତ୍ରଣ କରିଥିଲେ ।

ନୀଳକଂଠ କେବଳ ଆମିଶାଷୀ ନ ଥିଲେ—ସେ ପ୍ରଚୁର ମାଛ ଖାଉଥିବା ସମ୍ବନ୍ଧରେ ବହୁ କୌତୁହଳୋଦ୍ଦୀପକ ଘଟଣା ଶୁଣି-ବାକୁ ମିଳେ । ଓଡ଼ିଶାର ହାସ୍ୟ ରସାତ୍ମକ ପତ୍ରିକା 'ନିଆଁ ଖୁଣ୍ଟା' ମଲାଟ ପୃଷ୍ଠାରେ ଥରେ ପଣ୍ଡିତ ନୀଳକଣ୍ଠଂକ ମୁଣ୍ଡଟି ଆଙ୍କି ଗଣ୍ଡିଟିକୁ ଗୋଟିଏ ଭାକୁଡ ମାଛ ଆକାରରେ ବ୍ୟଙ୍ଗ ଚିତ୍ର କରି ଲେଖିଥିଲେ; "କେଶବ ଧୃତ, ମୀନ ଶରୀର, ଜୟ ଜଗଦୀଶ ହରେ ।" ପଣ୍ଡିତ ନୀଳକଂଠଂକର ମାଛ ଖାଇବାରେ କିନ୍ତୁ ଯୌକ୍ତିକ ଥିଲା । ସାଥିରେ ଅନ୍ୟକୁ ମାଛ ମନ ମୁତାବକ ନ ଖୁଆଇଲେ ସେ ନିଜେ ଖାଇ ତୃପ୍ତ ହେଉ ନଥିଲେ । ଶ୍ରୀଯୁକ୍ତ ଗୈଁଧୂରୀ ଉତ୍ତର କାଳରେ ନୀଳକଂଠଂକ ପାଖକୁ ଆସି ବହୁ ଆଲୋଚନା ଓ ହସ ଖୁସି ଭିତରେ କହିଲେ, "ସେ ଦାଢି ନ ହେଲେ ଏ ଦାଢ଼ି ।" ଏଠି ଦାଢ଼ଟା ଥିଲା ଉପଲକ୍ଷ ମାତ୍ର । ପ୍ରଚ୍ଛନ୍ନରେ ନୀଳକଂଠଂକ ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱ ପ୍ରତି ତାଂକର ଗଭୀର ଶ୍ରଦ୍ଧା ଜଣାଇବା ଥିଲା ଅସଲ ଉଦ୍ଦେଶ୍ୟ ।

୧୯୩୭ ମସିହାରେ ଜବାହାର ଲାଲ ନେହରୁ ନିର୍ବାଚନ ପ୍ରଚାରରେ ଆସିଥାନ୍ତି । ସାକ୍ଷୀଗୋପାଳ କାଦୁଆ ଆଶ୍ରମରେ ତାଂକ ହବା ଭୋଜନ (Lunch)ର ବ୍ୟବସ୍ଥା ହେଲା । ନୀଳକଣ୍ଠ ଅନ୍ୟତ୍ର ଖାଇବାକୁ ବସିଲେ । ନେହରୁ ବଡ ସମୟ ସଚେତନ ଓ ତାଙ୍କ ମିଜାଜ୍ ସାମାନ୍ୟ ବ୍ୟତିକ୍ରମରେ ବିଗିଡ଼ି ଯାଏ—ଏ ବିଷୟରେ ସମସ୍ତେ ଅବହିତ । ସେ ନୀଳକଣ୍ଠଙ୍କୁ ଖବର ପଠାଇଲେ, ତାଂକ ପାଖକୁ ଯିବା-ଲାଗି । ନୀଳକଣ୍ଠଙ୍କର ଖାଇବା ସରି ନ ଥାଏ — ସେ କହିଲେ, "Tell Jawaharlal, Panditji is eating fish. Fish has thorns."—ଜବାହର ଲାଲ ପଣ୍ଡିତଜୀଂକର ଏ କୌତୁକିଆ

Digitized by PPRACHIN, SOA

ଦମ୍ଭୋକ୍ତି ଶୁଣି ଖୁସି ହେଲେ । ନୀଳକଂଠ ଯଥା ସମୟରେ ଜବାହର ଲାଲଂକ ପାଖେ ପହଞ୍ଚି ନିର୍ବାଚନ କାର୍ଯ୍ୟକ୍ରମରେ ବାହାରିଲେ ।

ବହୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ କେବଳ ନିଜର ଅସାଧାରଣ ସଂଗଠନ ଶକ୍ତି ଓ ପ୍ରକାଣ୍ଡ ବ୍ୟକ୍ତିତ୍ୱ ବଳରେ ହିଁ ନୀଳକଣ୍ଠ ପ୍ରାଦେଶିକ ନିର୍ବାଚନରେ କଂଗ୍ରେସ ପାଇଁ ଅଭୂତପୂର୍ବ ସାଫଲ୍ୟ ଆଣାଇଥିଲେ । ତା' ସତ୍ତ୍ୱେ ସେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ହୋଇ ପାରି ନଥିବା କଥା ସମସ୍ତଙ୍କୁ ଜଣା । ଏହା ଛଡ଼ା ସେ ନାନା ଷଡ଼ଯନ୍ତ୍ରର ଶିକାର ମଧ୍ୟ ହୋଇଛନ୍ତି । ପ୍ରଦେଶ କଂଗ୍ରେସ ସଭାପତି ପଦରୁ ତାଙ୍କୁ ଅନ୍ତର କରି ଦିଆଯାଇଛି । ତାଂକର କର୍ମକୁଶଳତା ତଥା ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ମହାତ୍ମା ଗାନ୍ଧି ଫୈଜପୁର କଂଗ୍ରେସ ବେଳେ ତାଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ନେବା ଲାଗି ପ୍ରସ୍ତାବ ଦେଇଥିବା ସତ୍ତ୍ୱେ ତାହା କରାଇ ଦିଆଯାଇ ନାହିଁ । ଏକ କଥାରେ କହିଲେ, ପ୍ରଦେଶ କଂଗ୍ରେସର ଗୋଟିଏ ଗୋଷ୍ଠୀ ତାଂକ ବ୍ୟକ୍ତିତ୍ୱକୁ ସମ୍ଭାଳି ନ ପାରି ତାଙ୍କ ପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଥିଲେ । ତାଙ୍କ ପ୍ରତି ଦୁର୍ବ୍ୟବହାର ମଧ୍ୟ କରିଥିଲେ । ପୁଣି କଂଗ୍ରେସରେ ଥାଇ ନିଜର ସ୍ୱାଧୀନ ମତ ବ୍ୟକ୍ତ କରିବାରେ ନୀଳକଣ୍ଠଙ୍କୁ ବହୁ ନିର୍ଯ୍ୟାତନା ଭୋଗିବାକୁ ପଡ଼ିଚି । ତାଂକର ବୈପ୍ଳବିକ ଚିନ୍ତାଧାରାକୁ କଂଗ୍ରେସ ନେତାଏ ଗ୍ରହଣ କରିବା ଦୂରେ ଥାଉ, ସହ୍ୟ ମଧ୍ୟ କରିପାରି ନାହାନ୍ତି । ରେଡ଼ିକାଲ ଡେମୋକ୍ରେଟିକ ଦଳର ନେତା ମାନବେନ୍ଦ୍ର ରାୟଙ୍କ ସଭାରେ ସଭାପତିତ୍ୱ କରିଥିବା ଲାଗି କଂଗ୍ରେସର ସାଧାରଣ ସମ୍ପାଦକ ତାଙ୍କୁ କଂଗ୍ରେସରୁ ବହିଷ୍କାର କରିବା ଲାଗି ପ୍ରସ୍ତାବ ଦେଇଥିଲେ । ଅବଶ୍ୟ ନୀଳକଣ୍ଠଙ୍କ ମତର ଯୌକ୍ତିକତା ଓ ତାଙ୍କ ବ୍ୟକ୍ତିତ୍ୱକୁ ମର୍ଯ୍ୟାଦା ଦେଇ ଡଃ. ରାଜେନ୍ଦ୍ର ପ୍ରସାଦ ଏ ପ୍ରସ୍ତାବକୁ ସଭାରେ ମଧ୍ୟ ଆଗତ କରାଇ ଦେଇ ନଥିଲେ । କଂଗ୍ରେସ ସହିତ ମତାନୈକ୍ୟ ଘଟିଥିବା ବେଳେ ଏଥିର ସଭାପତି ଫରୱାର୍ଡ ବ୍ଲକ୍ ନେତା ସୁଭାଷ ବୋଷଙ୍କୁ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ରୂପେ କଟକରେ ନୀଳକଣ୍ଠ ଏକ

Digitized by PPRACHIN, SOA

ଅଭୂତପୂର୍ବ ସମ୍ବର୍ଦ୍ଧନା ଦେଇଥିବା ଯେଉଁ କଂଗ୍ରେସ ସହିତ ତାଙ୍କର ମତାନ୍ତର ହୋଇଥିଲା – ସେ କଂଗ୍ରେସରୁ ଓହରି ଯାଇଥିଲେ । ଯାହା ହେଲେ ମଧ୍ୟ ସମସ୍ତ ଚକ୍ରାନ୍ତ ସତ୍ତ୍ୱେ କଂଗ୍ରେସ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଶାସ୍ତି ବିଧାନ କରିପାରି ନଥିଲା । ଏହା ତାଙ୍କ ବ୍ୟକ୍ତିତ୍ୱର ଏକ ନିଦର୍ଶନ ଓ ପ୍ରାମାଣିକ ତଥ୍ୟ ନୁହେଁ କି ?

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳର କଥା—

ପ୍ରଦେଶମାନଙ୍କରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗୁଡ଼ିକ ଇଂରେଜଙ୍କୁ ଯୁଦ୍ଧରେ ସାହାଯ୍ୟ କରିବେ ନାହିଁ ବୋଲି ସରକାରରୁ ଇସ୍ତଫା ଦେଇଥାନ୍ତି । ପଣ୍ଡିତ ନୀଳକଣ୍ଠ ସୁଭାଷ ଚନ୍ଦ୍ର ବୋଷଙ୍କ ସହିତ ସହମତ ହୋଇ ଓଡ଼ିଶାରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇ ଦେଇଥିଲେ, ଯେଉଁଥି ପାଇଁ ସେ ବହୁ ଭାବରେ ସମାଲୋଚିତ ହୁଅନ୍ତି । ମାତ୍ର ସେତିକି ବେଳେ ଓଡ଼ିଶା ଯୁଦ୍ଧ ସାମୁଖ୍ୟର ଅଧ୍ୟକ୍ଷ ଭାବେ କଠୋର ଯୁଦ୍ଧ ସାମୁଖ୍ୟ ସଭାରୁ ସେ ଯେପରି ଭାବରେ God save the king ପତାକାଟି ଉଠାଇ ଦେଇଥିଲେ ଓ ଅନ୍ୟାନ୍ୟ ବୈପ୍ଳବିକ କର୍ମପନ୍ଥା ଅନୁସରଣ କରିଥିଲେ, ତାହା ତାଙ୍କର ସାହସ ଓ ବ୍ୟକ୍ତିତ୍ୱର ଯଥେଷ୍ଟ ପରିଚୟ ଦିଏ । ଖାଲି ସେତିକି ନୁହେଁ, ଉଭୟ ନୀଳକଣ୍ଠଙ୍କ 'ନବଭାରତ' ପ୍ରେସ ଓ ପରେ ମନ୍ତ୍ରୀ ଗୋଦାବରୀଶଙ୍କ ସରକାରୀ କୋଠି Under groundରେ ଥିବା ଦେଶର ନେତା ଓ କର୍ମୀମାନଙ୍କର ଆଡ୍ଡାସ୍ଥଳୀ ଥିଲା, ଯାହା ଧରା ପଡ଼ିଥିଲେ ଏମାନଙ୍କୁ ଯୁଦ୍ଧକାଳୀନ ନିୟମାନୁସାରେ ହୁଏତ ଫାସିକାଠରେ ସାମ୍ନା କରିବାକୁ ପଡ଼ିଥାନ୍ତା । ଏ ସବୁ ସାମାନ୍ୟ ଦୁଃସାହସ ବା ବ୍ୟକ୍ତିତ୍ୱର କଥା ନୁହେ ।

ଉତ୍ତର ଜୀବନରେ କଂଗ୍ରେସ ସଭାପତି ତଥା ଭାରତର ପ୍ରଧାନ ମନ୍ତ୍ରୀ ଜବାହାରଲାଲ ନେହରୁ ନୀଳକଣ୍ଠଙ୍କୁ କଂଗ୍ରେସକୁ ଫେରି ଆସିବା ପାଇଁ ଅନୁରୋଧ କରାଇଥିଲେ । ସେ ସଭା ସମିତି ଜରିଆରେ ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ବୁଝାଇ ତାଙ୍କ ହୃଦ୍‌ବୋଧ କରାଇଲେ ଓ

Digitized by PPRACHIN, SOA

ନିଜ ନିର୍ବାଚନ ମଣ୍ଡଳୀର ମତ ନେଇ କଂଗ୍ରେସକୁ ଫେରିଯାଇଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ତାଙ୍କର ସେଇ ବ୍ୟକ୍ତିତ୍ୱ ଅତୁଟ ରହିଥିଲା ।

ପଣ୍ଡିତ ନୀଳକଣ୍ଠ—ଉନ୍ନତ ମସ୍ତକ, ତେଜୋଦୀପ୍ତ ରଜତ ଶୁଭ୍ର ଶୋଭିତ ଉଜ୍ଜ୍ୱଳ ମୁଖମଣ୍ଡଳ, ଓଡ଼ିଶାର ଜ୍ଞାନ କୋଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁମାନେ ପଣ୍ଡିତଜୀଙ୍କର ନିକଟ ଓ ଘନିଷ୍ଠ ସମ୍ପର୍କରେ ଆସିଛନ୍ତି, ସେମାନଙ୍କଠାରୁ ଶୁଣିଛୁ, ଅନେକ ସମୟରେ ତାଙ୍କର ବହୁ ସମାଲୋଚକ କୌଣସି କୌଣସି ବିଷୟରେ ବିରୋଧ ମତ ବ୍ୟକ୍ତ କରିବା ନିମନ୍ତେ ପ୍ରସ୍ତୁତ ହୋଇ ତାଙ୍କ ନିକଟକୁ ଆସିଥାନ୍ତି ମାତ୍ର ପ୍ରଶାନ୍ତ, ସୌମ୍ୟ ଆନନ ପଛରେ ଅନ୍ତର୍ନିହିତ ଜ୍ଞାନ ଓ ଦୂରଦୃଷ୍ଟି ପୂର୍ଣ୍ଣ ଜ୍ଞାନଗର୍ଭ ନୀଳକଣ୍ଠଙ୍କ ନିକଟରେ ସେମାନେ କିଛି ହେଲେ ବ୍ୟକ୍ତ କରି ପାରନ୍ତି ନାହିଁ । କାରଣ ବି ନୀଳକଣ୍ଠଙ୍କ ପ୍ରତ୍ୟୁତ୍ପନ୍ନମତିତା ଓ ପାଣ୍ଡିତ୍ୟ ନିକଟରେ ଅପର ପକ୍ଷର କୌଣସି ଯୁକ୍ତି ଅକାଟ୍ୟ ହୋଇ ରହିପାରେ ନାହିଁ । ଅପରନ୍ତୁ ଯେଉଁ ଯୁକ୍ତିରେ ପଣ୍ଡିତ ନୀଳକଣ୍ଠ ଯଥାର୍ଥତା ଥିବାର ଉପଲବ୍ଧି କରନ୍ତି, ଯେତେ ଅର୍ବାଚୀନ ବ୍ୟକ୍ତି ହେଲେ ମଧ୍ୟ ସେ ତାଙ୍କ କଥା ଗ୍ରହଣ କରିଯାନ୍ତି । ଏହାହିଁ ଥିଲା ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱର ଏକ ବିଶେଷତ୍ୱ ! କଥାରେ ଅଛି, "ନମନ୍ତି ଫଳିନୋ ବୃକ୍ଷାଃ ।"

ଆଚାର୍ଯ୍ୟ ବିନୋବା ଭାବେ ପଦ ଯାତ୍ରାରେ ଓଡ଼ିଶା ଆସିଥାନ୍ତି ପିପିଲି ନିକଟରେ ସନ୍ତଲେଇ ଗ୍ରାମରେ ତାଙ୍କର ଶିବିର ପଡ଼ିଥାଏ । ନୀଳକଣ୍ଠ ସେତେବେଳେ ଓଡ଼ିଶା ବିଧାନ ସଭାର ସଭ୍ୟ-ବିନୋବାଙ୍କ ସହିତ ଦେଖାକଲେ—ଦୀର୍ଘ ଦେଢ଼ ଘଣ୍ଟା ଆଲୋଚନା ହେଲା । ଫେରି ଆସିବା ବେଳେ ବିନୋବାଜୀ ତାଙ୍କୁ ବାଟେଇ ଦେବାକୁ ଆସିଲେ । ତାଙ୍କୁ ବିଦାୟ ଦେଇ କହି ପକାଇଲେ, "Oh, what a great Pandit ! I have toured the entire country, but haven't come across a Pandit like Pandit

Digitized by PPRACHIN, SOA

Nilakantha Das. ନୀଳକଂଠଂକ ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱ ଏଥିରେ ହିଁ ପରିସ୍ଫୁଟ ।

ପଣ୍ଡିତ ନୀଳକଂଠଂକର ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱର ସୁନ୍ଦର ସମନ୍ୱୟ ଘଟିଥିଲା, ଦୁହେଁ ଦୁହିଁଂକର ପରିପୂରକ ଥିଲେ । 'ପ୍ରଜାତନ୍ତ୍ର' ଏକ ଅଗ୍ରଲେଖାରେ ଲେଖିଥିଲେ "ଯାହାଂକର ପାଣ୍ଡିତ୍ୟର ପଟାନ୍ତର ନାହିଁ ।" ସେହିପରି ବିଶ୍ୱଭାରତୀର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ କ୍ଷିତି ମୋହନ ସେନ୍ କହିଥିଲେ, "ଏ ତ ଆମର Encyclopedia."

ବହୁ ବିଜ୍ଞବ୍ୟକ୍ତି ପଣ୍ଡିତ ନୀଳକଂଠଂକର ଦୀର୍ଘ ଶ୍ମଶ୍ରୁ ବିମଣ୍ଡିତ ମୁଖ ମଣ୍ଡଳକୁ ଟଲ୍‌ଷ୍ଟୟ, ବର୍ଣ୍ଣାଡଶ, ରବୀନ୍ଦ୍ର ନାଥ ଠାକୁରଂକ ମୁଖ ମଣ୍ଡଳ ସହିତ ତୁଳନା କରି ଭଗବାନ ଏପରି ତେଜେହିଁ ଦେଇ ପ୍ରକୃତ ପ୍ରଜ୍ଞାବାନ୍ ବ୍ୟକ୍ତିଙ୍କୁ କ୍ୱଚିତ ଜନ୍ମ ଦେଇଥାନ୍ତି ବୋଲି ବର୍ଣ୍ଣନା କଲା ବେଳେ ଅନ୍ୟ କେତେକ ତାଙ୍କୁ ଶୁଦ୍ଧ ମୂର୍ତ୍ତ ଋଷି ବଶିଷ୍ଠଂକ ସହିତ ତୁଳନା କରିଥାନ୍ତି ।

ବୃଦ୍ଧାବସ୍ଥାରେ ନୀଳକଂଠ ଓଡ଼ିଶା ବିଧାନ ସଭାର ବାଚସ୍ପତିର ଆସନ ଅଳଂକୃତ କରିଥିଲେ । କେହି କେହି କହନ୍ତି, ତାଙ୍କୁ ବାଚସ୍ପତିର ଆସନରେ ଦେଖିଲେ, ମନେହୁଏ, ସତେ ଯେପରି ପୁରାଣ ବର୍ଣ୍ଣିତ ରାଜା ବିକ୍ରମାଦିତ୍ୟ ସିଂହାସନ ରୋହଣ କରି ରାଜସଭା ମଣ୍ଡନ କରିଛନ୍ତି । କି ଅପୂର୍ବ ସେ ଦୃଶ୍ୟ !

ବାଚସ୍ପତି ଭାବରେ ନୀଳକଂଠ ଯେପରି ସରକାରଂକ ସହିତ ଲଢି ବିଧାନ ସଭାକୁ ସଚିବାଳୟ ବିଭାଗରୁ ଅଲଗା କରାଇ ଏହାର ସ୍ୱାତନ୍ତ୍ର୍ୟ ଆଣାଇ ପାରିଥିଲେ ଓ ଦେଶରେ ପ୍ରଚଳିତ ପରମ୍ପରାକୁ ଭାଙ୍ଗି ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲେ ମଧ୍ୟ ବାଚସ୍ପତିଂକ କାର୍ଯ୍ୟକାଳ ନୂତନ ବାଚସ୍ପତି ନିର୍ବାଚିତ ହେବାଯାଏ ଅକ୍ଷୁର୍ଣ୍ଣ ରହିବା ର ଏକ ସଂଶୋଧିତ ଆଇନ ଭାରତ ସରକାରଂକ ଦ୍ୱାରା ପ୍ରବର୍ତ୍ତନ କରାଇ ପାରିଥିଲେ, ତାହା

Digitized by PPRACHIN, SOA

ତାଙ୍କ ବ୍ୟକ୍ତିତ୍ୱର ଗୁଣ ବର୍ଣ୍ଣନ କରି ଚିର ଦିନ ଲାଗି ତାଙ୍କ ନାମକୁ ସାହିତ୍ୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ରଖିବ ।

ପଣ୍ଡିତ ନୀଳକଣ୍ଠ ତାଙ୍କ 'ପ୍ରତିଭା ପୂଜା ଓ ପ୍ରତିମା ପୂଜା' ପ୍ରବନ୍ଧରେ ଲେଖିଥିଲେ, "ଭଗବାନଙ୍କର ମୂର୍ତ୍ତି ନ ଥିଲେ ହେଁ ବ୍ୟକ୍ତିତ୍ୱ ଅଛି । ତାହା ନ ହେଲେ, ସେ ମନୁଷ୍ୟର ଉପାସ୍ୟ ହୋଇପାରିବେ ନାହିଁ । ପ୍ରତ୍ୟେକ ଫଳ, ଫୁଲ, ପତ୍ରରେ ଯେପରି ବୃକ୍ଷର ବୃକ୍ଷତ୍ୱ ରହିଅଛି, ସମସ୍ତ କ୍ରିୟା କଳାପରେ ଯେପରି ମାନବର ମାନବତ୍ୱ ରହି-ଅଛି, ସୃଷ୍ଟିର ପ୍ରତ୍ୟେକ ସ୍ଥଳରେ ସେହିପରି ଐଶ୍ୟ ଶକ୍ତି ମୂର୍ତ୍ତ ମାନାରେ ପ୍ରତିଭାତ ରହିଅଛି ।"

ପଣ୍ଡିତ ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱ ତାଙ୍କର ସମସ୍ତ କ୍ରିୟା କଳାପରେ ପ୍ରତିଭାତ ହୋଇଥିଲା । ଯେ ସମସ୍ତ ବର୍ଣ୍ଣନାର ଅତୀତ ।

ଦୋଷ ଦୁର୍ବଳତା ଶୂନ୍ୟ ବ୍ୟକ୍ତି ସଂସାରରେ ଦୁର୍ଲଭ । ଚନ୍ଦ୍ରରେ କଳଙ୍କ ଅଛି, ସୁନ୍ଦର ସୁବାସିତ ପୁଷ୍ପରେ କଣ୍ଟକ ଅଛି— କିନ୍ତୁ ପ୍ରକୃତ କବି ଓ ପଣ୍ଡିତମାନେ ଦୋଷକୁ ବାଦ୍ ଦେଇ ଗୁଣରହିଁ ଆଦର କରନ୍ତି । ନୀଳକଣ୍ଠଙ୍କର ଦୋଷ ଦୁର୍ବଳତା ଯେ ନଥିଲା, ନୁହେଁ; ତଥାପି ସେ ଯେ ଜଣେ ବ୍ୟକ୍ତିତ୍ୱବାନ୍ ମହାପୁରୁଷ ଥିଲେ,ଏହା ସର୍ବବାଦୀ ସମ୍ମତ । ତାଙ୍କର ସାମାନ୍ୟ ଦୋଷ ଦୁର୍ବଳତାକୁ ତାଙ୍କର ଶତ୍ରୁପକ୍ଷ ଯେଉଁ ଆକାରରେ ପରି ପ୍ରଚାର କରିଥିଲେ ମଧ୍ୟ, ଅଗ୍ନିଦଗ୍ଧ ସ୍ୱର୍ଣ୍ଣ ପରି ତାଙ୍କର ମହତ୍ତ୍ୱ ଫୁଟି ଉଠିଛି — ବ୍ୟକ୍ତିତ୍ୱକୁ ଅପପ୍ରଚାରରେ କଳୁଷିତ କରିବାର ପ୍ରୟାସ ବିଡ଼ମ୍ବନା ମାତ୍ର । ନୀଳକଣ୍ଠଙ୍କ ନିନ୍ଦୁକମାନଙ୍କ ପ୍ରତି ଆମର ଏତିକି ଚେତାବନୀ ।

—o—

Digitized by PPRACHIN, SOA

ଉପସଂହାର

ପ୍ରଖର ପ୍ରତିଭା

ପଣ୍ଡିତ ନୀଳକଣ୍ଠଙ୍କର ଥିଲା ଅନନ୍ୟସାଧାରଣ ପ୍ରତିଭା । କୈଶୋରରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ସେ ପ୍ରତିଭା କେବେହେଲେ ମଳିନ ହୋଇ ନଥିଲା । ଛାତ୍ର ଜୀବନରୁ ସେ ଉପଲବ୍ଧି କରିଥିଲେ ଯେ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ଗୋଟିଏ ବୃନ୍ତରେ ତିନୋଟି ସୁମନ । ଏଇ ତିନୋଟି ସକଳ ପ୍ରଗତିର ଆଧାର । ସେବା, ଶୃଙ୍ଖଳା, ସଂଗ୍ରାମ, ସଂହତି—ଏ ସମସ୍ତ ତାହାର ପରିପ୍ରକାଶ । ସତ୍ୟବାଦୀ ସ୍କୁଲ ଥିଲା ତାଙ୍କର କୁରୁକ୍ଷେତ୍ର ଏବଂ ଧର୍ମକ୍ଷେତ୍ର । ଜୀବନର ସାୟାହ୍ନରେ ସେ ଲେଖିଛନ୍ତି—ସତ୍ୟବାଦୀ ସ୍କୁଲ ଏବେ ମଧ୍ୟ ମୋ ପ୍ରତି ଇତିହାସ ନୁହେଁ ।

କଲେଜରେ ପଢ଼ିଲାବେଳେ କଟକରେ ବିଜ୍ଞାନ ଶ୍ରେଣୀ ଖୋଲିଲା । ବିଜ୍ଞାନ ପଢ଼ିବା ପାଇଁ ଛାତ୍ର ବାହାରିଲେ ନାହିଁ । ନୀଳକଣ୍ଠ ବି. ଏ. ଶ୍ରେଣୀରେ ନେଲେ ଦର୍ଶନ ଏବଂ ରସାୟନ । ସତ୍ୟବାଦୀ ସ୍କୁଲରେ ଡ୍ରଇଁ ପାଇଁ କୌଣସି ପାଠ୍ୟ ପୁସ୍ତକ ମିଳିଲା ନାହିଁ । ନୀଳକଣ୍ଠ ଲେଖିଲେ "ମଡେଲ୍ ଡ୍ରଇଁ ପୁସ୍ତକ" । ବଙ୍ଗ ଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହେଲା । କଲିକତା ଭାରତର ରାଜଧାନୀ । ୧୯୦୫ ମସିହାରେ ବଙ୍ଗଭଙ୍ଗ ବିରୋଧରେ ବହ୍ନିବ ଜଳି ଉଠିଲା । ତା'ର ପୂର୍ବରୁ ୧୯୦୪ ମସିହାରେ ପୁରୀରେ ସ୍ୱଦେଶୀ ଆନ୍ଦୋଳନ ଲାଗି ସ୍ୱେଚ୍ଛାସେବୀ ଖୋଜାଗଲେ । ପ୍ରତାପଶାଳୀ ଲର୍ଡ କର୍ଜନ ସେତେବେଳେ ଭାରତର ବଡ଼ଲାଟ । କେହି ସାହସ କରି ବାହାରିଲେ ନାହିଁ । ନୀଳକଣ୍ଠ ପୁରୀଜିଲ୍ଲା ସ୍କୁଲର ଛାତ୍ର । ପ୍ରଥମେ ସେ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କଲେ । କିଛିଦିନ କଟକ କଲେଜିଏଟ୍ ସ୍କୁଲରେ ଛାତ୍ର ଥିଲାବେଳେ, ପାଖରେ ହଇଜା ଲାଗିଲା ।

Digitized by PPRACHIN, SOA

ନୀଳକଣ୍ଠ ବାହାରିଗଲେ ରୋଗୀସେବା କରିବା ପାଇଁ । ଅଧ୍ୟକ୍ଷ ବିରକ୍ତ ହେଲେ । ବିନା ଅନୁମତିରେ ତୁମେ ଗଲ କାହିଁକି ? ନୀଳକଣ୍ଠ ଅନୁନୟ କରି କହିଲେ —ହଇଜା ରୋଗୀ କ'ଣ ଅନୁମତି ପର୍ଯ୍ୟନ୍ତ ଅପେକ୍ଷା କରି ପାରିବ ? ସ୍କୁଲ ଛାତ୍ର ଥିଲାବେଳେ ଭାର୍ଗବୀ ନଦୀ କୂଳରେ ନୀଳକଣ୍ଠ ଗୋପବନ୍ଧୁଙ୍କ ଗହଣରେ ପ୍ରତିଜ୍ଞାବଦ୍ଧ ହୋଇଥିଲେ—ସରକାରୀ ଚାକିରୀ କରିବା ନାହିଁ ; ଦେଶକୁ ଉନ୍ନତ ଦେଖି ମରିବା । ଏ ସଂକଳ୍ପରୁ ସେ ତିଳେ ହେଲେ ବିଚ୍ୟୁତ ହୋଇ ନାହାନ୍ତି । କିଶୋର ବୟସ । ସ୍କୁଲଛାତ୍ର । ତଥାପି ଏ ଭୀଷ୍ମ ପ୍ରତିଜ୍ଞା ।

କଲେଜ ଜୀବନରୁ ସମାଜରେ ନାନା ଅପକର୍ମ ତାଙ୍କ ପ୍ରାଣ ଆଲୋଡ଼ନ କଲା । ଧର୍ମ ନାମରେ ବହୁ ଦୁଷ୍କର୍ମ ସୃଷ୍ଟି କରାଯାଇଛି । ଶାସ୍ତ୍ରକୁ ଭାଣ କରି କେତେ କର୍ମକାଣ୍ଡ ଗଢାଯାଇଛି । ଦିଅଁ ଦେବତାଙ୍କୁ ଆଳ କରି କେତେ କୁସଂସ୍କାର ପ୍ରବର୍ତ୍ତିତ ହୋଇଛି । ଏ ସମସ୍ତର ନିରାକରଣ ପାଇଁ ସେ ଆନ୍ଦୋଳନ ଚଳାଇଲେ । ଲୌକିକ ମିଥ୍ୟା ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ । ଗାଁରେ ହଇଜା ଲାଗିଛି । କାଳେଶୀ ବାହାରିଲେ । ଲୋକେ ଉପସ୍ଥିତ ହେଲେ । ନୀଳକଣ୍ଠ ଗୋଟିଏ କାଳେଶୀକୁ ପିଟିପିଟି ଅଚେତା କରିଦେଲେ । "ଆମର ଥିଲା , ତେଣୁ କାରଣ ଥିବ"—ଏ ଅନ୍ଧବିଶ୍ୱାସ ବିରୋଧରେ ସେ ସଂଗ୍ରାମ କଲେ । ରକ୍ଷଣଶୀଳ ଲୋକେ ଉତ୍ତ୍ୟକ୍ତ ହେଲେ । ହୁଅନ୍ତୁ । ନୀଳକଣ୍ଠଙ୍କର ଭ୍ରୂକ୍ଷେପ ନାହିଁ । ପଣ୍ଡିତ ସଭା ତାଙ୍କୁ ବାସନ୍ଦ କରିବାକୁ ଧମକ ଦେଲେ । ମାତ୍ର ସାହସ ହେଲା ନାହିଁ ।

କଲିକତାରୁ ଏମ୍. ଏ. ପାସ୍ କଲେ । ସତ୍ୟବାଦୀ ସ୍କୁଲରେ ମାସିକ ତିରିଶ ଟଙ୍କା ବେତନରେ ଅଧ୍ୟକ୍ଷ ହେଲେ । ଗଢ଼ିଲେ ଏକ ଗୁରୁକୁଳ । ପ୍ରତ୍ୟୁଷରୁ ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତିଦିନ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଲା । ଶିକ୍ଷକ ଛାତ୍ର ସମସ୍ତେ ରହିଲେ ଏକତ୍ର ।

Digitized by PPRACHIN, SOA

ଜାତି ନାହିଁ; ଧର୍ମ ନାହିଁ ; ଭେଦାଭେଦ ନାହିଁ ; ବାଛବିଚାର ନାହିଁ । ଏକାଠି ରହିଲେ ; ଏକାଠି ଖାଇଲେ । ଏକାଠି କଲେ ସମବେତ ଉପାସନା । ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସମାଜପତିଙ୍କର ପ୍ରତିଷ୍ଠାରେ ବାଧା ପଡ଼ିଲା । ସେମାନେ କ୍ରୋଧରେ ଜଳି ଉଠିଲେ । ନିଆଁ ଲଗାଇ ସ୍କୁଲ ଗୃହକୁ ଜାଳିଦେଲେ । ନୀଳକଣ୍ଠ ଟିକିଏ ହେଲେ ବିବ୍ରତ ହେଲେ ନାହିଁ । ପାଠପଢ଼ା ହେଲା ବକୁଳ ଛୁରିଅନା କୁଞ୍ଜ ମଧ୍ୟରେ । ମଞ୍ଜୁଳ ପରିବେଶ । ଏଇ ବନ ବିଦ୍ୟାଳୟର ମହତ୍ତ୍ୱ ଦୂରଦୂରାନ୍ତରେ ପ୍ରସାରିତ ହେଲା ।

ନୀଳକଣ୍ଠ ସାହିତ୍ୟିକ । ବହୁ ପ୍ରବନ୍ଧ ଲେଖିଛନ୍ତି , ବହୁ କାବ୍ୟ ରଚନା କରିଛନ୍ତି । ପ୍ରଥମ କାବ୍ୟ ତାଙ୍କର ପ୍ରଣୟିନୀ । ଟେନିସନ୍‌ଙ୍କ ପ୍ରିନ୍‌ସେସ୍ କାବ୍ୟର ଅବଲମ୍ବନରେ ଲେଖା ଏ ବିରାଟ କାବ୍ୟ । ଏହାର ଛନ୍ଦ ଏବଂ ପରିପାଟୀରେ ଅଛି ଗାମ୍ଭୀର୍ଯ୍ୟ ; ଶୈଳୀରେ ଅଛି ଶବ୍ଦ ସମ୍ଭାର । କାବ୍ୟଟି ଆଦୃତ ହେଲା । ମାତ୍ର କେତେକ ନିନ୍ଦୁକ ମନ୍ତବ୍ୟ ଦେଲେ—ନୀଳକଣ୍ଠ ଦାଶ ସଂସ୍କୃତି ଆ ପଣ୍ଡିତ, ସେ ଓଡ଼ିଆ ଭାଷାରେ ଲେଖିବେ କିପରି ? ନୀଳକଣ୍ଠ ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କଲେ । ପରବର୍ତ୍ତୀ କାଳରେ ସେ ଟେନିସନଙ୍କ ଇନକ୍ ଆର୍ଡେନ ଅବଲମ୍ବନରେ ଲେଖିଲେ ଦାସ ନାଏକ କାବ୍ୟ । ମଧୁର, ଲଳିତ, ସରସ । ଗୋଟିଏ ହେଲେ ସାଧୁ ଶବ୍ଦ ନାହିଁ । ସଂସ୍କୃତ ଶବ୍ଦ ନାହିଁ । ଭାଷା ଜ୍ଞାନରେ ନୀଳକଣ୍ଠ ଧୁରନ୍ଧର । ତାଙ୍କର ଶ୍ରେଷ୍ଠ କାବ୍ୟ "କୋଣାର୍କେ" । ଓଡ଼ିଶା କାବ୍ୟ ସାହିତ୍ୟରେ ଖଣ୍ଡିଏ ହୀରକ । ତାହାର ପ୍ରଥମ ଭାଗରେ ଅଛି "ରାମଚଣ୍ଡୀଠାରେ ରାତି" । ଏଥିରେ ଅଛି ୮୭୭ ଧାଡ଼ି । ଏତକଯାକ ନୀଳକଣ୍ଠ ମାତ୍ର ସାତଦିନରେ ଶେଷ କରିଦେଲେ । ତା'ପରେ କାବ୍ୟଟି କିଛିଦିନ ପଡ଼ିରହିଲା । ଦ୍ୱିତୀୟ ଭାଗ, "ମାୟାଦେବୀ" ତା'ର ପରିସର ଆହୁରି ବେଶୀ । ତାକୁ ମଧ୍ୟ ସମାପ୍ତ କରିଦେଲେ ଆଉ ଏକ ସପ୍ତାହରେ । କି ଅଲୌକିକ ଶକ୍ତି ! କି ଅସାଧାରଣ ପ୍ରତିଭା !

Digitized by PPRACHIN, SOA

କାରାବାସରେ ଲେଖିଲେ ଗୀତା ଉପରେ ଏକ ବରାଟ ସନ୍ଦର୍ଭ । ଏଥିରେ ଅଛି ମୌଳିକତା, ତତ୍ତ୍ୱାନୁସନ୍ଧାନ । ଆଉ ଏକ ସନ୍ଦର୍ଭ ଲେଖିଲେ, "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ।" ଏଥିରେ ଅଛି ଓଡ଼ିଶା ସାହିତ୍ୟ, ଧର୍ମ, ସଂସ୍କୃତି ଏବଂ ଇତିହାସ। ଏଇ ଦୁଇଟି ସନ୍ଦର୍ଭରେ ପ୍ରକଟିତ ହୋଇଛି ପ୍ରଗାଢ଼ ଅଧ୍ୟୟନ ଆଉ ଅଗାଧ ପାଣ୍ଡିତ୍ୟ । ତାଂକ କଥା ଶୁଣିଲେ ସ୍ୱତଃ ମୁଣ୍ଡ ନଇଁଯାଏ ।

ଜଗନ୍ନାଥ ସଂସ୍କୃତିରେ ଥିଲା ତାଙ୍କର ଗଭୀର ଅନୁରକ୍ତି । ଏଇ ଶ୍ରୀକ୍ଷେତ୍ରରେ ଥିଲା ଉଦାରତା, ଭାରତୀୟ ସଂହତି। ଏଇ ଧାମରେ ଜାତିଭେଦ ନଥିଲା, ଉଚ୍ଚ-ନୀଚର ବ୍ୟବଧାନ ନଥିଲା । ଲୋକଂକଠାରେ ଥିଲା ସେବା-ଧର୍ମ । ଏଇ ପୀଠକୁ ଆସିଥିଲେ ଶୈବ, ଶାକ୍ତ, ବୈଷ୍ଣବ । ଆସିଥିଲେ ଶଂକର, ରାମାନୁଜ, ଚୈତନ୍ୟ, ଇସ୍‌ଲାମ ଧର୍ମୀ କବିର, ଶିଖ ଧର୍ମର ପ୍ରତିଷ୍ଠାତା ନାନକ । ଏହି କ୍ଷେତ୍ରରେ ଶ୍ରୋତ୍ରୀୟ ବ୍ରାହ୍ମଣ ବିଦ୍ୟାପତି ଶବର କନ୍ୟା ଲଳିତାକୁ ବିବାହ କରିଥିଲେ । ଏଇ ଧାମରେ ସକଳ ଧର୍ମ, ସମ୍ପ୍ରଦାୟର ସମନ୍ୱୟ ଘଟିଥିଲା । ଏବେ ଭାରତର ଏକୀକରଣ ପାଇଁ ନାନା ପ୍ରଯତ୍ନ କରାଯାଇଛି । ମାତ୍ର ଜଗନ୍ନାଥ ସଂସ୍କୃତିରେ ଭାରତ ଏକୀକୃତ ହୋଇ ରହିଥିଲା ।

ଏ ସମସ୍ତ ବିଶ୍ଳେଷଣ କରିସାରି ସେ ଚୈତନ୍ୟଙ୍କୁ ଆବାହନ କରି ନାହାନ୍ତି । ଚୈତନ୍ୟଂକ ବୈଷ୍ଣବ ଧର୍ମ ଜଗନ୍ନାଥ ସଂସ୍କୃତିକୁ କଳୁଷିତ କରିଛି । ଜଗନ୍ନାଥ ଶ୍ରୀକୃଷ୍ଣ । ମାତ୍ର ସେ, ଚୈତନ୍ୟଂକ ଗୋପପୁରର ଆଭୀରୀ ନାରୀଂକ ବଦନ କମଳ ସ୍ୱାଦର ମଧୁପ ନୁହନ୍ତି । ଜଗନ୍ନାଥ ହେଉଛନ୍ତି ଯୋଗୀପ୍ରବର, ଗୀତାମୃତ ପରିବେଷକ ବୌଦ୍ଧିକତାର ଆଧାର ଶ୍ରୀକୃଷ୍ଣ ।

ନୀଳକଂଠଂକଠାରେ ଥିଲା ପ୍ରଖର ବୌଦ୍ଧିକତା । ସେଇ ବୌଦ୍ଧିକତାର ନିକଷରେ ସେ ଗାଣିତ କରିଥିଲେ ତାଂକର ଶିକ୍ଷା, ଶୃଙ୍ଖଳା, ସାହିତ୍ୟ, ଦର୍ଶନ ଏବଂ ସମାଜ ସଂସ୍କାର । ଯାହା ଯୁକ୍ତିସଙ୍ଗତ

Digitized by PPRACHIN, SOA

ନୁହେଁ, ସେସବୁ ଗ୍ରହଣୀୟ ହୋଇନପାରେ । ସେଇ ବୌଦ୍ଧିକତାର ଆଭାରେ ପ୍ରଦୀପ୍ତ ହୋଇଥିଲା ତାଂକର ବ୍ୟକ୍ତିତ୍ୱ । ସେଇ ଆଭାରେ ଲୋକେ ଈର୍ଷାନ୍ୱିତ ହୁଅନ୍ତି ; ବାଧାବିଘ୍ନ ସୃଷ୍ଟି କରନ୍ତି ; ଷଡ଼ଯନ୍ତ୍ର କରନ୍ତି । ନୀଳକଣ୍ଠ ଏ ସମସ୍ତର ସମ୍ମୁଖୀନ ହୋଇଥିଲେ । କାଉଁରିଆ କାଠି ଭାଙ୍ଗିଯିବ, ମାତ୍ର ନଇଁବ ନାହିଁ । ନୀଳକଣ୍ଠ କିନ୍ତୁ ଭାଙ୍ଗି ନଥିଲେ କି ନଇଁ ନଥିଲେ ।

୧୯୨୧ ମସିହାରେ ନୀଳକଣ୍ଠ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ସେଥିରେ ତାଂକର କୃତିତ୍ୱ ପ୍ରଦର୍ଶନ କଲେ । ୧୯୨୪ ମସିହାରେ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ହେଲେ । କଂଗ୍ରେସ ଦଳର ସମ୍ପାଦକ ହେଲେ । ଦକ୍ଷତାର ପରିଚୟ ଦେଲେ । ସୁନାମ ଅର୍ଜନ କଲେ । ଗୋପବନ୍ଧୁଙ୍କ ତିରୋଧାନ ପରେ ଓଡ଼ିଶା ରାଜନୀତିର ନେତୃତ୍ୱ ଗ୍ରହଣ କଲେ । ତାଂକର ତ୍ୟାଗ, ନିଷ୍ଠା, ଦକ୍ଷତା ଏବଂ ବୌଦ୍ଧିକତା ବଳରେ ସେ ହେଲେ କର୍ଣ୍ଣଧାର । ମାତ୍ର ସେଥିରେ ହେଲେ ଚକ୍ରାନ୍ତର ଶରବ୍ୟ ! ପ୍ରାଦେଶିକ କଂଗ୍ରେସର ସଭାପତି ଭାବରେ ସେ ୧୯୩୭ ମସିହାରେ ପରିଚାଳନା କଲେ ନିର୍ବାଚନ । କଂଗ୍ରେସ ପ୍ରାର୍ଥୀ ଥିଲେ ୩୭ ଜଣ । ୩୬ ଜଣ ଜୟଯୁକ୍ତ ହେଲେ । ନୀଳକଣ୍ଠ ପ୍ରାର୍ଥୀ ହୋଇ ନଥିଲେ । ନୀଳକଣ୍ଠ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ । ନିର୍ବାଚନଲାଗି କଂଗ୍ରେସ ପାର୍ଟିରୁ ମିଳିଥିଲା ମାତ୍ର ଆଠହଜାର ଟଂକା । ଚକ୍ରାନ୍ତ ଚାଲିଲା । ନୀଳକଣ୍ଠ ଟଂକା ଖାଇଗଲେ ବୋଲି ପ୍ରଚାର ହେଲା । ନିଷ୍ପତ୍ତି ହେଲା, ସେ ନିର୍ବାଚିତ ହୋଇନାହାନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ହୋଇ ପାରିବେ ନାହିଁ । ପରବର୍ତ୍ତୀ କାଳରେ ଅନେକ ଏଭଳି ମୁଖ୍ୟମନ୍ତ୍ରୀ ହୋଇଛନ୍ତି ।

ନୀଳକଣ୍ଠ କ୍ଷୁବ୍ଧ ହୋଇଥିବେ । ମାତ୍ର ତାଂକର କଲମ କ୍ଷାନ୍ତ ହେଲା ନାହିଁ, ଭାଷଣ ନିସ୍ତବ୍ଧ ହେଲା ନାହିଁ, ପ୍ରତିଭା ମଳିନ ହେଲାନାହିଁ । ଚକ୍ରାନ୍ତ ଆହୁରି ହୀନ ସ୍ତରକୁ ଗଲା, ବନ୍ଦୀ ନୀଳକଣ୍ଠଙ୍କୁ କାରାବାସରେ କାହିଁକି ପ୍ରଥମ ଶ୍ରେଣୀ ମିଳିଲାବୋଲି ଉଦ୍ୟୋଗ କଲେ ଜଣେ ବ୍ୟବସ୍ଥାପକ । ନୀଳକଣ୍ଠ ଭ୍ରୂକ୍ଷେପ କରିନାହାନ୍ତି ।

Digitized by PPRACHIN, SOA

ଓଡ଼ିଶା ଆସେମ୍ବ୍ଲିକୁ ନିର୍ବାଚିତ ହେଲେ । ଆସେମ୍ବ୍ଲିର ଅଧ୍ୟକ୍ଷ ସ୍ଥାନ ଅଳଂକୃତ କଲେ । ପାଞ୍ଚବର୍ଷ ପୂରିବା ଆଗରୁ ଆସେମ୍ବ୍ଲି ଭାଙ୍ଗିଗଲା । ତାଙ୍କୁ ଅଧ୍ୟକ୍ଷ ପଦରୁ ଅପସାରିତ କରିବାପାଇଁ ଉଦ୍ୟମ ହେଲା । ନୀଳକଣ୍ଠ ଅଟଳ ରହିଲେ । ଅନ୍ୟ ଅଧ୍ୟକ୍ଷ ନିର୍ବାଚିତ ହେବା ପର୍ଯ୍ୟନ୍ତ ପୂର୍ବର ଅଧ୍ୟକ୍ଷ ତାଂକ ପଦ ଅଧିକାର କରି ରହିବେ । ସାରା ଭାରତରେ ଚହଳ ପଡ଼ିଲା । ଆଇନ୍ କାନୁନ ଖୋଜାଗଲା । ସମ୍ବିଧାନର ବିଧି ବିଧାନ ଉପରେ ତର୍କ ଚାଲିଲା । ନୀଳକଂଠଂକ ମତ କାଏମ ରହିଲା । ଭାରତବର୍ଷରେ ସୃଷ୍ଟି ହେଲା ଏକ ସାମ୍ବିଧାନିକ ପରମ୍ପରା । ଚକ୍ରାନ୍ତକାରୀଂକ ମୁହଁ ଶୁଖିଗଲା ।

ନୀଳକଣ୍ଠ ସାରା ଜୀବନ ସଂଗ୍ରାମ କରିଛନ୍ତି । କାହାରି ପାଖରେ ମୁଣ୍ଡ ନୁଆଇଁ ନାହାନ୍ତି । କାହାରି ଆନୁଗତ୍ୟ ସ୍ୱୀକାର କରିନାହାନ୍ତି । ତାଂକର ପ୍ରଚଣ୍ଡ ପ୍ରତିଭା, ପ୍ରଖର ବୌଦ୍ଧିକତା ତାଙ୍କୁ ମହନୀୟ ସ୍ଥାନରେ ଅଧିଷ୍ଠିତ କରିଛି । ସମସ୍ତ ଈର୍ଷା, ଅପବାଦ, ଚକ୍ରାନ୍ତକୁ ପରାହତ କରି ସେ ପ୍ରତିଭା ଅପରାଜେୟ ହୋଇ ରହିଛି ।

—୦—

ଗଉର, ଶଂକର, ବୁଦ୍ଧ ଲୋଡ଼ାନାହିଁ ମୋର ;
ନାହିଁ ଲୋଡ଼ା ପୁରାଣର ପ୍ରଥିତ ବଚନ ;
ପାତଂଜଳ ନୀତିତଂତ୍ର, ଗୃହୀଙ୍କ ଚହଳ ;
ସମାଜର ବିଧିବନ୍ଧ ଧର୍ମ ଅନୁଷ୍ଠାନ ;

ତୁଂଭରି ଜଗତ ଭାସେ
ପ୍ରକୃତିର ଗୂଢ଼ହାସେ,

କେମନ୍ତେ ଦେଖିବ କହ ସେ ହାସ ନୟନ ?

(ନୀଳକଂଠ—ଉତ୍କଳଗାଥା)

Digitized by PPRACHIN, SOA